

ରଣଜୀ ଖେଳିବେନି ବିରାଟ କୋହଲି
ପୃଷ୍ଠା ୬

# ସଂଚାର
THE SANCHAR

ପ୍ରତିଷ୍ଠାତା: ଡାକ୍ତର ଦାମୋଦର ରାଉତ

Website: sanchar.live   mail Id: sancharodisha@gmail.com
RNI NO :ODIODI/2001/04811   Postal Regd No : BN/249/15-17

Vol. 32 | ISSUE 296 | ଭାଗ ୩୨ | ସଂଖ୍ୟା୨୯୬ | Bhubaneswar | Sunday 19 January 2025 | Page 8 Rs. 4.00 | ଭୁବନେଶ୍ୱର ରବିବାର ୧୯ ଜାନୁଆରୀ ୨୦୨୫ | ୮ ପୃଷ୍ଠା, ମୂଲ୍ୟ ୪ ଟଙ୍କା


## ବୀମା ନଥିଲେ ଧରିବ ଟୋଲ ଗେଟ୍



- ଫେବୃଆରୀ ପହିଲାରୁ ନୂଆ ନିୟମ
- ୨ ହଜାର ଜରିମାନା
- ଦ୍ୱିତୀୟବାର ଉଲ୍ଲଂଘନ ପାଇଁ ୪ ହଜାର ଫାଇନ୍

**ଭୁବନେଶ୍ୱର, ୧୮।୧ (ସଂଚାର ବ୍ୟୁରୋ):** ସାମ୍ପ୍ରତିକ ସମୟରେ କେନ୍ଦ୍ର ଓ ରାଜ୍ୟ ସରକାର ସଡ଼କ ସୁରକ୍ଷା ଦିଗରେ ବିଶେଷ ଭାବେ ଗୁରୁତ୍ୱ ଦେଉଛନ୍ତି। ବିଶେଷକରି କ୍ରମାଗତ ଭାବେ ସଡ଼କ ଦୁର୍ଘଟଣାଜନିତ ମୃତ୍ୟୁସଂଖ୍ୟା ବଢୁଥିବାରୁ କେନ୍ଦ୍ର ପରିବହନ ବିଭାଗ ପକ୍ଷରୁ ବିଭିନ୍ନ ନିୟମକୁ କଡ଼ାକଡ଼ି ଭାବେ ପାଳନ କରାଯିବା ଉପରେ ଗୁରୁତ୍ୱାରୋପ କରାଯାଉଛି। ଗାଡ଼ିର ସମସ୍ତ କାଗଜପତ୍ର ଯାଞ୍ଚ୍ କରାଯାଇ ଗାଡ଼ିଚାଳକମାନଙ୍କ ସୁରକ୍ଷାକୁ ସୁନିଶ୍ଚିତ କରାଯାଉଛି। କିନ୍ତୁ ଏହା ସତ୍ତ୍ୱେ ବି ଅନେକ ଗାଡ଼ି ଚାଳକ ସେମାନଙ୍କ ଗାଡ଼ିର ବୀମା କରିବାକୁ ଉଚିତ ମଣୁନାହାନ୍ତି। ଏହି ଅମାନିଆମାନଙ୍କୁ ଏଣିକି ଟୋଲ୍ ଗେଟ୍ ଧରିପାରିବ। ଆସନ୍ତା ମାସ ପହିଲାରୁ ଏହି ବ୍ୟବସ୍ଥା ଲାଗୁ କରାଯିବା ସକାଶେ ରାଜ୍ୟ ପରିବହନ ପ୍ରାଧିକରଣ (ଏସ୍‌ଟିଏ) ପକ୍ଷରୁ ନିଷ୍ପତ୍ତି ହୋଇଛି। ରାଜ୍ୟର ବିଭିନ୍ନ ଜାତୀୟ ରାଜପଥରେ ଥିବା ସମସ୍ତ ୨୨ଟି ଟୋଲଗେଟରେ ଏହା କାର୍ଯ୍ୟକାରୀ ହେବ। କୌଣସି ଗାଡ଼ିର ବୀମା ନଥିଲେ ସ୍ୱୟଂକ୍ରିୟ ପ୍ରଣାଳୀରେ ସେଗୁଡ଼ିକ ଧରାପଡ଼ିବେ। ରାଜ୍ୟରେ ଥିବା ୨୨ଟି ଟୋଲ୍ ଗେଟରେ ଏହା କାର୍ଯ୍ୟକାରୀ ହେବ। ବୀମା ନଥାଇ ଧରାପଡ଼ିଲେ ଗାଡ଼ି ଚାଳକମାନଙ୍କୁ ମୋଟା ରକମର ଜରିମାନା ଦେବାକୁ ପଡ଼ିବ। ଆଇନ ଉଲ୍ଲଙ୍ଘନକାରୀ ମୋଟର ଯାନ ଆଇନ ଅନୁଯାୟୀ ଫାଇନ ଭରିବାକୁ ପଡ଼ିବ। ଉଲ୍ଲଙ୍ଘନକାରୀଙ୍କୁ ୨ ହଜାର ଟଙ୍କା ଜରିମାନା କିମ୍ବା ୩ ମାସ ଜେଲ୍‌ଦଣ୍ଡ ଭୋଗିବାକୁ ପଡ଼ିବ। ଇ-ଡିଟେକ୍ସନ ଜରିଆରେ ଇ-ଚାଲାଣ କଟିବ। ପୁନର୍ବାର ଉଲ୍ଲଙ୍ଘନ କଲେ ୪ ହଜାର ଟଙ୍କା ଜରିମାନା କିମ୍ବା ୩ ମାସ ଜେଲ୍‌ଦଣ୍ଡ ଭୋଗିବାକୁ ପଡ଼ିବ।

ଅନେକ ଘରୋଇ ଓ ବ୍ୟବସାୟିକ ଗାଡ଼ି ନିୟମ ଉଲ୍ଲଙ୍ଘନ କରି ବୀମା କରୁନାହାନ୍ତି। ଫଳରେ ସଡ଼କ ଦୁର୍ଘଟଣାଜନିତ ମୃତ୍ୟୁରେ ମୃତକଙ୍କ ପରିବାର ଅନୁକମ୍ପାମୂଳକ ➪ପୃଷ୍ଠା-୬

### ମୋଦିଙ୍କ ପୂର୍ବୋଦୟ ଯୋଜନାର ସୁଫଳ

# ବିକଶିତ ଭାରତର ଗ୍ରୋଥ ଇଞ୍ଜିନ ହେବ ଓଡ଼ିଶା

- ବିକାଶର ଭିଜନକୁ ବାସ୍ତବ ରୂପ ଦେବ ସିଙ୍ଗାପୁର ରାଷ୍ଟ୍ରପତିଙ୍କ ଗସ୍ତ
- ସିଙ୍ଗାପୁର ସହ ଏଓୟୁ ରାଜ୍ୟକୁ ଦେବ ନୂଆ ପରିଚୟ
- ପାରାଦୀପରେ ହେବ ଗ୍ରୀନ ଶିପିଙ୍ଗ କରିଡର
- ରାଜଧାନୀ ନିକଟରେ ଗଢି ଉଠିବ ଅତ୍ୟାଧୁନିକ ସହର
- ରାଜ୍ୟରେ ତିଆରି ହେବ ବିଶ୍ୱସ୍ତରୀୟ ଦକ୍ଷ ମାନବ ସମ୍ବଳ



**ଭୁବନେଶ୍ୱର, ୧୮।୧ (ସଂଚାର ବ୍ୟୁରୋ):** ସିଙ୍ଗାପୁର ରାଷ୍ଟ୍ରପତି ଥର୍ମନ୍ ଶନ୍ମୁଗରତ୍ନମ୍‌ଙ୍କ ଦୁଇଦିନିଆ ଓଡ଼ିଶା ଗସ୍ତ ଆଜି ଶେଷ ହୋଇଥିବା ବେଳେ ସବୁ ଦୃଷ୍ଟିରୁ ଏହି ଗସ୍ତ ଏକ ଐତିହାସିକ ଘଟଣା। ବିକାଶର ଭିଜନ୍‌କୁ ବାସ୍ତବତାରେ ପରିଣତ କରିବା ଦିଗରେ ରାଜ୍ୟ ପାଇଁ ଏହା ଏକ ମାଇଲ୍‌ଖୁଣ୍ଟ ସାବ୍ୟସ୍ତ ହୋଇଛି। ଏହା ଆସନ୍ତା ୨୦୩୬ ସୁଦ୍ଧା ସମୃଦ୍ଧ ଓଡ଼ିଶା ଗଠନ ଲକ୍ଷ୍ୟ ପୂରଣ ଦିଗରେ ଏକ ସୁଦୃଢ଼ ଭିତ୍ତି ସାବ୍ୟସ୍ତ ହେବା ସହ ୨୦୪୭ ସୁଦ୍ଧା ଓଡ଼ିଶାକୁ ବିକଶିତ ଭାରତର ଏକ ପ୍ରମୁଖ ଗ୍ରୋଥ୍ ଇଞ୍ଜିନ୍ ଭାବେ ଗଢ଼ି ତୋଳିବ ବୋଲି ମୁଖ୍ୟମନ୍ତ୍ରୀ ମୋହନ ଚରଣ ମାଝୀ କହିଛନ୍ତି।

ଆଜି ଲୋକସେବା ଭବନସ୍ଥିତ କନଭେନସନ ସେଣ୍ଟରରେ ଆୟୋଜିତ ସାମ୍ବାଦିକ ସମ୍ମିଳନୀରେ ମୁଖ୍ୟମନ୍ତ୍ରୀ ଶ୍ରୀ ମାଝୀ କହିଛନ୍ତି ଯେ ଗତ ୭ ମାସ ଅବଧି ମଧ୍ୟରେ ନୂଆ ସରକାର ଅନେକ ଯୁଗାନ୍ତକାରୀ ପଦକ୍ଷେପ ନେଇ ବ୍ୟାପକ ପରିବର୍ତ୍ତନ ପାଇଁ କ୍ଷେତ୍ର ପ୍ରସ୍ତୁତ କରିଛନ୍ତି। ରାଜ୍ୟର ଭିତ୍ତିଭୂମି କ୍ଷେତ୍ରରେ ବ୍ୟାପକ ନିବେଶ କରିବା ସହ ଦେଶ ଓ ସାରା ବିଶ୍ୱର ପ୍ରମୁଖ ନିବେଶକଙ୍କୁ ରାଜ୍ୟରେ ପୁଞ୍ଜି ନିବେଶ ପାଇଁ ନିମନ୍ତ୍ରଣ କରୁଛୁ ବୋଲି ମୁଖ୍ୟମନ୍ତ୍ରୀ କହିଛନ୍ତି।

ମୁଖ୍ୟମନ୍ତ୍ରୀ ଆହୁରି କହିଛନ୍ତି ଯେ ନିବେଶକମାନଙ୍କୁ ଆକୃଷ୍ଟ କରିବା ସକାଶେ ଦିଲ୍ଲୀ ଓ ମୁମ୍ବାଇରେ ରୋଡ୍ ଶୋ' କରିବା ସହ ସିଙ୍ଗାପୁର ମଧ ଗସ୍ତ କରିଥିଲି। ସିଙ୍ଗାପୁରରେ ବିଭିନ୍ନ ଶିଳ୍ପପତିଙ୍କ ସହ ଆଲୋଚନା କରିଥିଲି। ଏହି ଅବସରରେ ସିଙ୍ଗାପୁର ରାଷ୍ଟ୍ରପତିଙ୍କୁ ଓଡ଼ିଶା ଆଗମନ ନେଇ ନିମନ୍ତ୍ରଣ କରିଥିଲି, ଯାହାକୁ ଶ୍ରୀ ଶନ୍ମୁଗରତ୍ନମ୍ ରକ୍ଷା କରି ଆସିଥିବାରୁ ତାଙ୍କୁ ମୁଖ୍ୟମନ୍ତ୍ରୀ ଧନ୍ୟବାଦ ଦେଇଛନ୍ତି। ରାଷ୍ଟ୍ରପତିଙ୍କ ଉପସ୍ଥିତିରେ ସିଙ୍ଗାପୁର ସହ ସ୍ୱାକ୍ଷରିତ ହୋଇଥିବା ଚୁକ୍ତି ସମ୍ପର୍କରେ ମୁଖ୍ୟମନ୍ତ୍ରୀ କହିଛନ୍ତି ଯେ ଏହି ଚୁକ୍ତିଗୁଡ଼ିକର କାର୍ଯ୍ୟାନ୍ୱୟନ ପରେ ଓଡ଼ିଶା ଅଗ୍ରଣୀ ଦେଶମାନଙ୍କ ସମକକ୍ଷ ହୋଇପାରିବ। ଇଡ୍‌କୋ ସହ ସିଙ୍ଗାପୁରର ସେମ୍ବକର୍ପର ଚୁକ୍ତି ଜରିଆରେ ଓଡିଶାରେ ବିଶ୍ୱସ୍ତରୀୟ ମଲ୍‌ଟି ପ୍ରଡକ୍ଟ ଇଣ୍ଡଷ୍ଟ୍ରିଆଲ୍ ପାର୍କ ପ୍ରତିଷ୍ଠା କରାଯିବ। ଏହି ପାର୍କଗୁଡ଼ିକରେ ଅତ୍ୟାଧୁନିକ ଟେକ୍ନୋଲୋଜିର ପ୍ରୟୋଗ କରାଯିବା ସହ ଏହି ପ୍ରୋଜେକ୍ଟଗୁଡିକ ଯେପରି ଦୀର୍ଘସ୍ଥାୟୀ ହେବ, ସେଥିପ୍ରତି ଦୃଷ୍ଟି ଦିଆଯିବ। ସେହିପରି ଇପିକଲ୍ ସହ ସେମ୍ବକର୍ପ ଚୁକ୍ତି ମାଧ୍ୟମରେ ପାରାଦୀପରେ ଏକ ଗ୍ରୀନ ଶିପିଙ୍ଗ୍ କରିଡର୍ ଓ ଗ୍ରୀନ ହାଇଡ୍ରୋଜେନ୍ ପ୍ଲାଣ୍ଟ ସ୍ଥାପନ କରାଯିବ। ଏହାଦ୍ୱାରା ଭାରତର ଗ୍ରୀନ ଏନର୍ଜି କ୍ଷେତ୍ରରେ ଓଡିଶା ଏକ ଅଗ୍ରଣୀ ରାଜ୍ୟ ହୋଇପାରିବ। ଇପିକଲ୍ ଓ ସିଙ୍ଗାପୁରର ସୁରବନ୍ ଜୁରଙ୍ଗ୍ ମଧ୍ୟରେ ହୋଇଥିବା ଚୁକ୍ତି ଅନୁସାରେ ପାରାଦୀପ ପିସିପିଆଇଆର୍ ଅଞ୍ଚଳର ବିକାଶ ପାଇଁ ଏକ ବିସ୍ତୃତ ମାଷ୍ଟର ପ୍ଲାନ ପ୍ରସ୍ତୁତ କରାଯିବ। ବିଡିଏ ଓ ସୁରବନ୍ ଜୁରଙ୍ଗ୍ ସହ ସ୍ୱାକ୍ଷରିତ ହୋଇଥିବା ଚୁକ୍ତି ଅନୁସାରେ ଭୁବନେଶ୍ୱର ନିକଟରେ ଏକ ଅତ୍ୟାଧୁନିକ ସହରର ବିକାଶ ପାଇଁ ଯୋଜନା ପ୍ରସ୍ତୁତ କରାଯିବ। ଅତ୍ୟାଧୁନିକ ସହରାଞ୍ଚଳ ଯୋଜନା ପ୍ରସ୍ତୁତ କରିବାରେ ସୁରବନ୍ ଜୁରଙ୍ଗ୍‌ର ଦକ୍ଷତା ଓ ଅଭିଜ୍ଞତା ନିଶ୍ଚୟ ସହାୟକ ହେବ ବୋଲି ମୁଖ୍ୟମନ୍ତ୍ରୀ କହିଛନ୍ତି।

ଶକ୍ତି ବିଭାଗ, ଭୁବନେଶ୍ୱର ଆଇଆଇଟି ଓ ସିଙ୍ଗାପୁରର ନାନ୍ୟାଙ୍ଗ୍ ଟେକ୍ନୋଲୋଜିକାଲ ୟୁନିଭର୍ସିଟି ମଧ୍ୟରେ ସ୍ୱାକ୍ଷରିତ ତ୍ରିପାକ୍ଷିକ ଚୁକ୍ତି ଦ୍ୱାରା ଭବିଷ୍ୟତରେ ଆମର ଶକ୍ତି ଆବଶ୍ୟକତା ପୂରଣ ପାଇଁ ଗ୍ରୀନ ହାଇଡ୍ରୋଜେନ୍ ଓ ସୋଲାର୍ ଏନର୍ଜି ପରି ବିଭିନ୍ନ ବିକଳ୍ପ ସମାଧାନର ସୂତ୍ର ବାହାରିବ। ଓଡିଶା ଇଲେକ୍ଟ୍ରୋନିକ୍ସ ଓ ଆଇଟି ବିଭାଗ ସହ ସିଙ୍ଗାପୁରର ଗ୍ଲୋବାଲ ଫାଇନାନ୍ସ ଓ ଟେକ୍ନୋଲୋଜି ନେଟ୍‌ୱାର୍କ ଓ ଜିଏଫ୍‌ଟିଏନ୍ ସହ ଯେଉଁ ହୋଇଥିବା ଚୁକ୍ତିରୁ ଆମେ ଫାଇନାନ୍ସିଆଲ୍ ଟେକ୍ନୋଲୋଜି ଇକୋସିଷ୍ଟମର ବିକାଶ ପାଇଁ ଲକ୍ଷ୍ୟ ରହିଛି, ଯାହାକି ଫିନ୍‌ଟେକ୍ କ୍ଷେତ୍ର ପ୍ରତି ନିବେଶକଙ୍କୁ ଆକୃଷ୍ଟ କରିବ। ବିଶ୍ୱସ୍ତରୀୟ ଦକ୍ଷ ମାନବସମ୍ବଳ ପ୍ରସ୍ତୁତି ପାଇଁ ଦୁଇଟି ଚୁକ୍ତି ସ୍ୱାକ୍ଷରିତ ହୋଇଛି। ଗୋଟିଏ ସ୍କିଲ୍ ଡେଭଲପ୍‌ମେଣ୍ଟ୍ ଓ ଟେକ୍‌ନିକାଲ୍ ଏଜୁକେସନ୍ ବିଭାଗ ସହ ସିଙ୍ଗାପୁରର ଆଇଟିଇଏସ୍ ଏବଂ ➪ପୃଷ୍ଠା-୬

### ମୁଖ୍ୟମନ୍ତ୍ରୀଙ୍କ ହସ୍ତକ୍ଷେପ ପରେ ଚେତିଲା ପ୍ରଶାସନ

## ପଥର ମାଫିଆଙ୍କ ବେଆଇନ ବ୍ଲାଷ୍ଟିଂରେ ରୋକ୍

- ବ୍ଲାଷ୍ଟିଂରୁ ସୃଷ୍ଟି ଗର୍ତ୍ତରେ ଲାଗିବ ଗଛ
- ମାଫିଆଙ୍କୁ ୩୦ ବର୍ଷ ହେଲା ପୋଷିଥିଲେ ସରକାର



**ଢେଙ୍କାନାଳ, ୧୮।୧ (ସଂଚାର ବ୍ୟୁରୋ):** ସରକାର ବଦଳିଯିବା ପରେ ମଧ କିଛି ବିଜେଡି ମାର୍କା ଅଫିସରଙ୍କ ସହଯୋଗରେ ଚାଲିଥିବା କଳାପଥର ମାଫିଆଙ୍କ ଉପରେ ଏବେ ଲାଗିବ ଅଙ୍କୁଶ। ଏପରିକି ସମ୍ପୃକ୍ତ ଅଫିସରଙ୍କ ବିରୋଧରେ ହେବ କାର୍ଯ୍ୟାନୁଷ୍ଠାନ। ମୁଖ୍ୟମନ୍ତ୍ରୀ ମୋହନ ମାଝୀଙ୍କ ହସ୍ତକ୍ଷେପ ପରେ ତତ୍ପର ହୋଇଛି ଜିଲ୍ଲା ପ୍ରଶାସନ। କଳାପଥର ମାଫିଆଙ୍କ ବେଆଇନ ଖନନ ଯୋଗୁଁ ଅସ୍ତିତ୍ୱ ହରାଇବାକୁ ବସିଥିବା ନିଶ୍ଚିନ୍ତା ଜଙ୍ଗଲର ସୁରକ୍ଷା ପାଇଁ ଏବେ ଅଣ୍ଟା ଭିଡିଛନ୍ତି ରାଜ୍ୟ ସରକାର।

ନିଶ୍ଚିନ୍ତା ପାହାଡର ବିଭିନ୍ନ ସ୍ଥାନରେ ଥିବା ନିକଟସ୍ଥ ଗାଁ ନାମରେ ନିଶ୍ଚନ୍ତା ଜଙ୍ଗଲର ନାମ କରଣ ହୋଇଥାଏ। ଯାଜପୁର ଏବଂ ଢେଙ୍କାନାଳ ଜିଲ୍ଲା ସୀମାରେ ଥିବା ଗଁଦିଆ ତହସିଲ ଅନ୍ତର୍ଗତ ରାଇଗଡା ଗ୍ରାମ ନିକଟରେ ଥିବା ନିଶ୍ଚନ୍ତା ପାହାଡର ଅଂଶଟି ରାଇଗଡା ନାମରେ ପରିଚିତ। ଏହି ରାଇଗଡା ପାହାଡରେ ପଥର ମାଫିଆ ୱାଗନହୋଲ ବ୍ଲାଷ୍ଟିଂ କରି ବର୍ଷ ବର୍ଷ ଧରି ପାହାଡର ଛାତି ଚିରି ଚାଲିଛନ୍ତି। ଗୋଟିଏ ଗୋଟିଏ ୱାଗନ ହୋଲ ବ୍ଲାଷ୍ଟିଂରେ ପାହାଡରୁ ୫୦୦ରୁ ହଜାରେ ଟ୍ରିପ କଳାପଥର ଚାଲାଣ ହେଉଥିଲା । ଧୀରେ ଧୀରେ ଆକାଶ ଛୁଇଁଥିବା ଏହି କଳାହୀରା ସଦୃଶ ପାହାଡ ପାହାଡ ମାଟିରେ ମିଶି ସମତଳ ହୋଇଗଲା । ଏହାପରେ ପାହାଡକୁ ଖୋଳି ସମୁଦ୍ର ଭଳି ଗଭୀର ଗର୍ତ୍ତ ସୃଷ୍ଟି କଲେ ପଥର ମାଫିଆ। ପୁଲିସ, ଜଙ୍ଗଲ ଓ ପରିବେଶ, ରାଜସ୍ୱ ବିଭାଗର ମିଳିତ ସଲାସୁତରାରେ ଚାଲିଥିଲା ଲୁଟ । ସବୁଠୁ ଉଦବେଗର କଥା ହେଉଛି ବର୍ଷ ଧରି ଏହି ପଥର ମାଫିଆଙ୍କୁ ମିଳୁଥିବା ପୂର୍ବ ସରକାରଙ୍କ ବଡପଣ୍ଡାଙ୍କ ସୁରକ୍ଷା।

ରାଜ୍ୟରେ ପାହାଡ ସୁରକ୍ଷା ପାଇଁ ଲଢେଇ କରୁଥିବା ପାହାଡ ସୁରକ୍ଷା ମଂଚ ସଭାପତି ସତୀଶ ବିଶ୍ୱାଳ ଦୀର୍ଘବର୍ଷ ଧରି ଏହି ରାଇଗଡା ପାହାଡ ସୁରକ୍ଷା ପାଇଁ ନିରନ୍ତର ସଂଗ୍ରାମ ପରେ ଏହି ପାହାଡର ସୁରକ୍ଷା ପାଇଁ ଢେଙ୍କାନାଳ ବନଖଣ୍ଡ ଅଧିକାରୀ ଗତ ୧୭ତାରିଖରେ ➪ପୃଷ୍ଠା-୬



## ଆୱାସ ପ୍ଲସ୍‌ରେ ପୁନଃ ସର୍ଭେ ଆରମ୍ଭ

**ଭୁବନେଶ୍ୱର, ୧୮।୧ (ସଂଚାର ବ୍ୟୁରୋ):** ଚଳିତମାସ ୨୨ତାରିଖରୁ ରାଜ୍ୟରେ ପ୍ରଧାନମନ୍ତ୍ରୀ ଆବାସ-ଗ୍ରାମୀଣ ଯୋଜନା ପାଇଁ ସର୍ଭେ ପ୍ରକ୍ରିୟା ଆରମ୍ଭ ହେବ । ଘର ପାଇବାରୁ ବାଦ ପଡ଼ିଥିବା ଯୋଗ୍ୟ ହିତାଧିକାରୀମାନଙ୍କୁ ଏହି ସର୍ଭେ ପ୍ରକ୍ରିୟାରେ ଆୱାସ ପ୍ଲସ ମୋବାଇଲ ଆପ ମାଧ୍ୟମରେ ଚିହ୍ନଟ କରିବାକୁ ରାଜ୍ୟ ସରକାର ଶନିବାର ସମସ୍ତ ଜିଲାପାଳ ଓ ଜିଲାପରିଷଦ କାର୍ଯ୍ୟନିର୍ବାହୀ ଅଧିକାରୀଙ୍କୁ ନିର୍ଦ୍ଦେଶ ଜାରି କରିଛନ୍ତି । ପଞ୍ଚାୟତିରାଜ ଓ ପାନୀୟ ଜଳ ବିଭାଗ ପକ୍ଷରୁ ଶୁକ୍ରବାର ସମସ୍ତ ଜିଲାପାଳମାନଙ୍କୁ ପ୍ରଧାନମନ୍ତ୍ରୀ ଆବାସ-ଗ୍ରାମୀଣ ଯୋଜନାର ସର୍ଭେ ପ୍ରକ୍ରିୟା ଆରମ୍ଭ ପାଇଁ ପରାମର୍ଶ ଦିଆଯାଇଛି। ମୋବାଇଲ ଆପ୍ଲିକେସନ ➪ପୃଷ୍ଠା-୬

## ସୁଲୋଚନା ନୁହେଁ 'ସମାଲୋଚନା'



- ମଶା କାମୁଡ଼ାରେ କଲବଲ ରାଜଧାନୀବାସୀ
- ଜବରଦଖଲକାରୀଙ୍କ ଅମରାବତୀ ପାଲଟିଛି ଭୁବନେଶ୍ୱର
- ଚଉକି ଟାଣିନେବେ ବିଭୀଷଣ

**ଭୁବନେଶ୍ୱର, ୧୮।୧ (ସଂଚାର ବ୍ୟୁରୋ):** ଭୁବନେଶ୍ୱର ମେୟର ସୁଲୋଚନା ଦାସଙ୍କ ଉପରୁ ରାଜଧାନୀବାସୀଙ୍କ ଭରସା ଧିରେ ଧିରେ ତୁଟିବାରେ ଲାଗିଛି। ମଶା କାମୁଡାରେ କଲବଲ ରାଜଧାନୀବାସୀ ସକାଳେ ସଞ୍ଜେ ମେୟରଙ୍କୁ ଗାଳି କରୁଥିବାବେଳେ ସଫେଇଠାରୁ ନେଇ ଜବରଦଖଲ ହଟାଇବା ଆଦି ସବୁ କ୍ଷେତ୍ରରେ ମେୟର ଫେଲ୍ ମାରୁଥିବା କୁହାଯାଉଛି।

ବିଏମ୍‌ସିର ପ୍ରଥମ ମହିଳା ମେୟର ଭାବେ ସୁଲୋଚନା ଦାୟିତ୍ୱ ନେବା ପରେ ରାଜଧାନୀବାସୀ ତାଙ୍କଠାରୁ ଢେର କିଛି ଆଶା କରିଥିଲେ। ସାମ୍ବାଦିକତା ବୃତ୍ତିରୁ ରାଜନୀତିକୁ ଆସିଥିବାରୁ ରାଜଧାନୀକୁ ମେୟର ସଜାଡିଦେବେ ବୋଲି ସେମାନେ ଭାବିଥିଲେ। ଏବେ କିନ୍ତୁ ଲୋକଙ୍କ ଆଶା ଆଶାରେ ରହିଗଲାଣି। ପ୍ରାୟତଃ ସବୁ କ୍ଷେତ୍ରରେ ମେୟର ଓ ତାଙ୍କ ଟିମ୍ ଫେଲ୍ ମାରୁଥିବା ରାଜଧାନୀବାସୀ ଅନୁଭବ କଲେଣି। ଅବସ୍ଥା ଏଭଳି ହେଲାଣି ଯେ ମେୟରଙ୍କ ଅପାରଗତା ନେଇ ରାସ୍ତାଘାଟରେ ବି ଆଲୋଚନା କରିବାକୁ ଲୋକେ ପଛାଉନାହାନ୍ତି।

ରାଜଧାନୀରେ ଏବେ ସବୁଠାରୁ ବଡ଼ ସମସ୍ୟା ପାଲଟିଛି ମଶାଙ୍କ ଉତ୍ପାତ। ଦିନରାତି ମଶା କାମୁଡାରେ କଲବଲ ହେଉଥିବା ଲୋକେ ମେୟରଙ୍କୁ ଗାଳି ଦେଉଛନ୍ତି। ଗୋଟିଏ ପଟେ ରାଜଧାନୀକୁ ରଙ୍ଗବେରଙ୍ଗରେ ସଜାଉଥିବା ବେଳେ ମଶା ନିୟନ୍ତ୍ରଣ କାହିଁକି ହୋଇପାରୁନାହିଁ ବୋଲି ଲୋକେ ପ୍ରଶ୍ନ କଲେଣି। ମଶା ମାରିବା ପାଇଁ ବିଏମ୍‌ସି ନିକଟରେ ଆବଶ୍ୟକ ସାଧନ ନଥିବାରୁ ଏବଂ ମେୟର ଏ କ୍ଷେତ୍ରରେ ଆବଶ୍ୟକ ପଦକ୍ଷେପ ନେଉନଥିବାରୁ ଲୋକଙ୍କ ମଧ୍ୟରେ ଅସନ୍ତୋଷ ବଢ଼ିବାରେ ଲାଗିଛି। ଏପରିକି ମୁଖ୍ୟମନ୍ତ୍ରୀ ଓ ମେୟର ରହୁଥିବା ଇଲାକାରେ ମଧ ମଶାମାନଙ୍କ ଦାଉରେ ଲୋକେ ଅତିଷ୍ଠ ହେବାରେ ଲାଗିଛନ୍ତି।

ସହରର ପରିମଳ ବ୍ୟବସ୍ଥା ବି ଦିନକୁ ଦିନ ବିଗିଡିବାରେ ଲାଗିଛି । ୬୭ଟି ୱାର୍ଡ ମଧ୍ୟରୁ ଅଧିକାଂଶର ସଫେଇ କାର୍ଯ୍ୟ ଘରୋଇ ସଂସ୍ଥା ➪ପୃଷ୍ଠା-୬

## ସ୍ମାର୍ଟ ମିଟର ବୋଝ ଉପରେ ନଳିତା ବିଡ଼ା

**ଭୁବନେଶ୍ୱର, ୧୮।୧ (ସଂଚାର ବ୍ୟୁରୋ):** ଟାଟା ପାୱାର ପକ୍ଷରୁ ବିଭିନ୍ନ ଅଞ୍ଚଳରେ ଉପଭୋକ୍ତାଙ୍କର ପୁରୁଣା ମିଟରକୁ କାଢ଼ିଦିଆଯାଇ ତା' ବଦଳରେ ୭ ହଜାର ଟଙ୍କିଆ ସ୍ମାର୍ଟ ମିଟର ସବୁ ଲଗାଯାଉଛି । ଉପଭୋକ୍ତାଙ୍କର ମିଟର ଚାଲୁ ଅବସ୍ଥାରେ ଥିଲେ ସୁଦ୍ଧା ତାହାକୁ ଖରାପ ଦର୍ଶାଯାଇ ତା' ସ୍ଥାନରେ ନୂଆ ସ୍ମାର୍ଟ ମିଟର ଲଗାଇବାକୁ ବାଧ କରାଯାଉଛି। ଫଳରେ ଏହାକୁ ନେଇ ଉପଭୋକ୍ତାମାନଙ୍କ ଭିତରେ ଜନଅସନ୍ତୋଷ ବ୍ୟାପିବାରେ ଲାଗିଛି। ବରଗଡ଼ଠାରୁ ଆରମ୍ଭ କରି ସାଲେପୁର ପର୍ଯ୍ୟନ୍ତ ସ୍ମାର୍ଟ ମିଟର ବିରୋଧ ଆନ୍ଦୋଳନ ତେଜୁଛି । ଏହି ଆନ୍ଦୋଳନ ସବୁକୁ ➪ପୃଷ୍ଠା-୬

## ପୁଣି ମିଳିଲା ମା' ସମଲେଇଙ୍କ ପ୍ରସାଦ

- ମା'ସମଲେଇଙ୍କ ଦର୍ଶନ ସହ ପ୍ରସାଦ ସେବନ କରିବା ମୋର ସୌଭାଗ୍ୟ
- ସମ୍ବଲପୁରର ବିକାଶ ପାଇଁ ରାଜ୍ୟ ସରକାର ବିଭିନ୍ନ ପ୍ରକଳ୍ପ କାର୍ଯ୍ୟକାରୀ କରୁଛନ୍ତି
- ପୁରୁଣା ଅଯୋଧ୍ୟା ସାଗର ବନ୍ଧ 'ରିଭରଫ୍ରଣ୍ଟ ଡେଭଲପମେଣ୍ଟ ପ୍ରୋଜେକ୍ଟ' ଅଧୀନରେ ବିକଶିତ ହେବ
- ହୀରାକୁଦ ବନ୍ଧର ନବୀକରଣ ପାଇଁ ସରକାର କାର୍ଯ୍ୟ କରୁଛନ୍ତି



**ଭୁବନେଶ୍ୱର, ୧୮।୧ (ସଂଚାର ବ୍ୟୁରୋ):** କେନ୍ଦ୍ର ଶିକ୍ଷା ମନ୍ତ୍ରୀ ଧର୍ମେନ୍ଦ୍ର ପ୍ରଧାନ ଶନିବାର ସମ୍ବଲପୁରର ଅଧିଷ୍ଠାତ୍ରୀ ଦେବୀ ମା' ସମଲେଶ୍ୱରୀଙ୍କ ଦର୍ଶନ କରିବା ସହ ପ୍ରସାଦ ସେବନ କରି ସୌଭାଗ୍ୟ ଲାଭ କରିଥିବା କହିଛନ୍ତି। ଗତ ୨୦୨୦ରେ କୋଭିଡ୍ ସଂକ୍ରମଣ ପରିପ୍ରେକ୍ଷୀରେ ଏହି ପ୍ରସାଦ ସେବନ ବ୍ୟବସ୍ଥାକୁ ସାମୟିକ ଭାବେ ବନ୍ଦ କରାଯାଇଥିଲା। ଏହି କାରଣରୁ ଭକ୍ତମାନେ ପ୍ରସାଦ ପାଇପାରୁ ନଥିଲେ। କିନ୍ତୁ ଏବେ ପୁଣିଥରେ ମନ୍ଦିରରେ ଏହି ବ୍ୟବସ୍ଥା ଆରମ୍ଭ ହୋଇଛି।

କେନ୍ଦ୍ରମନ୍ତ୍ରୀ ଶ୍ରୀ ପ୍ରଧାନ ଏ ପ୍ରସଙ୍ଗରେ ଗଣମାଧ୍ୟମକୁ ପ୍ରତିକ୍ରିୟା ଦେଇ କହିଛନ୍ତି ଯେ ମା' ସମଲେଶ୍ୱରୀଙ୍କ ପୀଠ ଆମ ଆସ୍ଥା ଓ ବିଶ୍ୱାସର ଅନନ୍ୟ କେନ୍ଦ୍ର । ଆଜି ସମଲେଶ୍ୱରୀ ମନ୍ଦିରରେ ପରିଚାଳନା ବ୍ୟବସ୍ଥା ତରଫରୁ ଭକ୍ତମାନଙ୍କ ପାଇଁ ପ୍ରସାଦ ସେବନ ପୁନଃ ପ୍ରଚଳନ ହୋଇଛି। ଆଜିର ଅବସରରରେ ମା'ଙ୍କ ଦର୍ଶନ ଲାଭ କରିବା ସହ ପ୍ରସାଦ ସେବନ କରିବା ମୋର ସୌଭାଗ୍ୟ। ଏଥିପାଇଁ ମନ୍ଦିର ପରିଚାଳନା ➪ପୃଷ୍ଠା-୬



### କାନ ଡେରିଥା

ଚିଠି ଗପଠାରୁ ଶାର୍ଟ ଗପଟା
କ୍ରାଇମବ୍ରାଞ୍ଚ ଖାଲି କହୁଛି
ଅନୁଭବୀ ନୁହେଁ ସାଧାରଣ
ଲୋକ
ଟିକିଏ ହେଲେ ବି ଜାଣୁଛି
ବେଳା ଯେ ଖରାପ ଲାଗୁଛି...
କାହା ଇଙ୍ଗିତରେ କାହାକୁ
ବଞ୍ଚାଇ
ଖସିଯିବ ବୋଲି ଭାବୁଛି!

■ ଦେବାଶିଷ

# ଦରମାଖିଆ ମୁଖପାତ୍ର ସାଜିଛନ୍ତି ସନ୍ୟାସୀଙ୍କ ଭାଟ

**ବରିଷ୍ଠ ନେତା ଏବେ ବି କୋଣଠେସା**

**ବିଜେଡିର ବରିଷ୍ଠ ମୁଖପାତ୍ରମାନେ ମଇଦାନରୁ ଉଭାନ**




**ଭୁବନେଶ୍ୱର, ୧୮।୧ (ସଂଚାର ବ୍ୟୁରୋ):** ମୁଖ୍ୟ ବିରୋଧୀ ଦଳର ମୁଖ୍ୟ ମୁଖପାତ୍ରମାନେ ଏବେ ମଇଦାନରୁ ଏକ ପ୍ରକାର ଉଭାନ୍। ଦରମାପ୍ରାପ୍ତ କୁହାଳିଆ ମୁଖପାତ୍ରମାନେ ଯେଭଳି ଭାବେ ସରକାର ଓ ଶାସକ ଦଳକୁ ସମାଲୋଚନା କରୁଛନ୍ତି, ତାହା ଏବେ ଖୋଦ ବିରୋଧୀ ଦଳ ପାଇଁ ବୁମେରାଂ ହେଉଥିବା ବିଜେଡି କର୍ମୀମାନେ କହୁଛନ୍ତି।

ବିଜେଡିର ରାଷ୍ଟ୍ରୀୟ ଓ ବରିଷ୍ଠ ମୁଖପାତ୍ରମାନେ ଆଉ ପୂର୍ବଭଳି ଗଣମାଧ୍ୟମ ସାମ୍ନାକୁ ଆସୁନାହାନ୍ତି। ମଝିରେ ମଝିରେ କେବଳ ହାଜିରା ପକାଉଛନ୍ତି। ଏହି ତାଲିକାରେ ରହିଛନ୍ତି ରାଷ୍ଟ୍ରୀୟ ମୁଖପାତ୍ର ସାଂସଦ ଡକ୍ଟର ସସ୍ମିତ ପାତ୍ର, ପୂର୍ବତନ ସାଂସଦ ଡକ୍ଟର ଅମର ପଟ୍ଟନାୟକ, ବିରୋଧୀ ଦଳ ନେତାଙ୍କ ରାଜୈନତିକ ପରାମର୍ଶଦାତା ଡକ୍ଟର ସଂତୃପ୍ତ ମିଶ୍ର ପ୍ରମୁଖ। ସେହିଭଳି ରାଜ୍ୟ ସ୍ତରରେ ବରିଷ୍ଠ ମୁଖପାତ୍ର ଭାବେ ପୂର୍ବତନ ମନ୍ତ୍ରୀ ତଥା ବିଧାୟକ ପ୍ରତାପ ଦେବ, ପୂର୍ବତନ ମନ୍ତ୍ରୀ ଦେବୀ ପ୍ରସାଦ ମିଶ୍ର, ପୂର୍ବତନ ସାଂସଦ ପ୍ରଦୀପ ମାଝୀ, ରୋହିତ ପୂଜାରୀ, ସ୍ୱୟଂପ୍ରକାଶ ପ୍ରମୁଖ ରହିଛନ୍ତି।

ହେଲେ ବର୍ତ୍ତମାନ ବିଜେପି କିମ୍ବା ରାଜ୍ୟ ସରକାରଙ୍କୁ କୌଣସି ପ୍ରସଙ୍ଗରେ ସାମ୍ନା କରିବା ପାଇଁ ଏମାନେ ଆଉ ପ୍ରାୟତଃ ଦେଖାଯାଉନାହାନ୍ତି। କାଁଭାଁ କୌଣସି ପ୍ରସଙ୍ଗରେ ଆସି ହାଜିରା ପକାଇ ଦେଉଛନ୍ତି। ତେବେ ଲେନିନ ମହାନ୍ତି, ତୁମ୍ବନାଥ ପଣ୍ଡା, ପ୍ରିୟବ୍ରତ ମାଝୀଙ୍କ ଭଳି କିଛି ମୁଖପାତ୍ର ନିୟମିତ ଆସି ବାଇଟ୍ ଦେଉଛନ୍ତି। ତେବେ ଦଳୀୟ ମହଲରେ ହେଉଥିବା ଆଲୋଚନା ଅନୁଯାୟୀ ଏବେ ଟିଭି ଆଗରେ ଏକାଧିକ ଥର ବାଇଟ୍ ଦେଉଥିବା ମୁଖପାତ୍ରମାନଙ୍କ ଲାଗି ଦରମା ବ୍ୟବସ୍ଥା ହୋଇଛି। ଏମାନେ ମାସକୁ ମାସ ଦଳୀୟ ପାଣ୍ଠିରୁ ପ୍ରାୟ ଏକ ଲକ୍ଷ ଟଙ୍କାର ଦରମା ପାଉଛନ୍ତି। ଯେଉଁମାନଙ୍କ ପାଇଁ ଦରମା ବ୍ୟବସ୍ଥା ହୋଇପାରୁନାହିଁ, ସେମାନେ ମନମରା ହୋଇ ମୁଖପାତ୍ର ଦାୟିତ୍ୱରୁ ଏକ ପ୍ରକାର ଦୂରେଇ ରହିବାକୁ ଉଚିତ୍ ମଣୁଛନ୍ତି।

ଗତ ସାଧାରଣ ନିର୍ବାଚନ ପୂର୍ବରୁ ମଧ ସନ୍ୟାସୀ ଓ ତାଙ୍କ ଟିମ୍ ଦଳର ବରିଷ୍ଠ ମୁଖପାତ୍ରମାନଙ୍କୁ ଗଣମାଧ୍ୟମରୁ ଦୂରେଇ ଦେଇଥିଲେ। ପ୍ରସନ୍ନ ଆଚାର୍ଯ୍ୟ,ଦେବୀ ମିଶ୍ର, ପ୍ରତାପ ଦେବଙ୍କ ଭଳି ନେତାମାନେ ଗଣମାଧ୍ୟମଠାରୁ ଏକପ୍ରକାର ଦୂରରେ ଥିଲେ' ତାହାର କାରଣ ଥିଲା ସେମାନେ ସନ୍ୟାସୀଙ୍କ ଲେଖା ମନ୍ତବ୍ୟ ପଢିବାକୁ ନାରାଜ ଥିଲେ' ସେତେବେଳେ କେତେକ ନୂଆ ମୁଖପାତ୍ର ସୃଷ୍ଟି କରାଯାଇଥିଲା ଓ ସେମାନେ ଦିନକୁ ଦୁଇ ତିନି ଥର ବାଇଟ୍ ଦେବା ସହିତ ରାଜ୍ୟ ମୁଖ୍ୟ ନିର୍ବାଚନ ଅଧିକାରୀଙ୍କ ଦପ୍ତରକୁ ଧାଁଦଉଡ଼ କରୁଥିଲେ। ସେତେବେଳେ ଏମାନଙ୍କ ପାଇଁ ମୋଟା ଅଙ୍କର ଦରମା ବ୍ୟବସ୍ଥା ହୋଇଥିଲା। ନିର୍ବାଚନ ପରେ ମାସିକିଆ ଦରମା ବନ୍ଦ ହେବା ଯୋଗୁଁ ଏହି ନୂଆ ମୁଖପାତ୍ରଙ୍କ ମଧ୍ୟରୁ ଅନେକ ଆଉ ଦଳରେ ଅଛନ୍ତି କି ନାହାନ୍ତି, ତାହା କର୍ମୀମାନେ ବି ଜାଣିପାରୁନାହାନ୍ତି।

ସେତେବେଳେ ଯେଭଳି କିଛି ନୂଆ ମୁଖପାତ୍ର ସନ୍ୟାସୀଙ୍କ ବୁଦ୍ଧିରେ ପଡି ଗଣମାଧ୍ୟମରେ ଗପି ଦଳକୁ ହରାଇଦେଲେ, ବର୍ତ୍ତମାନ ଦଳରେ ସେହି ଅବସ୍ଥା ବୋଲି ଆଲୋଚନା ଚାଲିଛି । ଏବେ ବି ବିଭିନ୍ନ ପ୍ରସଙ୍ଗରେ ସରକାରଙ୍କୁ ସମାଲୋଚନା କରିବା ସମୟରେ ପ୍ରସନ୍ନ ଆଚାର୍ଯ୍ୟ, ଦେବୀ ମିଶ୍ର ଓ ପ୍ରତାପ ଦେବଙ୍କ ଭଳି ବରିଷ୍ଠ ନେତାଙ୍କୁ ଯେଭଳି କୋଣଠେସା କରାଯାଉଛି, ତାହା ଦଳ ପାଇଁ ପୁଣିଥରେ ମହଙ୍ଗା ସାବ୍ୟସ୍ତ ହେବ ବୋଲି କର୍ମୀମାନେ କହିବା ଆରମ୍ଭ କରିଛନ୍ତି। ସନ୍ୟାସୀ ଓ ତାଙ୍କ ମନୋନୀତ ମୁଖପାତ୍ରଙ୍କ ମନ୍ତବ୍ୟ ଓ ବକ୍ତବ୍ୟରେ ଅତିଷ୍ଠ କେତେକ ନେତା ଓ କର୍ମୀ ଆଗାମୀ ଦିନ ପାଇଁ ରଣନୀତି ପ୍ରସ୍ତୁତ କରୁଥିବାବେଳେ ନିକଟରେ ରାଜଧାନୀରେ ବରିଷ୍ଠ ନେତାଙ୍କ ମେଳି ଏହାର ପ୍ରତିଫଳନ ➪ପୃଷ୍ଠା-୬

# ମଣ୍ଡି ଉଦ୍‌ଘାଟନ ହେଲା, କିନ୍ତୁ ଏଯାଏଁ ସଂଗ୍ରହ ହୋଇପାରୁନି ଧାନ

**ରାଜନଗର, ୧୮।୧ (ସଂଚାର ବ୍ୟୁରୋ) :** ଜିଲ୍ଲା ପ୍ରଶାସନ ପକ୍ଷରୁ ଚଳିତମାସ ୧୦ ତାରିଖରୁ ଚାଷୀମାନଙ୍କ ଠାରୁ ଖରିଫ ଧାନ ସଂଗ୍ରହ ପାଇଁ ମଣ୍ଡି ଉଦ୍‌ଘାଟିତ ହୋଇଛି। ମଣ୍ଡି ଉଦ୍‌ଘାଟନ ହେବାର ୯ଦିନ ବିତିଗଲାଣି। ମାତ୍ର ଆଜିଯାଏଁ ରାଜନଗର ବ୍ଲକରେ ଧାନ ସଂଗ୍ରହ ହୋଇପାରୁନି। ଚାଷୀମାନେ ଧାନନେଇ ମଣ୍ଡିରେ ପହଁଚିଥିଲେ ମଧ୍ୟ ମିଲରଙ୍କ ଦେଖା ନଥିବାରୁ ଓ କ୍ୱାଲିଟି ଆନାଲାଇଜ କରିବା ପାଇଁ କେହି ପହଁଚି ନଥିବାରୁ ଧାନ ସଂଗ୍ରହ ହୋଇପାରୁନି। ଏହାକୁ ନେଇ ଚାଷୀଙ୍କ ମଧ୍ୟରେ ତୀବ୍ର ପତିକ୍ରିୟା ପ୍ରକାଶ ପାଇଛି। ରାଜନଗର ବ୍ଲକର ରାଜନଗର, ବଡନାଉକୋଣା, ଚାନ୍ଦିବାଉଁଶମୂଳ, ଭାଟପଡ଼ା, ଡାଙ୍ଗମାଳ, ଡେରା, କୋଇଲପୁର, କୁରୁଂଟି, ନୋଧାବସନ୍ତ, ତାଳଚୁଆ, ରଙ୍ଗଣୀ, ଓସ୍ତିଆ, ଗୋପାଳପୁର, ବାଲିସାହିପାଟଣା ପ୍ରଭୃତି ୧୪ଟି ସେବା ସମବାୟ ସମିତିରେ ଧାନମଣ୍ଡି ଖୋଲିଛି। ମଣ୍ଡିରେ ଚାଷୀମାନେ ଧାନ ନେଇ ପହଁଚିଥିବା ବେଳେ ମିଲରଙ୍କ ଦେଖା ମିଳୁନି। ସେବା ସମବାୟ ସମିତି ଗୁଡିକରେ ଚାଷୀମାନଙ୍କ ଧାନ ଖୋଲା ଆକାଶ ତଳେ ପଡ଼ି ରହିଥିବା ବେଳେ ଧାନ ସଂଗ୍ରହ ହୋଇପାରୁନି। ରାଜନଗର ବ୍ଲକରେ ମଙ୍ଗଳବାର, ଶୁକ୍ରବାର ଓ ରବିବାର ଧାନ ସଂଗ୍ରହ ପାଇଁ ଜିଲ୍ଲା ପ୍ରଶାସନ ଦିନ ଧାର୍ଯ୍ୟ କରିଛି। ଚାଷୀମାନେ ଆଣିଥିବା ଧାନ ଏଫଏକ୍ୟୁ ମାନର ନା ନୁହେଁ ତାହା ପରୀକ୍ଷା କରିବା ପାଇଁ କ୍ୱାଲିଟୀ ଆନାଲିଟିଷ୍ଟ ନିଯୁକ୍ତି ହୋଇନଥିବାରୁ ଧାନ ସଂଗ୍ରହ ହୋଇପାରିନଥିବା ଜଣାପଡ଼ିଛି। ଏହାବାଦେ ମିଲରମାନେ କୌଣସି ମଣ୍ଡିରେ ଧାନ ସଂଗ୍ରହ ପାଇଁ ଅଖା ପହଁଚାଇନଥିବା ବେଳେ ମିଲରଙ୍କ ଦେଖା ମିଳୁନଥିବା ନେଇ ସେବା ସମବାୟ ସମିତିର ସମ୍ପାଦକମାନେ କହିଛନ୍ତି। ଗୋଟିଏ ପଟେ କ୍ୱାଲିଟୀ ଆନାଲିଟିଷ୍ଟଙ୍କ ଦେଖା ନଥିବା ବେଳେ ମିଲର ଆସୁନଥିବାରୁ ରାଜନଗର ବ୍ଲକରେ ଚଳିତ ଖରିଫ ଋତୁରେ ଧାନ ସଂଗ୍ରହ ହୋଇପାରୁନଥିବା ଚାଷୀମାନେ ଅଭିଯୋଗ କରିଛନ୍ତି। ଏ ସମ୍ପର୍କରେ ନୋଡାଲ ଅଫିସର ତହସିଲଦାର ଅଜୟ କୁମାର ମହାନ୍ତିଙ୍କୁ ପଚାରିବାରୁ ଆଜି କ୍ୱାଲିଟୀ ଆନାଲିଟିଷ୍ଟ ନିଯୁକ୍ତି ପାଇବେ, ଏହାପରେ ଧାନ ସଂଗ୍ରହ ହେବ ବୋଲି କହିଛନ୍ତି।

# କେନ୍ଦ୍ରାପଡ଼ା ବିଜେପି ଜିଲ୍ଲା ସଭାପତି ଦୌଡ଼କୁ ନେଇ ଚର୍ଚ୍ଚା



**କେନ୍ଦ୍ରାପଡ଼ା, ୧୮।୧ (ସଂଚାର ବ୍ୟୁରୋ) :** କାହାକୁ ମିଳିବ ପରବର୍ତ୍ତୀ ଜିଲ୍ଲା ବିଜେପି ସଭାପତି ପଦ ? ଜିଲ୍ଲା ସଂଗଠନ ଦାୟିତ୍ୱ କିଏ ଲିଭାଇବ ? ପୂର୍ବରୁ ଦୁଇ ଦୁଇ ଥର ଦାୟିତ୍ୱ ସମ୍ଭାଳି ଥିବା କିଶୋର ରହିବେ ନା ନୂଆ ମୁହଁକୁ ଦଳ ଆଗକୁ ଆଣିବ ତାକୁ କିଛି ଦିନ ହେବ ଜିଲ୍ଲା ବିଜେପି ମହଲରେ ଚର୍ଚ୍ଚା ଆଲୋଚନା ଜୋର୍ ଧରିଛି। ନୂଆକରି ସରକାରକୁ ଆସିଥିବା ରାଷ୍ଟ୍ରୀୟ ଦଳ ବିଜେପି ଏଥର ରାଜ୍ୟରେ ତୃଣମୂଳ ସଂଗଠନ ମଜଭୁତ କରିବାକୁ ପ୍ରୟାସ ଆରମ୍ଭ କରିଛି ମଣ୍ଡଳ ସଭାପତି ନିର୍ବାଚନ ସରିବା ପରେ ଖୁବ୍‌ଶୀଘ୍ର ଜିଲ୍ଲା ସଭାପତି ନିର୍ବାଚନ ହେବାକୁ ଯାଉଛି। ଏହିକ୍ରମରେ ପୂର୍ବରୁ ମନ୍ତ୍ରୀ ପଡ଼ା ଭାବେ ରାଜ୍ୟରେ ଚର୍ଚ୍ଚିତ ଥିବା ସହ ରାଜନୀତି ଦୃଷ୍ଟିରୁ ଗୁରୁତ୍ୱପୂର୍ଣ୍ଣ ଜିଲ୍ଲା ଥିବା କେନ୍ଦ୍ରାପଡା ବିଜେପି ସଭାପତି ନିର୍ବାଚନ ଏବେ ରୋଚକ ହେବାନେଇ ଆଶଙ୍କା କରାଯାଉଛି ।

ଅନ୍ୟପକ୍ଷରେ ଦୀର୍ଘ ୨୫ ବର୍ଷର ବିଜେଡି ଗଡ଼କୁ ଭାଙ୍ଗି ଚୂରମାର କରିଥିବା ବିଜେପି ଜିଲ୍ଲାରେ ଏଣ୍ଟ୍ରି ମାରିଥିବା ବେଳେ ପଞ୍ଚାୟତ ନିର୍ବାଚନ ପୂର୍ବରୁ କ୍ଷେତ୍ର ପ୍ରସ୍ତୁତ କରିବା ଜିଲ୍ଲା ପରିଷଦ ଓ ଅଧିକ ସଂଖ୍ୟାରେ ପଞ୍ଚାୟତ ସମିତି ଦଖଲ ଲକ୍ଷ୍ୟ ରଖି ଦଳ ଏବେଠାରୁ ତା'ର ସାଂଗଠନିକ ପଦପଦବିରେ ଦକ୍ଷ ଲୋକଙ୍କୁ ସୁଯୋଗ ଦେବାକୁ ଯୋଜନା କରୁଛି। ଏଭଳି ସ୍ଥିତିରେ କେନ୍ଦ୍ରାପଡା ଜିଲ୍ଲାରେ ଜିଲ୍ଲା ସଭାପତିଙ୍କ ଗୁରୁତ୍ୱପୂର୍ଣ୍ଣ ଭୂମିକା ରହିବା ଜିଲ୍ଲାରେ ପ୍ରଥମ ପସନ୍ଦ କିଏ ହେବ ତାକୁ ନେଇ ଅଙ୍କକଷା ଆରମ୍ଭ ହୋଇଛି। ୨୦୧୭ ମସିହାରୁ ଆଜି ପର୍ଯ୍ୟନ୍ତ ୭ବର୍ଷ ଧରି ଜିଲ୍ଲା ସଭାପତି ଥିବା କିଶୋର ପଣ୍ଡାଙ୍କୁ ଦଳ ପୁଣିଥରେ ସୁଯୋଗ ଦେବ ନା ନୂଆମୁହଁକୁ ସମର୍ଥନ ଦେବ ସେ ନେଇ ଦଳୀୟ ଫୋରମରେ ଆଲୋଚନା ଆରମ୍ଭ ହୋଇଛି। ପ୍ରଥମ କରି ଜିଲ୍ଲାରେ ଜଣେ ମାତ୍ର ବିଜେପି ବିଧାୟକ ହୋଇଛନ୍ତି । ବିଜେପିରୁ ଏଥର ବୈଜୟନ୍ତ ପଣ୍ଡା ମଧ୍ୟ ସାଂସଦ ହୋଇଛନ୍ତି। କିନ୍ତୁ ଏବେବି ଜିଲ୍ଲାର ପଞ୍ଚାୟତ ସ୍ତରରେ ସେଭଳି ଦଳ ତାର ସଂଗଠନ ସୁଦୃଢ଼ କରିପାରିନାହିଁ । କିନ୍ତୁ ଦୁଇ ଥର ବିଜେପି ର ଜିଲ୍ଲା ଭାର ସମ୍ଭାଳିଥିବା କିଶୋର ପଣ୍ଡା ଙ୍କୁ ଦଳ ପୁନର୍ବାର ଜିଲ୍ଲା ଦାୟିତ୍ୱ ଦେବେ ନା ଅନ୍ୟ ନୂଆ ମୁହଁକୁ ଗୁରୁତ୍ୱ ଦେବେ ଏବେ ରାଜନୈତିକ ମହଲରେ ଆଲୋଚନା ଜୋର୍ ଧରିଛି । ସେହିଦୃଷ୍ଟିରୁ ଜିଲ୍ଲାରେ ବିଜେପିର ସଂଗଠନ ଅଧିକ ସୁଦୃଢ଼ ସହ ସମସ୍ତଙ୍କୁ ନେଇ ସାଂଗଠନିକ କାର୍ଯ୍ୟକ୍ରମ କରିପାରୁଥିବା ଜଣେ ଅଭିଜ୍ଞ ନେତା ଲାଗି ଦଳ ପୁଣିଥରେ ସୁଯୋଗ ଦେବବୋଲି ଚର୍ଚ୍ଚା ହେଉଛି।

**କାହା ଉପରେ ରହିବ ଜିଲ୍ଲା ଦାୟିତ୍ୱ ?**
**ପୁଣି କିଶୋର ନା ନୂଆ ମୁହଁ**
**ଚର୍ଚ୍ଚାରେ ୪ ଜଣଙ୍କ ନାମ**

ଏହାରି ଭିତରେ ଜିଲ୍ଲାର ଥିବା ୪ଜଣ ବିଜେପି ନେତାଙ୍କ ନାମ ସାମ୍ନାକୁ ଆସିଛି । ସେମାନଙ୍କ ମଧ୍ୟରେ ସୁନାକର ବେହେରା,ଅଭିମନ୍ୟୁ ଗୋଛାୟତ,ଶଶାଙ୍କ ଶେଖର ସେଠୀ ଓ ସଞ୍ଜୟ ରଥ । ଗତ ୯ ତାରିଖରେ ସର୍କିଟ୍ ହାଉସ୍‌ରେ ମନୋନୀତ ହୋଇଥିବା ୨୬ ମଣ୍ଡଳ ସଭାପତି ଓ ୨୭ ପ୍ରତିନିଧି ଉପସ୍ଥିତ ରହି ସଭାପତି ପାଇଁ ସେମାନଙ୍କ ପସନ୍ଦର ନେତା ସମ୍ପର୍କରେ ଜଣାଇଛନ୍ତି। ବିଜେପି ଜିଲ୍ଲା ନିର୍ବାଚନ ଅଧିକାରୀଙ୍କ ଆଗରେ ଏହି ୫୩ ଛାମୁଆ ନେତା ସଭାପତି ଚୟନ ପ୍ରସଙ୍ଗରେ ନିଜ ନିଜର ରାୟ ଦେବା ପରେ ସଭାପତି ଦୌଡ଼ରେ ଥିବା ଜଣାପଡିଛି।

ସଂପ୍ରତି ଜିଲ୍ଲା ସଭାପତି ଦାୟିତ୍ୱରେ ଥିବା କିଶୋର କୁମାର ପଣ୍ଡା ତିନି ବର୍ଷିଆ କାର୍ଯ୍ୟକାଳ ୨୦୨୨ରେ ଶେଷ ହେବା ପରେ ତାଙ୍କ କାର୍ଯ୍ୟକାଳକୁ ଆଉ ଗୋଟିଏ ବର୍ଷ ବଢ଼ାଇ ଦିଆଯାଇଥିଲା। ଏହାପରେ ୨୦୨୪ ସାଧାରଣ ନିର୍ବାଚନ ପାଇଁ ସଭାପତି ନିର୍ବାଚନକୁ ସ୍ଥଗିତ ରଖାଯାଇଥିଲା। ଏବେ ରାଜ୍ୟରେ ବିଜେପି ସରକାର ଗଡ଼ିବା ପରେ ନୂତନ ସାଙ୍ଗଠନିକ କାର୍ଯ୍ୟ ଆରମ୍ଭ କରାଯାଇଛି । କେନ୍ଦ୍ରାପଡ଼ା ଜିଲ୍ଲାରେ ବିଜେପିର ସମୁଦାୟ ୩୫ଟି ମଣ୍ଡଳ ରହିଥିବା ବେଳେ ଇତିମଧ୍ୟରେ ୨୬ଟି ମଣ୍ଡଳ ସଭାପତି ଓ ୨୭ଟି ମଣ୍ଡଳ ପ୍ରତିନିଧିଙ୍କ ନାମ ଘୋଷଣା ସରିଛି। ଖୁବ୍‌ଶୀଘ୍ର ଅନ୍ୟ ମଣ୍ଡଳ ଗୁଡ଼ିକ ପାଇଁ ନାମ ଘୋଷଣା ହେବାକୁ ଥିବାବେଳେ ଏବେ ସଭାପତି ଚୟନ କସରତ୍ ବି ଆରମ୍ଭ ହେଲାଣି।

**ବିହାରରେ ଯୁବତୀ ପଣବନ୍ଦୀ ଘଟଣା**

# ଚାଲାଣ କରିଥିବା ବ୍ୟକ୍ତିଙ୍କୁ ଜିଲ୍ଲା ଶ୍ରମ ଅଧିକାରୀଙ୍କ ନୋଟିସ

**ରାଜନଗର, ୧୮।୧ (ସଂଚାର ବ୍ୟୁରୋ) :** ରାଜଧାନୀ ଭୁବନେଶ୍ୱରରେ ଏକ ବିସ୍କୁଟ କାରାଖାନାରେ କରାଇବାକୁ ନେଇ ଯୁବତୀଙ୍କୁ ବିହାରକୁ ଚାଲାଣ କରିବା ସହିତ ସେଠାରେ ଅର୍କେଷ୍ଟ୍ରାରେ ନଚାଇ ପଣବନ୍ଦୀ କରି ରଖିବା ଘଟଣା ସମଗ୍ର ଜିଲ୍ଲାରେ ଚାଞ୍ଚଲ୍ୟ ସୃଷ୍ଟି କରିଛି। ପଣବନ୍ଦୀ ରହିଥିବା ଯୁବତୀଙ୍କୁ ଘରକୁ ଫେରାଇ ଆଣିବା ପାଇଁ ତାଙ୍କ ବାପା ଜିଲ୍ଲା ଶ୍ରମ ଅଧିକାରୀଙ୍କ ଦ୍ୱାରସ୍ତ ହୋଇଛନ୍ତି। ଏହି ସମ୍ବେଦନଶୀଳ ଘଟଣା ସମ୍ପର୍କରେ ଅଭିଯୋଗ ପାଇବା ପରେ ଜିଲ୍ଲା ଶ୍ରମ ଅଧିକାରୀ ଏହାକୁ ଗୁରୁତର ସହିତ ନେବା ସହିତ ଯୁବତୀଙ୍କୁ ଚାଲାଣ କରିଥିବା ବ୍ୟକ୍ତିଙ୍କୁ କାରଣ ଦର୍ଶାଅ ନୋଟିସ ଜାରି କରିଛନ୍ତି।

ଘଟଣା ମୁତାବକ ରାଜନଗର ଥାନା ଅନ୍ତର୍ଗତ ସାନବଡଗୋପାଳପୁର ପଞ୍ଚାୟତ ଭାଟପଡ଼ା ଗ୍ରାମର ଜନୈକା ଯୁବତୀ ପଣବନ୍ଦୀ ଥିବା ବିହାରରୁ ଖସି ଆସିବା ପରେ ଏହି ଘଟଣା ସାମ୍ନାକୁ ଆସିଥିଲା। ଯୁବତୀର ବାପା ଏ ନେଇ ରାଜନଗର ଥାନାରେ ପହଁଚି ଝିଅକୁ ଉଦ୍ଧାର କରିବା ପାଇଁ ପୁଲିସକୁ ଲିଖିତ ଭାବେ ଜଣାଇଥିଲେ। ପୁଲିସ ସହାୟତା ନ କରିବାରୁ ଯୁବତୀର ବାପା ଏ ନେଇ ଜିଲ୍ଲା ଶ୍ରମ ଅଧିକାରୀଙ୍କ ନିକଟରେ ଅଭିଯୋଗ କରିଥିଲେ। ଏ ନେଇ ରାଜନଗର ଥାନାରେ ୧୨୭(୨), ୩୫୧ (୨), ୩୦୩(୨), ୩(୫) ବିଏନଏସରେ ଜିରୋ ଏଫଆଇଆରରେ ମାମଲା ରୁଜୁ ହୋଇଛି। ଜିଲ୍ଲା ଶ୍ରମ ଅଧିକାରୀ ଯୁବତୀଙ୍କୁ ଅନ୍ୟ ରାଜ୍ୟରେ ନେଇ ଖଟାଇଥିବା ଯୁବତୀ ଚାଲାଣକାରୀ ନିଶ୍ଚିତକୋଇଲି ଥାନା ଅନ୍ତର୍ଗତ କାନପୁର ଗାଁର ସନ୍ତୋଷ ଭଞ୍ଜଙ୍କୁ କାରଣ ଦର୍ଶାଅ ନୋଟିସ ଜାରି କରିଛନ୍ତି। ୨୪ ତାରିଖ ସୁଦ୍ଧା ଏହାର ଉତ୍ତର ଦେବାକୁ ନୋଟିସରେ ଉଲ୍ଲେଖ କରିଛନ୍ତି।

ସରକାରୀ ରେକର୍ଡରେ ଆଇଏସଏମଡବ୍ଲ୍ୟୁ (ଆରଇ ଆଣ୍ଡ ସିଏସ) ଆକ୍ଟ ୧୯୭୯ ଅନୁଯାୟୀ ପ୍ରବାସୀ ଶ୍ରମିକ ମାନଙ୍କୁ କାମ କରାଇବା ନିମନ୍ତେ କୌଣସି ବୈଧ୍ୟ ଲାଇସେନ୍ସ ଆପଣଙ୍କର ନାହିଁ। ଏଥିସହିତ ଲାଇସେନ୍ସ ନଥିବାରୁ ସେକ୍ସନ ୮(୧) ରୁଲ ୭, ବିସ୍ଥାପନ ଭତା ପ୍ରଦାନ ସେକ୍ସନ ୧୪, ଯାତ୍ରା ଭତା ପ୍ରଦାନ ସେକ୍ସନ ୧୫, ରୁଲ ୨୨, ମଜୁରୀ ପ୍ରଦାନ ସେକ୍ସନ ୧୭ ରୁଲ ୨୮, ରେଜିଷ୍ଟର ରକ୍ଷଣା ବେକ୍ଷଣରେ ବିଫଳତା, ଓଭରଟାଇମ ଓ ଦେୟ ରେଜିଷ୍ଟର ସେକ୍ସନ ୨୩ ରୁଲ ୫୨, ଆଇନର ସାରାଂଶ ପ୍ରଦର୍ଶନ ନୋଟିସ ସେକ୍ସନ ୨୩ ରୁଲ ୫୪, ୫୫, ମିଳିତ ବାର୍ଷିକ ରିଟର୍ଣ୍ଣ ଦାଖଲ ନିୟମ ୫୫୧ର ଉଲଂଘନ କରିଥିବାରୁ ମଣିଷ ସର୍ଦ୍ଦାର ସନ୍ତୋଷ ଭଞ୍ଜଙ୍କୁ ଜିଲ୍ଲା ଶ୍ରମ ଅଧିକାରୀ କାରଣ ଦର୍ଶାଅ ନୋଟସ ଜାରି କରିଛନ୍ତି। ଆଇନ ଓ ବ୍ୟବସ୍ଥାର ଉଲଂଘନ କରିଥିବାରୁ କାହିଁକି ଆଇନଗତ କାର୍ଯ୍ୟାନୁଷ୍ଠାନ ଗ୍ରହଣ କରାନଯିବ, ସେ ନେଇ ଉତର ଦେବାକୁ ଚିଠିରେ ଉଲ୍ଲେଖ କରାଯାଇଛି।

# କାୟାକଳ୍ପ ଟିମ୍‌ର ମାର୍ଶାଘାଇ ଗୋଷ୍ଠୀ ସ୍ୱାସ୍ଥ୍ୟ କେନ୍ଦ୍ର ପରିଦର୍ଶନ



**ମାର୍ଶାଘାଇ, ୧୮।୧ (ସଂଚାର ବ୍ୟୁରୋ) :** ଶନିବାର ଦିନ କେନ୍ଦ୍ରାପଡ଼ା ଜିଲ୍ଲା ମାର୍ଶାଘାଇ ଗୋଷ୍ଠୀ ସ୍ୱାସ୍ଥ୍ୟ କେନ୍ଦ୍ରକୁ କାୟା କଳ୍ପ ର ଏକ ପ୍ରତିନିଧି ଦଳ ପରିଦର୍ଶନରେ ଆସିଥିଲେ। ସ୍ୱାସ୍ଥ୍ୟ କେନ୍ଦ୍ର ର ପରିଚାଳନା,ଡାକ୍ତର ମାନଙ୍କ ଉପସ୍ଥିତି, ନିରାମୟ କେନ୍ଦ୍ର,ବଗିଚା ଓ ବିଶେଷକରି ପରିଷ୍କାର ପରିଚ୍ଛନ୍ନତା ସମ୍ପର୍କରେ ସ୍ଥିତି ଅନୁଧ୍ୟାନ କରିଥିଲେ। ଚାରି ଜଣ ଡାକ୍ତରଙ୍କୁ ଏବେ ଗୋଷ୍ଠୀ ସ୍ୱାସ୍ଥ୍ୟ କେନ୍ଦ୍ର ରେ ନିୟୋଜିତ ଅଛନ୍ତି। ଯାହା ସମ୍ପର୍କରେ ସବିଶେଷ ସୂଚନା ବୁଝିଥିଲେ।

ଗୋଷ୍ଠୀ ସ୍ୱାସ୍ଥ୍ୟ କେନ୍ଦ୍ର ର ପରିଚାଳନା ପାଇଁ ଯେଉଁ ଠିକା ସଂସ୍ଥା କାମ ନେଇଛି ସେ ବୟସାଧିକ ବ୍ୟକ୍ତିଙ୍କୁ କାମରେ ନିୟୋଜିତ କରିଛି। ଯାହା ଗୋଷ୍ଠୀ ସ୍ୱାସ୍ଥ୍ୟ କେନ୍ଦ୍ରର ପରିଚାଳନାରେ ବ୍ୟାଘାତ ପହଞ୍ଚାଇବ। ମେଡିକାଲ୍ ଝରକା ରେ ମଶା ଜାଲି ଲଗାଇବା, ଏୟାର ପ୍ୟୁରିଫାଆର ସ୍ଥାପନ ପାଇଁ ପ୍ରସ୍ତାବ ଦେଇଛନ୍ତି। ସେହିପରି ଭିତର ଗାର୍ଡେନ ର ବୃଦ୍ଧି ଓ ସୌନ୍ଦର୍ଯ୍ୟକରଣ ପାଇଁ ମଧ୍ୟ ନିର୍ଦ୍ଦେଶ ଦେଇଥିବା ଜଣାଯାଇଛି। ଏହି ପରିଦର୍ଶନକାରୀ ଦଳରେ ଡଃ ସୁଭାଶିଷ ମହାନ୍ତି ଜେ.ଡି.(ଭିବିଡି),କନୋସଲଟାଣ୍ଟ ପିଟି ସେଲ୍ ମିଷ୍ଟର ପ୍ରାଣ ଗୋପାଳ ଦାସ, ପଶ୍ଚିମବଙ୍ଗର ଷ୍ଟେଟ କୋଡିନେଟର, ଦିବ୍ୟଜ୍ୟୋତି ମହାପାତ୍ର ଉପସ୍ଥିତ ଥିଲେ। ଏହି ସମସ୍ତ କାର୍ଯ୍ୟକ୍ରମକୁ ମାର୍ଶାଘାଇ ଗୋଷ୍ଠୀ ସ୍ୱାସ୍ଥ୍ୟ କେନ୍ଦ୍ରର ମେଡିକାଲ୍ ଅଫିସର ଡଃ ଅମିତ କୁମାର ବେହେରା ପରିଚାଳନା କରିଥିଲେ।

# ସୁସ୍ଥ ସୁନ୍ଦର ଗ୍ରାମପଞ୍ଚାୟତ ପାଇଁ ତାଲିମ ଶିବିର

**ମହାକାଳପଡା, ୧୮।୧ (ସଂଚାର ବ୍ୟୁରୋ) :** ତିନିଦିନ ଧରି ଜାରି ରହିଥିବା ତାଲିମ ଶିବିର ଆଜି ଉଦଯାପିତ ହୋଇଯାଇଛି। ସିଆରପି,ଏମବିକେ,ଜିଆରଏସ୍,ଏଡିଓ ମାନଙ୍କୁ ନେଇ ମହାକାଳପଡ଼ା ବ୍ଲକ ପରିସରରେ ସୁସ୍ଥ ସୁନ୍ଦର ଗ୍ରାମପଞ୍ଚାୟତ ପାଇଁ ତାଲିମ ଶିବିର ଅନୁଷ୍ଠିତ ହୋଇଥିଲା। ଆଜି ଶେଷ ଦିନରେ ମୁଖ୍ୟ ଅତିଥି ଭାବରେ ମହାକାଳପଡ଼ାର ଭାରା ପ୍ରାପ୍ତ ବିଡ଼ିଓ ଶିବପ୍ରସାଦ ମଲ୍ଲିକ ଉପସ୍ଥିତ ରହି ତାଲିମରେ ଭାଗନେଇଥିବା ସମସ୍ତ ଅଂଶଗ୍ରହଣକାରୀ ଙ୍କୁ ଧନ୍ୟବାଦ ଜଣାଇବା ସହିତ ସୁସ୍ଥ ସୁନ୍ଦର ଗ୍ରାମପଞ୍ଚାୟତ ଗଠନ ଦିଗରେ ପ୍ରେରଣା ଦେଇଥିଲେ। ଏହି ତାଲିମ କାର୍ଯ୍ୟକ୍ରମ କୁ ଗ୍ରାମପଞ୍ଚାୟତ ଡେଭଲପମେଣ୍ଟ ଅଫିସର ଇତିଶ୍ରୀ ପଣ୍ଡା ପରିଚାଳନା କରିଥିବା ବେଳେ ତାଲିମ ଦାତା ଭାବରେ ବିରଞ୍ଚିନାରାୟଣ ସ୍ୱାଇଁ, ଜଗବନ୍ଧୁ ରାଉତ ତିନିଦିନ ଧରି ତାଲିମ ପ୍ରଦାନ କରିଥିଲେ।



# ଅରୁଣ ସ୍କୁଲ ଅଫ୍ ନର୍ସିଂରେ ଛାତ୍ରଛାତ୍ରୀଙ୍କୁ ବିଦାୟକାଳୀନ ସମ୍ବର୍ଦ୍ଧନା



**ମହାକାଳପଡ଼ା, ୧୮।୧ (ସଂଚାର ବ୍ୟୁରୋ) :** ମହାକାଳପଡ଼ା ବ୍ଲକ ରାମନଗର ପଞ୍ଚାୟତ ରେ ଥିବା ଏକମାତ୍ର ଅରୁଣ ସ୍କୁଲ ଅଫ୍ ନର୍ସିଂ ର ତୃତୀୟ ବର୍ଷ ଛାତ୍ରଛାତ୍ରୀ ମାନଙ୍କୁ ଶୁକ୍ରବାର ଦିନ ବିଦାୟକାଳୀନ ସମ୍ବର୍ଦ୍ଧନା ଦିଆଯାଇଛି। ପ୍ରଥମ ବର୍ଷ ଓ ଦ୍ୱିତୀୟ ବର୍ଷର ଛାତ୍ର ଛାତ୍ରୀ ମାନେ ତୃତୀୟ ବର୍ଷର ଛାତ୍ର ଛାତ୍ରୀ ମାନଙ୍କୁ ବିଦାୟ କାଳୀନ ସମ୍ବର୍ଦ୍ଧନା ଦେଇଛନ୍ତି। ଏହି କାର୍ଯ୍ୟକ୍ରମରେ ନାଚ ଗିତ,ଅଭିନୟ ସହିତ ସାଂସ୍କୃତିକ କାର୍ଯ୍ୟକ୍ରମମାନ ଅନୁଷ୍ଠିତ ହୋଇଥିଲା। ତୃତୀୟ ବର୍ଷ ର ଛାତ୍ରଛାତ୍ରୀ ମାନଙ୍କୁ ପ୍ରଥମ ବର୍ଷ ଓ ଦ୍ୱିତୀୟ ବର୍ଷର ଛାତ୍ର ଛାତ୍ରୀ ଜଗନ୍ନାଥ ମହାପ୍ରଭୁଙ୍କ ଫଟୋଚିତ୍ର ଉପହାର ଆକାରରେ ପ୍ରଦାନ କରିଥିଲେ।

ଏହି କାର୍ଯ୍ୟକ୍ରମରେ ମୁଖ୍ୟ ଅତିଥି ଭାବରେ ସଦାନନ୍ଦ ଦାସ, ସହକାରୀ ଅତିଥି ପୁଲକେଶ ଭୂୟାଁ , ନାରାୟଣ ସରକାର ଉପସ୍ଥିତ ରହି ଛାତ୍ର ଛାତ୍ରୀ ମାନଙ୍କୁ ଅଭିଭାଷଣ ମାଧ୍ୟମରେ ଉତ୍ସାହିତ କରିଥିଲେ। ଆଗକୁ କିପରି ସେବା କାର୍ଯ୍ୟକ୍ରମ କରି ଜୀବନର ମୁଖ୍ୟ ଉଦ୍ଦେଶ୍ୟକୁ ସଫଳ କରିବେ ସେଥିପାଇଁ ପରାମର୍ଶ ଦେଇଥିଲେ। ସ୍ମୃତିପ୍ରଭା ଚୌଧୁରୀ, ମନସ୍ୱିନୀ ମହନ୍ତ, ଅଙ୍କିତା ସେନାପତି, ସୁଜିତ ପ୍ରଧାନି ଆଦି ଛାତ୍ରଛାତ୍ରୀ ଉପସ୍ଥିତ ରହି ଏହି କାର୍ଯ୍ୟକ୍ରମରେ ସହଯୋଗ କରିଥିଲେ।



# ନୂତନ ପୌର ନିର୍ବାହୀ ଅଧିକାରୀଙ୍କ ଯୋଗଦାନ

**କେନ୍ଦ୍ରାପଡ଼ା, ୧୮।୧ (ସଂଚାର ବ୍ୟୁରୋ) :** ସର୍ବ ପୁରାତନ କେନ୍ଦ୍ରାପଡା ପୌରସଂସ୍ଥାର ନିର୍ବାହୀ ଅଧିକାରୀ ଭାବେ ଅଜିତ ନାରାୟଣ ପ୍ରସାଦ ଗିରି କାର୍ଯ୍ୟରେ ଯୋଗଦାନ କରିଛନ୍ତି। ଶ୍ରୀ ଗିରି ଜିଲ୍ଲପାଳ ସ୍ମୃତି ରଞ୍ଜନ ପ୍ରଧାନଙ୍କୁ ସାକ୍ଷାତ କରିବା ସହ ନିଯୁକ୍ତି ପତ୍ର ପ୍ରଦାନ କରିଥିଲେ । ପୌରସଂସ୍ଥା ରେ ପୌର ଅଧ୍ୟକ୍ଷା ସରିତା ସାହୁ, ଉପାଧ୍ୟକ୍ଷା ଆକବରୀ ଖାତୁନ ଓ ଅନ୍ୟ କାଉନସିଲର ମାନେ ଶ୍ରୀ ଗିରିଙ୍କୁ ସ୍ୱାଗତ କରିବା ସହ ପୂର୍ବତନ ପୌର ଅଧିକାରୀ ଆଶୁତୋଷ ଗୌରବ କରଙ୍କୁ ବିଦାୟ କାଳୀନ ସମ୍ବର୍ଦ୍ଧନା ଦେଇଥିଲେ। ଶ୍ରୀ କର କେନ୍ଦ୍ରାପଡାରୁ ଜି. ଉଦୟଗିରି ଏନ.ଏ.ସି ର ନିର୍ବାହୀ ଅଧିକାରୀ ଭାବେ ସ୍ଥାନାନ୍ତରିତ ହୋଇଛନ୍ତି। ଶ୍ରୀ ଗିରି ପୂର୍ବରୁ ପଟ୍ଟାମୁଣ୍ଡାଇ ପୌର ଅଧିକାରୀ ସହିତ ରାଜନଗର ବିଡିଓ ଭାବେ ଦାୟିତ୍ୱ ନିର୍ବାହ କରୁଥିଲେ ।

**ଜିଲ୍ଲାସ୍ତରୀୟ ପକ୍ଷୋଟ ମକର ମହୋତ୍ସବ ଷଷ୍ଠ ସନ୍ଧ୍ୟା**

# କଳାକାରଙ୍କ ଅଭିନୟ ଏବଂ ଗୀତରେ ଝୁମିଲେ ଦର୍ଶକ

**ମାର୍ଶାଘାଇ, ୧୮।୧ (ସଂଚାର ବ୍ୟୁରୋ) :** ମାର୍ଶାଘାଇ ବ୍ଲକ ଲୁଣା କରାଣ୍ଡିଆ ତ୍ରିକୋଣଭୂମି ଅଞ୍ଚଳ ଜଳପୋକ ପଞ୍ଚାୟତର ପକ୍ଷୋଟ ପଡିଆରେ ଆୟୋଜିତ ଦଶମ ବାର୍ଷିକ ଜିଲ୍ଲାସ୍ତରୀୟ ମକର ମହୋତ୍ସବ ର ଷଷ୍ଠ ସନ୍ଧ୍ୟାରେ ପ୍ରସିଦ୍ଧ କଳାକାର ମାନଙ୍କ ଗହଣରେ ଝୁମି ଥିଲେ ହଜାର ହଜାର ଦର୍ଶକ । ଓଡ଼ିଆ ସିନେ ଅଭିନେତ୍ରୀ ଶିବାନୀ ଙ୍କ ଅଭିନୟ ଏବଂ ନୃତ୍ୟରେ ଝୁମିଥିଲା ମଞ୍ଚ । ପ୍ରସିଦ୍ଧ ଡାନ୍ସ ଗ୍ରୁପ 'ଆର୍ଯ୍ୟନ କ୍ରିଏଟିଭ'ର କୋରିଓଗ୍ରାଫର ରତିକାନ୍ତ ଓ କଳାକାରଙ୍କ ନୃତ୍ୟ ର ତାଳେ ତାଳେ ନାଚିଥିଲେ ଦର୍ଶକ । ଭଏସ ଅଫ ଓଡିଶା ଫେମ ସିଙ୍ଗର କାଜୋଲ, ପ୍ଲେବ୍ୟାକ ସିଙ୍ଗର ପ୍ରଦୀପ ପଲାଇଙ୍କ କଣ୍ଠରେ 'ମୋନାଲିସା', 'ବାଳିକା ବଧୂ' ଭଳି ସୁମଧୁର ସଂଗୀତ ସ୍ରୋତା ମାନଙ୍କ ମନକୁ ଛୁଇଁଥିଲା । ସାର୍ଥକ ଚାନେଲର ଆଙ୍କର 'ମଧୁ'ଙ୍କ ଉପସ୍ଥାପନା ଖୁବ ଆକର୍ଷଣୀୟ ହୋଇଥିଲା ।



ବାଲେଶ୍ୱର ଜିଲ୍ଲାପରିଷଦର ପୂର୍ବତନ ଚେୟାରମ୍ୟାନ ସନ୍ତୋଷ ଶତପଥୀ ମୁଖ୍ୟଅତିଥି ଭାବେ ଯୋଗଦେଇ ସାଂସ୍କୃତିକ କାର୍ଯ୍ୟକ୍ରମକୁ ଉଦଘାଟନ କରିଥିଲେ। ମହୋତ୍ସବ କମିଟି ସଭାପତି ମୃତ୍ୟୁଞ୍ଜୟ ମହାନ୍ତି ସଭାପତିତ୍ୱ କରିଥିବା ବେଳେ ପ୍ରାକ୍ତନ ପ୍ରଧାନ ଶିକ୍ଷକ ନୃସିଂହ ଚରଣ ସ୍ୱାଇଁ, କରିଲୋପାଟଣା ମହାବିଦ୍ୟାଳୟର ପ୍ରାକ୍ତନ ଅଧ୍ୟକ୍ଷ ଅରକ୍ଷିତ ସାମନ୍ତରାୟ, ବେଣୁଧର ମହାନ୍ତି,ପ୍ରମୁଖ ଅତିଥି ଭାବେ ମଞ୍ଚାସୀନ ଥିଲେ । ମହୋତ୍ସବ କମିଟି ସମ୍ପାଦକ ଅମରେନ୍ଦ୍ର ରାଉତ ଧନ୍ୟବାଦ ପ୍ରଦାନ କରିଥିଲେ। ରିଲିଜ ଅପେକ୍ଷାରେ ଓଡ଼ିଆ ଫିଲ୍ମ 'ଭାଇ'ର କଳାକାର ମଞ୍ଚରେ ନିଜ ଫିଲ୍ମ ଡାଏଲଗ ଓ ନୃତ୍ୟ ସଂଗୀତ ପରିବେଷଣ କରିଥିଲେ । ମହୋତ୍ସବ ପଡିଆରେ ପସରା ମେଲିଥିବା ଶତାଧିକ ଷ୍ଟଲରେ ଚଟପଟି ଖାଦ୍ୟ ସାଙ୍ଗକୁ ଇମିଟେସନ ଓ ଘରକରଣା ସାମଗ୍ରୀ କିଣାକିଣିରେ ମହିଳା ମାନଙ୍କର ଭିଡ଼ ଲାଗିରହିଥିଲା ।




# ଜିଏସ୍‌ଟି ସର୍ବକ୍ଷମା ଯୋଜନାର କର୍ମଶାଳା

**କେନ୍ଦ୍ରାପଡ଼ା, ୧୮।୧ (ସଂଚାର ବ୍ୟୁରୋ) :** କେନ୍ଦ୍ରାପଡା ଯମଧର ସ୍ଥିତ ନିୟନ୍ତ୍ରିତ ବଜାର କମିଟି ସଭାଗୃହରେ ଜି.ଏସ.ଟି.ସର୍ବକ୍ଷମା ଯୋଜନାର ଏକ ସଚେତନତା କର୍ମଶାଳା ଶନିବାର ଦିନ ଅନୁଷ୍ଠିତ ହୋଇଯାଇଛି । କର୍ମଶାଳାରେ ଜି.ଏସ୍‌ଟି ବିଭାଗର ଅତିରିକ୍ତ ଆୟୁକ୍ତ ମୁକ୍ତି ରଞ୍ଜନ ଆଚାର୍ଯ୍ୟ, ଯୁଗ୍ମ ଆୟୁକ୍ତ ରମେଶ କୁମାର ମଣ୍ଡଳ ଓ ଉପ ଆୟୁକ୍ତ ଅମରେନ୍ଦ୍ର ପ୍ରସାଦ ମହାଳିକ ପ୍ରମୁଖ ଉପସ୍ଥିତ ରହି ଏହି ସର୍ବକ୍ଷମା ଯୋଜନାର ଆଭିମୁଖ୍ୟ ଉପସ୍ଥାପନ କରିଥିଲେ। ୨୦୧୭-୧୮, ୨୦୧୮-୧୯ ଏବଂ ୨୦୧୯-୨୦ ଆର୍ଥିକ ବର୍ଷ ନିମନ୍ତେ ଜିଏସଟି ନିୟମ ଧାରା ୭୩ ଅନୁଯାୟୀ ନିର୍ଦ୍ଧାରିତ ଟିକସ ପରିମାଣକୁ ଦାଖଲ କଲେ ତା ଉପରେ ନିର୍ଦ୍ଧାରଣ କରାଯାଇଥିବା ସୁଧ ଏବଂ ଜୋରିମାନା ପରିମାଣ ସମ୍ପୂର୍ଣ୍ଣ ଛାଡ ହୋଇଯିବ ବୋଲି ଅଧିକାରୀଗଣ ମତବ୍ୟକ୍ତ କରିଥିଲେ । ଏହି କର୍ମଶାଳାରେ ୧୦୦ ରୁ ଉର୍ଦ୍ଧ ଆଇନଜୀବୀ ଏବଂ ବ୍ୟବସାୟୀ ଉପସ୍ଥିତ ରହି ଆଲୋଚନା ରେ ସକ୍ରିୟ ଅଂଶ ଗ୍ରହଣ କରିଥିଲେ ।

# ତାଲୁକ ଆଇନ ସେବା ସମିତିର ସଚେତନତା ଶିବିର

**ପଟ୍ଟାମୁଣ୍ଡାଇ, ୧୮।୧ (ସଂଚାର ବ୍ୟୁରୋ) :** ପଟ୍ଟାମୁଣ୍ଡାଇ ତାଲୁକ ଆଇନ ସେବା ସମିତି ପକ୍ଷରୁ ପୋକ୍ସୋ ଆକ୍ଟ ସମ୍ପର୍କରେ ଆଇନଗତ ସଚେତନତା ସୃଷ୍ଟି କରିବା ପାଇଁ ଏକ ସଚେତନତା ଶିବିର ପଟ୍ଟାମୁଣ୍ଡାଇ କଲେଜରେ ଅନୁଷ୍ଠିତ ହୋଇଯାଇଛି ।




ପଟ୍ଟାମୁଣ୍ଡାଇ କୋର୍ଟର ନୂତନ ଅତିରିକ୍ତ ଜିଲ୍ଲା ଜଜ (ଏଡ଼ିଜେ) ବିଦ୍ୟାଧର ପୃଷ୍ଟିଙ୍କ ପୌରହିତ୍ୟ ଓ ସିନିୟର୍ ସିଭିଲ୍ ଜଜ୍ ତଥା ତାଲୁକ୍ ଆଇନ ସେବା ସମିତିର ଅଧ୍ୟକ୍ଷା ସୁଶ୍ରୀସଙ୍ଗୀତା ମଲ୍ଲିକଙ୍କ ସଂଯୋଜନାରେ ଆୟୋଜିତ ସଚେତନତା ଶିବିରରେ ପଟ୍ଟାମୁଣ୍ଡାଇ ସିଭିଲ କୋର୍ଟ ବିଚାରପତି ତଥା ଜେ.ଏମ.ଏଫ.ସି. ଡ଼ି. କେ. ବାଲକ୍ରିଷନ, ପଟ୍ଟାମୁଣ୍ଡାଇ ଓକିଲ ସଂଘ ସଭାପତି ତପନ ମିଶ୍ର, ଉପସଭାପତି ସୁରେଶ କୁମାର ନରେନ୍ଦ୍ର ସମ୍ପାଦକ ରବୀନ୍ଦ୍ର ଦାଶ, ପଟ୍ଟାମୁଣ୍ଡାଇ କଲେଜ ଅଧ୍ୟକ୍ଷ ପ୍ରଫେସର ଦିଲ୍ଲୀପ କୁମାର ଭୂୟାଁ, ଆଇନଜୀବି ତ୍ରୈଲୋକ୍ୟ ସ୍ୱାଇଁ ପ୍ରମୁଖ ଯୋଗ ଦେଇ ପୋକ୍ସୋ ଆକ୍ଟର ବିଭିନ୍ନ ଦିଗ ଉପରେ ଆଲୋକପାତ କରିଥିଲେ। ଏଥି ପାଇଁ ପଟ୍ଟାମୁଣ୍ଡାଇ କଲେଜରେ କମିଟି ଗଠନ ହୋଇଥିବାବେଳେ ପ୍ରତ୍ୟେକ ସରକାରୀ ଓ ବେସରକାରୀ ସଂସ୍ଥା,ସ୍କୁଲ, କଲେଜ ଜିଲ୍ଲା ଓ ବ୍ଲକ ଶିକ୍ଷା କାର୍ଯ୍ୟାଳୟ ତହସିଲ, ବ୍ଲକ ଅଫିସ, ବ୍ୟାଙ୍କ ସବୁଠାରେ ମାନ୍ୟବର ସୁପ୍ରିମ କୋର୍ଟଙ୍କ ନିର୍ଦ୍ଦେଶ ଦ୍ୱାରା ଇଣ୍ଟରନାଲ କମ୍ପ୍ଲେନ କମିଟି ଗଠନ କରାଯାଇ ମହିଳା ମାନଙ୍କୁ ସୁରକ୍ଷା ଯୋଗାଇ ଦିଆଯାଇପାରିବ ବୋଲି ପ୍ରକାଶ କରିବା ସହିତ କମିଟି ଗଠନ ବାଧ୍ୟତାମୂଳକ ହୋଇଥିବାରୁ ଯେଉଁ ସଂସ୍ଥା ଆନ୍ତଃଜ୍ୟାର୍ତିୟ ଅଭିଯୋଗ କମିଟି ଗଠନ ନ କରିବେ ୫୦ ହଜାର ଟଙ୍କାରୁ ୧ ଲକ୍ଷ ଟଙ୍କା ପର୍ଯ୍ୟନ୍ତ ଜୋରିମାନା ଦେବେ ବୋଲି ପ୍ରକାଶ କରିଥିଲେ । ଏହି ସଚେତନତା ଶିବିରରେ ପଟ୍ଟାମୁଣ୍ଡାଇ କଲେଜର ସମସ୍ତ ଅଧ୍ୟାପକ ଅଧ୍ୟାପିକା, ଛାତ୍ରଛାତ୍ରୀ, ଏନ ସି ସି କାଡେଟ ଓ କର୍ମକର୍ତ୍ତା,ଲିଗାଲ ଏଡ଼ର ଅପର୍ଣ୍ଣା ସାମଲ, ମୋହନ ଦାଶ, ସମସ୍ତ ପି ଏଲ ଭି ସଭ୍ୟ ଓ ସଭ୍ୟା ଆଦି ଯୋଗ ଦେଇଥିଲେ ।ପଟ୍ଟାମୁଣ୍ଡାଇ ତାଲୁକ ଆଇନ ସେବା ସମିତି ଫ୍ରଣ୍ଟ ଅଫିସ ରିଟେନର ଧୀରେନ୍ଦ୍ରନାଥ ସାହୁ ଧନ୍ୟବାଦ ଦେଇଥିଲେ ।

**ରାଜ୍ୟସ୍ତରୀୟ ୪୩ତମ ଚଞ୍ଚଳା ଟ୍ରଫି**

# ପ୍ରଦର୍ଶନୀ ମ୍ୟାଚ୍‌ରେ କିଟ୍ ଓମେନ୍ସ ବିଜୟୀ

**ରାଜନଗର, ୧୮।୧ (ସଂଚାର ବ୍ୟୁରୋ) :** ରାଜନଗର ବ୍ଲକ ବଡପଲ୍ଲୀ ଚଞ୍ଚଳା ମିନି ଷ୍ଟାଡିୟମରେ ଚାଲିଥିବା ରାଜ୍ୟସ୍ତରୀୟ ୪୩ତମ ଚଞ୍ଚଳାଟ୍ରଫି କ୍ରିକେଟ ଟୁର୍ଣ୍ଣାମେଣ୍ଟର ଆଜି ମହିଳା ପ୍ରଦର୍ଶନୀ ମ୍ୟାଚ ଅନୁଷ୍ଠିତ ହୋଇଯାଇଛି। ଏହି ପ୍ରଦର୍ଶନୀ ମ୍ୟାଚ କିଟ ଓମେନ୍ସ ଟିମ ସହିତ ଖୋର୍ଦ୍ଧା ଓମେନ୍ସ ଟିମ ମଧ୍ୟରେ ମୁକାବିଲା ହୋଇଥିଲା।

ପ୍ରଥମେ ଟସ୍ ଜିତି କିଟ ଓମେନ୍ସ ଟିମ ନିର୍ଦ୍ଧାରିତ ୨୦ ଓଭରରେ ୫ ଉଇକେଟ ହରାଇ ୧୪୮ ରନ ସଂଗ୍ରହ କରିଥିଲା। ଦଳର ରାଣୀ ଟୁଡୁ ୫୨ ବଲରୁ ୯ଟି ଚୌକା ସହାୟତାରେ ୬୨ରନ, ଲକ୍ଷ୍ମୀପ୍ରିୟା ନାୟକ ୪୪ବଲରୁ ୪ ଚୌକା ସହାୟତାରେ ୪୧ ରନ କରିଥିଲେ। ୧୪୯ରନର ବିଜୟଲକ୍ଷ୍ୟ ନେଇ ପଡ଼ିଆକୁ ଓହ୍ଲାଇଥିବା ଖୋର୍ଦ୍ଧା ଓମେନ୍ସ ଟିମ ନର୍ଦ୍ଧାରିତ ୨୦ ଓଭରରେ ୪ ଉଇକେଟ ହରାଇ ୧୧୪ରନ କରି ପରାଜିତ ହୋଇଥିଲେ। ଦଳର ଅନନ୍ୟା ମିଶ୍ର ୨୭ ବଲରେ ୪ ଚଉକା, ୧ ଛକା ବିନିମୟରେ ୨୭ରନ, ସୁଜାତା ସାହୁ ୩୯ ବଲରେ ୫ ଚଉକା, ଗୋଟିଏ ଛକା ବିନିମୟରେ ୩୯ରନ କରିଥିଲେ। କିଟ ଓମେନ୍ସ ଟିମର ରାଣୀ ଟୁଡୁ ୫୨ ବଲରୁ ୬୨ ବଲ କରିଥିବାରୁ ତାଙ୍କୁ ମ୍ୟାନ ଅଫ ଦି ମ୍ୟାଚ ଟ୍ରଫି ପ୍ରଦାନ କରାଯାଇଥିଲା।

ପୁରସ୍କାର ବିତରଣୀ ବିତରଣ ଉତ୍ସବରେ ଅତିଥି ଭାବରେ ସଂସାରଫଳ ପଞ୍ଚାୟତର ପୂର୍ବତନ ସରପଞ୍ଚ ମିନତୀ ପାତ୍ର, ଅଧ୍ୟାପିକା ତନୁଶ୍ରୀ ମିଶ୍ର, ଅବସରପ୍ରାପ୍ତ ଶିକ୍ଷକ ସୁରେନ୍ଦ୍ର ବଳ, ସମାଜସେବୀ କୈଳାସ ମହାନ୍ତି ପ୍ରମୁଖ ଯୋଗଦେଇ ମ୍ୟାନ ଅଫ ଦି ମ୍ୟାଚ ଟ୍ରଫି ପ୍ରଦାନ କରିଥିଲେ। ଏହି ଟୁର୍ଣ୍ଣାମେଣ୍ଟକୁ ପଲ୍ଲୀଶ୍ରୀ ଯୁବକ ସଂଘର ତପନ କୁମାର ପରିଡ଼ା, ଅଭିମନ୍ୟୁ ପ୍ରତିହାରୀ, ବଂଶୀଧର ସ୍ୱାଇଁ, ନିରୋଦ ବଳ ପ୍ରମୁଖ ପରିଚାଳନା କରିଥିଲେ।






# ଏସ୍‌ବିଆଇର ନୂତନ ଶାଖା ଇନ୍ଦୁପୁରଠାରେ ଉଦ୍‌ଘାଟିତ

**କେନ୍ଦ୍ରାପଡା, ୧୮।୧ (ସଂଚାର ବ୍ୟୁରୋ) :** କେନ୍ଦ୍ରାପଡା ବ୍ଲକ ଅଧିନ ଇନ୍ଦୁପୁର ବଜାରରେ ଏସ୍.ବି.ଆଇ ର ନୂତନ ଶାଖା ଉଦ୍‌ଘାଟିତ ହୋଇଯାଇଛି। ଭୁବନେଶ୍ୱର ସର୍କଲର ମୁଖ୍ୟ ସାଧାରଣ ପରିଚାଳକ ଦିନେଶ ପୃଥ୍ୱୀ ମୁଖ୍ୟ ଅତିଥି ଭାବେ ଯୋଗ ଦେଇ ଏହାକୁ ଉଦ୍‌ଘାଟନ କରିଥିଲେ । ବାଲେଶ୍ୱର ଜୋନାଲ ଅଫିସ ର ଡେପୁଟି ଜେନେରାଲ ମ୍ୟାନେଜର ଶୈଳେଶ କୁମାର ସିଂହ୍ନା, ପାରାଦ୍ୱୀପ ଶାଖାର ଆଂଚଳିକ ପରିଚାଳକ ଦେବାଶିଷ ରଥ, ଇନ୍ଦୁପୁର ଶାଖାର ପରିଚାଳକ ସଂଜୟ କୁମାର ନାୟକ, ଏଲଡିଏମ ମନୋଜ ପ୍ରଧାନୀ, ଭୁବନେଶ୍ୱରର ଜିତେନ୍ଦ୍ର ନାୟକ, ସଭାପତି ସୌରଭ ରଞ୍ଜନ ଦାସ, ଅମିତାଭ ଦାସ, ବହୁ ବ୍ୟାଙ୍କ ଅଧିକାରୀ, ସରପଂଚ ଓ ଜନ ସାଧାରଣ ଉପସ୍ଥିତ ଥିଲେ ।



## ମହିଳା ସଶକ୍ତିକରଣରେ ସହାୟକ ହେବ ସ୍ୱାମୀତ୍ୱ ଯୋଜନା

**ଭୁବନେଶ୍ୱର,୧୮।୧ (ସଂଚାର ବ୍ୟୁରୋ):** ଆଜି ପ୍ରଧାନମନ୍ତ୍ରୀ ନରେନ୍ଦ୍ର ମୋଦୀଙ୍କ କରକମଳରେ ସ୍ୱାମୀତ୍ୱ ଯୋଜନା ଅଧିନରେ ଦେଶର ୫୦,୦୦୦ରୁ ଅଧିକ ଗ୍ରାମର ମୋଟ ୬୫ ଲକ୍ଷରୁ ଉର୍ଦ୍ଧ୍ୱ ପରିବାରକୁ ସମ୍ପତ୍ତି କାର୍ଡର ଇ-ବିତରଣ କରାଯାଇଛି। ଏହି ପ୍ରମାଣପତ୍ର କାର୍ଡ ଦ୍ୱାରା ଜନବସତି ସମ୍ପତ୍ତିର ମାଲିକାନାରେ ସ୍ୱଚ୍ଛତା ଆସିବ, ଜମିର ଆଇନଗତ ମାଲିକାନା ମଧ୍ୟ ସ୍ପଷ୍ଟ ହେବ। ଏହି ଯୋଜନା ସମ୍ପତ୍ତି ମାଲିକମାନଙ୍କୁ ସଶକ୍ତ କରିବା ସହ ଗ୍ରାମୀଣ ଭାରତରେ ଉନ୍ନତ ଭିତ୍ତିଭୂମି ଯୋଜନା, ଆର୍ଥିକ ସ୍ଥିରତା ଏବଂ ସ୍ଥାୟୀ ବିକାଶକୁ ତ୍ୱରାନ୍ୱିତ କରିବ। ଦାରିଦ୍ର୍ୟତା ହ୍ରାସ କରିବାରେ ସ୍ୱାମୀତ୍ୱ ଯୋଜନା ହେବ ସହାୟକ ହେବ ବୋଲି କହିଛନ୍ତି ଉପମୁଖ୍ୟମନ୍ତ୍ରୀ ଶ୍ରୀମତୀ ପରିଡ଼ା । ବିକଶିତ ଓଡ଼ିଶା ତଥା ବିକଶିତ ଭାରତର ଲକ୍ଷ୍ୟ ହାସିଲ କରିବା ଦିଗରେ ମହିଳାଙ୍କ ଭୂମିକା ଗୁରୁତ୍ୱପୂର୍ଣ୍ଣ । ଏହାକୁ ଦୃଷ୍ଟିରେ ରଖି କେନ୍ଦ୍ର ଏବଂ ରାଜ୍ୟ ସରକାର ସର୍ବଦା ସମସ୍ତ ଯୋଜନାର କେନ୍ଦ୍ରରେ ମା'ଓ ଭଉଣୀମାନଙ୍କୁ ରଖିଛନ୍ତି । ସ୍ୱାମୀତ୍ୱ ଯୋଜନା ଗ୍ରାମୀଣ ସମୁଦାୟ ବିକାଶକୁ ପ୍ରୋତ୍ସାହିତ କରି ଗ୍ରାମୀଣ ଭାରତରେ ଏକ ପରିବର୍ତ୍ତନମୂଳକ ପ୍ରଭାବ ପକାଇଛି।

# ଧାର୍ଯ୍ୟ ସମୟ ମଧ୍ୟରେ କାମ ସାରିବାକୁ ନିର୍ଦ୍ଦେଶ

## ଗ୍ରାମ୍ୟ ଉନ୍ନୟନ ବିଭାଗ ପ୍ରମୁଖ ସଚିବଙ୍କ ସମୀକ୍ଷା



**ଭୁବନେଶ୍ୱର,୧୮।୧(ସଂଚାର ବ୍ୟୁରୋ):** ଆଜି ଗ୍ରାମ୍ୟ ଉନ୍ନୟନ ବିଭାଗର ମାସିକ ସମୀକ୍ଷା ବୈଠକ ବିଭାଗୀୟ ପ୍ରମୁଖ ଶାସନ ସଚିବ ସଞ୍ଜୟ କୁମାର ସିଂହଙ୍କ ଅଧ୍ୟକ୍ଷତାରେ ଅନୁଷ୍ଠିତ ହୋଇଛି। ବିଭାଗ ସମ୍ମିଳନୀ କକ୍ଷରେ ଅନୁଷ୍ଠିତ ଏହି ବୈଠକରେ ଶ୍ରୀ ସିଂହ ରାଜ୍ୟର ସମସ୍ତ ୬୩ ଗ୍ରାମ୍ୟ ଉନ୍ନୟନ ବିଭାଜନର କାର୍ଯ୍ୟର ସମୀକ୍ଷା କରିଥିଲେ। ଏଥିରେ ସମସ୍ତ ବିଭାଜନର ବିଭାଗୀୟ ଅଧିକାରୀମାନେ ଆଭାସୀ ମାଧ୍ୟମରେ ସାମିଲ ହୋଇ ନିର୍ମାଣାଧିନ ଥିବା ସମସ୍ତ ପ୍ରକଳ୍ପର ସ୍ଥିତି ଓ ଅନ୍ୟାନ୍ୟ ଆନୁଷଙ୍ଗିକ ଦିଗ ବିଷୟରେ ଶାସନ ସଚିବଙ୍କୁ ଅବଗତ କରାଇଥିଲେ। ବୈଠକ ପ୍ରାରମ୍ଭରେ ଶ୍ରୀ ସିଂହ ରାଜ୍ୟର ଗ୍ରାମ୍ୟ ଉନ୍ନୟନ ବିଭାଗ ଅନ୍ତର୍ଗତ ସମସ୍ତ ବିଭାଜନର ପ୍ରକଳ୍ପର କାର୍ଯ୍ୟାନ୍ୱୟନ ସମୀକ୍ଷା କରିଥିଲେ। ଏହାଛଡ଼ା ପ୍ରଧାନମନ୍ତ୍ରୀ ଗ୍ରାମ ସଡ଼କ ଯୋଜନା, ମୁଖ୍ୟମନ୍ତ୍ରୀ ସଡ଼କ ଯୋଜନା, କୋଠାବାଡ଼ି, ଗ୍ରାମ୍ୟ ଉନ୍ନୟନ ବିଭାଗର ସମସ୍ତ ଯୋଜନା ଓ ମୁଖ୍ୟମନ୍ତ୍ରୀ ଅଭିଯୋଗ ଶୁଣାଣି ଦ୍ୱାରା ପ୍ରାପ୍ତ ଅଭିଯୋଗ ସମାଧାନ ସମ୍ପର୍କରେ ଆଲୋଚନା ହୋଇଥିଲା। ପ୍ରତ୍ୟେକ ସର୍କଲ ଓ ବିଭାଜନର ସମସ୍ତ ଯନ୍ତ୍ରୀଙ୍କୁ ଉପରୋକ୍ତ କାର୍ଯ୍ୟକ୍ରମର ଅଗ୍ରଗତି ଓ ବର୍ତ୍ତମାନର ସ୍ଥିତି ସମ୍ପର୍କରେ ଶ୍ରୀ ସିଂହ ପଚାରି ବୁଝିଥିଲେ। ପିଏମ୍-ଜନମନ ଯୋଜନା ଓ ସେତୁବନ୍ଧନ ଯୋଜନା ଅଧୀନରେ କାର୍ଯ୍ୟକାରୀ ହେଉଥିବା ସମସ୍ତ ପ୍ରକଳ୍ପର ବିସ୍ତୃତ ସମୀକ୍ଷା ହୋଇଥିଲା। ନିର୍ମାଣ ସହ ପ୍ରକଳ୍ପଗୁଡ଼ିକର ଆନୁଷଙ୍ଗିକ ରକ୍ଷଣାବେକ୍ଷଣ ବିଷୟରେ ମଧ୍ୟ ଆଲୋଚନା ହୋଇଥିଲା। ସେହିପରି ଯେଉଁ ପ୍ରକଳ୍ପଗୁଡିକ ପୂର୍ବ ଆର୍ଥିକ ବର୍ଷରୁ ନିର୍ମାଣାଧୀନ ରହିଛି, ସେସବୁ ସମାପ୍ତ କରିବା ନେଇ ଆଲୋଚନା ହୋଇଥିଲା। ପ୍ରତିଟି ପ୍ରକଳ୍ପ ପାଇଁ ତୃଣମୂଳ ସ୍ତରରୁ ନିର୍ଭୁଲ ନକ୍ସା ପ୍ରସ୍ତୁତି ଓ ସର୍ବେକ୍ଷଣ ସହ ନିର୍ମାଣ କାର୍ଯ୍ୟର ସାମଗ୍ରିକ ପ୍ରକ୍ରିୟା ଉପରେ ବିଶେଷ ଧ୍ୟାନ ଦେଇ ଅଟକଳ ପ୍ରସ୍ତୁତି କରିବା ପାଇଁ ସଚିବ ନିର୍ଦ୍ଦେଶ ଦେଇଥିଲେ। ଏହାସହ ସେ ପ୍ରତିଟି ନିର୍ମାଣ କାର୍ଯ୍ୟର ଉଚ୍ଚତର ମାନ ଓ ଗୁଣବତ୍ତାକୁ ସୁନିଶ୍ଚିତ କରି ଧାର୍ଯ୍ୟ ସମୟସୀମା ମଧ୍ୟରେ ପ୍ରକଳ୍ପ ସମାପନ ପାଇଁ ଯତ୍ନବାନ ହେବାକୁ କହିଥିଲେ। ଜଙ୍ଗଲ ପ୍ରତିବନ୍ଧକ ଦୂରୀକରଣ, ଜମି ଅଧିଗ୍ରହଣରେ ସମସ୍ୟା ରହିଥିବା ଓ ନକ୍ସଲ ପ୍ରଭାବିତ ଅଞ୍ଚଳର ନିର୍ମାଣ କାର୍ଯ୍ୟଗୁଡ଼ିକର ମଧ୍ୟ ସମୀକ୍ଷା କରିଥିଲେ ଶ୍ରୀ ସିଂହ। ଏହାଛଡ଼ା ପ୍ରଶାସନିକ ସଂସ୍କାର ଉପରେ ଗୁରୁତ୍ୱ ଦେଇ ଅବସର ନେଉଥିବା କର୍ମଚାରୀମାନଙ୍କୁ ଅବସର ଦିନ ହିଁ ସମ୍ପୂର୍ଣ୍ଣ ପେନସନ୍ ପ୍ରଦାନ ସୁନିଶ୍ଚିତ କରିବାକୁ ଶ୍ରୀ ସିଂହ ନିର୍ଦ୍ଦେଶ ଦେଇଥିଲେ। ଏଥିସହ ସେ ଅଭିଯୋଗ ଶୁଣାଣି ମାଧ୍ୟମରେ ପ୍ରାପ୍ତ ହେଉଥିବା ଅଭିଯୋଗଗୁଡ଼ିକର ଯଥାବିଧି ତ୍ୱରିତ ସମାଧାନ ଉପରେ ଧ୍ୟାନ ଦେବାକୁ କହିଥିଲେ। ବୈଠକରେ ଗ୍ରାମ୍ୟ ଉନ୍ନୟନ ବିଭାଗ ସ୍ୱତନ୍ତ୍ର ଶାସନ ସଚିବ ସର୍ବେଶ୍ୱର ସିଂହ, ଅତିରିକ୍ତ ଶାସନ ସଚିବ ବବିତା ମହାନ୍ତି, ଅର୍ଥ ପରାମର୍ଶଦାତା ସ୍ମିତା ପାଣି, ସର୍ବୋଚ୍ଚ ଯନ୍ତ୍ରୀ ପ୍ରସନ୍ନ କୁମାର ସାହୁ, ସର୍ବୋଚ୍ଚ ଯନ୍ତ୍ରୀ ପ୍ରଦୀପ କୁମାର ଜେନାଙ୍କ ସମେତ ସମସ୍ତ ବରିଷ୍ଠ ଅଧିକାରୀ ଉପସ୍ଥିତ ଥିଲେ।

## ରାଜଭବନ ଲୋକଙ୍କ ନିକଟତର ହେଉ: ରାଜ୍ୟପାଳ



**ଭୁବନେଶ୍ୱର,୧୮।୧(ସଂଚାର ବ୍ୟୁରୋ):** ଚଳିତବର୍ଷ ଜାନୁଆରୀ ୧୩ ରୁ ୨୨ ତାରିଖ ପର୍ଯ୍ୟନ୍ତ ରାଜଭବନ ଉଦ୍ୟାନ ଜନସାଧାରଣଙ୍କ ପରିଦର୍ଶନ ପାଇଁ ଖୋଲାଯାଇଥିବା ବେଳେ ଉଦ୍ୟାନ ପରିଦର୍ଶନ ପାଇଁ ହେଉଥିବା ଜନସମାଗମକୁ ଦେଖି ମାନ୍ୟବର ରାଜ୍ୟପାଳ ଡ. ହରି ବାବୁ କମ୍ଭମ୍ପାଟି ଖୁସି ବ୍ୟକ୍ତ କରିଛନ୍ତି। ଆଜି ଅପରାହ୍ନରେ ରାଜଭବନ ଉଦ୍ୟାନ ପରିଦର୍ଶନରେ ଆସିଥିବା ଜନସମାଗମ ଦେଖିଲା ପରେ ରାଜ୍ୟପାଳ ଜନସାଧାରଣଙ୍କ ସହିତ ମିଶି ବାର୍ତ୍ତାଳାପ କରିଥିଲେ। ଶିଶୁମାନଙ୍କୁ ଦେଖି ରାଜ୍ୟପାଳ ଅତ୍ୟନ୍ତ ଆନନ୍ଦିତ ହୋଇଥିଲେ ଏବଂ ସେମାନଙ୍କୁ ଚକଲେଟ୍ ଓ କଲମ ପ୍ରଦାନ କରି ଆଶୀର୍ବାଦ ଦେଇଥିଲେ। ଏପରି ସମାଗମ ରାଜଭବନ ଲୋକଙ୍କର ନିକଟତର ହେବାର ଏକ ମାଧ୍ୟମ ବୋଲି କହିବା ସହିତ ରାଜଭବନ ଉଦ୍ୟାନ ବର୍ଷକୁ ଏକାଧିକ ଥର ଖୋଲିବା ଉପରେ ରାଜ୍ୟପାଳ ଗୁରୁତ୍ୱାରୋପ କରିଛନ୍ତି। ଶିଶୁ, ଛୋଟପିଲା, ବିଦ୍ୟାଳୟ ଓ ମହାବିଦ୍ୟାଳୟର ଛାତ୍ରଛାତ୍ରୀ ତଥା ଜନସାଧାରଣ ରାଜଭବନ ଉଦ୍ୟାନ ପରିସରରେ ଥିବା ନାନାପ୍ରକାରର ବୃକ୍ଷରାଜି, ପୁଷ୍ପ ଉଦ୍ୟାନ, ହରିଣ ପାର୍କ, ମୟୁର ପାର୍କ, ଆକ୍ୱାରିୟମ୍, ମ୍ୟୁଜିକାଲ ଫାଉଂଟେନ୍ ଆଦିର ସୌନ୍ଦର୍ଯ୍ୟ ଉପଭୋଗ କରୁଛନ୍ତି ଯାହାକି ଆନନ୍ଦର କଥା। ଜନସାଧାରଣ ବହୁସଂଖ୍ୟାରେ ରାଜଭବନ ଉଦ୍ୟାନ ପରିଦର୍ଶନ କରିବା ପାଇଁ ରାଜ୍ୟପାଳ ଡ. ହରି ବାବୁ କମ୍ଭମ୍ପାଟି ଅନୁରୋଧ କରିଛନ୍ତି। ଏହି ଅବସରରେ ରାଜ୍ୟପାଳଙ୍କ ପ୍ରମୁଖ ଶାସନ ସଚିବ ଏନ୍‌ବିଏସ୍ ରାଜପୁତ ମଧ୍ୟ ଉପସ୍ଥିତ ଥିଲେ।

## ପ୍ରାଣୀପାଳକ ଓ ମତ୍ସ୍ୟଚାଷୀଙ୍କ ପାଇଁ ହେବ ଆଲୋକବର୍ତ୍ତିକା: ମନ୍ତ୍ରୀ



- ୧୪ରୁ ତିନିଦିନିଆ ମତ୍ସ୍ୟ-ପ୍ରାଣୀ ସମାବେଶ
- ସାମିଲ୍ ହେବେ ୧୦ ହଜାର ଚାଷୀ, ସମ୍ବର୍ଦ୍ଧିତ ହେବେ ୬ ଚାଷୀ

**ଭୁବନେଶ୍ୱର,୧୮।୧(ସଂଚାର ବ୍ୟୁରୋ):** ଆସନ୍ତା ୧୪ରୁ ୧୬ ତାରିଖ ପର୍ଯ୍ୟନ୍ତ ସ୍ଥାନୀୟ ବରମୁଣ୍ଡା ବିଜୁ ପଟ୍ଟନାୟକ ଖେଳ ପଡ଼ିଆଠାରେ ମତ୍ସ୍ୟ-ପ୍ରାଣୀ ସମାବେଶ, ଓଡ଼ିଶା-୨୦୨୫ ଆୟୋଜିତ ହେବ। ଏଥିସକାଶେ ମତ୍ସ୍ୟ ଓ ପ୍ରାଣିସମ୍ପଦ ବିକାଶ ବିଭାଗ ମନ୍ତ୍ରୀ ଗୋକୁଳାନନ୍ଦ ମଲ୍ଲିକଙ୍କ ଅଧ୍ୟକ୍ଷତାରେ ଏକ ପ୍ରସ୍ତୁତି ବୈଠକ ଅନୁଷ୍ଠିତ ହୋଇଛି। ସ୍ଥାନୀୟ ପ୍ରାଣୀ ଚିକିତ୍ସକ ପ୍ରଶିକ୍ଷଣ ପ୍ରତିଷ୍ଠାନଠାରେ ଆୟୋଜିତ ଏହି ବୈଠକରେ ମନ୍ତ୍ରୀ ପ୍ରସ୍ତୁତି ସମ୍ପର୍କରେ ପୁଙ୍ଖାନୁପୁଙ୍ଖ ଆଲୋଚନା କରିଛନ୍ତି। ବିଭାଗୀୟ ପ୍ରମୁଖ ଶାସନ ସଚିବ ସୁରେଶ କୁମାର ବଶିଷ୍ଠ ସମାବେଶର ଉପଯୋଗିତାକୁ ତୃଣମୂଳ ସ୍ତରରେ ପହଞ୍ଚାଇ ଏହାକୁ ସଫଳ କରିବା ପାଇଁ ଅଧିକାରୀମାନଙ୍କୁ ନିର୍ଦ୍ଦେଶ ଦେଇଛନ୍ତି। ଏହି ରାଜ୍ୟସ୍ତରୀୟ ସମାବେଶରେ ରାଜ୍ୟର ସମସ୍ତ ବ୍ଲକରୁ ଗୋପାଳକ, ପ୍ରାଣୀପାଳକ ଓ ମତ୍ସ୍ୟଚାଷୀ ଯୋଗଦେବେ। ପ୍ରାୟ ୧୦ ହଜାରରୁ ଅଧିକ ଚାଷୀ ଏହି ସମାବେଶରେ ଯୋଗ ଦେବାକୁ ଥିବା ବେଳେ ପାଖାପାଖି ଲକ୍ଷେ ଲୋକଙ୍କ ସମାଗମ ହେବ। ରାଜ୍ୟର ପ୍ରତ୍ୟେକ ଉପଖଣ୍ଡରୁ ୬ ଜଣ ସଫଳ ପ୍ରାଣୀପାଳକ ଓ ମତ୍ସ୍ୟଚାଷୀଙ୍କୁ ଏହି ସମାବେଶରେ ସମ୍ବର୍ଦ୍ଧିତ କରାଯିବ। ଏହା ରାଜ୍ୟର ଅନ୍ୟ ଚାଷୀଙ୍କୁ ପ୍ରେରଣା ପ୍ରଦାନ କରିବ ବୋଲି ମନ୍ତ୍ରୀ ଆଶା ପ୍ରକାଶ କରିଛନ୍ତି। ସମାବେଶରେ ସାଧାରଣ ସଭା, କୃଷକ-ବୈଜ୍ଞାନିକ ଆଲୋଚନାଚକ୍ର, ଷ୍ଟଲ ପ୍ରଦର୍ଶନୀ, ଜୀବନ୍ତ ମତ୍ସ୍ୟ ଓ ପ୍ରାଣୀ ପ୍ରଦର୍ଶନୀ, ଡଗ୍ ଶୋ', ଘୋଡ଼ା ଶୋ' ଆଦି କାର୍ଯ୍ୟକ୍ରମ ଆୟୋଜିତ ହେବ। ଏହା ରାଜ୍ୟର ମତ୍ସ୍ୟଚାଷୀ, ଗୋପାଳକ ଓ ପ୍ରାଣୀପାଳକଙ୍କୁ ନୂତନ ଜ୍ଞାନ ପ୍ରଦାନ କରିବା ସହ ସେମାନଙ୍କ ପାଇଁ ଆଲୋକବର୍ତ୍ତିକା ସାଜିବ ବୋଲି ମନ୍ତ୍ରୀ କହିଛନ୍ତି। ଏହି ଅବସରରେ ମନ୍ତ୍ରୀ ମତ୍ସ୍ୟ ନିର୍ଦ୍ଦେଶାଳୟ ଏବଂ ପ୍ରାଣୀପାଳନ ଓ ପ୍ରାଣୀଚିକିତ୍ସା ନିର୍ଦ୍ଦେଶାଳୟ ଦ୍ୱାରା କାର୍ଯ୍ୟକାରୀ ହେଉଥିବା ବିଭିନ୍ନ ଯୋଜନାର ସମୀକ୍ଷା କରିଛନ୍ତି। ବିଭିନ୍ନ ଯୋଜନାରେ ଶତପ୍ରତିଶତ ସଫଳତା ପାଇଁ ନିଷ୍ଠାପର ଉଦ୍ୟମ କରିବାକୁ ସେ ପରାମର୍ଶ ଦେଇଛନ୍ତି।

# ସମ୍ବିଧାନ କୌଣସି ବ୍ୟକ୍ତି ବିଶେଷର ସ୍ୱାର୍ଥ କିମ୍ବା ଦଳର କ୍ଷମତା ପାଇଁ ଉଦ୍ଦିଷ୍ଟ ନୁହେଁ



**ଭୁବନେଶ୍ୱର,୧୮।୧(ସଂଚାର ବ୍ୟୁରୋ):** ସମ୍ବିଧାନ ପ୍ରଣେତା ଭାରତରତ୍ନ ଡ.ବାବା ସାହେବ ଭୀମରାଓ ଆମ୍ବେଦକର ଆମ ସମସ୍ତଙ୍କ ପାଇଁ ଚିରସ୍ମରଣୀୟ। ଏହି ସମ୍ବିଧାନ ଆମ ସମସ୍ତଙ୍କ ପାଇଁ। ଏଥିରେ ଆମ ସମସ୍ତଙ୍କ ଯୋଗଦାନ ଆବଶ୍ୟକ। ବିଗତଦିନଗୁଡ଼ିକରେ ଶାସନକର୍ତ୍ତାମାନେ ସମ୍ବିଧାନର ଦୁରୋପଯୋଗ କରୁଥିଲେ। ସମ୍ବିଧାନ କୌଣସି ବ୍ୟକ୍ତି ବିଶେଷର ସ୍ୱାର୍ଥ କିମ୍ବା ଦଳର କ୍ଷମତା ପାଇଁ ଉଦ୍ଦିଷ୍ଟ ନୁହେଁ। ଏହା ସମାଜ, ଦେଶ ତଥା ରାଷ୍ଟ୍ରର ହିତ ସାଧନ ପାଇଁ ବିନିଯୋଗ ହେବା ଆବଶ୍ୟକ। ଏନେଇ ବିଜେପି ଡ.ଭୀମରାଓ ଆମ୍ବେଦକରଙ୍କ ୧୨୫ତମ ଜନ୍ମଜୟନ୍ତୀ ପାଳନ କରୁଥିବାବେଳେ ଦେଶକୁ ନୂତନ ସମ୍ବିଧାନ ଦେବା ପାଇଁ ଯେଉଁମାନେ ନିରନ୍ତର ପ୍ରୟାସ କରିଥିଲେ

> ବିଗତଦିନଗୁଡ଼ିକରେ ଶାସନକର୍ତ୍ତାମାନେ ସମ୍ବିଧାନର ଦୁରୋପଯୋଗ କରୁଥିଲେ
>
> ୫୦ଟି ଜାଗାରେ ଆଲୋଚନାଚକ୍ର ତଥା ବୁଦ୍ଧିଜୀବୀ ସମ୍ମିଳନୀ କରାଯିବା ପାଇଁ ଯୋଜନା
>
> ଜିଲ୍ଲାସ୍ତରରୁ ବିଧାନସଭାକ୍ଷେତ୍ର ପର୍ଯ୍ୟନ୍ତ ଏହି ଅଭିଯାନ କରିବା ଲାଗି ନିଷ୍ପତ୍ତି

ସେମାନଙ୍କୁ ସ୍ମରଣ କରୁଛି ବୋଲି ରାଜ୍ୟ ସଭାପତି ଶ୍ରୀ ମନମୋହନ ସାମଲ କହିଛନ୍ତି। ଶ୍ରୀ ସାମଲ କହିଛନ୍ତି ଯେ, ଭାରତୀୟ ସମ୍ବିଧାନର ଗୌରବଶାଳୀ ଯାତ୍ରାର ୭୫ତମ ପୂର୍ତ୍ତି ଜାନୁଆରୀ ୨୬ ତାରିଖ ଦିନ ହେବାକୁ ଯାଉଛି। ଏହି ପରିପ୍ରେକ୍ଷୀରେ ଭାରତୀୟ ଜନତା ପାର୍ଟି ନଭେମ୍ବର ୨୬ରୁ ଜାନୁଆରୀ ୨୫ ପର୍ଯ୍ୟନ୍ତ "ସମ୍ବିଧାନ ଗୌରବ ଅଭିଯାନ" ପାଳନ କରୁଛି। ଏହି କାର୍ଯ୍ୟକ୍ରମକୁ ଆହୁରି ଏକ ସପ୍ତାହ ପର୍ଯ୍ୟନ୍ତ ବୃଦ୍ଧି କରିବା ପାଇଁ ସ୍ଥିର କରାଯାଇଛି। ଏହି ସମୟ ମଧ୍ୟରେ ୫୦ଟି ଜାଗାରେ ଆଲୋଚନାଚକ୍ର ତଥା ବୁଦ୍ଧିଜୀବୀ ସମ୍ମିଳନୀ କରାଯିବା ପାଇଁ ଯୋଜନା କରାଯାଇଛି। ସେଥିରୁ ୧୦ଟି ଜାଗାରେ କେନ୍ଦ୍ରୀୟ ନେତୃତ୍ୱ ଓ କେନ୍ଦ୍ରମନ୍ତ୍ରୀ ଆସି ଯୋଗଦେବାର କାର୍ଯ୍ୟକ୍ରମ ରହିଛି। ଅବଶିଷ୍ଟ ଜାଗାରେ ମୁଖ୍ୟମନ୍ତ୍ରୀ, ରାଜ୍ୟ ନେତୃତ୍ୱ, ମନ୍ତ୍ରୀ, ଏମ୍‌ପି ଓ ବିଧାୟକମାନେ ଯୋଗଦେବେ। ଏହି କାର୍ଯ୍ୟକ୍ରମରେ ଯୋଗଦେବା ପାଇଁ ଏପର୍ଯ୍ୟନ୍ତ ୩ ଜଣ କେନ୍ଦ୍ରୀୟ ନେତୃମଣ୍ଡଳୀଙ୍କଠାରୁ ସ୍ୱୀକୃତି ମିଳିଛି। ୨୦ତାରିଖ ଦିନ ଭୁବନେଶ୍ୱରସ୍ଥିତ ରାଜ୍ୟ କାର୍ଯ୍ୟାଳୟରେ ପୂର୍ବତନ କେନ୍ଦ୍ରମନ୍ତ୍ରୀ ଅନୁରାଗ ଠାକୁର, ୨୨ତାରିଖରେ ରାଉରକେଲାଠାରେ ସର୍ବଭାରତୀୟ ସାଧାରଣ ସମ୍ପାଦକ ତଥା ମଧ୍ୟପ୍ରଦେଶର ମନ୍ତ୍ରୀ କୈଳାସ ବିଜୟବର୍ଗୀୟ ଓ ୨୭ ତାରିଖରେ ସମ୍ବଲପୁରରେ ପଶ୍ଚିମବଙ୍ଗର ବିରୋଧୀ ଦଳ ନେତା ଶୁଭେନ୍ଦୁ ଦାସ ଅଧିକାରୀ ଆସି ସମ୍ବିଧାନ ଗୌରବ ଅଭିଯାନ ଉପଲକ୍ଷେ ହେବାକୁ ଥିବା ଆଲୋଚନାଚକ୍ରରେ ଯୋଗଦେବାର କାର୍ଯ୍ୟକ୍ରମ ରହିଛି। କେବଳ ବୁଦ୍ଧିଜୀବୀସ୍ତରରେ ନୁହେଁ, ତୃଣମୂଳସ୍ତରରେ କିପରି ଏହା ପହଞ୍ଚିପାରିବ ସେଥିପାଇଁ ବ୍ୟବସ୍ଥା କରାଯାଇଛି।

## ପାୱାର ଡିଷ୍ଟ୍ରିବ୍ୟୁସନ ଟେକ୍ନୋଲୋଜି ସେଣ୍ଟର୍ ଉଦ୍‌ଘାଟିତ



**ଭୁବନେଶ୍ୱର, ୧୮।୧(ସଂଚାର ବ୍ୟୁରୋ):** ଟାଟା ପାୱାରର ଓଡ଼ିଶା ଡିସକମଗୁଡ଼ିକ ପାଇଁ ପାୱାର ଡିଷ୍ଟ୍ରିବ୍ୟୁସନ ଟେକ୍ନୋଲୋଜି ସେଣ୍ଟର ଉଦ୍‌ଘାଟିତ ହୋଇଛି। ଟାଟା ପାୱାର ଓ ଓଡ଼ିଶା ସରକାରଙ୍କ ଏକ ଯୌଥ ଉଦ୍ୟୋଗ ଟିପି ସେଣ୍ଟ୍ରାଲ୍ ଓଡ଼ିଶା ଡିଷ୍ଟ୍ରିବ୍ୟୁସନ ଲିମିଟେଡ (ଟିପିସିଓଡିଏଲ୍) ପକ୍ଷରୁ ଉଦ୍‌ଘାଟିତ ହୋଇଥିବା ଏହି ଅତ୍ୟାଧୁନିକ ସେଣ୍ଟର ବଣ୍ଟନ ନେଟୱର୍କ ପରିଚାଳନା ଓ ପରିଚାଳନା ଉତ୍କର୍ଷରେ ଏକ ଯୁଗାନ୍ତକାରୀ ପଦକ୍ଷେପ ବୋଲି ଏହାକୁ ଉଦ୍‌ଘାଟନ କରିବା ଅବସରରେ ଉପମୁଖ୍ୟମନ୍ତ୍ରୀ କେଭି ସିଂଦେଓ କହିଛନ୍ତି। ଏହି ଅତ୍ୟାଧୁନିକ ପ୍ରଯୁକ୍ତି ହବ୍‌ରେ ୨୪ଘଣ୍ଟିଆ ପାୱାର ସିଷ୍ଟମ କଂଟ୍ରୋଲ ସେଣ୍ଟର (ପିଏସସିସି) ସହ ଆଡଭାନ୍ସ ଅପରେସନଲ ଟେକ୍ନୋଲୋଜି (ଓଟି) ଏବଂ ସୂଚନା ପ୍ରଯୁକ୍ତି (ଆଇଟି) ବ୍ୟବସ୍ଥାକୁ ସମନ୍ୱିତ କରାଯାଇଛି। ଏହା ରାଜ୍ୟରେ ବାସ୍ତବ ସମୟ ନେଟୱାର୍କ ନିରୀକ୍ଷଣ, ନିରବଚ୍ଛିନ୍ନ ବ୍ୟବସ୍ଥା ପରିଚାଳନା ଓ ଭରସାଯୋଗ୍ୟ ବିଦ୍ୟୁତ ଯୋଗାଣ ସୁନିଶ୍ଚିତ କରିବ। ଏହାଛଡ଼ା ବିଦ୍ୟୁତ ବିତରଣ ନେଟୱାର୍କର ସ୍ଥିରତାରେ ଉନ୍ନତି ଆଣିବାରେ ଏହି କେନ୍ଦ୍ର ସହାୟକ ହେବ ବୋଲି ଶ୍ରୀ ସିଂହଦେଓ ଆଶା ପ୍ରକାଶ କରିଛନ୍ତି। ସେ କହିଛନ୍ତି ଯେ ଏହି ସେଣ୍ଟର ଓଡ଼ିଶାକୁ ଶକ୍ତି ବିତରଣ ଉତ୍କର୍ଷ କେନ୍ଦ୍ରରେ ପରିଣତ କରିବା ଦିଗରେ ଏକ ଗୁରୁତ୍ୱପୂର୍ଣ୍ଣ ପଦକ୍ଷେପ। ଉନ୍ନତ ଭିତ୍ତିଭୂମି ଓ ଜ୍ଞାନକୌଶଳ ସହ ଏହା ରାଜ୍ୟ ପାଇଁ ସ୍ଥିର ଏବଂ ବିଶ୍ୱସନୀୟ ଶକ୍ତି ସୁନିଶ୍ଚିତ କରିବ। ଏହା ଭବିଷ୍ୟତରେ ପ୍ରସ୍ତୁତ ଶକ୍ତି ବ୍ୟବସ୍ଥା ପାଇଁ ଆମର ଦୃଷ୍ଟିକୋଣକୁ ପ୍ରତିଫଳିତ କରୁଛି ଯାହା ଉଭୟ ଉପଭୋକ୍ତା ଏବଂ ଶିଳ୍ପକୁ ସମର୍ଥନ କରେ ବୋଲି ଉପମୁଖ୍ୟମନ୍ତ୍ରୀ କହିଛନ୍ତି। ଉନ୍ନତ ନେଟୱାର୍କ ବିଶ୍ୱସନୀୟତା ଓ ସଠିକ ପରିଚାଳନା ନିୟନ୍ତ୍ରଣ ସୁନିଶ୍ଚିତ କରିବା ପାଇଁ ଏହା ଉନ୍ନତ ବିତରଣ ପରିଚାଳନା ପ୍ରଣାଳୀ (ଏଡିଏମଏସ) ସହ ସୁସଜ୍ଜିତ। ଭୌଗୋଳିକ ସୂଚନା ପ୍ରଣାଳୀ (ଜିଆଇଏସ୍) ପ୍ରଯୁକ୍ତି, ସମ୍ପତ୍ତି ପରିଚାଳନା ଓ ଉପଭୋକ୍ତା ସୂଚକାଙ୍କକୁ ସୁବ୍ୟବସ୍ଥିତ କରୁଥିବା ବେଳେ ୟୁଟିଲିଟି ଡାଟା ଷ୍ଟ୍ରିମ୍ (ୟୁଡିଏସ୍) ଜିଆଇଏସ୍, ବିଲିଂ ଓ ମିଟର ପରିଚାଳନାର ସମନ୍ୱୟ ମାଧ୍ୟମରେ ଶକ୍ତି ଅଡିଟ୍‌କୁ ସ୍ୱୟଂଚାଳିତ କରିଥାଏ।

## ଓଡ଼ିଶା କାର୍ଟୁନ୍ ଏକାଡେମୀର ବାର୍ଷିକ ପ୍ରଦର୍ଶନୀ ଉଦ୍‌ଘାଟିତ




**ଭୁବନେଶ୍ୱର,୧୮।୧(ସଂଚାର ବ୍ୟୁରୋ):** ଓଡ଼ିଶା କାର୍ଟୁନ୍ ଏକାଡେମୀ ପକ୍ଷରୁ ଆଜିଠାରୁ ସ୍ଥାନୀୟ ଜୟଦେବ ଭବନର ପ୍ରଦର୍ଶନୀ କକ୍ଷରେ ୩ୟ ବାର୍ଷିକ କାର୍ଟୁନ୍ ପ୍ରଦର୍ଶନୀ ଓ ପ୍ରତିଯୋଗିତା ସହ ଓଡ଼ିଶାର ସମ୍ବାଦପତ୍ର ଓ ପତ୍ରପତ୍ରିକାରେ କାର୍ଟୁନ୍ କଳାର ସ୍ଥାନ ସମ୍ପର୍କରେ ଏକ ଆଲୋଚନାଚକ୍ର ଅନୁଷ୍ଠିତ ହୋଇଛି। ପ୍ରାରମ୍ଭରେ ବିଶିଷ୍ଟ ଚିତ୍ରଶିଳ୍ପୀ କେଶୁ ଦାସ ଅତିଥିମାନଙ୍କୁ ସ୍ୱାଗତ କରିଥିଲେ। ପରେ ଏକାଡେମୀର ସଭାପତି ତଥା ବିଖ୍ୟାତ କାର୍ଟୁନ୍ ଶିଳ୍ପୀ କମଳାକାନ୍ତ ରଥ ଅତିଥିମାନଙ୍କର ପରିଚୟ ପ୍ରଦାନ କରିଥିଲେ। ବରିଷ୍ଠ ସାମ୍ବାଦିକ ଗୋପାଳ ମହାପାତ୍ର ଯୋଗଦେଇ ତାଙ୍କ ବକ୍ତବ୍ୟରେ କହିଛନ୍ତି ଯେ କାର୍ଟୁନ୍ ଏମିତି ଏକ ଅସ୍ତ୍ର ଯାହା କୌଣସି ବି ଶକ୍ତିଶାଳୀ ବ୍ୟକ୍ତିଙ୍କୁ ଧରାଶାୟୀ କରିଦେଇପାରେ। କାର୍ଟୁନ୍‌ରେ ଚିତ୍ର ଅପେକ୍ଷା ସେଥିରେ ଥିବା କ୍ୟାପସନ୍ ଅଧିକ ମହତ୍ତ୍ୱ ରଖେ। ସେହିପରି ଦୈନିକ ଖବରକାଗଜ 'ସମ୍ବାଦ' ସମ୍ପାଦିକା ତନୟା ପଟ୍ଟନାୟକ କହିଛନ୍ତି ଯେ ବୃହତ୍ତର ପାଠକ ସମାଜ ପାଖରେ ପହଞ୍ଚିବା ପାଇଁ କାର୍ଟୁନ୍ ଏକ ସବଳ ମାଧ୍ୟମ। ସେହିପରି ସୁଲେଖକ ଓ ସ୍ତମ୍ଭକାର ମୃଣାଳ ଚାଟାର୍ଜୀ କାର୍ଟୁନ୍ ଭଳି ଏକ ହାସ୍ୟରସ ଆଧାରିତ ମାଧ୍ୟମର ଗୁରୁତ୍ୱ ସମ୍ପର୍କରେ ଆଲୋଚନା କରିଛନ୍ତି। ସେ କହିଛନ୍ତି ଯେ କାର୍ଟୁନ୍ ଚିତ୍ରର ତୀକ୍ଷ୍ଣ ସନ୍ଦେଶ ପ୍ରତି ସହନଶୀଳତା ଦିନକୁ ଦିନ କମିଯାଉଛି। ଆଜିକାଲିର କ୍ଷମତାଶାଳୀ ଲୋକଙ୍କୁ ଲୋକେ ଦେବତା ମଣୁଥିଲେ ମଧ୍ୟ କାର୍ଟୁନ୍ ଭାବଧାରା ତା'ର ବିପରୀତ ବୋଲି ଶ୍ରୀ ଚାଟାର୍ଜୀ କହିଛନ୍ତି। ସେହିପରି ଏଡିଟର୍ସ ଗିଲ୍ଡ ଅଫ୍ ଇଣ୍ଡିଆର ସାଧାରଣ ସମ୍ପାଦକ ତଥା ବିଶିଷ୍ଟ ସାମ୍ବାଦିକ ରୁବେନ୍ ବାନାର୍ଜୀ କହିଛନ୍ତି ଯେ ଦେଶର ବିଭିନ୍ନ ସ୍ଥାନରେ କାର୍ଟୁନିଷ୍ଟଙ୍କ ଉପରେ ହିଂସାତ୍ମକ ଆକ୍ରମଣ ହେଉଥିବା ବେଳେ ଏଠାରେ ଆୟୋଜିତ ପ୍ରଦର୍ଶନୀର ଗୁରୁତ୍ୱ ଯଥେଷ୍ଟ ଅଧିକ ରହିଛି। ସ୍ୱନାମଧନ୍ୟ କାର୍ଟୁନିଷ୍ଟ ପରେଶ ନାଥ ତାଙ୍କ କାର୍ଟୁନିଷ୍ଟ ଜୀବନର ଅନୁଭୂତି ବଖାଣିଥିଲେ। ଏହି ଅବସରରେ ତାଙ୍କୁ କାର୍ଟୁନ୍ କଳା ପ୍ରତି ଜୀବନବ୍ୟାପୀ ଅବଦାନ ପାଇଁ ସମ୍ବର୍ଦ୍ଧିତ କରାଯାଇଥିଲା। ଏକାଡେମୀ ସମ୍ପାଦକ ଦେବାଶିଷ ସିଂହ ବାର୍ଷିକ ବିବରଣୀ ପାଠ କରିଥିବା ବେଳେ ନନ୍ଦେଶୁ ଧନ୍ୟବାଦ ଦେଇଥିଲେ। ଏହି ଉପଲକ୍ଷେ ଆୟୋଜିତ ପ୍ରଦର୍ଶନୀରେ ରାଜ୍ୟର ୧୮ ଜଣ ବିଶିଷ୍ଟ କାର୍ଟୁନ୍‌ଶିଳ୍ପୀଙ୍କ ଉଚ୍ଚକୋଟୀର ଚିତ୍ର ପ୍ରଦର୍ଶିତ ହୋଇଥିଲା। ଏହି ଦୁଇଦିନିଆ କାର୍ଯ୍ୟକ୍ରମର ଉଦ୍‌ଯାପନୀ ଦିବସରେ ଆସନ୍ତାକାଲି ସକାଳେ ଏସ୍‌ଏମ୍‌ଏନ୍ ଆର୍ଟ ଏଣ୍ଡ କଲଚର ଏକାଡେମୀ ଛାତ୍ରଛାତ୍ରୀଙ୍କ ମଧ୍ୟରେ ବ୍ୟଙ୍ଗ ଚିତ୍ର ପ୍ରତିଯୋଗିତା ଅନୁଷ୍ଠିତ ହୋଇ ଅପରାହ୍ନରେ କୃତୀ ପ୍ରତିଯୋଗୀଙ୍କୁ ପୁରସ୍କୃତ କରାଯିବ ବୋଲି ସୂଚନା ଦିଆଯାଇଛି।

## ଆୟକର ଦାତାଙ୍କ ନାଁରେ ତନାଘନା ଆରମ୍ଭ ରାସନ କାର୍ଡ

**ଭୁବନେଶ୍ୱର, ୧୮।୧(ସଂଚାର ବ୍ୟୁରୋ):** ଆୟକରଦାତାଙ୍କ ପାଖରେ ରାସନ କାର୍ଡ । ରାଜ୍ୟରେ ଆୟକର ଦେଉଥିବା ବ୍ୟକ୍ତି ନେଉଥିଲେ ରାସନକାର୍ଡ । ଏନେଇ ବିଭାଗ ପାଖରେ ତଥ୍ୟ ପହଞ୍ଚିବା ପରେ ଚାଲିଛି ତନାଘନା। ଖାଉଟି ଓ ଖାଦ୍ୟ ଯୋଗାଣ ମନ୍ତ୍ରୀ କୃଷ୍ଣ ପାତ୍ର ଏନେଇ ପ୍ରତିକ୍ରିୟା ରଖି କହିଛନ୍ତି, ଆୟକରଦାତାଙ୍କୁ ରାସନ କାର୍ଡରୁ ବାଦ ଦେବା ପାଇଁ ପ୍ରକ୍ରିୟା ଆରମ୍ଭ ହୋଇଛି । ପୂର୍ବ ସରକାର ସମୟରେ ଆୟକରଦାତା ପାଇଥିଲେ ରାସନ କାର୍ଡ । ତେବେ କେତେଜଣ ଏଭଳି ହିତାଧିକାରୀ ରହିଛନ୍ତି ସେନେଇ ଚାଲିଛି ଅନୁଧ୍ୟାନ । ପୂରା ତଥ୍ୟ ଆସିବା ପରେ ସେମାନଙ୍କୁ ରାସନ କାର୍ଡ ବାଦ୍ ଦିଆଯିବ । ପ୍ରାୟ ୪ ଲକ୍ଷ୍ୟ ଏଭଳି ହିତାଧିକାରୀ ରାସନ କାର୍ଡ ପାଇଥିଲେ ବୋଲି ମନ୍ତ୍ରୀ ସୂଚନା ଦେଇଛନ୍ତି ।



## ବିଜେଡ଼ିରେ ମିଶିଲେ ଶତାଧିକ ବିଜେପି କର୍ମୀ




**ଭୁବନେଶ୍ୱର,୧୮।୧(ସଂଚାର ବ୍ୟୁରୋ):** ଗଞ୍ଜାମ ଜିଲ୍ଲା ଅନ୍ତର୍ଗତ ହିଞ୍ଜିଳି ନିର୍ବାଚନମଣ୍ଡଳୀର ବୁରୁପଡ଼ା ସରପଞ୍ଚ ସନ୍ତୋଷିନୀ ବେହେରାଙ୍କ ସହ ନାଏବ ସରପଞ୍ଚ, ୱାର୍ଡମେମ୍ବର ଓ ଶତାଧିକ ବିଜେପି କର୍ମୀ ଆଜି ଶଙ୍ଖଭବନଠାରେ ବିଜେଡିରେ ସାମିଲ୍ ହୋଇଛନ୍ତି। କ୍ରିୟାନ୍ୱୟନ ଓ ସମନ୍ୱୟ କମିଟି ଅଧ୍ୟକ୍ଷ ଦେବୀ ପ୍ରସାଦ ମିଶ୍ରଙ୍କ ଉପସ୍ଥିତିରେ ଦଳରେ ସାମିଲ୍ ହୋଇଥିବା ସମସ୍ତ ବିଜେପି କର୍ମୀଙ୍କୁ ଉପଢୌକନ ପ୍ରଦାନ ପୂର୍ବକ ସ୍ୱାଗତ କରାଯାଇଛି। ଏହି ସାମିଲ୍ ନେଇ ଶ୍ରୀମତୀ ବେହେରା ବିଗତ ୭ ମାସ ହେଲା ବିଜେପି ପଞ୍ଚାୟତ ସ୍ତରରେ କିଛି ଉନ୍ନତିମୂଳକ କାର୍ଯ୍ୟ କରୁନାହିଁ। ଅନ୍ୟପକ୍ଷରେ ପୂର୍ବତନ ମୁଖ୍ୟମନ୍ତ୍ରୀ ନବୀନ ପଟ୍ଟନାୟକଙ୍କ ନୀତି, ଆଦର୍ଶ ଓ କାର୍ଯ୍ୟଧାରାରେ ଅନୁପ୍ରାଣିତ ହୋଇ ସେ ତାଙ୍କର ସମର୍ଥକମାନଙ୍କ ସହ ବିଜେଡିରେ ସାମିଲ୍ ହୋଇଥିବା କହିଛନ୍ତି। ଏହି ମିଶ୍ରଣ ପର୍ବରେ ଦଳର କାର୍ଯ୍ୟକ୍ରମ ରୂପାୟନ କମିଟି ଆବାହକ ସଞ୍ଜୟ ଦାସବର୍ମା, ସଭ୍ୟ ସଂଗ୍ରହ ଅଭିଯାନ ଆବାହକ ଅତନୁ ସବ୍ୟସାଚୀ ନାୟକ, ପୂର୍ବତନ ବିଧାୟକ ପ୍ରଣବ ବଳବନ୍ତରାୟ, ମିଡିଆ ସଂଯୋଜକ ତଥା ମୁଖପାତ୍ର ଡ ଲେନିନ ମହାନ୍ତି, ଡ ପ୍ରିୟବ୍ରତ ମାଝୀ ଉପସ୍ଥିତ ଥିଲେ।

## ଅସହ୍ୟ ହେଲାଣି ମଣ୍ଡି ଅବ୍ୟବସ୍ଥା, ରାସ୍ତାରେ ଚାଷୀ

**ଗଜପତି,୧୮।୧(ସଂଚାର ବ୍ୟୁରୋ):** ଜିଲ୍ଲାରେ ଧାନ ସଂଗ୍ରହରେ ଅବହେଳା ଯୋଗୁଁ ତାତିଲେ ଚାଷୀ । ରାସ୍ତାରୋକ କରିବା ସହ ଆନ୍ଦୋଳନକୁ ଓଲାଇଛନ୍ତି। ଏଭଳିକି ଯୋଗାଣ ଅଧିକାରୀ ଏବଂ ପାରଳାଖେମୁଣ୍ଡି ତହସିଲଦାରଙ୍କୁ ରାସ୍ତା ଉପରେ ବସିବାକୁ ବାଧ୍ୟ କରିଦେଇଛନ୍ତି। ଗୋଟିଏ ପଟେ ଅଦିନିଆ ବର୍ଷାରେ ଧାନ ନଷ୍ଟ ହେବା ସହ ଗଜା ହୋଇଛି । ରଙ୍ଗ ମଧ୍ୟ ବଦଳି ଯାଇଛି । ଅନ୍ୟପଟେ ମଣ୍ଡି ଗତ ୭ତାରିଖରୁ ଖୋଲାଯାଇଛି। କୌଣସି ମଣ୍ଡିରେ ଧାନ ସଂଗ୍ରହ ହୋଇପାରିନାହିଁ। ଧାନର ମାନକୁ ନେଇ ଦ୍ୱନ୍ଦ୍ୱରେ ପଡ଼ିଛନ୍ତି ଚାଷୀ । ବେରଙ୍ଗୀ



ଧାନ ସଂଗ୍ରହ ସରକାର ଗ୍ରହଣ କରିବେ କି ନାହିଁ। ଏହି ଧାନ ପାଇଁ ଭିନ୍ନ କିଛି ମୂଲ୍ୟ ଧାର୍ଯ୍ୟ କରାଯିବ କି? ସେନେଇ କୌଣସି ନିଷ୍ପତ୍ତି ରାଜ୍ୟ ସରକାରଙ୍କ ପକ୍ଷରୁ ନିଆଯାଇ ନାହିଁ। ତେଣୁ ବର୍ତ୍ତମାନ ଚାଷୀ ସନ୍ଦେହରେ ପଡ଼ିଛନ୍ତି। ପ୍ରାକୃତିକ ବିପର୍ଯ୍ୟୟ ଯୋଗୁଁ ଧାନର ରଙ୍ଗ ବଦଳି ଯାଇଥିବାରୁ ସରକାର ଏହାର ବ୍ୟବସ୍ଥା କରିବା ପାଇଁ ଗଜପତି ଚାଷୀ ଦାବି କରିଛନ୍ତି। ଆଜି ଗୋଶାଣୀ ବ୍ଲକ ସାତମାଇଲ ଛକ ନିକଟରେ ଦୀର୍ଘ ସମୟ ଧରି ରାସ୍ତାରୋକ କରିଛନ୍ତି। ମୋହନା ଓ ପାରଳାଖେମୁଣ୍ଡି ଯୋଗାଯୋଗ କରୁଥିବା ମୁଖ୍ୟ ରାସ୍ତାରେ ଯୋଗଯୋଗ ସମ୍ପୂର୍ଣ୍ଣ ଠପ୍ ହୋଇଯାଇଛି।

## ମନମୋହୁଛି ମାଟିରୁ ତିଆରି ସାମଗ୍ରୀ



**ବାଲେଶ୍ୱର,୧୮।୧(ସଂଚାର ବ୍ୟୁରୋ):** କୁମ୍ଭକାରଙ୍କ ହାତରୁ ଜୀବନ୍ତ ରୂପ ନେଉଛି ମାଟି। ମନମୋହୁଛି ମାଟିରୁ ପ୍ରସ୍ତୁତ ହୋଇଥିବା ବିଭିନ୍ନ ପ୍ରକାର ସାମଗ୍ରୀ। ପାରମ୍ପରିକ ମାଟି ଜିନିଷ ପ୍ରସ୍ତୁତ କରିବା ସହ ଆଧୁନିକତାର ସ୍ପର୍ଶ ଦେଉଛନ୍ତି ବାଲେଶ୍ୱର ଔପଦାର କୁମ୍ଭକାର ରମେଶଚନ୍ଦ୍ର ମୁଦୁଲି । ନିଜେ ସ୍ୱାବଲମ୍ବୀ ହେବା ସହ ୩୦ଜଣ ମହିଳାଙ୍କୁ ମଧ୍ୟ ସେ ସ୍ୱାବଲମ୍ବୀ କରିପାରିଛନ୍ତି। ରମେଶଙ୍କ ହାତରୁ ଜୀବନ୍ତ ରୂପ ପାଉଥିବା ମାଟିକାମକୁ ଦେଖିବାକୁ ବାଲେଶ୍ୱର ପଲ୍ଲିଶ୍ରୀ ମେଳାରେ ଲୋକଙ୍କ ଭିଡ ଜମୁଛି ।

## ୨୦୩୬ ଅଲିମ୍ପିକରେ ଓଡ଼ିଆ ପିଲାଙ୍କ ଭାଗିଦାରୀକୁ ବଢ଼ାଇବା



**ସମ୍ବଲପୁର,୧୮।୧(ସଂଚାର ବ୍ୟୁରୋ):** କେନ୍ଦ୍ର ଶିକ୍ଷା ମନ୍ତ୍ରୀ ଧର୍ମେନ୍ଦ୍ର ପ୍ରଧାନ ଶନିବାର ସମ୍ବଲପୁର ବୁର୍ଲା ଠାରେ ମହିଳା ଫୁଟବଲ୍ ଟୁର୍ଣ୍ଣାମେଣ୍ଟ ବୁର୍ଲା କପ୍ - ୨୦୨୫ର ପ୍ରଦର୍ଶନୀ ମ୍ୟାଚରେ ଯୋଗଦେବା ଅବସରରେ ୨୦୩୬ ଅଲିମ୍ପିକ ପାଇଁ ଓଡ଼ିଆ ପିଲାଙ୍କ ଭାଗିଦାରୀକୁ ବଢ଼ାଇବା ପାଇଁ ପ୍ରୟାସ କରିବାକୁ ଆହ୍ୱାନ କରିଛନ୍ତି । 'ବୁର୍ଲା ଆଥଲେଟିକ୍ ଆସୋସିଏସନ' ପକ୍ଷରୁ ଆୟୋଜିତ ଏହି ଫୁଟବଲ ପ୍ରତିଯୋଗିତା ସମାରୋହରେ ସେ କହିଛନ୍ତି ଯେ ଫୁଟବଲ ମୋର ଅତ୍ୟନ୍ତ ପ୍ରିୟ ଖେଳ । ବୁର୍ଲା, ହୀରାକୁଦ ସମେତ ସମ୍ବଲପୁରରେ ଫୁଟବଲ ଖେଳ ପ୍ରତି ଯୁବବର୍ଗଙ୍କ ଆଗ୍ରହ ବଢ଼ିବା ବହୁତ ସୁଖର କଥା । ଏହି ଅଞ୍ଚଳରେ ଖେଳୁଆଡ ମନୋଭାବକୁ ବଢ଼ାଇବା ଦିଗରେ ଏହି ପ୍ରତିଯୋଗିତାର ଆୟୋଜନ ପ୍ରଶଂସନୀୟ । ମହିଳା ଫୁଟବଲର ଆୟୋଜନ କରି କ୍ରୀଡ଼ା କ୍ଷେତ୍ରରେ ନାରୀଶକ୍ତିଙ୍କୁ ସେମାନଙ୍କ ଦକ୍ଷତା ଓ ପରାକାଷ୍ଠାକୁ ପ୍ରମାଣିତ କରିବାର ଏକ ପ୍ଲାଟଫର୍ମ ଦେଇଥିବାରୁ ଆସୋସିଏସନର ସମସ୍ତ ସଦସ୍ୟଙ୍କୁ ଶ୍ରୀ ପ୍ରଧାନ ଧନ୍ୟବାଦ ଜଣାଇଛନ୍ତି ।

# ସ୍ମାର୍ଟ ମିଟର ଆଳରେ ଶୋଷୁଛି ଟାଟା ପାୱାର: ସିପିଆଇ

**ଭୁବନେଶ୍ୱର,୧୮।୧(ସଂଚାର ବ୍ୟୁରୋ):** ସ୍ମାର୍ଟ ବିଦ୍ୟୁତ୍ ମିଟର ବସାଇବା ଆଳରେ ରାଜ୍ୟରେ ବିଦ୍ୟୁତ୍ ବିତରଣ ଦାୟିତ୍ୱରେ ଥିବା ଟାଟା ପାୱାର ସେଣ୍ଟ୍ରାଲ୍ ଓଡ଼ିଶା ଡିଷ୍ଟ୍ରିବ୍ୟୁସନ୍ ଲିମିଟେଡ୍ (ଟିପିସିଓଡିଲ୍) ରାଜ୍ୟର ବିଭିନ୍ନ ଜିଲ୍ଲାରେ ବିଦ୍ୟୁତ୍ ଉପଭୋକ୍ତାଙ୍କୁ ପରୋକ୍ଷରେ ଶୋଷଣ କରୁଛି। କମ୍ପାନୀର ଏପରି ଆଚରଣକୁ ଭାରତୀୟ କମ୍ୟୁନିଷ୍ଟ ପାର୍ଟି (ସିପିଆଇ) ପକ୍ଷରୁ ବିରୋଧ କରାଯାଇଛି। ଏନେଇ ଆଜି ଦଳ ପକ୍ଷରୁ ଜାରି ଏକ ପ୍ରେସ୍ ବିଜ୍ଞପ୍ତିରେ ରାଜ୍ୟ ସମ୍ପାଦକ ଆଶିଷ କାନୁନ୍‌ଗୋ କହିଛନ୍ତି ଯେ କିଛିବର୍ଷ ତଳେ ଓଡ଼ିଶାରେ ବିଦ୍ୟୁତ୍ ବିତରଣ ଦାୟିତ୍ୱ ପାଇଥିବା ଟାଟା ପାୱାର୍ ନିୟମିତ ବ୍ୟବଧାନରେ ବିଦ୍ୟୁତ୍ ଦର ବୃଦ୍ଧି କରିଆସିଛି। କମ୍ପାନୀ ସଦାସର୍ବଦା ଉନ୍ନତ ମାନର ଉପଭୋକ୍ତା ସେବା ଯୋଗାଇବା ପାଇଁ ତତ୍ପର ବୋଲି କହୁଥିଲେ ମଧ୍ୟ ବାସ୍ତବରେ ଏହା ଗ୍ରାହକମାନଙ୍କୁ ଲୁଟିବାର ନୂଆ ନୂଆ ତରିକା ଆପଣାଇଚାଲିଛି। ଏହି କ୍ରମରେ ଚଳିତ ମାସଠାରୁ ଭିଜନଟେକ କମ୍ପାନୀର ମିଟର ଲାଗିଥିବା ଉପଭୋକ୍ତାଙ୍କ ବିଦ୍ୟୁତ୍ ବିଲ୍‌ଗୁଡ଼ିକୁ ଅତି ଚତୁରତାର ସହ ଖରାପ ଦର୍ଶାଇ ଆଭରେଜ ବିଲ୍ ପ୍ରଦାନ କରାଯାଉଛି। ଭିଜନ ଟେକ୍ ମିଟର

> ରାଜରାସ୍ତାକୁ ଓହ୍ଲାଇବ ବୋଲି ଚେତାବନୀ

ବଦଳରେ ସ୍ମାର୍ଟ ମିଟର ବା ପ୍ରି-ପେଡ଼ ମିଟର ଲାଗିବ ବୋଲି କମ୍ପାନୀ ପକ୍ଷରୁ କୁହାଯାଇଛି। ଏହି ମିଟର ଲାଗିବା ପରେ ଉପଭୋକ୍ତାଙ୍କୁ ଆଗୁଆ ରିଚାର୍ଜ କରିବାକୁ ପଡ଼ିବ, ନଚେତ୍ ମିଟର ଭିତରେ ନାଲି ବଲ୍ ଜଳୁଥିବ, କିନ୍ତୁ ଘର ସମ୍ପୂର୍ଣ୍ଣ ଅନ୍ଧାର ହୋଇଯିବ। ନୂଆ ମିଟରର ମୂଲ୍ୟ ଉପଭୋକ୍ତାଙ୍କୁ ବହନ କରିବାକୁ ପଡ଼ିବ, ଯାହା ପାଖାପାଖି ସାତ ହଜାର ଟଙ୍କା। ଅଯଥାରେ ଉପଭୋକ୍ତାଙ୍କ ଉପରେ ଅତିରିକ୍ତ ବୋଝ ଲଦିଦେବାକୁ ଟାଟା ପାୱାରର ଏପରି ନିଷ୍ପତ୍ତିକୁ ପିଟୁଣୀ ଟିକସ ବୋଲି ଦଳ ପକ୍ଷରୁ ଅଭିଯୋଗ କରାଯାଇଛି । କମ୍ପାନୀ ଅନୁସାରେ ମିଟର ଲାଗିବା ପରେ ହିଁ ନୂଆ ରିଚାର୍ଜ କରିହେବ। ପୂର୍ବରୁ ଲାଗିଥିବା ମିଟର ହଠାତ୍ ଚଳିତ ମାସରେ ମନୁଷ୍ୟକୃତ ଭାବେ ଖରାପ ହୋଇଯାଉଛି। ପୂର୍ବରୁ ଯେଉଁ ଉପଭୋକ୍ତାଙ୍କର ୧୦୦ ଟଙ୍କା ବିଲ୍ ଆସୁଥିଲା, ତାହା ଚଳିତ ମାସରେ ଆଭରେଜ ବିଲ୍ ଅନୁସାରେ ୮୦୦ ଟଙ୍କା ହୋଇଯାଉଛି। ବର୍ତ୍ତମାନ ରାଜ୍ୟରେ ଧୀରେ ଧୀରେ ସ୍ମାର୍ଟ ମିଟର ବସାଇବା ଆରମ୍ଭ କରିଦେଲେଣି। ରାଜ୍ୟର ଅନେକ ଲୋକ ଚାଷୀ ଓ ଦିନ ମଜୁରିଆ ଭାବେ କାର୍ଯ୍ୟ କରି ସେମାନଙ୍କ ପରିବାର ପ୍ରତିପୋଷଣ କରୁଥିବା ବେଳେ ସେମାନେ ଅଧିକ ଟଙ୍କାର ବିଲ୍ କିପରି ପଇଠ କରିବେ ବୋଲି ଶ୍ରୀ କାନୁନ୍‌ଗୋ ପ୍ରଶ୍ନ କରିଛନ୍ତି।

ଜୀବନ ଅମୃତ ଅନୁଚିନ୍ତା

ପୂର୍ଣ୍ଣ ବିଶ୍ୱାସ-ଥରେ ତୁମେ ପୂର୍ଣ୍ଣ ବିଶ୍ୱାସର ସହ ତୁମର ସମସ୍ତ ଦାୟିତ୍ୱ ମୋତ ଅର୍ପଣ କରି ଦେଖ , ମୁଁ ତୁମ ପାଇଁ କ'ଣ କରୁଛି।



# କ୍ରମାଗତ ଲଢ଼େଇରୁ ସୁଫଳ

କିଛି ଦିନ ତଳେ ଛତିଶଗଡ଼ର ବିଜାପୁରରେ ମାଓବାଦୀଙ୍କ ଆଇଇଡି ବିସ୍ଫୋରଣରେ ୮ଜଣ ଯବାନ ଶହୀଦ ହୋଇଥିଲେ ଏବଂ ଜଣେ ଡ୍ରାଇଭର ମଧ ଏଥିରେ ନିହତ ହୋଇଥିଲେ। ବିଗତ କିଛି ମାସ ଭିତରେ ଏହା ଥିଲା ସବୁଠାରୁ ବଡ଼ ମାଓ ହମଲା। ଅନ୍ୟଥା ସୁରକ୍ଷା କର୍ମୀଙ୍କୁ ମାଓଦମନ ଅଭିଯାନରେ ବରାବର ସଫଳତା ମିଳିଛି। ସୁରକ୍ଷା କର୍ମୀଙ୍କ ସହ ଏନକାଉଣ୍ଟରେ ଅନେକ ମାଓବାଦୀ ପ୍ରାଣ ହରାଉଛନ୍ତି। ଗତ ଗୁରୁବାର ଦିନ ବସ୍ତର ଅଞ୍ଚଳରେ ସୁରକ୍ଷା କର୍ମୀଙ୍କ ସହ ଏନକାଉଣ୍ଟରେ ୧୨ ଜଣ ମାଓବାଦୀ ନିହତ ହୋଇଛନ୍ତି। ଇତିମଧ୍ୟରେ ଛତିଶଗଡ଼ରେ ସୁରକ୍ଷା ବାହିନୀ ମାଓବାଦୀ ବ୍ୟବହାର କରୁଥିବା ଏକ ବିରାଟ ଟନେଲ ବା ସୁଡ଼ଙ୍ଗ ଠାବ କରିଛି। ମାଓଦମନ ଅପରେସନ ବେଳେ ମାଓବାଦୀମାନେ ଏହା ଭିତରେ ଲୁଚି ରହି ନିଜକୁ ସୁରକ୍ଷିତ ରଖୁଥିଲେ। ଏଭଳି ଅନେକ ସୁଡ଼ଙ୍ଗ ରହିଥିବ। ଏହାକୁ ଠାବ କରିବା ଜରୁରୀ। ମାଓଦମନ ଅଭିଯାନ ବେଳେ ସେମାନଙ୍କ ଆର୍ଥିକ ଏବଂ ଅସ୍ତ୍ରଶସ୍ତ୍ର ସହାୟତାର ଉତ୍ସକୁ ବାହାର କରିବା ଉଚିତ। ଏହାକୁ ବନ୍ଦ କରିଦେଲେ ମାଓ ସମସ୍ୟା ଅନେକାଂଶରେ ଦୂର ହୋଇଯିବ। ଉଲ୍ଲେଖଯୋଗ୍ୟ ଯେ, ବିଗତ ବହୁ ବର୍ଷ ଧରି ଭାରତ ବାମପନ୍ଥୀ ଉଗ୍ରବାଦ ସମସ୍ୟା ସହ ଲଢ଼ି ଆସୁଛି। ପଶ୍ଚିମବଙ୍ଗରୁ ଆରମ୍ଭ ହୋଇ ଏହା ଦେଶରେ ୮ ରାଜ୍ୟକୁ ପରିବ୍ୟାପ୍ତ ହୋଇଛି। ଏହାର ମୁକାବିଲା ନିମନ୍ତେ କ୍ରମାଗତ ଉଦ୍ୟମ ସତ୍ତ୍ୱେ ବିଶେଷ ସୁଫଳ ମିଳୁନଥିଲା। କିନ୍ତୁ କେନ୍ଦ୍ରରେ ନରେନ୍ଦ୍ର ମୋଦି ସରକାର ଗଠିତ ହେବା ପରେ ମାଓବାଦୀଙ୍କ ବିରୋଧରେ କଠୋର କାର୍ଯ୍ୟାନୁଷ୍ଠାନ ପ୍ରକ୍ରିୟା ଆରମ୍ଭ ହେଲା। ଏବେ ମାଓଦମନ ଅଭିଯାନ ଅନେକାଂଶରେ ସଫଳ ହେବା ପରି ମନେ ହେଉଛି। ପଶ୍ଚିମବଙ୍ଗରେ ତତ୍କାଳୀନ ମୁଖ୍ୟମନ୍ତ୍ରୀ ସିଦ୍ଧାର୍ଥ ଶଙ୍କର ରାୟ ଏହି ରଣନୀତି ଆପଣାଇ ରାଜ୍ୟକୁ ଏକରକମ ନକ୍ସଲମୁକ୍ତ କରିଥିଲେ। ଏବେ ଗୃହମନ୍ତ୍ରୀ ଅମିତ ଶାହା ଠିକ ସମାନ ରଣନୀତି ଆପଣାଇ ସଫଳତା ପାଉଛନ୍ତି। ଅବଶ୍ୟ ଗୋଟିଏ ରାଜ୍ୟରେ ସଫଳତା ଏବଂ ସାରା ଦେଶରେ ମାଓଦମନ ଅଭିଯାନରେ ସଫଳତା ମଧ୍ୟରେ ଅନେକ ପାର୍ଥକ୍ୟ ରହିଛି। ନିକଟରେ ଗୃହ ମନ୍ତ୍ରୀ ଶ୍ରୀ ଶାହା ଦିଲ୍ଲୀରେ ୮ ମାଓ ଉପଦ୍ରୁତ ରାଜ୍ୟ ମୁଖ୍ୟମନ୍ତ୍ରୀମାନଙ୍କ ବୈଠକରେ ଉଦବୋଧନ ଦେଇ ମାଓବାଦୀ ସମସ୍ୟାର ସମାଧାନ ଲାଗି କିଛି ପରାମର୍ଶ ଦେଇଛନ୍ତି। ଦେଶରେ ମାଓ ସମସ୍ୟାର ସମାଧାନ ଲାଗି ନିଆ ଯାଇଥିବା ପଦକ୍ଷେପ ଯୋଗୁଁ ଏଥିରେ ଅନେକାଂଶରେ ସଫଳତା ମିଳିଛି। ଅନେକ ଜିଲ୍ଲାରୁ ମାଓବାଦୀଙ୍କ ପ୍ରଭାବ କମିଛି ବା ସମ୍ପୂର୍ଣ୍ଣ ଲୋପ ପାଇଛି। ସବୁଠାରୁ ଅଧିକ ମାଓ ପ୍ରଭାବିତ ରାଜ୍ୟଭାବେ ପରିଚିତ ଛତିଶଗଡ଼ରେ ସୁରକ୍ଷା ବାହିନୀର କ୍ରମାଗତ ଉଦ୍ୟମ ଯୋଗୁଁ କେବଳ ଚଳିତ ବର୍ଷ ୧୮୦ଜଣ ମାଓବାଦୀ ନିହତ ହେଲେଣି। ଅନେକ ଅସ୍ତ୍ର ଛାଡ଼ି ସମାଜର ମୁଖ୍ୟ ସ୍ରୋତକୁ ଫେରିଆସିଛନ୍ତି। ମାଓ ଉପଦ୍ରୁତ ଅଞ୍ଚଳର ଆର୍ଥିକ ଏବଂ ସାମାଜିକ ବିକାଶ ଲାଗି ପରିସ୍ଥିତିରେ ସୁଧାର ଆସିଛି। ତେବେ ମାଓବାଦୀମାନେ ନିଜ ଉପସ୍ଥିତି ଜାହିର କରିବାକୁ ମଝିରେ ମଝିରେ ହତ୍ୟା, ଅପହରଣ ଏବଂ ବିସ୍ଫୋରଣ କରୁଛନ୍ତି। ନିକଟରେ ଛତିଶଗଡ଼ରେ ମାଓବାଦୀମାନେ ଜଣେ ଶିକ୍ଷା ଦୂତଙ୍କୁ ପିଟି ପିଟି ହତ୍ୟା କରିଛନ୍ତି। ତାଙ୍କ କାମ ଥିଲା ଅଧାରୁ ପାଠ ଛାଡ଼ିଥିବା ପିଲାଙ୍କୁ ପୁଣି ସ୍କୁଲକୁ ଆଣିବା, ବନ୍ଦ ହୋଇପଡ଼ିଥିବା ସ୍କୁଲକୁ ପୁନର୍ବାର ଖୋଲିବା। ଏହାକୁ ମାଓବାଦୀମାନେ ବିରୋଧ କରି ତାଙ୍କୁ ହତ୍ୟା କରିଛନ୍ତି। ମାଓବାଦୀମାନେ ଶିକ୍ଷାର ପ୍ରସାର ହେଉ, ଲୋକେ ସଭ୍ୟ, ଶିକ୍ଷିତ ହୋଇ ସଚେତନ ହୁଅନ୍ତୁ ଏହା ସେମାନେ ଚାହାନ୍ତି। ନାହିଁ। ଏହା କେଉଁ ଆଦର୍ଶ ଏବଂ କେଉଁ ନୀତି ତାହା ଜଣାପଡୁନି। ବିଶ୍ୱରେ ଯେଉଁ ନୀତି, ଆଦର୍ଶ ଜନିତ କେଉଁଠିରେ ଶିକ୍ଷାକୁ ବିରୋଧ କରାଯାଉନି। ମାଓବାଦୀମାନେ ଯାହା କରୁଛନ୍ତି ତାହା ତାଲିବାନୀ ଏବଂ ଅଲକାଏଦା ଆଫଗାନିସ୍ତାନରେ କରୁଛି। ଦିଲ୍ଲୀରେ ଅମିତ ଶାହା ମାଓଉପଦ୍ରୁତ ରାଜ୍ୟ ମୁଖ୍ୟମନ୍ତ୍ରୀଙ୍କ ବୈଠକରେ କହିଛନ୍ତି ଯେ, ମାଓବାଦୀଙ୍କ ବିରୋଧରେ କ୍ରମାଗତ ଅଭିଯାନ ଦ୍ୱାରା ମାଓ ସଙ୍ଗଠନ ଏବେ ଅତ୍ୟନ୍ତ ଦୁର୍ବଳ ହୋଇଗଲାଣି। ଏବେ ଶେଷ ପ୍ରହାରର ଆବଶ୍ୟକତା ପଡ଼ୁଛି। ୨୦୨୬ ସୁଦ୍ଧା ଦେଶରୁ ମାଓ ସମସ୍ୟା ସମ୍ପୂର୍ଣ୍ଣ ଦୂର ହେବ ବୋଲି ସେ ପୁଣି ଥରେ ଦୋହରାଉଛନ୍ତି। ଉଲ୍ଲେଖ ଯୋଗ୍ୟ ଯେ, ଗତ ୧୦ ବର୍ଷ ଭିତରେ ମାଓ ହିଂସା ୭୨ ପ୍ରତିଶତ ହ୍ରାସ ପାଇଥିବା ବେଳେ ୨୦୨୪ରେ ମାଓ ହିଂସାରେ ମୃତ୍ୟୁ ସଂଖ୍ୟା ୮୬ ପ୍ରତିଶତ ହ୍ରାସ ପାଇଛି। ଏହା କିଛି କମ କଥା ନୁହେଁ। ଓଡ଼ିଶାରେ ମଧ ମାଓବାଦୀ ସମସ୍ୟା ଅନେକାଂଶରେ ହ୍ରାସ ପାଇଛି। ମାଲକାନଗିରିରେ ମାଓବାଦୀ ସମସ୍ୟା କିଛି ପରିମାଣରେ ରହିଛି। ବୌଦ୍ଧରେ ମଧ ଏହା ରହିଛି। କିନ୍ତୁ ଗଜପତି ଜିଲ୍ଲାରେ ଏହା ଅନେକାଂଶରେ ହ୍ରାସ ପାଇଛି। କିନ୍ତୁ ବାସ୍ତବ କଥା ହେଲା ମାଓବାଦୀମାନେ ଏବେ ସୁପ୍ତ ଅବସ୍ଥାରେ ଅଛନ୍ତି। ସେମାନେ ଏବେ ଆକ୍ରମଣ ନୁହେଁ, ଆତ୍ମରକ୍ଷା ଲାଗି ଉଦ୍ୟମ କରୁଛନ୍ତି। ଅମିତ ଶାହା ଯାହା କହିଛନ୍ତି ଠିକ କହିଛନ୍ତି। ସେମାନଙ୍କୁ ଏବେ ଶେଷ ପ୍ରହାରର ଆବଶ୍ୟକତା ରହିଛି। ମାଓବାଦୀଙ୍କୁ ବିଭିନ୍ନ ସୂତ୍ରରୁ ଆସୁଥିବା ସହାୟତାକୁ ବନ୍ଦ କରିବାକୁ ପଡ଼ିବ। ମାଓ ମୁକାବିଲା ନେଇ ମୁଖ୍ୟମନ୍ତ୍ରୀମାନେ ପ୍ରତି ମାସରେ ଥରେ ସମୀକ୍ଷା କରିବେ, ଡିଜିପି ମାନେ ପ୍ରତି ୧୫ ଦିନରେ ଥରେ ଜିଲ୍ଲା ସ୍ତରରେ ସ୍ଥିତି ସମୀକ୍ଷା କରିବେ ବୋଲି ଶାହା ନିର୍ଦ୍ଦେଶ ଦେଇଛନ୍ତି। ଅମିତ ଶାହାଙ୍କ ଏହି ନିର୍ଦ୍ଦେଶକୁ ମୁଖ୍ୟମନ୍ତ୍ରୀମାନେ ପାଳନ କଲେ ସମସ୍ୟାର ଅନେକାଂଶରେ ସମାଧାନ ହୋଇପାରିବ ବୋଲି ଆଶା। ବୈଠକରେ ଓଡ଼ିଶା ମୁଖ୍ୟମନ୍ତ୍ରୀ ମାଓ ମୁକାବିଲା ଲାଗି ଅଧିକ ଫୋର୍ସ ଏବଂ ହେଲିକପ୍ଟର ମାଗିଛନ୍ତି। ଉଭୟ ରାଜ୍ୟ ଏବଂ କେନ୍ଦ୍ରରେ ବିଜେପି କ୍ଷମତାରେ ରହିଛି। ରାଜ୍ୟରେ ବହୁ ପ୍ରତୀକ୍ଷିତ ଡବଲ ଇଞ୍ଜିନ ସରକାର ଚାଲିଛି। ଏବେ ଯଦି ରାଜ୍ୟରୁ ମାଓବାଦୀ ସମସ୍ୟାର ସମାଧାନ ନହୋଇପାରିବ, ତେବେ ଆଗାମୀ ବହୁ ବର୍ଷ ପର୍ଯ୍ୟନ୍ତ ଏହା ସମ୍ଭବ ହେବ ନାହିଁ।

## ସମ୍ପାଦକଙ୍କୁ ପତ୍ର

# ଗୃହ ନିର୍ମାଣ ଲାଗି ସହାୟତା

**ମହାଶୟ,**

କେନ୍ଦ୍ର ସରକାର ଗରିବ ଲୋକଙ୍କ ପାଇଁ ପ୍ରଧାନମନ୍ତ୍ରୀ ଆବାସ ଯୋଜନା କାର୍ଯ୍ୟକାରୀ କରୁଛନ୍ତି। ଉଭୟ ସହର ଏବଂ ଗ୍ରାମାଞ୍ଚଳରେ ବାସ କରୁଥିବା ଗରିବ ଲୋକଙ୍କୁ ଏହି ସହାୟତା ମିଳୁଛି। ସହରାଞ୍ଚଳର ବସ୍ତିବାସିନ୍ଦା ଏହା ଦ୍ୱାରା ଉପକୃତ ହେଉଛନ୍ତି। କିନ୍ତୁ ଯୋଜନା ବାଟବଣା ହେଉଥିବା ଅଭିଯୋଗ ଆସୁଛି। ସରକାରୀ କର୍ମଚାରୀ ଏବଂ ତଳସ୍ତରରେ ନିର୍ବାଚିତ ଜନ ପ୍ରତିନିଧିଙ୍କ ପ୍ରଭାବରୁ ଅନେକ ସମୟରେ ପ୍ରକୃତ ଗରିବ ଲୋକ ଯୋଜନାର ସୁଫଳ ପାଇପାରୁନାହାଁନ୍ତି। ଅନେକ ଦୁର୍ଗମ ଅଞ୍ଚଳରେ ଅତି ଗରିବ ଆଦିବାସୀମାନେ ଏବେ ସୁଦ୍ଧା ଏହି ଯୋଜନାରେ ହିତାଧିକାରୀ ହୋଇପାରିନାହାଁନ୍ତି। ସବୁଠାରୁ ବଡ଼ କଥା ହେଲା ମଧ୍ୟବିତ୍ତ ବା ନିମ୍ନ ମଧ୍ୟବିତ୍ତ ବର୍ଗ ପାଇଁ ଘର ଖଣ୍ଡିଏ କରିବା ଏବେ ଏକପ୍ରକାର ସ୍ୱପ୍ନ ହୋଇଯାଇଛି। ସରକାରୀ ଚାକିରୀ କରୁଥିଲେ ସହଜରେ ଋଣ ମିଳିଯାଉଛି। କିନ୍ତୁ କ୍ଷୁଦ୍ର ବ୍ୟବସାୟୀ ଏବଂ ଘରୋଇ ଚାକିରୀ କରୁଥିବା ବ୍ୟକ୍ତିମାନେ ଏଭଳି କିଚି ସୁବିଧା ପାଉ ନାହାଁନ୍ତି। ସେମାନଙ୍କ ପାଇଁ ସରକାର କିଛି ନୂଆ ଯୋଜନା କରିବା ଉଚିତ। ସରକାର ସେମାନଙ୍କୁ ସ୍ୱଳ୍ପ ମୂଲ୍ୟରେ ବାସୋପଯୋଗୀ ଜମି ଏବଂ ଘର ତିଆରି ପାଇଁ ସ୍ୱଳ୍ପ ସୁଧରେ ଋଣ ପ୍ରଦାନ କରାଯିବା ଉଚିତ।

**ଅଶୋକ ଚନ୍ଦ୍ର ସାମଲ, ପଟ୍ଟାମୁଣ୍ଡାଇ**

# ଅଯୋଗ୍ୟ ପ୍ରଧାନ

**ପଙ୍କଜ କୁମାର ପାଣିଗ୍ରାହୀ**

ପ୍ରାର୍ଥନା ଘଣ୍ଟି ବାଜିଲା ଓ ପ୍ରାର୍ଥନା ସରିଲା। ପିଲାମାନେ ନିଜ ନିଜ ଶ୍ରେଣୀଗୃହକୁ ଯିବା ପୂର୍ବରୁ ପ୍ରଧାନ ଶିକ୍ଷକ ଏକ ବାର୍ତ୍ତା ଦେଲେ ଯେ ଆସନ୍ତା କାଲି ବିଦ୍ୟାଳୟରେ ଜାତୀୟ ହିନ୍ଦୀ ଦିବସ ପାଳନ କରାଯିବ। ତେଣୁ ବିଭିନ୍ନ ପ୍ରତିଯୋଗିତାର ଆୟୋଜନ ହେବ ଏବଂ କୃତି ଶିକ୍ଷାର୍ଥୀଙ୍କୁ ପୁରସ୍କୃତ କରାଯିବ। ବିଦ୍ୟାଳୟର ହିନ୍ଦୀ ଶିକ୍ଷକ କି'ନ୍ତୁ ସେତେବେଳ ପର୍ଯ୍ୟନ୍ତ ଚୁପ ଥିଲେ ଏବଂ ପ୍ରଧାନ ଶିକ୍ଷକଙ୍କ ମୁହଁକୁ ଜଳକା ପରି ଚାହିଁ ରହିଥିଲେ। କାର୍ଯ୍ୟାଳୟରେ ସବୁ ବିଷୟ ସମ୍ପୃକ୍ତ ହିନ୍ଦୀ ଶିକ୍ଷକଙ୍କୁ ବୁଝାଇ ଦିଆଗଲା। ପରବର୍ତ୍ତୀ କାର୍ଯ୍ୟକ୍ରମ ତଦନୁଯାୟୀ ସମାପନ କରାଗଲା। ପୁଣି ଅନ୍ୟ ଏକ ଦିନର ସମାନ ଘଟଣା ସହିତ ପ୍ରଧାନ ଶିକ୍ଷକ ଜାତୀୟ କ୍ରୀଡ଼ା ଦିବସ ଘୋଷଣା କରି ସମାନ ଢଙ୍ଗରେ ସମାପନ କରାଗଲା। ଦେଖିବାକୁ ମିଳିଲା ଯେ ଏମିତି ଯୋଗ ଦିବସ ହେଉ କିମ୍ବା ବିଜ୍ଞାନ ମେଳା ଅଥବା ଯେକୌଣସି ବିଷୟ କେବଳ ପ୍ରଧାନ ଶିକ୍ଷକ ହିଁ ବିଦ୍ୟାଳୟର ପ୍ରାର୍ଥନା ଶ୍ରେଣୀରେ ପ୍ରଥମେ ଘୋଷଣା କରୁଥିଲେ ଏବଂ ତା ପରେ ସମ୍ପୃକ୍ତ ବିଭାଗର ଶିକ୍ଷକ / ଶିକ୍ଷୟିତ୍ରୀ ସେହି କାର୍ଯ୍ୟକୁ ସମାପନ କରିବାରେ ସହଯୋଗ କରୁଥିଲେ ଯାହା ସେମାନେ ପୂର୍ବରୁ କୌଣସି ଆଭାସ ପାଉ ନଥିଲେ! ଏଥିରେ ସ୍ପଷ୍ଟ ହେଉଥିଲା କି ବିଦ୍ୟାଳୟର ପ୍ରଧାନ ଶିକ୍ଷକ ହିଁ ସର୍ବେ ସର୍ବା ଥିଲେ ଯିଏ ସବୁ କଥା, ବିଷୟକୁ ନିଜ ସ୍ତରରେ ରଖି କିମ୍ବା ସୃଷ୍ଟି କରି ପ୍ରଥମେ ଘୋଷଣା କରି ନିଜର ପ୍ରାଧାନ୍ୟତା ପ୍ରଦର୍ଶନ କରୁଥିଲେ କି, ସେ ଜଣେ ପ୍ରଧାନ ଶିକ୍ଷକ।

ବଡ଼ ଆଶ୍ଚର୍ଯ୍ୟର ବିଷୟ ଏହା ହୁଏ କି ସମ୍ପୃକ୍ତ ପ୍ରଧାନ ଶିକ୍ଷକ ବାସ୍ତବିକ ଅନ୍ୟ କୌଣସି କାର୍ଯ୍ୟ ତଥା ଶିକ୍ଷାଦାନ ହେଉ କିମ୍ବା କାର୍ଯ୍ୟାଳୟ ସମ୍ବନ୍ଧୀୟ କୌଣସି କାର୍ଯ୍ୟରେ ସମ୍ପୂର୍ଣ୍ଣ ଅଜ୍ଞାନ ଥିଲେ ଯାହା ସେ ଅନ୍ୟ ମାନଙ୍କ ସହାୟତାରେ କରୁଥିଲେ ! ହେଲେ ଏଠାରେ ବୁଝିବାକୁ ହେବ ଯେ ଯଦି ତାଙ୍କର କେବଳ ଆତ୍ମ ବଡ଼ିମା ପାଇଁ କେବଳ ଘୋଷଣାନାମା ବ୍ୟତୀତ ଅନ୍ୟ କୌଣସି ବିଷୟରେ ଜ୍ଞାନ ନଥିଲା ତା ହେଲେ ତାଙ୍କୁ ବିଦ୍ୟାଳୟର ପ୍ରଧାନ ଶିକ୍ଷକ କରାଗଲା କେମିତି ଓ କାହିଁକି ?! ଉତ୍ତର ହେଉଛି ଯେହେତୁ ଏହା ହେଉଛି ଆମ ଦେଶ ଭାରତ ବର୍ଷ ଯେଉଁଠି ଆମ ସାମ୍ବିଧାନିକ ଆଇନକୁ ସମ୍ମାନ ଦେଇ ଆମେ ଲିଖିତ ସମ୍ବିଧାନର ସମସ୍ତ ଆଇନକୁ ମାନି ଚାଲୁଛୁ ତେଣୁ ସେହି କ୍ରମରେ ସମ୍ପୃକ୍ତ ଶିକ୍ଷକଙ୍କ ପ୍ରଧାନ ଶିକ୍ଷକ ପଦବୀ ପାଇଁ କୌଣସି ଯୋଗ୍ୟତା ନଥିଲେ ମଧ ବିଭିନ୍ନ କାରଣ ହେତୁ ତାଙ୍କୁ ପଦୋନ୍ନତି ଦେଇ ପ୍ରଧାନ ଶିକ୍ଷକ କରାଗଲା ! ତେଣୁ ପଦୋନ୍ନତି ପାଇ ପ୍ରଧାନ ଶିକ୍ଷକ ହେବା ପରେ ସମ୍ପୃକ୍ତ ବ୍ୟକ୍ତି ଜଣକ ଯେହେତୁ କୌଣସି କାର୍ଯ୍ୟ କରିବାରେ ସମର୍ଥ ନଥିଲେ ତେଣୁ ତାଙ୍କୁ ପ୍ରଧାନ ଶିକ୍ଷକ ବୋଲି ଅନ୍ୟମାନଙ୍କ ମାନ୍ୟତା ରହିବା ଆଶା ମଳିନ ରହିବା ଏକ ସ୍ୱାଭାବିକ କଥା। ତେଣୁ ସେ ନିଜର ମିଥ୍ୟା ଦକ୍ଷତା ପ୍ରଦର୍ଶନ ପୂର୍ବକ କୌଣସି ବାସ୍ତବ ଜ୍ଞାନ ରହିତ କେବଳ ଘୋଷଣାନାମାରେ ନିଜର ଦକ୍ଷତା ସାବ୍ୟସ୍ତ କରିବାକୁ ଚେଷ୍ଟା କରୁଥିଲେ।



ଏମିତି କିଛି ଦିନ ବିତିଗଲା। କାର୍ଯ୍ୟାଳୟର ସରକାରୀ ଦଲିଲ ହେଉ କିମ୍ବା ଶୃଙ୍ଖଳା ସହିତ ଶୈଖିକତା ଉପରେ କୌଣସି ଗୁରୁତ୍ୱ ଦିଆଗଲା ନାହିଁ। କାରଣ ଦକ୍ଷତା ହୀନ ପ୍ରଧାନ ଶିକ୍ଷକ ସମସ୍ତ ବାସ୍ତବ କାର୍ଯ୍ୟକୁ ଛାଡି ସବୁଦିନେ କୌଣସି ନା କୌଣସି ବାହାନାରେ କେବଳ ନିଜର ମିଥ୍ୟା ପ୍ରତିଭା ପ୍ରଦର୍ଶନ କରିବା ସହିତ ତାଙ୍କ ନିଜ ଗୁଣଗାନ କରିବା ପାଇଁ ବଶୀଭୂତ କରି ରଖିଲେ ବିଦ୍ୟାଳୟର ଅନ୍ୟାନ୍ୟ ସମସ୍ତ କର୍ମକର୍ତ୍ତାଙ୍କୁ ! ଦେଖୁ ଦେଖୁ କିଛି ବର୍ଷ ବିତିଯିବା ପରେ ଦେଖିବାକୁ ମିଳିଲା ଯେ ସମ୍ପୃକ୍ତ ବିଦ୍ୟାଳୟଟି ସମ୍ପୂର୍ଣ୍ଣ ଅବ୍ୟବସ୍ଥା ଘେରରେ ରହି ଶିକ୍ଷାର୍ଥୀଙ୍କ ଉତ୍ତୀର୍ଣ୍ଣ ହାରରେ ସର୍ବନିମ୍ନ ସ୍ତରରେ ଆସି ପହଁଚିଛି। ଗ୍ରାମବାସୀ ସେମାନଙ୍କ ପିଲାଙ୍କ ଭବିଷ୍ୟତ ଅନ୍ଧକାର ହେଉଥିବା ଦେଖି ଖୁବ୍ ତୀବ୍ର ପ୍ରତିବାଦ କଲେ। ସରକାରୀ ସ୍ତରରେ ହୁଲୁସ୍ଥୁଲ ହେଲା ଯେ ତୁରନ୍ତ ସେହି ପ୍ରଧାନ ଶିକ୍ଷକଙ୍କୁ ସେହି ବିଦ୍ୟାଳୟରୁ ବିତାଡିତ କରି ଏକ ନୂତନ ପ୍ରଧାନ ଶିକ୍ଷକ ନିଯୁକ୍ତି କରାଯାଉ। ସେମିତି ହେଲା। କି'ନ୍ତୁ ନୂତନ ପ୍ରଧାନ ଶିକ୍ଷକ ଆସିବା ବେଳକୁ ସମ୍ପୃକ୍ତ ବିଦ୍ୟାଳୟର ସମସ୍ତ ଶିକ୍ଷାର୍ଥୀଙ୍କ ଶୈଖିକତା ସମ୍ପୂର୍ଣ୍ଣ ଶୂନ୍ୟ ହୋଇଯାଇ ଥିଲା ଯାହା ନୂତନ ପ୍ରଧାନ ଶିକ୍ଷକ ତାକୁ ଆଉ ସୁଧାରିବା ସମ୍ଭବ ନଥିଲା।

ଏହି ସମସ୍ତ ଘଟଣା ଗୁଡ଼ିକୁ ଗ୍ରାମବାସୀ ସମୀକ୍ଷା କରି କ'ଣ କରାଯିବ ବିଚାର କରିବା ବେଳକୁ ସେମାନଙ୍କ ହାତରେ ଆଉ କିଛି ନିୟନ୍ତ୍ରଣ ରେଖା ନଥିଲା। ଅର୍ଥାତ ସମ୍ପୃକ୍ତ ବିଦ୍ୟାଳୟର ସମସ୍ତ ଶିକ୍ଷାର୍ଥୀ ସମ୍ପୂର୍ଣ୍ଣ ଅଜ୍ଞାନ ଅଶିକ୍ଷିତ ରହି କେବଳ ଦିନ ମଜୁରିଆ ଭଳି କାର୍ଯ୍ୟ କରି କ୍ରୀତଦାସ ଜୀବନ ବିତାଇବାକୁ ପଡ଼ିଲା ଯାହାର ସୁଧାର ଆଉ ସମ୍ଭବ ହେଲା ନାହିଁ। ଗ୍ରାମବାସୀ କେବଳ ନିଜର ଭୁଲ କୁ ସ୍ୱୀକାର ପୂର୍ବକ ଅନୁଶୋଚନାରେ ରହିଲେ ଯେ ଆଗରୁ ଏହାର ଆସୁ ସମାଧାନ ଦିଗରେ କାର୍ଯ୍ୟ କରିଥିଲେ ହୁଏତ ଆଜି ଏହି ସମୟ ଦେଖିବାକୁ ପଡ଼ି ନଥା'ନ୍ତା। କିନ୍ତୁ ସେମାନଙ୍କ ଅଜ୍ଞାନ ନିର୍ବୋଧତା କାରଣରୁ ଏମିତି ଏକ ସାଙ୍ଘାତିକ ଅଘଟଣକୁ ସେମାନେ ସହଯ୍ୟ କରି ପାରୁନଥିଲେ ମଧ କୌଣସି ଉପାୟ ନପାଇ ପୁଣି ସମୟକୁ ଅପେକ୍ଷା କରି ରହିଲେ ଯେ ନୂତନ ପ୍ରଧାନ ଶିକ୍ଷକଙ୍କୁ ପୁନର୍ବାର କେତେଦିନ ଲାଗିବ ବିଦ୍ୟାଳୟଟିକୁ ସୁଧାରିବା ପାଇଁ ସେତେଦିନ ପର୍ଯ୍ୟନ୍ତ ଅପେକ୍ଷା କରିବା ଛଡା ଆଉ କିଛି ଉପାୟ ନଥିଲା ସେମାନଙ୍କ ପାଖରେ। ତାହା ପୁଣି ସମ୍ଭବ ହେବ କି ନାହିଁ ସମୟ କହିବ। ଏଠାରୁ ଆମେ ଯାହା ଶିଖିଲେ ସେଗୁଡିକ କାର୍ଯ୍ୟରେ ନଲଗାଇଲେ ଯେ ଆମ ଜୀବନର ପ୍ରତ୍ୟେକଟି ମୁହୂର୍ତ୍ତ ଏହିଭଳି ଅନୁଶୋଚନାରେ ରହିବା ଛଡା ଆଗକୁ କ'ଣ, ଯେ କହି ହେବ ନାହିଁ କି ଜାଣି ହେବ ନାହିଁ। ଦେଶର ପ୍ରତ୍ୟେକ ସ୍ଥାନରେ ପଦସ୍ଥ / ପ୍ରବିଷ୍ଟ ପ୍ରଧାନ ମାନଙ୍କ ପ୍ରତି ସମାନ ସତର୍କତା ଅବଲମ୍ବନ କରାନଗଲେ ଯେ ଏହିଭଳି ଦୁର୍ଯୋଗର ସମ୍ମୁଖୀନ କରିବାକୁ ହେବ ସମସ୍ତଙ୍କୁ ସେଇଥିରେ କୌଣସି ସନ୍ଦେହ ନାହିଁ। ତେଣୁ ରାଷ୍ଟ୍ରୀୟ ନାଗରିକ ସମୂହ ଆଜିଠାରୁ ହିଁ ସତର୍କିତ ରହିବା ଏକାନ୍ତ କାମ୍ୟ। ଗ୍ରହଣୀୟତା ନିର୍ଭର କରୁଛି ସମସ୍ତ ନାଗରିକଙ୍କ ବିଶ୍ଳେଷଣାତ୍ମକ ଜ୍ଞାନ ଉପରେ....


**ୟୁଟ୍ୟୁବ-ସାମାଜିକ ଜନମଞ୍ଚ (ଭାରତ)**
**ଛତ୍ରପୁର, ଗଂଜାମ**
**ଦୂରଭାଷ.: ୯୪୩୭୩୨୪୯୧୭**


# ଉତ୍କଳୀୟ ପରମ୍ପରାରେ ଜଗନ୍ନାଥ ଚେତନା



**ଦାଶରଥୀ ଶତପଥୀ**

ଅମୃତମୟ ସୃଷ୍ଟିରେ ଯୁଗ ଯୁଗ ଧରି ଉତ୍କଳର ଆଧ୍ୟାତ୍ମିକ ଓ ସାଂସ୍କୃତିକ ଚେତନାର କେନ୍ଦ୍ର ବିନ୍ଦୁ ମହାପ୍ରଭୁ ଶ୍ରୀ ଜଗନ୍ନାଥ। ଶ୍ରୀ ଜଗନ୍ନାଥ ହେଉଛନ୍ତି ଓଡିଆ ଜାତିର ଆରାଧ୍ୟ ଦେବତା, ପୂର୍ଣ୍ଣବ୍ରହ୍ମ, ପୁରୁଷୋତ୍ତମ। ସେ ସାମ୍ୟ, ମୈତ୍ରୀ ଓ ସମନ୍ୱୟର ପ୍ରତୀକ ଓ ମୂଳଉତ୍ସ। ସମସ୍ତେ ତାଙ୍କର ଓ ସେ ସମସ୍ତଙ୍କର। ସମସ୍ତ ମାନବ ସମାଜର ପ୍ରତୀକ। ପରମ ଆରାଧ୍ୟ କାଳିଆ ଠାକୁର ଭକ୍ତ ଓ ଭଗବାନଙ୍କର ସେତୁ, ଯାହାଙ୍କ ଲୀଳା ଓ ଖେଳାରେ ଏହା ପ୍ରତିପାଦିତ। ଏହି ପରିପ୍ରେକ୍ଷୀରେ ଆଦିଶଙ୍କରାଚାର୍ଯ୍ୟ ଜଗନ୍ନାଥାଷ୍ଟକରେ ବନ୍ଦନା କରି ଗାଇ ଉଠିଥିଲେ:-

"କଦାଚିତ କାଳିନ୍ଦୀତଟ ବିପିନ ସଙ୍ଗୀତ କରବୋ
ମୁଦାଭିରିନାରୀ ବଦନ କମଳା ସ୍ୱାଦ ମଧୁପୋ।
ରମାଶମ୍ଭୋ ବ୍ରହ୍ମା ମରପତି ଗଣେଶାର୍ଚ୍ଚିତ ପଦୋ
ଜଗନ୍ନାଥସ୍ୱାମୀ ନୟନ ପଥଗାମୀ ଭବତୁମେ"।।

ଉତ୍କଳୀୟ ସଂସ୍କୃତିର ଗର୍ବ ଓ ଗୌରବର ପ୍ରତୀକ ଜଗନ୍ନାଥ ଘୋଷଯାତ୍ରା ବିଶ୍ୱମୈତ୍ରୀ ଓ ଭାତୃତ୍ୱର ବାର୍ତ୍ତା ପ୍ରଚାର କରିଥାଏ। ଉତ୍କଳୀୟ ସଂସ୍କୃତିରେ ପଞ୍ଚସଖୀୟ ଯୁଗର ବହୁ ଗ୍ରନ୍ଥର ରଚୟିତା ଶ୍ରୀ ଅଚ୍ୟୁତାନନ୍ଦ କଳିଯୁଗର ମହା ମନ୍ତ୍ରର ପ୍ରାଧାନ୍ୟ ସ୍ୱୀକାର କରିବା ସଙ୍ଗେ ସଙ୍ଗେ ପ୍ରଭୁ ଜଗନ୍ନାଥ ହିଁ ଓଁ କାର ବ୍ରହ୍ମ ଗାୟତ୍ରୀ ଓ ମହାମନ୍ତ୍ରସ୍ୱରୁପ ବୋଲି ଦର୍ଶାଇଛନ୍ତି। ଜାତି, ଧର୍ମ, ବର୍ଣ୍ଣ, ଧନୀ ଓ ଗରୀବ ନିର୍ବିଶେଷରେ ଲକ୍ଷ ଲକ୍ଷ ଜନତାଙ୍କ ସମବେତ ହିଁ ସମଗ୍ର ମାନବ ସମାଜର ପରିଦୃଷ୍ଟ ଓ ସମନ୍ୱୟରେ ମୈତ୍ରୀ ଓ ବନ୍ଧୁତ୍ୱର ନିଦର୍ଶନ ପ୍ରତିଫଳିତ ହୋଇଥାଏ। ଶୂନ୍ୟ ସଂହିତାରେ ମହାପୁରୁଷ ଅଚ୍ୟୁତାନନ୍ଦ ଦାସ ବର୍ଣ୍ଣନା କରିଛନ୍ତି ଯେ:-

"ଚାଣ୍ଡାଳୁ ବ୍ରାହ୍ମଣ ଗୁରୁଶିଷ୍ୟପୁଣ
ବାରଣ ନଥିବ ତହିଁ ବିକାର ନଥିବ
ଏକାକାର ହେବ, ନିରାକାର ଆଜ୍ଞା ଏହି"।

ଜଗତକର୍ତ୍ତା ଦୈବବିଧାତା ପ୍ରଭୁ ଜଗନ୍ନାଥ ସାରା ଜଗତର ବନ୍ଧୁ, ସଂସାର କର୍ତ୍ତା, ପତିତତାରଣ, ଦୁଷ୍ଟନାଶନ, କୃପାସିନ୍ଧୁ, ଜଗତରକ୍ଷକ ବୋଲି ପ୍ରତ୍ୟେକ ସୃଷ୍ଟିରେ ବର୍ଣ୍ଣନା କରିଛନ୍ତି।

ମୁଁ ବିନାଶୀଠାରୁ ଅର୍ଥାତ୍ ସଂସାରରୁ ଅତୀତ ଏବଂ ଅବିନାଶୀ(ଆତ୍ମା) ଠାରୁ ମଧ୍ୟ ଉତ୍ତମ ଅଟେ। ଏହିହେତୁ ସଂସାରରେ ଏବଂ ବେଦରେ ମୁଁ ପୁରୁଷୋତ୍ତମ ନାମରେ ପ୍ରସିଦ୍ଧ ଅଟେ।

"ଯୋ ମାମେବମସମ୍ମୂଢୋ ଜାନାତି ପୁରୁଷୋତ୍ତମମ୍
ସ ସର୍ବବିଭଜତି ମାଂ ସର୍ବଭାବେନ ଭାରତ"। (ଗୀତା ୧୫/୧୯)

ଉତ୍କଳୀୟ ସଂସ୍କୃତିକୁ ପର୍ଯ୍ୟାଲୋଚନା କଲେ ଜଣାପଡେ ଯେ ଆମ ରାଜ୍ୟରେ ପୁରୁଷୋତ୍ତମ କହିଲେ ଶ୍ରୀଜଗନ୍ନାଥଙ୍କୁ ହିଁ ବୁଝାଇଥାଏ। ଶ୍ରୀ ଜଗନ୍ନାଥଙ୍କଠାରେ ପୁରୁଷୋତ୍ତମ ବା କୃଷ୍ଣତ୍ୱର ସନ୍ଧାନ ବହୁ ପ୍ରାଚୀନରୁ ପ୍ରମାଣିତ ହୋଇଆସିଛି। ଶ୍ରୀ ଜଗନ୍ନାଥ ପୁରୁଷୋତ୍ତମ ରୂପେ ଓ ତାଙ୍କର ଲୀଳାକ୍ଷେତ୍ର ସମୁଦ୍ର କୂଳରେ ପୁରୁଷୋତ୍ତମକ୍ଷେତ୍ର ଭାବେ ପ୍ରସିଦ୍ଧି ଲାଭ କରିଥିବା ତଥ୍ୟ ବହୁ ଗବେଷକ, ଦାର୍ଶନିକ ଓ ସାହିତ୍ୟିକ ପ୍ରମାଣ କରିଯାଇଛନ୍ତି ଏବଂ ପୁରୁଷୋତ୍ତମ କ୍ଷେତ୍ର, ଉତ୍କଳୀୟ ପ୍ରଦେଶର ଭୂସ୍ୱର୍ଗ ପରି ରହିଆସିଅଛି। ସେ ଭକ୍ତର ଠାକୁର ଭଗବାନ, ପରମ ପ୍ରେମମୟ ଭକ୍ତି ଉପାସନାର ପ୍ରତୀକ, ଯାହାର ବଳିଷ୍ଠ ଉଦାହରଣ ଯାହାର ବିଶ୍ୱପ୍ରସିଦ୍ଧ ରଥଯାତ୍ରାରେ ଭକ୍ତମାନଙ୍କୁ ଦେଖିବା ପାଇଁ ବାହାରି ଆସିଥାନ୍ତି ନୀଳକନ୍ଦରରୁ। ଏହା କେବଳ ତାଙ୍କର ଘୋଷଯାତ୍ରା ନୁହେଁ, ଏହା ସମଗ୍ର ମାନବ ଜାତିର ଜୟଯାତ୍ରା। ଏହା ହିଁ ଆମର ମହାନ ସଂସ୍କୃତି ଓ ପରଂପରା, ଏହାର ଭୂମିକା ଅତ୍ୟନ୍ତ ମହତ୍ତ୍ୱପୂର୍ଣ୍ଣ ଓ ସୁଦୂରପ୍ରସାରୀ ତଥା ଉତ୍କଳୀୟ ସଂସ୍କୃତିର ଗର୍ବ ଓ ଗୌରବର ପ୍ରତୀକ ଯାହା ବିଶ୍ୱମୈତ୍ରୀ ଓ ଭାତୃତ୍ୱର ବାର୍ତ୍ତା ପ୍ରଚାର କରିଥାଏ। କଥିତଅଛି ମତବାଦ ଅନୁଯାୟୀ ବର୍ଷକ ବାର ମାସ ରୁ ଏଗାର ମାସ ହିନ୍ଦୁ ଦେବତା ବିଷ୍ଣୁ ରୂପରେ ଓ ଏକ ମାସ ବୁଦ୍ଧ ରୂପରେ ପୂଜା ପାଇଆସୁଛନ୍ତି। ଚାରିଧାମ ମଧ୍ୟରୁ ଶ୍ରୀଜଗନ୍ନାଥ ଧାମରେ ଶ୍ରୀଜଗନ୍ନାଥ ଶବ୍ଦର ପ୍ରତ୍ୟେକ ଅକ୍ଷରର ମଧ୍ୟ ସ୍ୱତନ୍ତ୍ର ମହାତ୍ମ ରହିଛି। ଭାଗବତକାର ଅତିବଡ଼ି ଜଗନ୍ନାଥ ଦାସ ଶ୍ରୀକ୍ଷେତ୍ର ମହାତ୍ମ୍ୟକୁ ବର୍ଣ୍ଣନା କରି କହିଛନ୍ତି:-

"ଯେତେକ ପୁଣ୍ୟସ୍ଥାନ ମହୀ, ଏହି କ୍ଷେତ୍ରରୁ ଜାତ ସେହି
ଯେତେକ ତୀର୍ଥ ଏ ସଂସାରେ, ଏହି କ୍ଷେତ୍ରରୁ ସେ ବାହାରେ"।

ପୁନଶ୍ଚ ଅତିବଡ଼ୀ ଜଗନ୍ନାଥ ଦାସ ଏହି କ୍ଷେତ୍ରକୁ ଗୋଲକ ବୈକୁଣ୍ଠ ଓ ଏହି ସ୍ଥାନରୁ ସବୁ ଅବତାରମାନଙ୍କର ସୃଷ୍ଟି ବୋଲି କହିଛନ୍ତି।

"ଯେତେ ଯେତେ ବିଷ୍ଣୁ ଅବତାର ଏହି କ୍ଷେତ୍ରରୁ ସେ ବାହାର
ଏ ଦେବ ଦେବଙ୍କ ଉତ୍ତମ, ଏ କ୍ଷେତ୍ର ଶ୍ରେଷ୍ଠ ପୁରୁଷୋତ୍ତମ"।

ସେ ଅନନ୍ତ, ସେ ଅସୀମ, ସେ ପଥପ୍ରଦର୍ଶକ, ସେ ନିରାକାର, ଅବିନାଶୀ, ପରମାତ୍ମା ଓ ପରମେଶ୍ୱର। ଶ୍ରୀଜଗନ୍ନାଥଙ୍କ ଅନ୍ତର ମଧ୍ୟରେ ଭଗବାନ ଶ୍ରୀକୃଷ୍ଣ ବିଦ୍ୟାମାନ। କଥାରେ ଅଛି:-

"ଜଗନ୍ନାଥ ଯେ ଷୋଳକଳା, ତହୁଁ କଳାଏ ନନ୍ଦବଳା
କଳାକ ଷୋଳ କଳା ପରି, ଗୋପେ ବିହରେ ନରହରି"।

ବିଭିନ୍ନ ଦିଗରୁ ପର୍ଯ୍ୟାଲୋଚନାକ କଲେ ଜଣାପଡେ ଶ୍ରୀଜଗନ୍ନାଥ ସ୍ୱୟଂ ପୁରୁଷୋତ୍ତମ। ସେ ସଗୁଣ ଓ ନିର୍ଗୁଣ ସ୍ୱରୂପର ଊର୍ଦ୍ଧ୍ୱରେ। ସେ ରୂପ ଓ ଅରୁପର ଊର୍ଦ୍ଧ୍ୱରେ। ସେ ଶ୍ରୀଜଗନ୍ନାଥ ନାମରେ ନୀଳକନ୍ଦରରେ ବିରାଜମାନ। ସେ ଆମ ପାଇଁ ତ୍ରାଣକର୍ତ୍ତା, ପ୍ରାଣକର୍ତ୍ତା ଓ ଦୈବୀଶକ୍ତିର ପ୍ରତୀକ। ସେ ହେଉଛନ୍ତି ଅମୃତର ଧାରା। ଓଡିଆ ସଂସ୍କୃତି, ଓଡିଆ ପରଂପରାର ଧର୍ମୀୟ ଚେତନାର ସାକାର ପରମବ୍ରହ୍ମ। ବନ୍ଧୁର ବନ୍ଧୁ, ସଖାର ସଖା, ଦୁଃଖୀର ଦୁଃଖରେ ଦୁଃଖୀ। ସମଗ୍ର ବିଶ୍ୱବ୍ରହ୍ମାଣ୍ଡର ପ୍ରାଣପିଣ୍ଡ। ଭକ୍ତ ଓ ଭଗବାନର ଅପୂର୍ବ ସମନ୍ନୟର ପ୍ରତୀକ ଶ୍ରୀଜଗନ୍ନାଥ। ସାମ୍ୟ, ମୈତ୍ରୀ, ପ୍ରେମଭକ୍ତିର ପ୍ରତୀକ ଦେବତା ପ୍ରଭୁ ଜଗନ୍ନାଥଙ୍କସ୍ୱରୂପ ରହସ୍ୟମୟ। ସେ ଅନେକରେ ଏକ, ଏକରେ ଅନେକ। ଲୀଳାମୟ ପୁରୁଷୋତ୍ତମ ପ୍ରଭୁ ଜଗନ୍ନାଥଙ୍କ ମହିମାର ପଟ୍ଟାନ୍ତର ନାହିଁ। ସୁତରାଂ ଜଗତର ନାଥ ଜଗନ୍ନାଥ ସମସ୍ତଙ୍କର। ତେବେ ଯାହା ହେଉନା କାହିଁକି ଏହି ଅମୃତମୟ ସୃଷ୍ଟିରେ ଶ୍ରୀ ଜଗନ୍ନାଥଙ୍କ ଧର୍ମ, ଦର୍ଶନତତ୍ତ୍ୱ ସମଗ୍ର ମାନବ ଜାତି ପାଇଁ ଏକ ଚିନ୍ତା ଓ ଚୈତନ୍ୟତାର ଗହନବାର୍ତ୍ତା ଅଟେ।

ବହୁ ଗବେଷକ ଓ ଆଲୋଚକଙ୍କ ମତରେ, ସବୁର ରହସ୍ୟମୟ ପୁରୁଷୋତ୍ତମ ଜଗନ୍ନାଥ, ଯାହାକୁ ଦେବତାମାନେ ଜାଣିପାରନ୍ତି ନାହିଁ ସାଧାରଣ ବ୍ୟକ୍ତିଙ୍କ ପକ୍ଷରେ ତାଙ୍କର ରହସ୍ୟ ଭେଦ କରିବା କେତେ ଯେ ଅଗମ୍ୟ ତାହା ବୁଝିବା ଆବଶ୍ୟକ। କପିଳ ସଂହିତାରେ ଉଲ୍ଲେଖ ଅଛି:-

"ସର୍ବ ରହସ୍ୟ ପୁରୁଷୋତ୍ତମସ୍ୟ
ଦେବଃ ନ ଜାନାତି କୁତୋ ମନୁଷ୍ୟ"।

ଯେତେ ମତ ସେତେ ପଥ। ସକଳ ଧର୍ମ ସତ୍ୟ ଓ ଅନନ୍ତ ମତ- ଅନନ୍ତ ପଥ। ସର୍ବଧର୍ମର ସମନ୍ୱୟ। ସମସ୍ତଙ୍କର ହୃଦୟରେ ବିଦ୍ୟମାନ ମହାପ୍ରଭୁ ପୁରୁଷୋତ୍ତମ ଶ୍ରୀଜଗନ୍ନାଥ ଏହା ଚିରନ୍ତନ ସତ୍ୟ। ଭଗବାନ ଶ୍ରୀକୃଷ୍ଣ, ଶ୍ରୀମଦ୍ ଭଗବତ ଗୀତାର ୪ର୍ଥ ଅଧ୍ୟାୟ ୧୧ତମ ଶ୍ଳୋକରେ କହିଛନ୍ତି:-

"ଯେ ଯଥା ମାଂ ପ୍ରପଦ୍ୟନ୍ତେ ତା ସ୍ତଥୈବ ଭଜାମ୍ୟହମ
ମମ ବର୍ତ୍ମାନୁ ବର୍ତ୍ତନ୍ତେ ମନୁଷ୍ୟାଃ ପାର୍ଥ ସର୍ବଶଃ"।

ହେ ପୃଥାନନ୍ଦନ! ଯେଉଁ ଭକ୍ତ ଯେପରି ଭାବରେ ମୋର ଶରଣ ପଶନ୍ତି, ମୁଁ ସେମାନଙ୍କୁ ସେହିପରି ଭାବରେ ହିଁ ଆଶ୍ରୟ ପ୍ରଦାନ କରେ କାରଣ ସର୍ବଭାବରେ ପ୍ରତ୍ୟେକ ମନୁଷ୍ୟ ମୋ ଦ୍ୱାରା ପ୍ରଚଳିତ ମାର୍ଗର ହିଁ ଅନୁସରଣ କରନ୍ତି। ଭଗବାନ ଶ୍ରୀକୃଷ୍ଣ, ଶ୍ରୀମଦ୍ ଭଗବତ ଗୀତାର ୬ଷ୍ଠ ଅଧ୍ୟାୟ ୩୦ତମ ଶ୍ଳୋକରେ କହିଛନ୍ତି:-

"ଯୋ ମାଂ ପଶ୍ୟତି ସର୍ବତ୍ର ସର୍ବଂ ଚ ମୟି ପଶ୍ୟତି
ତସ୍ୟାହଂ ନ ପ୍ରଣଶ୍ୟାମି ସ ଚ ମେ ନ ପ୍ରଣଶ୍ୟତି"।

ଆମ ଶାସ୍ତ୍ରରେ ଜଗନ୍ନାଥ ହିଁ ଶ୍ରୀକୃଷ୍ଣ ବହୁ ପ୍ରମାଣ ଥିବା ରହିଛି। ମୃତ୍ୟୁ ସମୟରେ ଶ୍ରୀ ଜଗନ୍ନାଥଙ୍କ ନାମ ନେଲେ ଜମଦଣ୍ଡରୁ ମୁକ୍ତି ମିଳେ ଓ ଆତ୍ମା ବୈକୁଣ୍ଠକୁ ଯାଏ ବୋଲି ବିଶ୍ୱାସ ଥିବାରୁ ଓଡିଆମାନେ ମୃତ୍ୟୁବେଳେ ଜଗନ୍ନାଥଙ୍କୁ ସ୍ମରଣ କରିଥାନ୍ତି। ଏହା ଆମ ହୃଦୟର ଆବେଗର ପ୍ରତିଫଳନ। ସବୁ କ୍ଷେତ୍ରରୁ ବିଚାର କଲେ ଜଣାପଡେ ଆମ ସଂସ୍କୃତି ଓ ଐତିହ୍ୟ ବହୁ ପ୍ରାଚୀନ। ଏହି ସଂସ୍କୃତି ଭିତରେ ଜଗନ୍ନାଥ ସଂସ୍କୃତି ହେଉଛି ଅତୀତ, ବର୍ତ୍ତମାନ ଓ ଭବିଷ୍ୟତର ସଂଯୋଗକାରୀ। ସେ ଆମ ପାଇଁ ସ୍ୱପ୍ନ ଓ ସଂଭାବନା ଓ ଓଡିଆ ଜାତିର ପ୍ରତ୍ୟେକ ସ୍ପନ୍ଦନରେ ଯାହାର ସ୍ୱର ଗୁଂଜରିତ ହୁଏ। ସେ ସ୍ପନ୍ଦନର ସ୍ୱର ଆମ ସମସ୍ତଙ୍କୁ ନବଉନ୍ମାଦନା, ନୂଆ ଦିଶା ଓ ନୂଆ ସକାଳର ସୂର୍ଯ୍ୟୋଦୟର ସୁନ୍ଦର ଆଭାରେ କଳାଠାକୁର କାଳିଆର ମୁହଁ ଯାଜୁର୍ଲ୍ୟମାନ କରେ। ସେ ଆକାର, ସେ ନିରାକାର, ଭାବକକୁ ନିକଟ, ଅଭାବକୁ ଦୂର, ସେ ଅନ୍ତର୍ଯାମି, ସର୍ବବ୍ୟାପି। ସେ ଆମ ରାଜ୍ୟର ଗର୍ବ, ଅଭିମାନ ଓ ଓଡିଆ ଜାତିର ଅସ୍ମିତା। ଆମର ପ୍ରକୃତ କର୍ମ, ଭକ୍ତି, ସାଧନାକୁ ସେ ଠିକ୍ ଭାବରେ ବୁଝିନିଅନ୍ତି। ନିଜକୁ ତାଙ୍କ ପାଖରେ ଅନ୍ତରର ସହ ମୁକ୍ତ ହୃଦୟରେ ସମର୍ପି ଦେଲେ, ଆମେ ସଂକୀର୍ଣ୍ଣତା ଠାରୁ ମହାନତା, ବିଶାଳତା, ସମୃଦ୍ଧ ସମାଜ, ଉନ୍ନତ ରାଷ୍ଟ୍ର, ସତ୍ୟ, ଶାନ୍ତିରେ କଲ୍ୟାଣକର ବିଶ୍ୱ ସଂଗଠନ କରିବାକୁ ସମର୍ଥ ହୋଇପାରିବା। ଶାନ୍ତି, ମୈତ୍ରୀ, ସମତା ଓ ସଦଭାବନାକୁ ନେଇ ଶ୍ରୀଜଗନ୍ନାଥ ଚେତନା ବିଶ୍ୱବିଖ୍ୟାତ ହୋଇପାରିଛି ଏହା ସମଗ୍ର ଓଡିଆ ଜାତିର ଗର୍ବ ଓ ଗୌରବର ବିଷୟ।


**ସଚିବ, ଓଡିଶା ବିଧାନସଭା**
**ମୋବାଇଲ: ୯୪୩୮୦୮୧୭୧୩**


# ବିକଶିତ ଓଡ଼ିଶା ଓ ଯୁବବର୍ଗଙ୍କ ପାଇଁ ଧନ୍ଦାମୂଳକ ଶିକ୍ଷା



**ବାଦଲ ଭୂୟାଁ**

ବିକଶିତ ଓଡ଼ିଶା ଗଠନ ହେବ। ରାଜ୍ୟରେ ଡବଲ ଇଞ୍ଜିନ ସରକାର ଶାସନ ଦାୟିତ୍ୱ ଗ୍ରହଣ କରିବା ପରେ ଭବିଷ୍ୟତ ଯୋଜନାକୁ ସହଯୋଗ ପାଇଁ କେନ୍ଦ୍ରର ସହଯୋଗ ସହ ଦରିଆପାରି ସିଙ୍ଗାପୁରରୁ ଆସିଛି ସହଯୋଗର ହାତ। ସବୁଠାରୁ ବଡ଼ କଥା ହେଉଛି ମୁଖ୍ୟମନ୍ତ୍ରୀ ମୋହନ ଚରଣ ମାଝୀ ଓ କେନ୍ଦ୍ର ଶିକ୍ଷା ମନ୍ତ୍ରୀ ଧର୍ମେନ୍ଦ୍ର ପ୍ରଧାନଙ୍କ ମାର୍ଗଦର୍ଶନରେ ଆଉ ଦଶଦିନ ପରେ ଆରମ୍ଭ ହେବାକୁ ଯାଉଛି ଉତ୍କର୍ଷ ଓଡ଼ିଶା : ମେକଇନ ଓଡ଼ିଶା କନକ୍ଲେଭ-୨୦୨୫। ଏହି ୨୦୨୫ଟି ହିଁ ଆମ ଯୁବ ବର୍ଗଙ୍କ ପାଇଁ ସଫଳତା ଓ ସମ୍ଭାବନାର ଅପାର ବର୍ଷଟି କହିଲେ ଅତ୍ୟୁକ୍ତି ହେବନାହିଁ।

୨୦୨୫ ସୁଦ୍ଧା ଭାରତର ୫୦ ପ୍ରତିଶତ ଯୁବ ବର୍ଗଙ୍କୁ ଧନ୍ଦାମୂଳକ ଶିକ୍ଷାରେ ସଶକ୍ତ କରାଯିବାର ଲକ୍ଷ୍ୟ ରଖାଯାଇଛି। ଶିକ୍ଷାନୁଷ୍ଠାନ ଗୁଡ଼ିକରେ ଛାତ୍ରଛାତ୍ରୀଙ୍କ ସୁବିଧା ପାଇଁ ନ୍ୟାସନାଲ କ୍ରେଡିଟ ଫ୍ରେମୱାର୍କ ବିକଶିତ କରାଯାଇଛି ବୋଲି କହିଛନ୍ତି କେନ୍ଦ୍ର ଶିକ୍ଷା ମନ୍ତ୍ରୀ ଧର୍ମେନ୍ଦ୍ର ପ୍ରଧାନ। ନିକଟରେ ଭଏସ ଅଫ ଗ୍ଲୋବାଲ ସାଉଥ ସମ୍ମିଟରେ ଯୋଗ ଦେଇ ଶ୍ରୀ ପ୍ରଧାନ କହିଛନ୍ତି ଯେ ଯେତେବେଳେ ଭାରତ ଜି-୨୦ର ଅଧକ୍ଷତା କରୁଛି, ସେହି ସମୟରେ ଭଏସ ଅଫ ଗ୍ଲୋବାଲ ସାଉଥ ସମ୍ମିଟ ନୂଆ ଚିନ୍ତାଧାରା ଓ ଗ୍ଲୋବାଲ ସାଉଥ ଦେଶଗୁଡ଼ିକର ବାର୍ତ୍ତାକୁ ଜି-୨୦ ମଞ୍ଚରେ ଉପସ୍ଥାପନା କରିପାରିବାର ଏକ ଭଲ ପ୍ଲାଟଫର୍ମ। ଗତ ଜି-୨୦ ସମ୍ମିଳନୀର କଥାବସ୍ତୁ ରହିଥିଲା ଗୋଟିଏ ପୃଥିବୀ, ଗୋଟିଏ ପରିବାର ଏବଂ ଗୋଟିଏ ଭବିଷ୍ୟତ। ଯାହା ଭାରତୀୟ ବିଚାର ଓ ମୂଲ୍ୟବୋଧ ବସୁଧୈବ କୁଟୁମ୍ବକମ୍ ଉପରେ ଆଧାରିତ। ଜି-୨୦ ଶିକ୍ଷା କାର୍ଯ୍ୟକାରୀ ଗ୍ରୁପରେ ପ୍ରଯୁକ୍ତିବିଦ୍ୟା ଆଧାରିତ ଶିକ୍ଷା ଆହରଣ, ଭବିଷ୍ୟତର କାର୍ଯ୍ୟ ପରିପ୍ରେକ୍ଷୀରେ ଜୀବନବ୍ୟାପୀ ଶିକ୍ଷା ଆରହଣ, ଉଚ୍ଚଶିକ୍ଷାନୁଷ୍ଠାନଗୁଡ଼ିକରେ ଉଦ୍ଭାବନ ଓ ଗବେଷଣା ଉପରେ ଆଲୋଚନା କରାଯିବାର କାର୍ଯ୍ୟକ୍ରମ ରହିଛି। ମାନବ ସମ୍ବଳ ବିକାଶ, ଦକ୍ଷତା ବୃଦ୍ଧି, ଭବିଷ୍ୟତ ପାଇଁ ଦକ୍ଷ ମାନବ ସମ୍ବଳ, ଧନ୍ଦାମୂଳକ ଶିକ୍ଷାକୁ ଅଧିକ ସୁଦୃଢ଼ କରିବା ପାଇଁ ଅଂଶଗ୍ରହଣ କରୁଥିବା ଦେଶଗୁଡ଼ିକର ପ୍ରଚଳିତ ସର୍ବୋତ୍ତମ ଯୋଜନାଗୁଡ଼ିକ ଉପରେ ଆଲୋଚନା କରାଯିବ।

ସମ୍ପୂର୍ଣ୍ଣ ମାନବ ସାମର୍ଥ୍ୟ ହାସଲ କରିବା ହିଁ ଶିକ୍ଷାର ମୂଳ ଆଧାର। ବିଶ୍ୱର ସବୁଠାରୁ ଅଧିକ ଯୁବ ବର୍ଗ ଭାରତରେ ଅଛନ୍ତି। ୧୫ ଲକ୍ଷରୁ ଅଧିକ ବିଦ୍ୟାଳୟ, ପ୍ରାୟ ଏକ ହଜାର ବିଶ୍ୱବିଦ୍ୟାଳୟ ସହ ଭାରତରେ ବିଶ୍ୱର ବିବିଧ ଶିକ୍ଷା ବ୍ୟବସ୍ଥା ରହିଛି। ଦେଶରେ ଜାତୀୟ ଶିକ୍ଷାନୀତି୨୦୨୦କୁ କାର୍ଯ୍ୟକାରୀ କରାଯାଉଛି ଯାହା ଦ୍ୱାରା ଆମ ଶିକ୍ଷା ବ୍ୟବସ୍ଥାରେ ବ୍ୟାପକ ସଂସ୍କାର ଅଣାଯାଉଛି। ଗ୍ଲୋବାଲ ସାଉଥ ଦେଶରେ ଥିବା ଶିକ୍ଷା ବ୍ୟବସ୍ଥା ପରାଧୀନ ମାନସିକତା ଯୋଗୁଁ ଶତାବ୍ଦୀ ଶତାବ୍ଦୀ ଧରି କ୍ଷତି ସହୁଥିଲା। ସମୟ ଆସିଛି, ଏହାକୁ ପରିବର୍ତ୍ତନ କରି ଆମ ଜନସାଧାରଣଙ୍କ ଆକାଂକ୍ଷାକୁ ପୂରଣ କରିବା ପାଇଁ କାର୍ଯ୍ୟ କରିବା। ସର୍ବବ୍ୟାପୀ, ସର୍ବସ୍ପର୍ଶୀ, ଗୁଣାତ୍ମକ, ସୁଲଭ ଓ ଉତ୍ତରଦାୟିତ୍ୱ ଭଳି ସ୍ତମ୍ଭ ଉପରେ ପର୍ଯ୍ୟବେସିତ ଜାତୀୟ ଶିକ୍ଷା ନୀତି ଭାରତୀୟ ଚରିତ୍ର ସହ ଜଡ଼ିତ ଏବଂ ୨୦୩୦ ସାମଗ୍ରୀକ ବିକାଶ ସହ ସମ୍ମେଳିତ। ଏହା ଆମ ଯୁବପିଢ଼ିଙ୍କୁ ବୈଶ୍ୱିକ ନାଗରିକ ଭାବରେ ବିକଶିତ କରିବ, ଯାହାଦ୍ୱାରା ସେମାନେ ମାନବତାର କଲ୍ୟାଣ ପାଇଁ ବୈଶ୍ୱିକ ସମସ୍ୟାର ସମାଧାନର ସୂତ୍ର ବାହାର କରିପାରିବେ।

ସ୍କୁଲ ଶିକ୍ଷା ସ୍ତରରେ ପ୍ରାରମ୍ଭିକ ଶୈଶବ ଯତ୍ନ ଓ ଶିକ୍ଷାକୁ ପ୍ରାଥମିକତା ଦିଆଯାଇଛି ଏବଂ ଛାତ୍ରଛାତ୍ରୀଙ୍କ ମଧ୍ୟରେ ସ୍ୱାକ୍ଷର ଏବଂ ସଂଖ୍ୟାକୁ ସୁଦୃଢ଼ କରିବା ପାଇଁ ସ୍ୱତନ୍ତ୍ର ପଦକ୍ଷେପ ନିଆଯାଇଛି। ବହୁମୁଖୀ ଶିକ୍ଷାକୁ ପ୍ରୋତ୍ସାହନ ଦିଆଯାଇ ଉଚ୍ଚ ଶିକ୍ଷାର ଗୁଣାତ୍ମକ ବିକାଶ ପାଇଁ ସଂସ୍କାର ଅଣାଯାଇଛି। ଶିକ୍ଷାର ଅନ୍ତର୍ଜାତୀୟକରଣ ହେଉଛି ଜାତୀୟ ଶିକ୍ଷା ନୀତିର ମୂଳ ଅଂଶ। ଜାତୀୟ ଶିକ୍ଷା ନୀତି ଭାରତକୁ ଗ୍ଲୋବାଲ ଷ୍ଟଡି ଡେଷ୍ଟିନେସନ ଭାବରେ ପ୍ରୋତ୍ସାହିତ କରୁଛି, ଯାହା ଦ୍ୱାରା ସୁଲଭ ମୂଲ୍ୟରେ ଗୁଣାତ୍ମକ ଶିକ୍ଷାର ଲାଭ ଛାତ୍ରଛାତ୍ରୀମାନେ ପାଇପାରିବେ। ଗ୍ଲୋବାଲ ସାଉଥ ଦେଶର ସହଭାଗିତାରେ ଭାରତ ଏକବିଂଶ ଶତାବ୍ଦୀରେ ନିଜ ଦେଶଗୁଡ଼ିକରେ ସାର୍ବଭୌମିକ ଶିକ୍ଷା ଓ ମାନବ ସମ୍ବଳ ବିକାଶର ଲକ୍ଷ୍ୟକୁ ହାସଲ କରିବା ପାଇର୍ ପ୍ରତିଶ୍ରୁତିବଦ୍ଧ। ସୂଚନାଯୋଗ୍ୟ ଯେ ଭଏସ ଅଫ ଗ୍ଲୋବାଲ ସାଉଥ ସମ୍ମିଳନୀରେ ବାର୍ବାଡୋସ, କୋଷ୍ଟା ରିକା, କମନ ୱେଲଥ ଅଫ ଦି ବାହାମାସ, କ୍ୟୁବା, ଗାମ୍ବିୟା, ହନ୍ଦୁରାସି, ଲାଓ ପିପୁଲ୍ସ ଡେମୋକ୍ରାଟିକ ରିପ୍ଲବିକ, ଫେଡେରେଟେଡ ଷ୍ଟେଟ ଅଫ ମାଇକ୍ରୋନେସିଆ, ରିପବ୍ଲିକ ଅଫ ନାଉରୁ, ସେଣ୍ଟ ଲୁସିଆ, ସେଣ୍ଟ ଭିନସେଣ୍ଟ ଏବଂ ଦ ଗ୍ରନାଡାଇନ୍ସ, ସୋଲୋମନ ଆଇଲ୍ୟାଣ୍ଡ, ତୁର୍କମେନିସ୍ତାନ, ଉରୁଗୁଏ, ୟେମେନ ସମୂହ ଦେଶ ଅଂଶ ଗ୍ରହଣ କରିଥିଲେ। ଶିକ୍ଷସ୍ତରରେ ଓଡ଼ିଶା ଆଜି ବିଶ୍ୱ ସ୍ତରରେ ନିଜ ସ୍ୱତନ୍ତ୍ରତା ପ୍ରତିପାଦିତ କରିପାରିବା ସହ ପୂର୍ବ ଭାରତର ବିକାଶରେ ଆଜି ଓଡ଼ିଶା ଏକ ଅଗ୍ରଣୀ ରାଜ୍ୟ ଭାବେ ସଗର୍ବେ ମୁଣ୍ଡ ଟେକି ପାରିଛି। ଓଡ଼ିଶା ଶିଳ୍ପାୟନ ପାଇଁ ରହିଛି ଅପାର ସମ୍ଭାବନା। ଜାତୀୟ ଓ ଆନ୍ତର୍ଜାତିକ ନିବେଶକଙ୍କୁ ଓଡ଼ିଶା ଟାଣିବାକୁ ଭିତ୍ତିଭୂମିର ବିକାଶ ସହ ମାନବ ସମ୍ବଳକୁ ଅଧିକ ଦକ୍ଷ କରିବାକୁ ରାଜ୍ୟ ସରକାର ଗୁରୁତ୍ୱାରୋପ କରିଛନ୍ତି। ବିକଶିତ ଓଡ଼ିଶାର ବିଶେଷକରି ଶିକ୍ଷା ବ୍ୟବସ୍ଥାରେ ସକାରାତ୍ମକ ପରିବର୍ତ୍ତନ ସହ ଜାତୀୟ ଶିକ୍ଷା ନୀତିର ବ୍ୟାପକ ପରିକଳ୍ପନାର ନୂଆ ଅୟମ୍ଭାରମ୍ଭ ହୋଇଛି ଏହାର ଶ୍ରେୟ କେନ୍ଦ୍ର ଶିକ୍ଷା ମନ୍ତ୍ରୀ ଧର୍ମେନ୍ଦ୍ର ବାବୁଙ୍କୁ ଦିଆଯିବ। ଅପାର ସମ୍ଭାବନା ଓ ପର୍ଯ୍ୟାପ୍ତ ବିକାଶର ବେଗବାନ ପ୍ରଗତିରେ ଓଡ଼ିଶା ନିଜ ସ୍ୱତନ୍ତ୍ରତା ଜାହିର କରିପାରିଛି। ଓଡ଼ିଶାର ଯୁବ ବର୍ଗ ଆଜି ଯଥେଷ୍ଟ ଅଗ୍ରଗତି କରିପାରିଛନ୍ତି ଓ ସ୍ୱାବଲମ୍ବୀ ମଧ ହୋଇପାରିଛନ୍ତି। ଏ କ୍ଷେତ୍ରରେ ଆମ ସମସ୍ତଙ୍କର ସହଯୋଗର ଗୁରୁ ଦାୟିତ୍ୱ ରହିଛି।


**୪ଜି, ପ୍ରତାପ ଆପାର୍ଟମେଣ୍ଟ, ୭-ଏକ୍ସଟେନସନ ରୋଡ଼, ପୁରୁଣା ସୋନାରୀ, ଜାମସେଦପୁର**
**ମୋବାଇଲ୍: ୯୨୦୪୭୫୨୦୭୫**

### ଆରଜି କର ମେଡିକାଲ କଲେଜ ଦୁଷ୍କର୍ମ ଓ ହତ୍ୟା ମାମଲା

# ମୁଖ୍ୟ ଅଭିଯୁକ୍ତ ସଞ୍ଜୟ ରାୟ ଦୋଷୀ ସାବ୍ୟସ୍ତ

**କୋଲକାତା, ୧୮।୧:** କୋଲକାତାର ଆରଜି କର ମେଡିକାଲ କଲେଜ ଏବଂ ହସ୍ପିଟାଲରେ ମହିଳା ଡାକ୍ତରଙ୍କୁ ଦୁଷ୍କର୍ମ ଓ ହତ୍ୟା ମାମଲାରେ ମୁଖ୍ୟ ଅଭିଯୁକ୍ତ ସଞ୍ଜୟ ରାୟଙ୍କୁ ଦୋଷୀ ସାବ୍ୟସ୍ତ କରିଛନ୍ତି କୋର୍ଟ। ସଞ୍ଜୟ ରାୟଙ୍କୁ ସିଆଲଦା କୋର୍ଟ ଦୋଷୀ ସାବ୍ୟସ୍ତ କରିଛନ୍ତି। ସଞ୍ଜୟ ରାୟକୁ ବିଏନଏସ ସେକ୍ସନ ୬୪, ୬୬ ଏବଂ ୧୦୩(୧) ଅଧିନରେ ଦୋଷୀ ସାବ୍ୟସ୍ତ କରାଯାଇଛି। କୋର୍ଟ ୨୦ ତାରିଖରେ ମାମଲାର ଦଣ୍ଡାଦେଶ ଶୁଣାଇବେ।

ସଞ୍ଜୟ ରାୟ କୋର୍ଟରେ ନିଜକୁ ନିର୍ଦ୍ଦୋଷ ବୋଲି କହିଥିଲେ। କୋର୍ଟ କହିଛନ୍ତି ଯେ, ଅଭିଯୁକ୍ତଙ୍କ ବିରୋଧରେ ବିଏନ୍ଏସ୍ ଧାରା ୬୪,୬୬, ୧୦୩/୧ ଲାଗୁ କରାଯାଇଛି। ଅଭିଯୁକ୍ତଙ୍କ ଆରଜି କର ମେଡିକାଲ କଲେଜର ବାହାନା କରି ହସ୍ପିଟାଲର ସେମିନାର ରୁମକୁ ଯାଇ ସେଠାରେ ବିଶ୍ରାମ ନେଉଥିବା ଜଣେ ମହିଳା ଡାକ୍ତରଙ୍କୁ ଦୁଷ୍କର୍ମ



## ସୋମବାର ହେବ ଦଣ୍ଡାଦେଶ ଶୁଣାଣି

ଓ ଆକ୍ରମଣ କରିଥିଲେ ଏବଂ ପରେ ତାଙ୍କୁ ହତ୍ୟା କରିଥିଲେ। ଡାକ୍ତରଙ୍କ ହତ୍ୟା ଓ ଦୁଷ୍କର୍ମ ମାମଲାରେ ଅଭିଯୁକ୍ତ ସଞ୍ଜୟ ରାୟଙ୍କ ବିରୋଧରେ ମାମଲାର ଶୁଣାଣି ଜାନୁଆରି ୯ ରେ ଶେଷ ହୋଇଥିଲା, ଯେଉଁଥିରେ ୫୦ ସାକ୍ଷୀଙ୍କୁ ପଚରାଉଚରା କରାଯାଇଥିଲା।

ସୂଚନାଯୋଗ୍ୟ, ଅଗଷ୍ଟ ୮ ତାରିଖ ରାତି ପ୍ରାୟ ୧୧ଟାରେ ଅଭିଯୁକ୍ତ ଏହି ବାଇକ ବ୍ୟବହାର କରି ଆରଜି କର ମେଡିକାଲ କଲେଜରେ ପହଞ୍ଚିଥିଲେ। ଏହାପରେ ବିଳମ୍ବିତ ରାତିରେ ସେ ବାହାରକୁ ବାହାରିଥିଲେ। ଗତ ୯ ତାରିଖରେ ଆର.ଜି. କର ମେଡିକାଲ କଲେଜ ହସ୍ପିଟାଲରେ ଟ୍ରେନି ମହିଳା ଡାକ୍ତରଙ୍କୁ ଦୁଷ୍କର୍ମ ପରେ ହତ୍ୟା କରାଯାଇଥିଲା। ସବୁଠି ଆନ୍ଦୋଳନ ଜୋର୍ ଧରିବା ପରେ କୋଲକାତା ଆରଜି କର ମେଡିକାଲ କଲେଜର ପ୍ରିନ୍ସିପାଲ୍ ଡାକ୍ତର ସନ୍ଦୀପ ଘୋଷ ନିଜ ପଦରୁ ଇସ୍ତଫା ଦେଇଥିଲେ । ଘଟଣା ଦିନ ରାତିରେ ସେମିନାର୍ ହଲରେ ଅଭୟା ଶୋଇଥିବାବେଳେ ସଞ୍ଜୟ ରୁମକୁ ଯାଇଥିଲା। ସିସିଟିଭି ଫୁଟେଜ ଆଧାରରେ ସଞ୍ଜୟକୁ ଛାଡ଼ିଦେଲେ କୌଣସି ଷ୍ଟାଫ୍ ସେଠାକୁ ଯାଇ ନ ଥିଲେ। ସଞ୍ଜୟର ବ୍ଲୁଟୁଥ୍ ଅଭୟାଙ୍କ ମୃତଦେହ ନିକଟରେ ପଡ଼ିଥିଲା। ଯାହା ଆଧାରରେ ସଞ୍ଜୟଙ୍କୁ ଗିରଫ କରିଥିଲା ପୋଲିସ।

### ଦିଲ୍ଲୀ ବିଧାନସଭା ନିର୍ବାଚନ

## ୯୮୧ ପ୍ରାର୍ଥୀ ଦଖଲ କଲେ ୧,୫୨୧ ପ୍ରାର୍ଥିପତ୍ର

**ନୂଆଦିଲ୍ଲୀ, ୧୮।୧:** ଫେବୃଆରୀ ମାସରେ ଦିଲ୍ଲୀ ବିଧାନସଭା ନିର୍ବାଚନ। ଏହା ପୂର୍ବରୁ ରାଜଧାନୀରେ ରାଜନୀତି ସରଗରମ ହୋଇଛି। ପ୍ରଚାର ଜୋର ଧରିଥିବା ବେଳେ ଭୋଟରଙ୍କ ସାମ୍ନାରେ ପ୍ରତିଶ୍ରୁତିର ପାହାଡ଼ ରଖୁଛନ୍ତି ବିଭିନ୍ନ ରାଜନୈତିକ ଦଳ। ଏପଟେ ଦିଲ୍ଲୀ ବିଧାନସଭା ନିର୍ବାଚନ ପାଇଁ ନାମାଙ୍କନ ଜାନୁଆରୀ ୧୭ ତାରିଖରୁ ଶେଷ ହୋଇଛି। ୭୦ ବିଧାନସଭା ଆସନରେ ୯୮୧ ପ୍ରାର୍ଥୀ ମୋଟ୍ ୧,୫୨୧ ନାମାଙ୍କନ ପତ୍ର ଦାଖଲ କରିଛନ୍ତି। ଏମାନଙ୍କ ମଧ୍ୟରୁ ୬୮୦ଜଣ କେବଳ ୧୭ ତାରିଖରେ ପ୍ରାର୍ଥିପତ୍ର ଦାଖଲ କରିଛନ୍ତି। ଜାନୁଆରୀ ୧୮ ତାରିଖ ଅର୍ଥାତ୍ ଶନିବାର ଦିନ ସମସ୍ତ ପ୍ରାର୍ଥିପତ୍ର ଯାଞ୍ଚ ହେବ। ସେହିପରି ନାମାଙ୍କନ ପ୍ରତ୍ୟାହାର ପାଇଁ ଗୋଟିଏ ଦିନ ଜାନୁଆରୀ ୨୦ ତାରିଖ ଧାର୍ଯ୍ୟ ହୋଇଛି।

ଦିଲ୍ଲୀ ବିଧାନସଭା ନିର୍ବାଚନ ୨୦୨୫ ପାଇଁ ସର୍ବାଧିକ ପ୍ରାର୍ଥିପତ୍ର ଦାଖଲ ହୋଇଛି। ନୂଆ ଦିଲ୍ଲୀରୁ ପ୍ରାୟ ମୋଟ୍ ୨୯ଜଣ ପ୍ରାର୍ଥୀ ୪୦ଟି ନାମାଙ୍କନ ପତ୍ର ଦାଖଲ କରିଛନ୍ତି। ଏଥିରେ ନୂଆଦିଲ୍ଲୀ ବିଧାନସଭା ଆସନରୁ ନିଜେ ଆପ୍ ରାଷ୍ଟ୍ରୀୟ ସଂଯୋଜକ ଅରବିନ୍ଦ କେଜ୍ରିଓ୍ୱାଲ ରହିଛନ୍ତି। ତାଙ୍କ ସାମ୍ନାରେ ବିଜେପିର ପ୍ରବେଶ ସାହୀବ ସିଂହ ବର୍ମା ଏବଂ କଂଗ୍ରେସର ସନ୍ଦୀପ ଦୀକ୍ଷିତ୍ ରହିଛନ୍ତି। କସ୍ତୁରବା ନଗର ବିଧାନସଭା ଆସନରୁ ସବୁଠୁ କମ୍ ନାମାଙ୍କନ ପତ୍ର ଦାଖଲ ହୋଇଛି। ଏହି ବିଧାନସଭା କ୍ଷେତ୍ରରୁ ମାତ୍ର 6ଜଣ ପ୍ରାର୍ଥୀ 9 ପ୍ରାର୍ଥିପତ୍ର ଦାଖଲ କରିଛନ୍ତି। ଦିଲ୍ଲୀ ବିଧାନସଭା ନିର୍ବାଚନ ଆମ୍ ଆଦମୀ ପାର୍ଟି ଏବଂ କଂଗ୍ରେସ ଏକାକୀ ନିର୍ବାଚନୀ ମୈଦାନକୁ ଓହ୍ଲାଇଛନ୍ତି। ମାତ୍ର ଭାରତୀୟ ଜନାତ ପାର୍ଟି ଏନଡିଏ ସହଯୋଗୀ ଦଳ ସହିତ ନିର୍ବାଚନ ଲଢୁଛି। ଫେବ୍ରୁଆରୀ ୫ ତାରିଖରେ ଦିଲ୍ଲୀରେ ବିଧାନସଭା ପାଇଁ ଭୋଟ୍ ଗ୍ରହଣ ହେବ ଏବଂ ୮ ତାରିଖରେ ଭୋଟ୍ ଗଣତି ହେବ।

## ପଞ୍ଜାବରେ କଙ୍ଗନାଙ୍କ 'ଏମର୍ଜେନ୍ସି'ର ପ୍ରଦର୍ଶନ ବନ୍ଦ

**ଚଣ୍ଡିଗଡ଼,୧୮।୧:** ଶିରୋମଣି ଗୁରୁଦ୍ୱାରା ପ୍ରବନ୍ଧକ କମିଟି (ଏସ୍‌ଜିପିସି) ଏବଂ ଅନ୍ୟ ଶିଖ୍ ସଂଗଠନଗୁଡ଼ିକ ରାଜ୍ୟବ୍ୟାପୀ ବିକ୍ଷୋଭ କରିବାରୁ ବଲିଉଡ୍ ଅଭିନେତ୍ରୀ କଙ୍ଗନା ରଣାଓ୍ୱତ୍‌ଙ୍କ 'ଏମର୍ଜେନ୍ସି' ଫିଲ୍ମ ଶୁକ୍ରବାର ପଞ୍ଜାବର ସିନେମାହଲ୍‌ଗୁଡ଼ିକରେ ପ୍ରଦର୍ଶିତ ହୋଇନାହିଁ। ଉକ୍ତ ଚଳଚ୍ଚିତ୍ରକୁ ବେଆଇନ ଘୋଷଣା କରିବା ପାଇଁ ଅଧିକାଂଶ ରାଜନେତା ଦାବି କରିଛନ୍ତି। ଗୁରୁଦ୍ୱାରାଗୁଡ଼ିକର ଶୀର୍ଷ ସଂଗଠନ ଏସ୍‌ଜିପିସି ଏବଂ ବିଭିନ୍ନ ଶିଖ୍ ସଂଗଠନ ସିନେମାକୁ ବିରୋଧ କରି ସାରା ରାଜ୍ୟର ସିନେମାହଲ୍, ମଲ୍ଟିପ୍ଲେକ୍ସ ଏବଂ ମଲ୍‌ଗୁଡ଼ିକ ବାହାରେ ବିକ୍ଷୋଭ କରିଥିଲେ। ଏହି ରାଜନୈତିକ କାହାଣୀ ଆଧାରିତ ଚଳଚ୍ଚିତ୍ରକୁ କଙ୍ଗନା ଲେଖିବା ସହ ନିର୍ଦ୍ଦେଶନା ଦେଇଛନ୍ତି ଓ ନିର୍ମାଣ କରିଛନ୍ତି। ପଞ୍ଜାବରେ ଏହାର ପ୍ରଦର୍ଶନକୁ ବ୍ୟାନ୍ କରାଯିବା ଦାବି କଳା ଓ କଳାକାରଙ୍କ ପ୍ରତି ନିର୍ଯାତନା ବୋଲି କହି ସେ ନିନ୍ଦା କରିଛନ୍ତି। ୧୯୭୫ରୁ ୧୯୭୭ ପର୍ଯ୍ୟନ୍ତ ୨୧ ମାସ ଧରି ଭାରତରେ ଲାଗୁ ହୋଇଥିବା ଜରୁରୀ ପରିସ୍ଥିତି ଆଧାରରେ ନିର୍ମିତ 'ଏମର୍ଜେନ୍ସି'ରେ କଙ୍ଗନା ପୂର୍ବତନ ପ୍ରଧାନମନ୍ତ୍ରୀ ଇନ୍ଦିରା ଗାନ୍ଧୀଙ୍କ ଭୂମିକାରେ ଅଭିନୟ କରିଛନ୍ତି। ସେନ୍‌ସର ପ୍ରମାଣପତ୍ରକୁ ନେଇ ଚଳଚ୍ଚିତ୍ରଟି ବିବାଦରେ ରହିଥିବାବେଳେ ଶିଖ୍ ସମ୍ପ୍ରଦାୟକୁ ଏଥିରେ ଭୁଲ୍ ଉପସ୍ଥାପନା କରାଯାଇଥିବା ଅଭିଯୋଗ ହୋଇଛି। ବହୁ ବିଳମ୍ବରେ ଶୁକ୍ରବାର ଚଳଚ୍ଚିତ୍ର ସାରା ଦେଶରେ ମୁକ୍ତିଲାଭ କରିଛି।

## ପାକିସ୍ତାନୀ ଆତଙ୍କବାଦ ଏକ କ୍ୟାନସର, ଯାହା ଏବେ ନିଜକୁ ଖାଇ ଚାଲିଛି: ଜୟଶଙ୍କର

**ନୂଆଦିଲ୍ଲୀ,୧୮।୧:** ପଡ଼ୋଶୀ ଦେଶ ପାକିସ୍ତାନର ପରିସ୍ଥିତି ଉପରେ କଟାକ୍ଷ କରିଛନ୍ତି ଭାରତୀୟ ବୈଦେଶିକ ମନ୍ତ୍ରୀ ଏସ ଜୟଶଙ୍କର। ସେ ପାକିସ୍ତାନକୁ ଏହାର ବର୍ତ୍ତମାନର ସମସ୍ୟା ପାଇଁ ଦାୟୀ କରିଛନ୍ତି। ସେ କହିଛନ୍ତି ଯେ ପାକିସ୍ତାନ ସର୍ବଦା ସୀମାପାର ଆତଙ୍କବାଦକୁ ସମର୍ଥନ କରିଆସିଛି ଏବଂ ଏହି କର୍କଟ ଏବେ ଏହାର ନିଜସ୍ୱ ରାଜନୈତିକ ଗଠନକୁ ଗ୍ରାସ କରୁଛି। ଶନିବାର ମୁମ୍ବାଇରେ ଅନୁଷ୍ଠିତ ୧୯ତମ 'ନାନି ଏ ପାଲକିୱାଲା ସ୍ମାରକୀ ବକ୍ତୃତା'ରେ ବୈଦେଶିକ ମନ୍ତ୍ରୀ ଏହି ବିବୃତ୍ତି ଦେଇଛନ୍ତି। ଏହି ସମୟରେ, ସେ ତାଙ୍କ ଭାଷଣରେ ଭାରତୀୟ ବୈଦେଶିକ ନୀତିର ବିଭିନ୍ନ ଦିଗ ବିଷୟରେ କହିଥିଲେ। ସେ ପଡ଼ୋଶୀ ଦେଶଗୁଡ଼ିକର ପରିସ୍ଥିତି ସମ୍ପର୍କରେ ଭାରତର କୂଟନୈତିକ ଆଭିମୁଖ୍ୟ ଉପରେ ମଧ ଆଲୋକପାତ କରିଥିଲେ। ସେ କହିଥିଲେ ଯେ ଭାରତର ପ୍ରୟାସ ଅଧିକରୁ ଅଧିକ ବନ୍ଧୁ ସୃଷ୍ଟି କରିବା ଏବଂ ସମସ୍ୟା ହ୍ରାସ କରିବା।

ଏସ ଜୟଶଙ୍କର କହିଛନ୍ତି, 'ପ୍ରତ୍ୟେକ ପରିସ୍ଥିତିରେ ଆମର ବିକାଶର ଗତି ବଜାୟ ରଖିବା ପାଇଁ, ଆଭ୍ୟନ୍ତରୀଣ ବିକାଶ ଏବଂ ଆଧୁନିକୀକରଣ ବ୍ୟତୀତ, ବାହ୍ୟ ବିପଦକୁ ମଧ ହ୍ରାସ କରିବାର ଆବଶ୍ୟକତା ଅଛି।' ସେ କହିଥିଲେ, 'ରଣନୈତିକ ସ୍ୱାୟତ୍ତତା ବହୁତ ଗୁରୁତ୍ୱପୂର୍ଣ୍ଣ।' ଭାରତ ଅଣ-ପାଶ୍ଚାତ୍ୟ ହୋଇପାରେ, କିନ୍ତୁ ରଣନୈତିକ ସ୍ୱାର୍ଥକୁ ଧ୍ୟାନରେ ରଖି, ଏହା ମନେ ରଖିବା ଉଚିତ ଯେ ଭାରତ ପଶ୍ଚିମ-ବିରୋଧୀ ନହୁଏ। ବୈଦେଶିକ ମନ୍ତ୍ରୀ କହିଛନ୍ତି ଯେ ବିଶ୍ୱରେ ଭାରତର ପ୍ରତିଛବି ଏକ ସହଯୋଗ ଏବଂ ବନ୍ଧୁତ୍ୱପୂର୍ଣ୍ଣ ଦେଶର। ଆମେ ଭବିଷ୍ୟତରେ ମଧ ଏହି ପ୍ରତିଛବି ବଜାୟ ରଖିବୁ।

## ଆମେରିକାରେ ଭୀଷଣ ଥଣ୍ଡା ପ୍ରଭାବିତ ହୋଇପାରେ ଟ୍ରମ୍ପଙ୍କ ଶପଥ ସମାରୋହ

**ୱାଶିଂଟନ,୧୮।୧:** ଜାନୁଆରୀ ୨୦ ତାରିଖ ଅର୍ଥାତ୍ ସୋମବାର ଶପଥ ନେବେ ଆମେରିକା ନବନିର୍ବାଚିତ ରାଷ୍ଟ୍ରପତି ଡୋନାଲ୍ଡ ଟ୍ରମ୍ପ। ସେ ଆମେରିକାର ୪୭ତମ ରାଷ୍ଟ୍ରପତି ହେବେ। ଏନେଇ ପ୍ରସ୍ତୁତି ଜୋରଦାର ଚାଲିଛି। ମାତ୍ର ଭୀଷଣ ଥଣ୍ଡା ପାଇଁ ଆମେରିକା କ୍ୟାପିଟଲ୍ ବାହାରେ ବଦଳରେ ଭିତରେ ହେବ ଶପଥ ସମାରୋହ। ଏହାକୁ ଆମେରିକା ଇତିହାସରେ ସବୁଠୁ ଥଣ୍ଡା ଶପଥ ଗ୍ରହଣ ଉତ୍ସବ ବୋଲି କୁହାଯାଉଛି। ଏନେଇ ଆମେରିକା ନବନିର୍ବାଚିତ ରାଷ୍ଟ୍ରପତି ଡୋନାଲ୍ଡ ଟ୍ରମ୍ପ ସୋସିଆଲ୍ ମିଡିଆ ପୋଷ୍ଟ କରି କହିଛନ୍ତି, ଶପଥ ସମାରୋହ ବେଳେ ଓ୍ୱାଶିଂଟନ ଡି.ସିର ତାପମାତ୍ରା ନିମ୍ନ ସ୍ତରକୁ ଯାଇପାରେ। ଦେଶରେ ଅର୍କଟିକ୍ ତୋଫାନ ଏବେ ଚାଲୁଛି। ପାଗ ଖରାପ ରହିବ ବୋଲି ଆମେରିକୀୟ ପାଣିପାଗ ବିଭାଗ ପୂର୍ବାନୁମାନ କରିଛି। ପ୍ରବଳ ଥଣ୍ଡା ଯୋଗୁଁ କୌଣସି ଲୋକ ପ୍ରଭାବିତ ନହୁଅନ୍ତୁ, ତେଣୁ ପ୍ରାର୍ଥନା ସଭା ଏବଂ ଅନ୍ୟ ଘୋଷଣାକୁ ୟୁନାଇଟେଡ୍ ଷ୍ଟେଟ୍ କ୍ୟାପିଟଲରେ ରଖିବାକୁ ନିର୍ଦ୍ଦେଶ ଦେଇଛନ୍ତି ବୋଲି ଟ୍ରମ୍ପ ସୋସିଆଲ୍ ମିଡିଆରେ ପ୍ରକାଶ କରିଛନ୍ତି। ଏହା ପୂର୍ବ ସରକାରଙ୍କ ଶପଥ ଗ୍ରହଣ ସମାରୋହକୁ କ୍ୟାପିଟଲ୍ ହାଉସ୍ ଭିତିରେ ଆୟୋଜନ କରାଯାଇଥିଲା। ୧୯୮୫ରେ ପୂର୍ବତନ ରିପବ୍ଲିକାନ ରାଷ୍ଟ୍ରପତି ରୋନାଲ୍ଡ ରିଗନ ପାଇଁ ମଧ୍ୟ ଦ୍ୱିତୀୟ ଶପଥ ଗ୍ରହଣ ଉତ୍ସବ ହୋଇଥିଲା। ଡୋନାଲ୍ଡ ଟ୍ରମ୍ପଙ୍କ ଶପଥ ଉତ୍ସବ କ୍ୟାପିଟଲ୍ ଓ୍ୱାନ ଏରିନା ଓ୍ୱାଶିଂଟନ ସହରର ଏକ ଖେଳ ପଡ଼ିଆରେ ଆୟୋଜନ ହୋଇଥିଲା। ଏଥିରେ ସର୍ବାଧିକ ୨୦ ହଜାର ଲୋକ ବସିପାରିବେ । ଅନ୍ୟପଟେ ଡୋନାଲ୍ଡ ଟ୍ରମ୍ପଙ୍କ ଶପଥ ଗ୍ରହଣ ଉତ୍ସବରେ ଆମେରିକାର ପୂର୍ବତନ ପ୍ରଥମ ମହିଳା ମେଚେଲ୍ ଓବାମା ସାମିଲ୍ ହେବେ ନାହିଁ ବୋଲି ସୂଚନା ରହିଛି।

## ୭୦୦ ପାଲେଷ୍ଟିନୀୟଙ୍କୁ ଛାଡ଼ିବ ଇସ୍ରାଏଲ୍

**ତେଲ ଅଭିବ, ୧୮।୧:** ଗାଜାରେ ଶାନ୍ତି ଚୁକ୍ତି ହୋଇଛି। ଇସ୍ରାଏଲ ଓ ହାମାସ ଯୁଦ୍ଧ ବନ୍ଦ କରିବାକୁ ରାଜି ମଚୁକ୍ତିକୁ ଅନୁମୋଦନ କରିଛି। ଏବେ ଇସ୍ରାଏଲ ହାମାସର ଲୋକଙ୍କ ତାଲିକା ଜାରି କରିଛି, ଯେଉଁମାନଙ୍କୁ ସେ ମୁକ୍ତ କରିବ। ଇସ୍ରାଏଲର ନ୍ୟାୟ ମନ୍ତ୍ରଣାଳୟ ୭୦୦ରୁ ଅଧିକ ପାଲେଷ୍ଟାଇନ୍ କଏଦୀଙ୍କ ତାଲିକା ଜାରି କରିଛି। ସେମାନଙ୍କୁ ଅସ୍ତ୍ରବିରତି ଚୁକ୍ତି ଅନୁଯାୟୀ ମୁକ୍ତ କରାଯିବ ଯାହା ଗାଜାରେ ହାମାସ ସହିତ ଯୁଦ୍ଧ କୁ ବନ୍ଦ କରିବ । ବେଞ୍ଜାମିନ ନେତାନ୍ୟାହୁଙ୍କ ନେତୃତ୍ୱାଧୀନ ଇସ୍ରାଏଲ କ୍ୟାବିନେଟ୍ ଗାଜା ଅସ୍ତ୍ରବିରତି ଚୁକ୍ତିକୁ ଅନୁମୋଦନ କରିବାର କିଛି ଘଣ୍ଟା ପରେ ଏହି ତାଲିକା ପ୍ରକାଶ ପାଇଛି। ରବିବାର ସ୍ଥାନୀୟ ସମୟ ଅପରାହ୍ଣ ୪ଟା ବେଳେ ଇସ୍ରାଏଲ ଏସବୁ କଏଦୀଙ୍କୁ ମୁକ୍ତ କରିବ ବୋଲି ଇସ୍ରାଏଲର ନ୍ୟାୟ ମନ୍ତ୍ରାଳୟ କହିଛି। ତାବଦଳରେ ହମାସ୍ ବନ୍ଧକମାନଙ୍କୁ ମୁକ୍ତ କରିବ । ରବିବାର ସ୍ଥାନୀୟ ସମୟ ଅପରାହ୍ଣ ୪ଟା ବେଳେ ଇସ୍ରାଏଲ ଏସବୁ କଏଦୀଙ୍କୁ ମୁକ୍ତ କରିବ ବୋଲି ଇସ୍ରାଏଲର ନ୍ୟାୟ ମନ୍ତ୍ରାଳୟ କହିଛି। ତାବଦଳରେ ହମାସ୍ ବନ୍ଧକମାନଙ୍କୁ ମୁକ୍ତ କରିବ। ଏହି ତାଲିକାରେ ମାର୍ୱାନ ବାରଘୌତିର ନାଁ ନାହିଁ। ବାରଘୋଟିର ବୟସ ୬୪ ବର୍ଷ ଏବଂ ସେ ଇସ୍ରାଏଲ ଉପରେ ଆକ୍ରମଣ କରିବା ଅଭିଯୋଗରେ ଦୋଷୀ ସାବ୍ୟସ୍ତ ହୋଇଛି। ତାକୁ ଇସ୍ରାଏଲ ଦ୍ୱାରା ଧରାଯାଇଥିବା ସବୁଠାରୁ ହାଇପ୍ରୋଫାଇଲ କଏଦୀ ଭାବରେ ବିବେଚନା କରାଯାଏ।

### ଅରବିନ୍ଦ କେଜ୍ରିୱାଲଙ୍କ ବଡ଼ ଘୋଷଣା

## ଦିଲ୍ଲୀରେ ଭଡ଼ାଟିଆଙ୍କୁ ମିଳିବ ମାଗଣା ବିଜୁଳି ଓ ପାଣି

**ନୂଆଦିଲ୍ଲୀ, ୧୮।୧:** ଆପ୍ ସଂଯୋଜକ ତଥା ପୂର୍ବ ମୁଖ୍ୟମନ୍ତ୍ରୀ ଅରବିନ୍ଦ କେଜ୍ରିୱାଲ ନିର୍ବାଚନ ପୂର୍ବରୁ ପୁଣି ବଡ଼ ଘୋଷଣା କରିଛନ୍ତି। ଦିଲ୍ଲୀରେ ବିଦ୍ୟୁତ ଏବଂ ପାଣି ଏବେ ଭଡ଼ାରେ ରହୁଥିବା ଲୋକଙ୍କୁ ମିଳିବ। ଦିଲ୍ଲୀ ପୁଣି ଥରେ ଆପ୍ ସରକାର ଆସିଲେ ଲକ୍ଷ ଲକ୍ଷ ଭଡ଼ାଟିଆଙ୍କୁ ମାଗଣାରେ ପାଣି ଏବଂ କରେଣ୍ଟ ମିଳିବ। କେଜ୍ରିୱାଲ ପ୍ରେସକନଫରେନ୍ସ କରି କଥା ଦେଇଛନ୍ତି।

କେଜ୍ରିୱାଲ କହିଛନ୍ତି, ଦିଲ୍ଲୀରେ ଅଧିକାଂଶ ଭଡାଟିଆ ପୂର୍ବାଞ୍ଚଳରେ ରହୁଛନ୍ତି। ସେମାନଙ୍କ ଆର୍ଥିକ ଅବସ୍ଥା ବହୁତ ଖରାପ। ସେମାନଙ୍କୁ ଏସବୁ ଜିନିଷର ଫାଇଦା ମିଳିବା ଉଚିତ। ମୁଁ ଦିଲ୍ଲୀର ବିଭିନ୍ନ ସ୍ଥାନରେ ବୁଲିଛି, ଆପଣଙ୍କ ଘର, କ୍ଲିନିକ, ସ୍କୁଲ ହସପିଟାଲର ସୁବିଧା ମିଳୁଛି, କିନ୍ତୁ ମାଗଣା ବିଜୁଳି ଏବଂ ପାଣି ମିଳୁନି। ଦିଲ୍ଲୀବାସୀଙ୍କୁ ୨୦୦ ୟୁନିଟ ପର୍ଯ୍ୟନ୍ତ ମାଗଣା ବିଜୁଳି ମିଳିବ। ସେହିପରି ୨୦୦ ରୁ ୪୦୦ ୟୁନିଟ ପର୍ଯ୍ୟନ୍ତ ଅଧାଚାର୍ଜ ଲାଗିବ। ଦିଲ୍ଲୀରେ ରହୁଥିବା ଭଡାଟିଆଙ୍କୁ ଅଲଗା ଅଲଗା କାରଣ ଯୋଗୁଁ ଏହାର



ଲାଭ ମିଳୁନାହିଁ। ଆମ ସରକାର ନିଷ୍ପତ୍ତି ନେଇଛି କି, ଭଡାଟିଆ ଦିଲ୍ଲୀରେ ରହୁଛନ୍ତି, ତେବେ ସେମାନଙ୍କୁ ମଧ ମାଗଣା ବିଜୁଳି ଏବଂ ପାଣି ମିଳିବା ଦରକାର। ମୁଁ ଯେଉଁଠିକି ବି ଯାଉଛି, ଭଡାରେ ଥିବା ଲୋକ ଆମକୁ ଘରକୁ ନେଉଛନ୍ତି। ସରକାରୀ ସ୍କୁଲରେ ପିଲାଙ୍କୁ ପଢିବାର ସୁଯୋଗ ମିଳୁଛି ବୋଲି କହୁଛନ୍ତି। ହସପିଟାଲରେ ମାଗଣା ଚିକିତ୍ସାର ଲାଭ ଉଠାଉଛନ୍ତି। ବସରେ ମାଗଣା ସେବା ଏବଂ ବୟସ୍କମାନେ ତୀର୍ଥ ଯାତ୍ରା ଯୋଜନାର ଲାଭ ଉଠାଉଛନ୍ତି। କିନ୍ତୁ ମାଗଣା ବିଜୁଳି ଏବଂ ପାଣିର ଲାଭ ମିଳୁନାହିଁ। ତେବେ ଏହାକୁ ଦୃଷ୍ଟିରେ ରଖି ଆମ ସରକାର ଯୋଜନା କରିବାକୁ ପ୍ରସ୍ତୁତ ରହିଛି। ଭଡାଟିଆଙ୍କୁ ମାଗଣା ବିଜୁଳି ଏବଂ ପାଣି ଯୋଗାଇ ଦେବାକୁ ଆମ ସରକାର ନିଷ୍ପତ୍ତି ନେଇଛି।

ସୂଚନାଯୋଗ୍ୟ, ଗତକାଲି ଦିଲ୍ଲୀ ନିର୍ବାଚନକୁ ଦୃଷ୍ଟିରେ ରଖି କେଜ୍ରିୱାଲ ଆଉ ଏକ ନିର୍ବାଚନୀ ପ୍ରତିଶ୍ରୁତି ଦେଇଛନ୍ତି। ମହିଳାମାନଙ୍କ ପରେ ଏବେ ଦିଲ୍ଲୀର ଛାତ୍ରଛାତ୍ରୀଙ୍କୁ ମଧ ଫ୍ରି ବସ୍ ସର୍ଭିସ୍ ଦେବାକୁ ସେ ଘୋଷଣା କରିଛନ୍ତି। ଯଦି ଏଏପି ନିର୍ବାଚନ ଜିତେ, ତା' ହେଲେ ଆମେ ଦିଲ୍ଲୀରେ ଛାତ୍ରଛାତ୍ରୀଙ୍କ ପାଇଁ ବସ୍ ଯାତ୍ରା ନିଃଶୁଳ୍କ କରିବୁ।

## କେଜ୍ରିୱାଲ୍‌ଙ୍କ ଉପରେ ବିଜେପି କର୍ମୀଙ୍କ ପଥରମାଡ଼

### ଅଭିଯୋଗ ଆଣିଲା ଆପ୍

**ନୂଆଦିଲ୍ଲୀ, ୧୮।୧:** ଦିଲ୍ଲୀ ବିଧାନସଭାରେ ନିର୍ବାଚନୀ ଦଙ୍ଗା ତୀବ୍ର ହେବାରେ ଲାଗିଛି। ଶନିବାର ଆମ୍ ଆଦମୀ ପାର୍ଟି ନୂଆଦିଲ୍ଲୀ ବିଧାନସଭା ଆସନର ବିଜେପି ପ୍ରାର୍ଥୀ ପରବେଶ ବର୍ମାଙ୍କ ସମର୍ଥକମାନେ ଅରବିନ୍ଦ କେଜ୍ରିୱାଲଙ୍କୁ ଆକ୍ରମଣ କରିଥିବା ଅଭିଯୋଗ ଆଣିଛି। ନୂଆଦିଲ୍ଲୀ ବିଧାନସଭା ନିର୍ବାଚନ ମଣ୍ଡଳୀରେ ପ୍ରଚାର ବେଳେ ତାଙ୍କ ଉପରକୁ ପଥର ମାଡ଼ କରାଯାଇଥିବା ଆପ୍ ଦାବି କରିଛି। ଅନ୍ୟପକ୍ଷରେ ବିଜେପି ନେତା ପ୍ରବେଶ ବର୍ମା ଦାବି କରିଛନ୍ତି ଯେ ତାଙ୍କ ସମର୍ଥକଙ୍କୁ କେଜ୍ରିଓ୍ୱାଲଙ୍କ କାର୍ ଧକ୍କା ଦେଇଥିଲା। ଏହା ଦ୍ୱାରା କେତେକ ବିଜେପି କର୍ମୀ ଆହତ ହୋଇଛନ୍ତି । ସେମାନଙ୍କୁ ଦେଖିବାକୁ ଲେଡି ହାର୍ଡିଂ ଡାକ୍ତରଖାନା ଯାଇଥିବା ପ୍ରବେଶ କହିଛନ୍ତି। ବିଜେପି ନେତା ପ୍ରବେଶ ବର୍ମା ଦାବି କରିଛନ୍ତି ଯେ ତାଙ୍କ ସମର୍ଥକଙ୍କୁ କେଜ୍ରିଓ୍ୱାଲଙ୍କ କାର୍ ଧକ୍କା ଦେଇଥିଲା। ଏହା ଦ୍ୱାରା କେତେକ ବିଜେପି କର୍ମୀ ଆହତ ହୋଇଛନ୍ତି । ସେମାନଙ୍କୁ ଦେଖିବାକୁ ଲେଡି ହାର୍ଡିଂ ଡାକ୍ତରଖାନା ଯାଇଥିବା ପ୍ରବେଶ କହିଛନ୍ତି । ଅନ୍ୟପକ୍ଷରେ ଆମ୍ ଆଦମୀ ପାର୍ଟି ଏକ୍ସ ହ୍ୟାଣ୍ଡେଲରେ ଲେଖିଛି, ପରାଜୟ ଭୟରେ ବିଜେପି କ୍ରୋଧିତ। ଅରବିନ୍ଦ କେଜ୍ରିୱାଲଙ୍କୁ ଆକ୍ରମଣ କରିବା ପାଇଁ ପ୍ରବେଶ ନିଜ ଗୁଣ୍ଡାମାନଙ୍କୁ ବ୍ୟବହାର କରିଥିଲେ। ବିଜେପି ପ୍ରାର୍ଥୀ ପ୍ରବେଶ ବର୍ମାଙ୍କ ଗୁଣ୍ଡାମାନେ ପ୍ରଚାର ବେଳେ ଅରବିନ୍ଦ କେଜ୍ରିୱାଲଙ୍କୁ ଇଟା ଓ ପଥରରେ ଆକ୍ରମଣ କରିବା ସହ ତାଙ୍କୁ ଆଘାତ ଦେବାକୁ ଚେଷ୍ଟା କରିଥିଲେ। କେଜ୍ରିଓ୍ୱାଲ ବିଜେପି ଲୋକଙ୍କ ଏହି କାପୁରୁଷତାପୂର୍ଣ୍ଣ ଆକ୍ରମଣକୁ ଭୟ କରନ୍ତି ନାହିଁ, ଦିଲ୍ଲୀବାସୀ ଆପଣଙ୍କୁ ଉଚିତ ଜବାବ ଦେବେ।

### ସୈଫ ଅଲ୍ଲୀ ଖାନଙ୍କୁ ଆକ୍ରମଣ ଘଟଣା

## ଆଉ ଜଣେ ସନ୍ଦିଗ୍ଧ ଗିରଫ

**ମୁମ୍ବାଇ, ୧୮।୧:** ସୈଫ ଅଲ୍ଲୀ ଖାନଙ୍କୁ ଛୁରି ଆକ୍ରମଣ ଘଟଣାରେ ଆଉ ଜଣକୁ ଗିରଫ କରିଛି ମୁମ୍ବାଇ ପୋଲିସ। ମୁମ୍ବାଇ ପୋଲିସ ମଧ୍ୟପ୍ରଦେଶରୁ ଜଣେ ସନ୍ଦିଗ୍ଧକୁ ଗିରଫ କରିଛି। ମଧ୍ୟପ୍ରଦେଶରେ ମୁମ୍ବାଇ ପୋଲିସ ଗିରଫ ହୋଇଥିବା ସନ୍ଦିଗ୍ଧକୁ ପଚରାଉଚରା କରି ଯାଞ୍ଚ ଜାରି ରଖିଛି।

ଆକ୍ରମଣ ଘଟଣାକୁ ୬୦ ଘଣ୍ଟାରୁ ଅଧିକ ସମୟ ବିତିଗଲାଣି। ତଥାପି ପୋଲିସ ମୁଖ୍ୟ ଆକ୍ରମଣକାରୀକୁ ଧରିପାରିନି। ପୋଲିସ ଜଣେ ସନ୍ଦିଗ୍ଧଙ୍କ ପରିଚୟ ଖୋଜି ବାହାର କରିଛି। ସନ୍ଦିଗ୍ଧ ଜଣକ ଏହି ଆକ୍ରମଣ ମାମଲାରେ ମୁଖ୍ୟ ଅଭିଯୁକ୍ତ ହେବାର ପୁରା ସମ୍ଭାବନା ରହିଛି। ପୋଲିସ ଏହି ମାମଲାରେ ଏପର୍ଯ୍ୟନ୍ତ ୫୦ ଜଣଙ୍କୁ ପଚରାଉଚରା କରିସାରିଛି। ଏହି ମାମଲାରେ ୩୫ ଟିମ୍ ନିୟୋଜିତ ହୋଇଛି। ସିସି ଟିଭି ଫୁଟେଜ ଆଧାରରେ ଗତକାଲି ପୋଲିସ ଜଣକୁ ଗିରଫ କରିଥିଲା। ହେଲେ ପରେ ପୋଲିସ ତାଙ୍କୁ ପଚରାଉଚରା କରି ଛାଡିଦେଇଥିଲା।

୧୫ତାରିଖ ମଧରାତିରେ ସୈଫ ଅଲ୍ଲୀ ଖାନଙ୍କ ବାନ୍ଦ୍ରା ବାସଭବନ ୧୧ ମହଲାରେ ତାଙ୍କ ଉପରେ ଛୁରାମାଡ଼ କରିଥିଲା ଦୁର୍ବୃତ୍ତ। ଆକ୍ରମଣ ପରେ ସୈଫଙ୍କୁ ତାଙ୍କ ଡ୍ରାଇଭର ଏବଂ ସିକ୍ୟୁରିଟି ଗାର୍ଡ ପୁଅ ତୈମୁର ସହିତ ଅଟୋରେ ହସପିଟାଲ ନେଇ ଯାଇଥିଲେ। ରକ୍ତରେ ଜୁଡୁବୁଡୁ ହୋଇଥିବା ସୈଫ ୮ ବର୍ଷର ପୁଅ ତୈମୁର ସହିତ ହସପିଟାଲରେ ପହଞ୍ଚିଥିଲେ ବୋଲି ଲୀଲାବତୀ ହସପିଟାଲର ଡାକ୍ତର କହିଛନ୍ତି। ଆକ୍ରମଣକାରୀ ରାତି ୧ଟା ୩୭ରେ ସୈଫଙ୍କ ଘରେ ପ୍ରବେଶ କରିଥିବା ବେଳେ ୨ଟା ୩୩ରେ ବାହାରିଥିଲା। ଛୁରାମାଡ଼ କରି ଦୁର୍ବୃତ୍ତ ଫାଷ୍ଟ ଲୋକାଲରେ ବିରାର, ବସଇ କିମ୍ବା ନାଲାସୋପାରା ଚାଲିଯାଇଥିବା ସନ୍ଦେହ କରି ତଦନ୍ତ ଚଳାଇଛି ପୋଲିସ। ସେପଟେ ସାମାନ୍ୟ ସୁସ୍ଥ ହେବା ପରେ ସୈଫଙ୍କୁ ଲୀଳାବତୀ ହସପିଟାଲର ଆଇସିୟୁରୁ ବାହାର କରାଯାଇ ସ୍ୱତନ୍ତ୍ର କ୍ୟାବିନରେ ରଖାଯାଇଛି। ସଂପୂର୍ଣ୍ଣ ବେଡ ରେଷ୍ଟ ସହ ଏକ ସପ୍ତାହ ପାଇଁ ଚଳପ୍ରଚଳ ନକରିବାକୁ ତାଙ୍କୁ ପରାମର୍ଶ ଦିଆଯାଇଛି।

## ମହାକୁମ୍ଭରେ ଚର୍ଚ୍ଚା ସାଉଁଟୁଛନ୍ତି ଗୋଲଡେନ୍ ବାବା



**ପ୍ରୟାଗରାଜ,୧୮।୧:** ସଙ୍ଗମ ନଗରୀ ପ୍ରୟାଗରାଜର ମହାକୁମ୍ଭରେ ଚାଲିଛି ସାଧୁ, ସନ୍ଥ ମେଳି। ମୁନିମାନଙ୍କର ଅନେକ ଆଶ୍ଚର୍ଯ୍ୟଜନକ ରୂପ ଦେଖିବାକୁ ମିଳୁଛି। ଏମାନଙ୍କ ମଧ୍ୟରେ ଭକ୍ତଙ୍କ ଦୃଷ୍ଟି ଆକର୍ଷଣ କରୁଥିବା ବାବା ହେଉଛନ୍ତି ଗୋଲଡେନ୍ ବାବା। ତାଙ୍କ ନାମ ଏସ୍ କେ ନାରାୟଣ ଗିରି ଜୀ ମହାରାଜ, ଯିଏ ମୂଳତଃ କେରଳର। ବର୍ତ୍ତମାନ ସେ ଦିଲ୍ଲୀରେ ରୁହନ୍ତି। ନିରଞ୍ଜନୀ ଆଖଡ଼ା ସହିତ ଜଡିତ ଏହି ବାବା ତାଙ୍କର ଅନନ୍ୟ ଶୈଳୀ ଏବେ ବେଶ୍ ଭାଇରାଲ୍। କୁହାଯାଉଛି କି, ସେ କୁମ୍ଭର ସବୁଠୁ ଦାମୀ ବାବା। କାରଣ ଶରୀରେ ପିନ୍ଧିଛନ୍ତି କୋଟି କୋଟର ସୁନା ଅଳଙ୍କାର। ଯେଉଁଥିପାଇଁ ସେ ଏବେ କୁମ୍ଭର ଚର୍ଚ୍ଚିତ ଚେହେରା। ଗୋଲଡେନ୍ ବାବା ନାରେ ସେ ଫେମସ। ପିନ୍ଧିଛନ୍ତି ପ୍ରାୟ ୪ କିଲୋଗ୍ରାମ ସୁନା। ଯାହାର ମୂଲ୍ୟ ପାଖାପାଖି ୬ କୋଟି ଟଙ୍କା ହେବ। ବାବାଙ୍କ ପ୍ରତ୍ୟେକ ମଣିର ରହିଛି ଭିନ୍ନ ଭିନ୍ନ ଚମକ। ହାତରେ ସୁନା ମୁଦି, କଙ୍କଣ, ଘଣ୍ଟା ଏବଂ ଏକ ସୁନାର ବାଡି ମଧ ଅଛି। ବାଡ଼ିରେ ଦେବୀ-ଦେବୀଙ୍କ ଲକେଟ୍ ରହିଛି। ଯାହା ସୂଚାଉଛି ଭକ୍ତିର ପ୍ରତୀକ। ବାବା କୁହନ୍ତି ଯେ ଏହି ସୁନା ସାଧନା ସହିତ ଜଡିତ, ଏବଂ ପ୍ରତ୍ୟେକ ମଣିରେ ଆଧାତ୍ମିକ ଶକ୍ତି ରହିଛି। ୬୭ ବର୍ଷୀୟ ଗୋଲଡେନ୍ ବାବା ଆଖଡ଼ାର ସଭାପତି ରବିନ୍ଦ୍ର ପୁରୀ ମହାରାଜଙ୍କଠାରୁ ଦୀକ୍ଷା ନେଇଥିଲେ ଏବଂ ନିରଞ୍ଜନୀ ଆଖଡ଼ାରେ ଯୋଗ ଦେଇଥିଲେ। ବାବା ଶିକ୍ଷା କ୍ଷେତ୍ରରେ ମଧ କାମ କରୁଛନ୍ତି। ସେ କୁହନ୍ତି ଯେ ଧର୍ମ ଏବଂ ଶିକ୍ଷା ଉଭୟକୁ ଏକାଠି ନେଇ ସମାଜରେ ସକାରାତ୍ମକ ପରିବର୍ତ୍ତନ ଆଣିହେବ। ବାବା ଯେଉଁଠାକୁ ଯାଆନ୍ତି, ତାଙ୍କ ପ୍ରତି ବିଶ୍ୱାସୀ ଲୋକଙ୍କ ଭିଡ଼ ଜମୁଥାଏ।

ଭକ୍ତମାନେ ତାଙ୍କୁ ଗୋଲଡେନ୍ ବାବା ବୋଲି ଡାକନ୍ତି। ବାବା କୁହନ୍ତି ଯେ ମୋର ଏଥିରେ କୌଣସି ଆପତ୍ତି ନାହିଁ। ବାବାଙ୍କର ୬ଟି ସୁନା ଲକେଟ୍ ଅଛି, ଯେଉଁଥିରୁ ପ୍ରାୟ ୨୦ଟି ମାଳା ତିଆରି କରାଯାଇପାରିବ। ତାଙ୍କ ମୋବାଇଲ୍ ମଧ ସୁନାର ଆବରଣରେ ଆଚ୍ଛାଦିତ। ବାବା କୁହନ୍ତି ଯେ ସେ ଯାହା କରନ୍ତି ତାହା ସାଧନା ସହିତ ଜଡିତ। ତାଙ୍କର ସୁନା ସଜ୍ଜିତ ରୂପ ପ୍ରଦର୍ଶନ ପାଇଁ ନୁହେଁ ବରଂ ଏହା ତାଙ୍କ ଆଧାତ୍ମିକ ଜୀବନ ଏବଂ ତାଙ୍କ ଗୁରୁଙ୍କ ପ୍ରତି ଭକ୍ତିର ପ୍ରତୀକ। କୁମ୍ଭମେଳାରେ ବାବାଙ୍କ ବ୍ୟକ୍ତିତ୍ୱର ଏକ ଅନନ୍ୟ ପ୍ରତିଛବି ରହିଛି, ଯାହା ଲୋକଙ୍କୁ ମୋହିତ କରେ। ଗୋଲଡେନ୍ ବାବା ଆଧାତ୍ମିକତା ଓ ଭକ୍ତିର ବାର୍ତ୍ତା ଦେଉଛନ୍ତି।

## ବାଂଲାଦେଶ ସୀମାରେ ମହାଭାରତ

**ଢାକା/କୋଲକାତା,୧୮।୧:** ପଶ୍ଚିମବଙ୍ଗର ବାଂଲାଦେଶ ସୀମାରେ ଏକ ବଡ଼ ଉତ୍ତେଜନା ଦେଖାଦେଇଥିଲା। ବାଡ଼ ଅଭାବରୁ, ଶହ ଶହ ବାଂଲାଦେଶୀ ଚାଷୀ ଭାରତରେ ପ୍ରବେଶ କରିବାକୁ ଚେଷ୍ଟା କରିଥିଲେ। ଫସଲ କାଟି ନେଇଯିବାକୁ ଚେଷ୍ଟା କରିଥିଲେ। କିନ୍ତୁ ପରେ ସେଠାକାର ଚାଷୀମାନେ ଏହା ଜାଣିପାରିଲେ ଏବଂ ସେମାନେ ଲାଠି ଏବଂ ଠେଙ୍ଗା ଧରି ସୀମାରେ ପହଞ୍ଚିଯାଇଥିଲେ। ସେମାନଙ୍କୁ ଘଉଡ଼ାଇ ଦେବା ପରେ ଚାଷୀମାନେ ଆଶ୍ୱସ୍ତ ହୋଇଥିଲେ। ପରେ ବିଏସଏଫ ଏବଂ ବାଂଲାଦେଶ ସୀମା ସୁରକ୍ଷା ବାହିନୀ ଚାଷୀମାନଙ୍କୁ ଅଲଗା କରିଥିଲେ। ପରେ, ବିଏସଏଫ ସ୍ପଷ୍ଟ କରିଥିଲା ଯେ ଦୁଇ ଦେଶର ସୈନିକଙ୍କ ମଧରେ କୌଣସି ଉତ୍ତେଜନା ନାହିଁ। ବାଂଲାଦେଶ ସୀମା ସୁରକ୍ଷା ବାହିନୀ ମାଲଦାର ଶୁକଦେବପୁର ସୀମାରେ କଣ୍ଟା ତାର ବାଡ଼ ଲଗାଇବା ପାଇଁ ବିଏସଏଫକୁ ନିରନ୍ତର ବାଧା ଦେଉଛି। ଡିସେମ୍ବର ମାସରୁ ଏହାକୁ ନେଇ ଉତ୍ତେଜନା ଲାଗି ରହିଛି। କିଛି ଦିନ ପରିସ୍ଥିତି ସ୍ୱାଭାବିକ ରହିବା ପରେ, ଶନିବାର ଏଠାରେ ପୁଣି ଥରେ ବିଶୃଙ୍ଖଳା ଦେଖାଦେଇଥିଲା। ବାଂଲାଦେଶୀ ଆତଙ୍କବାଦୀ, ଦୁର୍ବୃତ୍ତ ଏବଂ ରୋହିଙ୍ଗ୍ୟାମାନେ ଲାଠି, ଛୁରୀ ଏବଂ ଅସ୍ତ୍ରଶସ୍ତ୍ର ଧରି ଭାରତୀୟ ଅଞ୍ଚଳରେ ପ୍ରବେଶ କରିବାକୁ ଚେଷ୍ଟା କରୁଥିଲେ। ଏପରିକି ସେମାନେ କେତେକ ଚାଷୀଙ୍କ ଫସଲ ଲୁଟି ନେଇଥିବା ମଧ ଦାବି କରାଯାଉଛି। ଆମ୍ବ ଗଛଗୁଡ଼ିକୁ କାଟି ଦେଇଥିବା ମଧ କୁହାଯାଉଛି।



# ଅଳ୍ପକେ ମୃତ୍ୟୁ ମୁଖରୁ ବର୍ତ୍ତିଯାଇଥିଲେ ଶେଖ ହସିନା

**ଢାକା, ୧୮।୧:** ହତ୍ୟା ପାଇଁ ହୋଇଥିଲା ବଡ଼ ଷଡ଼ଯନ୍ତ୍ର। କ୍ଷମତାରୁ ହଟିବା ପରେ ଜୀବନରୁ ମାରି ଦେବାକୁ ଚକ୍ରାନ୍ତ କରିଥିଲେ ବିରୋଧୀ। ଭାରତରେ ଆଶ୍ରୟ ନେଇଥିବା ବାଂଲାଦେଶର ପୂର୍ବତନ ପ୍ରଧାନମନ୍ତ୍ରୀ ଶେଖ୍ ହସିନା ଏଭଳି କିଛି ଖୁଲାସା କରିଛନ୍ତି। ବାଂଲାଦେଶ ଆୱାମୀ ଲିଗ୍ ପାର୍ଟିର ଫେସବୁକ୍ ପେଜ୍‌ରେ ପୋଷ୍ଟ ହୋଇଥିବା ଅଡିଓ ମେସେଜରେ ଶେଖ୍ ହସିନା କହିଛନ୍ତି, ବିରୋଧୀଙ୍କ ଷଡ଼ଯନ୍ତ୍ରରୁ ବଞ୍ଚିଯାଇଛନ୍ତି ତାଙ୍କ ଭଉଣୀ ରେହେନା ଏବଂ ସେ। ମାତ୍ର ୨୦ରୁ ୨୫ ମିନିଟ୍ ବିଳମ୍ବ ହୋଇଯାଇଥିଲେ ତାଙ୍କ ଜୀବନ ଚାଲିଯାଇଥାନ୍ତା ବୋଲି କହିଛନ୍ତି ହସିନା।



ଗତବର୍ଷ ଅଗଷ୍ଟ ମାସରେ ବାଂଲାଦେଶରେ ହୋଇଥିବା ଛାତ୍ର ଆନ୍ଦୋଳନ ହପ୍ତାହେ ମଧରେ ହିଂସାତ୍ମକ ରୂପ ଧାରଣ କରି ଶେଖ୍ ହସିନା ସରକାରଙ୍କୁ କ୍ଷମତାରୁ ଗାଦିଚ୍ୟୁତ କରିଥିଲା। ଆନ୍ଦୋଳନ ଏତେ ଭୀଷଣ ରୂପ ନେଇଥିଲେ ଏଥିରେ ପ୍ରାୟ ୬ଶହରୁ ଅଧିକ ଲୋକଙ୍କ ଜୀବନ ଯାଇଛି। ହଜାର ହଜାର ଲୋକଙ୍କ ଆହତ ହୋଇଥିଲେ। ଆନ୍ଦୋଳନକାରୀ ମାନେ ପ୍ରଧାନମନ୍ତ୍ରୀଙ୍କ ବାସଭବନ ଘେରାଉ କରିବା ପରେ ଭୟ ଦେଶ ଛାଡ଼ିଥିଲେ ପୂର୍ବତନ ପ୍ରଧାନମନ୍ତ୍ରୀ ଶେଖ୍ ହସିନା। ସେ ସେବେଠାରୁ ଭାରତରେ ଆଶ୍ରୟ ନେଇଛନ୍ତି। ଅନ୍ୟପଟେ ବାଂଲାଦେଶର ନୋବେଲ୍ ବିଜେତା ମହମ୍ମଦ ୟୁନୁସଙ୍କ ଦେଶରେ ଅନ୍ତରୀଣ ସରକାର ଗଠନ ହୋଇଛି।

ବାଂଲାଦେଶ ପୂର୍ବତନ ପ୍ରଧାନମନ୍ତ୍ରୀ ଶେଖ୍ ହସିନା କହିଛନ୍ତି, ତାଙ୍କୁ ଅନେକ ଥର ଜୀବନରୁ ମାରି ଦେବାକୁ ଷଡ଼ଯନ୍ତ୍ର ହୋଇଥିଲା। ଅଗଷ୍ଟ ୨୧ ତାରିଖରେ ହୋଇଥିବା ହତ୍ୟା ଷଡ଼ଯନ୍ତ୍ର, କୋଟାଲିପାରାରେ ବିସ୍ଫୋରଣ ଏବଂ ୫ ତାରିଖରେ ହୋଇଥିବା ହତ୍ୟା ଷଡଯନ୍ତ୍ରରୁ ବଞ୍ଚିବା ସବୁ ଭଗବାନଙ୍କ ଆଶୀର୍ବାଦ। ଦେଶ ଛାରଖାର ହୋଇଯାଇଛି, ଘର ଜଳିଯାଇଛି। ହେଲେ ତାଙ୍କ ଜୀବନ ବଞ୍ଚିଯାଇଛି ବୋଲି ଶେଖ୍ ହସିନା କହିଛନ୍ତି।



# ଏସ୍‌ଜି ପାଇପର୍ସର ପ୍ରଥମ ବିଜୟ

## ହକି ଇଣ୍ଡିଆ ଲିଗ୍

**ରାଉରକେଲା, ୧୮।୧:** ବିର୍ସା ମୁଣ୍ଡା ଷ୍ଟାଡିୟମ୍‌ରେ ଶୁକ୍ରବାର ହକି ଇଣ୍ଡିଆ ଲିଗ୍‌ରେ ଗୋଟିଏ ମ୍ୟାଚ୍ ଖେଳାଯାଇଛି। ମହିଳା ବିଭାଗର ଏହି ମୁକାବିଲା ଦିଲ୍ଲୀ ଏସ୍‌ଜି ପାଇପର୍ସ ଓ ସୁର୍‌ମା ହକି କ୍ଲବ ମଧ୍ୟରେ କଡ଼ା ସଂଘର୍ଷପୂର୍ଣ୍ଣ ହୋଇଥିଲା। ତେବେ ପାଇପର୍ସ ୨-୦ ଗୋଲ୍‌ରେ ଜିତି ପ୍ରଥମ ବିଜୟ ହାସଲ କରିଛି। ଉଲ୍ଲେଖଯୋଗ୍ୟ, ଶନିବାର ମହିଳା ଲିଗ୍ ପାଇଁ ବିଶ୍ରାମ ଦିଆଯାଇଥିବା ବେଳେ ପରବର୍ତ୍ତୀ ମ୍ୟାଚ୍ ରବିବାର ଦିନ ଓଡ଼ିଶା ୱାରିଅର୍ସ ଓ ଶ୍ରାଚୀ ରା' ବେଙ୍ଗଲ ଟାଇଗର୍ସ ମଧ୍ୟରେ ଖେଳାଯିବ। ମହିଳା ଲିଗ୍‌ରେ ପଏଣ୍ଟ୍ ତାଲିକାରେ ଶେଷ ସ୍ଥାନରେ ଥିବା ଦିଲ୍ଲୀ ପାଇପର୍ସ ଚମତ୍କାର ପ୍ରତ୍ୟାବର୍ତ୍ତନ କରିଛି। ଦଳୀୟ ଖେଳାଳି ପୂର୍ବ ପରାଜୟକୁ ଭୁଲି ପଡ଼ିଆରେ ଦମ୍‌ଦାର ପ୍ରଦର୍ଶନ କରିଛନ୍ତି। ମ୍ୟାଚ୍‌ର ପ୍ରଥମ କ୍ୱାର୍ଟର୍‌ରେ ଉଭୟ ଦଳର ଖେଳାଳି ଗୋଲ୍ ସ୍କୋର୍ କରିବାକୁ କଡ଼ା ପ୍ରୟାସ କରିଥିଲେ ମଧ୍ୟ କେହି କାହାରିକୁ ଗୋଲ୍ ଦେଇପାରି ନଥିଲେ। ମ୍ୟାଚ୍‌ର ୨୫ତମ ମିନିଟ୍‌ରେ ପାଇପର୍ସକୁ ଗୋଟିଏ ପେନାଲ୍ଟି କର୍ଣ୍ଣରର ସୁଯୋଗ ମିଳିଥିଲା। ଏହାର ସଦୁପଯୋଗ କରି ସଙ୍ଗୀତା କୁମାରୀ ପ୍ରଥମ ଗୋଲ୍ ଦେଇ ସ୍କୋର୍‌କୁ ୧-୦ରେ ଆଗୁଆ କରିଥିଲେ। ୪୭ତମ ମିନିଟ୍‌ରେ ମିଳିଥିବା ଆଉ ଏକ ପେନାଲ୍ଟି କର୍ଣ୍ଣର୍‌କୁ ଦୀପିକା ଗୋଲ୍‌ରେ ପରିଣତ କରି ବ୍ୟବଧାନକୁ ୨-୦ କରିଥିଲେ। ଏହାପରେ ସୁର୍‌ମା ଖେଳାଳି ଗୋଲ୍ ଶୁଝିବାକୁ ପ୍ରୟାସ କରିଥିଲେ ମଧ୍ୟ ପ୍ରତିପକ୍ଷ ଖେଳାଳି ମାତ୍ ଦେଇଥିଲେ। ଫଳରେ ସୁର୍‌ମା ଚଳିତ ଲିଗ୍‌ରେ ପ୍ରଥମ ପରାଜୟ ବରଣ କରିଛି।



# ଉଭୟ ବର୍ଗ ସେମିରେ ଭାରତ

## ଖୋ ଖୋ ବିଶ୍ୱକପ୍

**ଭୁବନେଶ୍ୱର, ୧୮।୧:** ନୂଆଦିଲ୍ଲୀସ୍ଥିତ ଇନ୍ଦିରା ଗାନ୍ଧି ଇନ୍‌ଡୋର ଷ୍ଟାଡିୟମ୍‌ରେ ଆୟୋଜିତ ପ୍ରଥମ ଖୋ ଖୋ ବିଶ୍ୱକପ୍‌ର ଉଭୟ ମହିଳା ଓ ପୁରୁଷରେ ଆୟୋଜକ ଭାରତ ସେମିଫାଇନାଲ୍ ସ୍ଥାନ ନିଶ୍ଚିତ କରିଛି। ମହିଳା କ୍ୱାର୍ଟରଫାଇନାଲ୍‌ରେ ଭାରତ ଏକତରଫା ଭାବେ ୧୦୯-୧୬ରେ ବାଂଲାଦେଶକୁ ମାତ୍ ଦେଇଛି। ପ୍ରିୟଙ୍କା ଇଙ୍ଗଲେଙ୍କ ନେତୃତ୍ୱାଧୀନ ଭାରତ ସମସ୍ତ ୪ ଟର୍ଣ୍ଣରେ ଆଧିପତ୍ୟ ବିସ୍ତାର କରିଥିଲା। ଏହି ଦଳ ଲଗାତାର ପଞ୍ଚମ ମ୍ୟାଚ୍‌ରେ ୧୦୦ରୁ ଊର୍ଦ୍ଧ୍ୱ ପଏଣ୍ଟ କରିଥିଲା। ଓଡ଼ିଆ ଝିଅ ମାଗାଇ ମାଝୀ ଶ୍ରେଷ୍ଠ ଆଟାକର୍ ପୁରସ୍କାର ପାଇଥିଲା ବେଳେ ରିତୁରାଣୀ ସେନ ଓ ଅଶ୍ୱିନୀ ସିନ୍ଦେ ଯଥାକ୍ରମେ ଶ୍ରେଷ୍ଠ ଡିଫେଣ୍ଡର ଏବଂ ମ୍ୟାଚ୍‌ର ଶ୍ରେଷ୍ଠ ଖେଳାଳି ବିବେଚିତ ହୋଇଛନ୍ତି। ଓଡ଼ିଶା ଶନିବାର ସେମିଫାଇନାଲ୍‌ରେ ଦକ୍ଷିଣ ଆଫ୍ରିକାକୁ ଭେଟିବ। ଦକ୍ଷିଣ ଆଫ୍ରିକା ୫୧-୪୬ରେ କେନିଆକୁ ହରାଇଥିଲା। ଅନ୍ୟଏକ ସେମିଫାଇନାଲ୍‌ରେ ଉଗାଣ୍ଡା-ନେପାଳ ମୁହାଁମୁହିଁ ହେବେ। ଉଗାଣ୍ଡା ୭୧-୨୬ରେ ନ୍ୟୁଜିଲାଣ୍ଡକୁ ଏବଂ ନେପାଳ ୧୦୩-୮ରେ ଇରାନକୁ ହରାଇଛି। ଅପରାଜେୟ ପୁରୁଷ ଦଳ କ୍ୱାର୍ଟରଫାଇନାଲ୍‌ରେ ଶ୍ରୀଲଙ୍କାକୁ ୧୦୦-୪୦ରେ ପରାସ୍ତ କରିଛି। ଶନିବାର ସେମିଫାଇନାଲ୍‌ରେ ଏହି ଦଳ ଦକ୍ଷିଣ ଆଫ୍ରିକାକୁ ଭେଟିବ। ଦକ୍ଷିଣ ଆଫ୍ରିକା ୫୮-୩୮ରେ ଇଂଲଣ୍ଡକୁ ହରାଇଛି। ଅନ୍ୟଏକ ସେମିଫାଇନାଲ୍‌ରେ ନେପାଳକୁ ଭେଟିବ ଇରାନ। ନେପାଳ ୬୭-୧୮ରେ ବାଂଲାଦେଶକୁ ଏବଂ ଇରାନ ୮୬-୧୮ରେ କେନିଆକୁ ମାତ୍ ଦେଇଛି।

## ଚାମ୍ପିଅନ୍ସ ଟ୍ରଫି ୨୦୨୫ ପାଇଁ ୧୫ଜଣିଆ ଭାରତୀୟ ଦଳ ଘୋଷଣା

# ରୋହିତ ଅଧିନାୟକ, ଗିଲ୍ ଉପଅଧିନାୟକ

**ନୂଆଦିଲ୍ଲୀ, ୧୮।୧:** ଆଇସିସି ଚାମ୍ପିଅନ୍ସ ଟ୍ରଫି ୨୦୨୫ ପାଇଁ ଭାରତୀୟ ଦଳ ଘୋଷଣା କରାଯାଇଛି। ଆଜି ମୁମ୍ବାଇରେ ଆୟୋଜିତ ଏକ ସାମ୍ବାଦିକ ସମ୍ମିଳନୀରେ ମୁଖ୍ୟ ଚୟନକର୍ତ୍ତା ଅଜିତ ଅଗରକର ଦଳ ଘୋଷଣା କରିଛନ୍ତି। ଚାମ୍ପିଅନ୍ସ ଟ୍ରଫିରେ ଭାରତୀୟ ଦଳର କମାଣ୍ଡ ରୋହିତ ଶର୍ମାଙ୍କ ହାତରେ ରହିବ, ଯିଏ ସାମ୍ବାଦିକ ସମ୍ମିଳନୀରେ ଉପସ୍ଥିତ ଥିଲେ। ଏଥର ଚାମ୍ପିଅନ୍ସ ଟ୍ରଫି 'ହାଇବ୍ରିଡ୍ ମଡେଲ୍' ଅନୁଯାୟୀ ପାକିସ୍ତାନ ଏବଂ ଦୁବାଇରେ ଖେଳାଯିବାକୁ ଯାଉଛି। ଟୁର୍ଣ୍ଣାମେଣ୍ଟର ପ୍ରଥମ ମ୍ୟାଚ୍ ଫେବ୍ରୁଆରି ୧୯ରେ ଆୟୋଜକ ପାକିସ୍ତାନ ଏବଂ ନ୍ୟୁଜିଲ୍ୟାଣ୍ଡ ମଧ୍ୟରେ କରାଚୀରେ ଖେଳାଯିବ। ଏହା ସହ ଭାରତୀୟ ଦଳ ଫେବ୍ରୁଆରି ୨୦ରେ ବାଂଲାଦେଶ ବିପକ୍ଷରେ ପ୍ରଥମ ମ୍ୟାଚ୍ ଖେଳିବେ। ସବୁଠୁ ବଡ଼ କଥା ହେଲା ଶୁଭମନ ଗିଲଙ୍କୁ ଚାମ୍ପିଅନ୍ସ ଟ୍ରଫି ପାଇଁ ଉପ-ଅଧିନାୟକ କରାଯାଇଛି। ମହମ୍ମଦ ସିରାଜଙ୍କୁ ଦଳରେ ସାମିଲ କରାଯାଇନଥିବା ବେଳେ ଆହତ ଜସପ୍ରୀତ୍ ବୁମରାହଙ୍କୁ ଦଳରେ ସ୍ଥାନ ମିଳିଛି। ଯଶସ୍ୱୀ ଜୟସୱାଲ ପ୍ରଥମ ଥର ପାଇଁ ଦିନିକିଆ ଦଳର ଅଂଶ ହୋଇଛନ୍ତି। ଦ୍ରୁତ ବୋଲର ମହମ୍ମଦ ଶାମି ମଧ୍ୟ ୧୪ ମାସ ପରେ ଦିନିକିଆ ଦଳକୁ ଫେରିଛନ୍ତି। ସ୍ପିନର କୁଲଦୀପ ଯାଦବ ମଧ୍ୟ ସୁସ୍ଥ ହେବା ପରେ ଦଳକୁ ଫେରିଛନ୍ତି।

ଟିମରେ ଅଛନ୍ତି, ରୋହିତ ଶର୍ମା (ଅଧିନାୟକ), ଶୁଭମନ ଗିଲ୍ (ଉପ-ଅଧିନାୟକ), ବିରାଟ କୋହଲି, ଶ୍ରେୟସ ଆୟର, କେଏଲ ରାହୁଲ (ୱିକେଟକିପର), ଋଷଭ ପନ୍ତ (ୱିକେଟକିପର), ହାର୍ଦ୍ଦିକ ପାଣ୍ଡ୍ୟା, ଯଶସ୍ୱୀ ଜୟସୱାଲ, ରବିନ୍ଦ୍ର ଜାଡେଜା, ଅକ୍ଷର ପଟେଲ, କୁଲଦୀପ ଯାଦବ, ଜସପ୍ରୀତ ବୁମରାହ, ମହମ୍ମଦ ଶାମି, ଅର୍ଶଦୀପ ସିଂହ, ୱାଶିଂଟନ ସୁନ୍ଦର।





### ଆଇସିସି ପୁରୁଷ ଚାମ୍ପିଅନ୍ସ ଟ୍ରଫି ୨୦୨୫ ଖେଳସୂଚୀ

| |
|---|
| ୧୯ ଫେବୃଆରୀ: ପାକିସ୍ତାନ ବନାମ ନ୍ୟୁଜିଲାଣ୍ଡ, କରାଚୀ |
| ୨୦ ଫେବୃଆରୀ : ବାଂଲାଦେଶ ବନାମ ଭାରତ, ଦୁବାଇ |
| ୨୧ ଫେବୃଆରୀ : ଆଫଗାନିସ୍ତାନ ବନାମ ସାଉଥ ଆଫ୍ରିକା, କରାଚୀ |
| ୨୨ ଫେବୃଆରୀ :ଅଷ୍ଟ୍ରେଲିଆ ବନାମ ଇଂଲଣ୍ଡ, ଲାହୋର |
| ୨୩ ଫେବୃଆରୀ : ଭାରତ ବନାମ ପାକିସ୍ତାନ, ଦୁବାଇ |
| ୨୪ ଫେବୃଆରୀ : ବାଂଲାଦେଶ ବନାମ ନ୍ୟୁଜିଲାଣ୍ଡ, ରାୱଲପିଣ୍ଡି |
| ୨୫ ଫେବୃଆରୀ: ଅଷ୍ଟ୍ରେଲିଆ ବନାମ ସାଉଥ ଆଫ୍ରିକା, ରାୱଲପିଣ୍ଡି |
| ୨୬ ଫେବୃଆରୀ : ଆଫଗାନିସ୍ତାନ ବନାମ ଇଂଲଣ୍ଡ : ଲାହୋର |
| ୨୭ ଫେବୃଆରୀ :ପାକିସ୍ତାନ ବନାମ ବାଂଲାଦେଶ, ରାୱଲପିଣ୍ଡି |
| ୨୮ ଫେବୃଆରୀ : ଆଫଗାନିସ୍ତାନ ବନା ଅଷ୍ଟ୍ରେଲିଆ : ଲାହୋର |
| ୧ ମାର୍ଚ୍ଚ : ସାଉଥ ଆଫ୍ରିକା ବନାମ ଇଂଲଣ୍ଡ, କରାଚୀ |
| ୨ ମାର୍ଚ୍ଚ : ନ୍ୟୁଜିଲାଣ୍ଡ ବନାମ ଭାରତ, ଦୁବାଇ |
| ୪ ମାର୍ଚ୍ଚ : ସେମିଫାଇନାଲ ୧, ଦୁବାଇ |
| ୫ ମାର୍ଚ୍ଚ : ସେମିଫାଇନାଲ ୨, ଲାହୋର |
| ୯ ମାର୍ଚ୍ଚ : ଫାଇନାଲ, ଲାହୋର/ଭାରତ ଫାଇନାଲକୁ ଗଲେ ଦୁବାଇରେ ହେବ ଖେଳ |

# ବିରାଟ କୋହଲି ଖେଳିବେନି ରଣଜୀ ମ୍ୟାଚ୍

## ବେକ ସମସ୍ୟାରୁ ହୋଇନାହାନ୍ତି ସୁସ୍ଥ

**ନୂଆଦିଲ୍ଲୀ, ୧୮।୧:** ବିସିସିଆଇର ନୂଆ ନିୟମ ଅନୁଯାୟୀ, ଟିମ୍ ଇଣ୍ଡିଆର ସମସ୍ତ ଖେଳାଳି ଘରୋଇ ମ୍ୟାଚ୍ ଖେଳିବା ବାଧ୍ୟତାମୂଳକ। ବିରାଟ କୋହଲି ଏବଂ ରୋହିତ ଶର୍ମାଙ୍କ ସହିତ ରଣଜୀ ଟ୍ରଫି ଖେଳିବେ ଅନ୍ୟ ଖେଳାଳି। ଜାନୁଆରୀ ୨୩ରୁ ଆରମ୍ଭ ହେବାକୁ ଥିବା ରଣଜୀ ଟ୍ରଫିରେ ବିରାଟ କୋହଲି ଖେଳିବେ ବୋଲି ଚର୍ଚ୍ଚା ଚାଲିଥିଲା। କିନ୍ତୁ ବିରାଟ କୋହଲିଙ୍କ ବେକରେ ଯନ୍ତ୍ରଣା କାରଣ ଯୋଗୁଁ ରଣଜୀ ଟ୍ରଫିର ପରବର୍ତ୍ତୀ ମ୍ୟାଚରୁ ନିଜ ନାମ ପ୍ରତ୍ୟାହାର କରିନେଇଥିବା ଜଣାପଡିଛି। କୋହଲି ବିସିସିଆଇ ମେଡିକାଲ ଷ୍ଟାଫଙ୍କୁ କହିଛନ୍ତି ଯେ, ସେ ଏପର୍ଯ୍ୟନ୍ତ ବେକ ସମସ୍ୟାରୁ ସୁସ୍ଥ ହୋଇନାହାନ୍ତି। ଅଷ୍ଟ୍ରେଲିଆ ବିପକ୍ଷ ସିଡନୀ ଟେଷ୍ଟରେ ଏହି ଆଘାତ ଲାଗିଥିଲା। ୮ ଜାନୁଆରୀକୁ ଏଥିପାଇଁ ଇଞ୍ଜେକ୍ସନ ନେଇଥିଲେ। କିନ୍ତୁ ଏପର୍ଯ୍ୟନ୍ତ ଏଥିରୁ ବାହାରି ପାରିନାହାନ୍ତି। ଜାନୁଆରୀ ୨୩ରୁ ଦିଲ୍ଲୀ-ସୌରାଷ୍ଟ୍ର ମ୍ୟାଚ୍ ଖେଳାଯିବ, ଯେଉଁଥିରେ ଋଷଭ ପନ୍ତ ଦିଲ୍ଲୀ ପକ୍ଷରୁ ଖେଳିବା ନିଶ୍ଚିତ ହୋଇସାରିଛି। ଗ୍ରୁପ୍ ଡିରେ ଦିଲ୍ଲୀ ଓ ସୌରାଷ୍ଟ୍ର ରହିଛନ୍ତି। ଦିଲ୍ଲୀ ଏବେ ଟେବୁଲର ଚତୁର୍ଥ ଓ ସୌରାଷ୍ଟ୍ର ଷଷ୍ଠ ସ୍ଥାନରେ ରହିଛି । ଏହାଛଡା କେଏଲ ରାହୁଲ ମଧ୍ୟ ରଣଜୀ ପାଇଁ ଖେଳିନ ପାରନ୍ତି। ଦୁଇ ଜଣ ଯାକ ଖେଳାଳି ଆହତଜନିତ ସମସ୍ୟା ଦର୍ଶାଇ ରଣଜୀ ଖେଳିବେ ନାହିଁ। କେଏଲ୍ ରାହୁଲଙ୍କ କହୁଣୀରେ ଆଘାତ ଜନିତ ସମସ୍ୟା ରହିଛି, ଯେଉଁକାରଣରୁ ସେ ପଞ୍ଜାବ ବିପକ୍ଷ ମ୍ୟାଚ୍ ରେ କର୍ଣ୍ଣାଟକ ପକ୍ଷରୁ ଖେଳିପାରିବେ ନାହିଁ। ବିସିସିଆଇର ନୂଆ ନିୟମ ଅନୁଯାୟୀ ଯଦି କୌଣସି ଖେଳାଳି ଘରୋଇ ମ୍ୟାଚ୍ ଖେଳିବାକୁ ମନା କରନ୍ତି ତେବେ ତାଙ୍କୁ ଦଣ୍ଡ ଭୋଗିବାକୁ ପଡ଼ିପାରେ। ସେହିପରି କୌଣସି ପରିସ୍ଥିତିରେ ଖେଳାଳିଙ୍କୁ ଘରୋଇ ମ୍ୟାଚ୍ ଖେଳିବା ପୂର୍ବରୁ ମୁଖ୍ୟ ପ୍ରଶିକ୍ଷକ ଗୌତମ ଗମ୍ଭୀର ଓ ମୁଖ୍ୟ ଚୟନକର୍ତ୍ତା ଅଜିତ ଅଗରକରଙ୍କ ଅନୁମିତ ନେବାକୁ ପଡ଼ିବ। ରଣଜୀ ଟ୍ରଫିର ଗ୍ରୁପ ଷ୍ଟେଜ ଫାଇନାଲ ରାଉଣ୍ଡ ୩୦ ଜାନୁଆରୀରୁ ୨ ଫେବୃଆରୀ ଯାଏଁ ଖେଳାଯିବ। ୬ ଫେବୃଆରୀରୁ ଇଂଲଣ୍ଡ ବିପକ୍ଷରେ ଦିନିକିଆ ସିରିଜ ଆରମ୍ଭ ହେବ। ସେପଟେ ୨୩ ଜାନୁଆରୀରୁ ହେବାକୁ ଥିବା ମ୍ୟାଚରେ ପଞ୍ଜାବ ପାଇଁ ଶୁବମନ ଗିଲ, ଦିଲ୍ଲୀ ପାଇଁ ରିଷଭ ପନ୍ତ ଏବଂ ମୁମ୍ବାଇ ଯଶସ୍ୱୀ ଜୟସୱାଲ ଖେଳିବେ।






## ଅଷ୍ଟ୍ରେଲିଆନ୍ ଓପନ୍

# ପ୍ରିକ୍ୱାର୍ଟରରେ ଜୋକୋଭିକ୍, ଭେରଭ୍

**ମେଲ୍‌ବର୍ଣ୍ଣ, ୧୮।୧:** ୨୪ ଗ୍ରାଣ୍ଡ ସ୍ଲାମ୍ ବିଜେତା ସର୍ବିୟା ତାରକା ନୋଭାକ ଜୋକୋଭିକ୍, ବିଶ୍ୱର ୨ ନମ୍ବର ଆଲେକ୍‌ଜାଣ୍ଡର ଭେରଭ୍, ୪ ଗ୍ରାଣ୍ଡ ସ୍ଲାମ୍ ବିଜେତା କାର୍ଲୋସ ଅଲ୍‌କାରାଜ ଚଳିତ ଅଷ୍ଟ୍ରେଲିଆନ୍ ଓପନ୍ ଟେନିସ୍ ପ୍ରତିଯୋଗିତାର ପ୍ରିକ୍ୱାର୍ଟରଫାଇନାଲ୍‌ରେ ପ୍ରବେଶ କରିଛନ୍ତି। ଶୁକ୍ରବାର ପୁରୁଷ ଏକକ ତୃତୀୟ ରାଉଣ୍ଡରେ ଏଠାରେ ୧୦ ଥରର ବିଜେତା ୩୭ ବର୍ଷୀୟ ଜୋକୋଭିକ୍ ୬-୧, ୬-୪, ୬-୪ ସେଟ୍‌ରେ ୨୬ ମାନ୍ୟତାପ୍ରାପ୍ତ ଚେକ୍‌ଗଣରାଜ୍ୟର ତୋମସ ମାଚାକ୍‌ଙ୍କୁ ପରାସ୍ତ କରିଛନ୍ତି। ସେହିଭଳି ୨୭ ବର୍ଷୀୟ ଜର୍ମାନିର ଭେରଭ ୬-୩, ୬-୪, ୬-୪ ସେଟ୍‌ରେ ବ୍ରିଟିସ୍ ଖେଳାଳି ଜାକବ ଫିଅର୍ନଲିଙ୍କୁ ଏବଂ ତୃତୀୟ ମାନ୍ୟତାପ୍ରାପ୍ତ ସ୍ପେନ୍‌ର ଅଲ୍‌କାରାଜ ୬-୨, ୬-୪, ୬-୭, ୬-୨ ସେଟ୍‌ରେ ବିଶ୍ୱର ୩୩ ନମ୍ବର ପର୍ତ୍ତୁଗାଲ୍‌ର ନୁନୋ ବୋର୍ଗେସଙ୍କୁ ହରାଇଛନ୍ତି। ଆମେରିକାର ଟମି ଫଲ୍ ୭-୬, ୬-୨, ୬-୦ ସେଟ୍‌ରେ ସ୍ପେନ୍‌ର ରୋବର୍ତୋ କାର୍ବାଲେସ୍ ବାଏନାଙ୍କୁ ହରାଇ ପ୍ରିକ୍ୱାର୍ଟରରେ ପହଞ୍ଚିଛନ୍ତି।

## ପ୍ରଥମ ପୃଷ୍ଠାର ଅବଶିଷ୍ଟାଂଶ

### ଆୱାସ...

'ଆୱାସ ପ୍ଲସ' ମାଧ୍ୟମରେ ସାନି ସର୍ଭେ କରି ବାଦ ପଡ଼ିଥିବା ଯୋଗ୍ୟ ହିତାଧିକାରୀଙ୍କୁ ଚିହ୍ନଟ କରିବାକୁ କୁହାଯାଇଛି। ଏହି ପ୍ରକ୍ରିୟା ମାର୍ଚ୍ଚ ୩୧ତାରିଖ ପର୍ଯ୍ୟନ୍ତ ରାଜ୍ୟବ୍ୟାପୀ ଜାରି ରହିବ । ସଂଶୋଧିତ ସର୍ତ୍ତାବଳୀ ଆଧାରରେ ସାନି ସର୍ଭେରେ ଯେଭଳି କୌଣସି ଯୋଗ୍ୟ ହିତାଧିକାରୀ ବାଦ ନପଡ଼ିବେ ତାହା ସୁନିଶ୍ଚିତ କରିବାକୁ କୁହାଯାଇଛି । ରାଜ୍ୟ ସରକାରଙ୍କ ଦ୍ୱାରା ପୂର୍ବରୁ ଜାରି ଏସ୍‌ଓପିକୁ ପାଳନ କରିବାକୁ ମଧ୍ୟ ତାଗିଦ କରାଯାଇଛି। ବିଭାଗ ପକ୍ଷରୁ ନଭେମ୍ବର ୨୭ ଓ ଡିସେମ୍ବର ୨୭ତାରିଖରେ ପ୍ରଧାନମନ୍ତ୍ରୀ-ଆବାସ ଯୋଜନାକୁ ନେଇ ଏସ୍‌ଓପି ଓ ସର୍ତ୍ତାବଳୀ ଜାରି କରାଯାଇଥିଲା । ଏହି ସର୍ଭେ ସମ୍ପର୍କରେ ବ୍ୟାପକ ସଚେତନତା କାର୍ଯ୍ୟକ୍ରମ କରିବାକୁ ମଧ୍ୟ ବିଭାଗ ପରାମର୍ଶ ଦେଇଛି । ବ୍ଲକ ଓ ଜିଲାସ୍ତରରେ ଉପଲବ୍ଧ ଥିବା ପ୍ରଧାନମନ୍ତ୍ରୀ ଆବାସ-ଗ୍ରାମୀଣ ଯୋଜନାର ପ୍ରଶାସନିକ ପାଣ୍ଠିରୁ ଖର୍ଚ୍ଚ ତୁଲାଇବାକୁ କୁହାଯାଇଛି। ସବୁ ପଞ୍ଚାୟତରେ ମାଇକ ଯୋଗେ ଘୋଷଣା କରାଯିବ। ରେକର୍ଡିଂ ହୋଇଥିବା ତଥ୍ୟ ରାଜ୍ୟ ସରକାର ଯୋଗାଇ ଦେବେ ଯାହାକୁ ମାଇକ ଯୋଗେ ପ୍ରଚାର କରାଯିବ । ସେହିପରି ବ୍ଲକ ଓ ପଞ୍ଚାୟତ ମୁଖ୍ୟାଳୟରେ ବଡ଼ ବଡ଼ ବ୍ୟାନର ଓ ହୋର୍ଡିଂ ଲଗାଯିବ। ଯେଉଁଠି ଯୋଗାଯୋଗର ସୁବିଧା ନାହିଁ ସେଠାରେ ସ୍ଥାନୀୟ ସାଂସ୍କୃତିକ ଦଳ ଦ୍ୱାରା ଷ୍ଟ୍ରିଟ୍ ପ୍ଲେ କରାଯିବ । ଏହି ସର୍ଭେ ସମ୍ପର୍କରେ ମଧ୍ୟ ସୋସିଆଲ ମିଡିଆରେ ବ୍ୟାପକ ପ୍ରଚାର କରିବାକୁ ମଧ୍ୟ କୁହାଯାଇଛି ।

### ସ୍ମାର୍ଟ...

ଓଡ଼ିଶା ରାଜ୍ୟ ବିଦ୍ୟୁତ୍ ଉପଭୋକ୍ତା ମହାସଂଘ ପକ୍ଷରୁ ନୈତିକ ସମର୍ଥନ କରାଯାଉଛି ବୋଲି ମହାସଂଘର ଆବାହକ ରବି ବେହେରା ଏକ ପ୍ରେସ୍ ବିଜ୍ଞପ୍ତିରେ ଜଣାଇଛନ୍ତି । ସବୁଠାରୁ ଆଶ୍ଚର୍ଯ୍ୟର କଥା ହେଉଛି, ସ୍ମାର୍ଟ ମିଟରକୁ ନେଇ ଯେତେ ଅଭିଯୋଗ ଆସିଲେ ସୁଦ୍ଧା ରାଜ୍ୟ ସରକାର ସେଥିପ୍ରତି କର୍ଣ୍ଣପାତ କରୁନାହାଁନ୍ତି । ବରଂ ଲୋକଙ୍କ ସରକାର ଆଜି ଟାଟା ପାୱାର ପ୍ରବକ୍ତା ସାଜି ସ୍ମାର୍ଟ ମିଟର ଲଗାଇବା ପାଇଁ ସାଧାରଣ ଲୋକଙ୍କୁ ବାଧ୍ୟ କରୁଛି । ଏହି ମିଟର ଲାଗିବା ପରେ ୧୦୦ ଟଙ୍କା ଜାଗାରେ ୫୦୦ରୁ ୭୦୦ ଟଙ୍କା ବିଜୁଳି ବିଲ୍ ଆସୁଛି ଏବଂ ଉପଭୋକ୍ତାମାନେ ବାଧ୍ୟହୋଇ ସ୍ମାର୍ଟ ମିଟରର ବୋଝ ନିଜେ ମୁଣ୍ଡାଉଛନ୍ତି । ସ୍ମାର୍ଟ ମିଟର ଲଗାଇଲେ ଯେଭଳି ପ୍ରିପେଡ୍ ମୋବାଇଲ୍ ରିଚାର୍ଜ କରିବାକୁ ପଡୁଛି, ସେହିଭଳି ରିଚାର୍ଜ ନ କଲେ ଘର ଅନ୍ଧାର ରହିବ । ବିଜୁଳି ଆଲୁଅ ଜଳିବ ନାହିଁ । ଏବେ ଓଡ଼ିଶାରେ ଆଉ କିଛିଦିନ ପରେ ମ୍ୟାଟ୍ରିକ୍ ପରୀକ୍ଷା ସମେତ କଲେଜ ଓ ବିଶ୍ୱବିଦ୍ୟାଳୟ ପରୀକ୍ଷା ସବୁ ଆରମ୍ଭ ହୋଇଯିବ । ଏହି ସମୟରେ ଚାଲୁ ଅବସ୍ଥାରେ ଥିବା ମିଟର ବଦଳାଇ ସ୍ମାର୍ଟ ମିଟର ବସାଇବା ଆଳରେ ଉପଭୋକ୍ତାଙ୍କ ଉପରେ ଅତିରିକ୍ତ ବୋଝକୁ ଉପଭୋକ୍ତା ମହାସଂଘ ବିରୋଧ କରିଛି । ତୁରନ୍ତ ସ୍ମାର୍ଟ ମିଟର ପ୍ରତ୍ୟାହାର କରିବାକୁ ଓଡ଼ିଶା ରାଜ୍ୟ ବିଦ୍ୟୁତ୍ ଉପଭୋକ୍ତା ମହାସଂଘର ଅଧ୍ୟକ୍ଷ ପଞ୍ଚାନନ କାନୁନ୍‌ଗୋ ଓ ଆବାହକ ରବି ବେହେରା ସରକାରଙ୍କ ପାଖରେ ଦାବି କରିଛନ୍ତି ।

### ବୀମା ନଥିଲେ...

ବୀମା ରାଶି ପାଇବାରୁ ବଞ୍ଚିତ ହେଉଛନ୍ତି। ଯାହାକୁ ନେଇ ସରକାରଙ୍କ ପକ୍ଷରୁ ଉଦବେଗ ପ୍ରକାଶ ପାଇଛି। ଏହାକୁ ଦୃଷ୍ଟିରେ ରଖି ନିୟମ ଉଲ୍ଲଙ୍ଘନକାରୀଙ୍କ ବିରୋଧରେ କାର୍ଯ୍ୟାନୁଷ୍ଠାନ ପାଇଁ ପରିବହନ ଆୟୁକ୍ତ ନିର୍ଦ୍ଦେଶ ଦେଇଛନ୍ତି। ପୂର୍ବରୁ ଇ-ଡିଟେକ୍ସନରେ ପରମିଟ, ଫିଟନେସ, ଟିକସ ନିୟମ ଉଲ୍ଲଙ୍ଘନକାରୀଙ୍କୁ ଟୋଲଗେଟରେ ଚିହ୍ନଟ କରାଯାଉଥିଲା। ଏବେ ବୀମା ନିୟମ ଉଲ୍ଲଙ୍ଘନକାରୀଙ୍କୁ ମଧ୍ୟ ଏହି ପ୍ରକ୍ରିୟାରେ ଚିହ୍ନଟ କରାଯିବ। ଏନଫୋର୍ସମେଣ୍ଟରେ ଆଧୁନିକ ଜ୍ଞାନକୌଶଳକୁ ଅଧିକ ବ୍ୟବହାର କରାଯିବାକୁ ନିଷ୍ପତ୍ତି ହୋଇଛି। ତେଣୁ ଗାଡ଼ିଚାଳକମାନେ ସେମାନଙ୍କ ଗାଡ଼ିର ତୁରନ୍ତ ବୀମା କରାଇ ନେବାକୁ ଏସ୍‌ଟିଏ ପକ୍ଷରୁ ନିବେଦନ କରାଯାଇଛି।

### ବିକଶିତ...

ଅନ୍ୟଟି ନାନ୍ୟାଙ୍ଗ୍ ଟେକ୍ନୋଲୋଜିକାଲ ୟୁନିଭର୍ସିଟି ସହ ଆଇଆଇଟି ଭୁବନେଶ୍ୱର ଓ ଶକ୍ତି ବିଭାଗ ମଧ୍ୟରେ ସ୍ୱାକ୍ଷରିତ ହୋଇଛି। ଏହାଦ୍ୱାରା ଆଇଟି, ଆଇଟିଇଏସ୍, ସେମିକଣ୍ଡକ୍ଟର ଓ ଅନ୍ୟାନ୍ୟ ଅତ୍ୟାଧୁନିକ ଟେକ୍ନୋଲୋଜି କ୍ଷେତ୍ରରେ ଯୁବବର୍ଗଙ୍କ ଦକ୍ଷତା ବଢ଼ିପାରିବ। ଏହାଛଡ଼ା ଆଧୁନିକ ସହରାଞ୍ଚଳ ଯୋଜନାଠାରୁ ନୂତନ ସହର ପ୍ରତିଷ୍ଠା, ପେଟ୍ରୋଲିୟମ, କେମିକାଲ୍‌ସ, ଗ୍ରୀନ ଏନର୍ଜି ଓ ଦକ୍ଷତା ବିକାଶ ପାଇଁ ମଧ୍ୟ ବ୍ୟାପକ କାର୍ଯ୍ୟକ୍ରମ ହାତକୁ ନିଆଯିବ ବୋଲି ମୁଖ୍ୟମନ୍ତ୍ରୀ କହିଛନ୍ତି।

### ପଥର...

ଜିଲ୍ଲାପାଳଙ୍କୁ ରିପୋର୍ଟ ଦେଇଛନ୍ତି। ଏନେଇ ପ୍ରଶାସନ ତରଫରୁ ମଧ୍ୟ ଏକ ଉଚ୍ଚସ୍ତରୀୟ ବୈଠକ ଅନୁଷ୍ଠିତ ହୋଇଛି। ସତୀଶଙ୍କ ଅନୁରୋଧକ୍ରମେ ମହାମହିମ ରାଜ୍ୟପାଳ, ମୁଖ୍ୟମନ୍ତ୍ରୀ, ମୁଖ୍ୟଶାସନ ସଚିବଙ୍କ ତରଫରୁ ଦିଆଯାଇଥୁବା ପତ୍ର ଅନୁସାରେ ରାଇଗଡା ପାହାଡକୁ ସରକାରଙ୍କ ତରଫରୁ ସୁରକ୍ଷା ପ୍ରଦାନ କରାଯିବ ବୋଲି ନିର୍ଦ୍ଦେଶ ଆସିଛି। ତଦନୁଯାୟୀ ବେଆଇନ ୱାଗନ ହୋଲ ବ୍ଲାଷ୍ଟିଂରେ ପାହାଡରେ ସୃଷ୍ଟି ହୋଇଥିବା ଗର୍ତ୍ତକୁ ପ୍ରଥମେ ତାରବାଡ ବୁଲା ଯାଇ ସୁରକ୍ଷିତ କରାଯିବ। ଏହାସହ ଏହି ଖାଲରେ ମାଟି ଭର୍ତି କରାଯାଇ ବୃକ୍ଷରୋପଣ କରାଯିବ । ପୋଲିସ, ରାଜସ୍ୱ, ଖଣି ବିଭାଗ ତରଫରୁ ମିଳିତ ସ୍କାର୍ଡ ଗଠନ କରାଯାଇ ଏହି ପାହାଡକୁ ମାଫିଆଙ୍କ ଠାରୁ ସୁରକ୍ଷା ପ୍ରଦାନ କରାଯିବ ବୋଲି ନିଷ୍ପତ୍ତି ହୋଇଛି ।

ରାଜ୍ୟପାଳ, ମୁଖ୍ୟମନ୍ତ୍ରୀ ଓ ମୁଖ୍ୟ ଶାସନ ସଚିବଙ୍କୁ ସତୀଶ ଦେଇଥିବା ଚିଠିରେ ଦର୍ଶାଇଥିଲେ ଯେ, ମୁଖ୍ୟମନ୍ତ୍ରୀ ମୋହନ ଚରଣ ମାଝୀ ଖଣି ମାଫିଆଙ୍କ ବିରୋଧରେ ସ୍ପଷ୍ଟ ଆଭିମୁଖ୍ୟ ପ୍ରଦର୍ଶନ କରିଥିବା ବେଳେ ଢେଙ୍କାନାଳ ବନକଣ୍ଡ ଷଡଙ୍ଗୀ ବନାଚଂଳ ଅଧୀନ ନିହଲପ୍ରସାଦ ରାଜସ୍ୱ ଗ୍ରାମରେ ରହିଥିବା ନିଶ୍ଚିନ୍ତା ଜଙ୍ଗଲ କିସମ ପାହାଡ ଖତା ନଂବର- ୧୫୧୩ ପ୍ଲଟ ନମ୍ବର- ୬୧୬୮ ଏବଂ ପ୍ଲଟ ନଂବର-୬୨୩୨ରୁ ଦୈନିକ ଏକାଧିକ କୋଟି ଟଙ୍କାର କଳାପଥର ଲୁଟ ହେଉଛି । ସ୍ଥାନୀୟ ପୋଲିସ, ବନ ବିଭାଗ ଏବଂ ରାଜସ୍ୱ ବିଭାଗର ଅଧିକାରୀ ମାନେ ଏହି ଲୁଟରୁ ଭାଗ ପାଉଛନ୍ତି। ନିହଲପ୍ରସାଦ ରୋଡ ମେଟାଲ କ୍ୱାରୀ ନମ୍ବର-୨ ଏବଂ ୩ ଲିଜ୍ ନାମରେ ଏହି ଲୁଟ ଚାଲିଛି । ପଥର ବ୍ଲାଷ୍ଟିଂ ଯୋଗୁଁ ଏହି ଜଙ୍ଗଲରୁ ଏବେ ବନ୍ୟଜନ୍ତୁ ଲୋପ ପାଇଗଲେଣି । ରକ୍ଷକ ହୋଇ ଭକ୍ଷକ ସାଜିଥିଲେ ସ୍ଥାନୀୟ ଫରେଷ୍ଟର, ରେଂଜର, ଡିଏଫଓ, ରାଜସ୍ୱ ଅଧିକାରୀ, ତହସିଲଦାର, ପୋଲିସ। ଏମାନେ ପଥର ମାଫିଆଙ୍କ ଠାରୁ ଅଧିକ ଦାୟୀ। ଏଥିସହ ବିଜେଡି ସରକାରରେ ଚାଲିଥିବା ଲୁଟ କିଛି ସ୍ଥାନୀୟ ଅଧିକାରୀଙ୍କ ସହଯୋଗ ଫଳରେ ବିଜେପି ସରକାରରେ ବି ଜାରି ରହିଥିଲା। ତେଣୁ ଏଭଳି ଲୁଟ ବନ୍ଦ କରିବାକୁ ସେ ମୁଖ୍ୟମନ୍ତ୍ରୀଙ୍କ ହସ୍ତକ୍ଷେପ ଲୋଡିଥିଲେ। ଜଙ୍ଗଲ କିସମ ପାହାଡକୁ କାହା ସ୍ୱାର୍ଥରେ ଲିଜ ଦିଆଯାଇଥିଲା। ଏଥିରେ କିଛି ସ୍ଥାନୀୟ ଅଧିକାରୀ ସାମିଲ ଥିବା ବେଳେ ଲୁଟ ହୋଇଥିବା କଳାପଥର ପାଇଁ ସଂପୃକ୍ତ ଲିଜଧାରୀଙ୍କ ଠାରୁ ଜରିମାନା ଆଦାୟ କରିବାକୁ ଦାବି ହେଉଛି ।

### ସୁଲୋଚନା...

ହାତରେ ରହିଥିବାବେଳେ ନିୟମିତ ଭାବେ ଝାଡୁ ଟିକେ ବାଜୁନାହିଁ। ମୁଖ୍ୟ ରାସ୍ତାକୁ ବାଦ୍ ଦେଲେ ସହରର ଗଳିକନ୍ଦିରେ କୁଢ କୁଢ ଅଳିଆ। ରାଜ୍ୟ ବାହାରର ବିଶେଷକରି ଦକ୍ଷିଣରୁ ଆସିଥିବା ସଫେଇ ସଂସ୍ଥାଗୁଡିକ ଏଠାରେ ମେୟରଙ୍କୁ ଖାତିର କରୁଥିବା ଭଳି ଲକ୍ଷ୍ୟ କରାଯାଉନାହିଁ। ବିଏମ୍‌ସି ପକ୍ଷରୁ ପକ୍ଷରୁ ପ୍ରତି ୱାର୍ଡରେ ଦପ୍ତର ଖୋଲାଯାଇଥିବାବେଳେ ୱାର୍ଡ ଅଫିସରଙ୍କ ଦେଖାଦର୍ଶନ ୱାର୍ଡବାସୀ ପାଉନାହାନ୍ତି। ଜବରଦଖଲକାରୀଙ୍କ ପାଇଁ ରାଜଧାନୀ ଅମରାବତୀ ପାଲଟିଥିବା ବେଳେ ସେମାନଙ୍କୁ ହଟାଇବା ପାଇଁ ବିଏମ୍‌ସିର ସେଭଳି ଆଗ୍ରହ ନାହିଁ। ରାଜଭବନ ଆଖପାଖରୁ ଆରମ୍ଭ କରି ସହରତଳି ଅଞ୍ଚଳ ପର୍ଯ୍ୟନ୍ତ ପାଖାପାଖି ୫୦୦ ଏକର ସରକାରୀ ଜମିକୁ ମାଫିଆମାନେ ମାଡ଼ିବସିଛନ୍ତି। ସରକାର ଜମି ମୁକୁଳାଇବାକୁ ୧୦ ହଜାର ପର୍ଯ୍ୟନ୍ତ ମାମଲା ରୁଜୁ କରି ଲଢୁଛନ୍ତି। ଦିନକୁ ଦିନ ଜବରଦଖଲକାରୀମାନେ ରାଜଧାନୀକୁ ଗିଳିବାକୁ ବସିଥିବାବେଳେ ମେୟର ଓ ତାଙ୍କ ଟିମ୍ ଏକ ପ୍ରକାର ମୂକଦର୍ଶକ ସାଜିଥିବା ଆଲୋଚନା ହେଉଛି। ସହରରେ ଏବେ ବସ୍ତିସଂଖ୍ୟା ହୁ ହୁ ହୋଇ ବଢିବାରେ ଲାଗିଛି। ସରକାରୀ ଖାତାରେ ବସ୍ତିସଂଖ୍ୟା ୪୩୬ ଥିବାବେଳେ ବାସ୍ତବରେ ଏହା ଦେଢ଼ ହଜାର ଛୁଇଁଲାଣି। ଯିଏ ଯେଉଁଠି ପାରୁଛି ବସ୍ତି ତିଆରି କରୁଛି। ଯେଉଁ ବସ୍ତିବାସିନ୍ଦାଙ୍କୁ ସରକାର ସୁଲଭ ଘର ଯୋଗାଉଛନ୍ତି, ସେମାନେ ପାଇଥିବା ଘରକୁ ଭଡ଼ାରେ ଲଗାଇ ବସ୍ତିରେ ରହିଲେଣି। ଫଳରେ ସହରକୁ ବସ୍ତିମୁକ୍ତ ଯୋଜନା ଏବେ ଶୀତଳଭଣ୍ଡାରରେ।

ରାଜଧାନୀରେ ଥିବା ଦୁଇଟି ପ୍ରମୁଖ ହାଟକୁ ସ୍ଥାନାନ୍ତର ମଧ୍ୟ ସମ୍ଭବ ହୋଇପାରୁନାହିଁ। ଏକ ନମ୍ବର ହୋଲେସେଲ ପରିବା ହାଟକୁ ମଦନପୁର ଉଠାଇବା ପାଇଁ ହୋଇଥିବା ଯୋଜନା ଶୀତଳଭଣ୍ଡାରରେ ରହିଯାଇଥିବା ବେଳେ ୪ ନମ୍ବରରେ ଥିବା ହୋଲସେଲ ମାଛ ହାଟକୁ କୁଆଖାଇ ନଦୀପଠାକୁ ସ୍ଥାନାନ୍ତର ଯୋଜନା ମଧ୍ୟ ଅଧାବାଟରେ ରହିଛି। ଆଜି ପର୍ଯ୍ୟନ୍ତ ରାଜଧାନୀରେ ସରକାରୀ କଂସେଇଖାନାଟିଏ କାର୍ଯ୍ୟକ୍ଷମ ହୋଇ ନ ପାରିବାରୁ ସହରର ରାସ୍ତାକଡ଼ ଏବେ କଂସେଇଖାନା ପାଲଟିଛି।

ବିଭିନ୍ନ ଦିଗରୁ ବିଏମ୍‌ସିର କାର୍ଯ୍ୟଶୈଳୀକୁ ଅନୁଧ୍ୟାନ କଲେ ରାଜଧାନୀବାସୀ ମେୟର ସୁଲୋଚନାଙ୍କଠାରୁ ଯେଉଁ ଆଶା ରଖିଥିଲେ, ତାହା ଧିରେ ଧିରେ ପାଣିଫୋଟକା ଭଳି ମିଳେଇବାରେ ଲାଗିଛି। ଏଭଳି କ୍ଷେତ୍ରରେ କେବଳ ମେୟର ବଦନାମ ହେଉନାହାନ୍ତି, ଧିରେ ଧିରେ ତାଙ୍କ ଚଉକି ପ୍ରତି ବିପଦ ବି ଘନେଇବାରେ ଲାଗିଛି। ନିଜ ଦଳର କିଛି ବିଭୀଷଣ ଅପାରଗତାକୁ ଆଳ କରି କେତେବେଳେ ଯେ ତାଙ୍କ ଚଉକି ଟାଣି ନନେବେ, ତାହା କହିହେବନାହିଁ ବୋଲି ଆଲୋଚନା ଆରମ୍ଭ ହୋଇଗଲାଣି।

### ପୁଣି ମିଳିଲା...

କମିଟିର ସମସ୍ତ ସଦସ୍ୟମାନଙ୍କୁ ଶ୍ରୀ ପ୍ରଧାନ ଧନ୍ୟବାଦ ଜଣାଇଛନ୍ତି ।

କେନ୍ଦ୍ରମନ୍ତ୍ରୀ କହିଛନ୍ତି ଯେ ସମ୍ବଲପୁରର ବିକାଶ ପାଇଁ କେନ୍ଦ୍ର ସରକାରଙ୍କ ସହଯୋଗରେ ରାଜ୍ୟ ସରକାର ବିଭିନ୍ନ ପ୍ରକଳ୍ପ କାର୍ଯ୍ୟକାରୀ କରୁଛନ୍ତି । ସମ୍ବଲପୁରର ପୁରୁଣା ଅଯୋଧ୍ୟା ସାଗର ବନ୍ଧକୁ 'ରିଭରଫ୍ରଣ୍ଟ ଡେଭଲପମେଣ୍ଟ ପ୍ରୋଜେକ୍ଟ' ଅଧୀନରେ ବିକଶିତ କରିବାର ଯୋଜନା ରହିଛି। ହୀରାକୁଦ ବନ୍ଧର ନବୀକରଣ ପାଇଁ ମଧ୍ୟ ସରକାର କାର୍ଯ୍ୟ କରୁଛନ୍ତି । ମା' ସମଲେଶ୍ୱରୀଙ୍କ ମନ୍ଦିର ପ୍ରକଳ୍ପକୁ କେନ୍ଦ୍ରରେ ରଖି ସମ୍ବଲପୁରର ସର୍ବାଙ୍ଗୀନ ବିକାଶ ପାଇଁ ଯୋଜନା ହେଉଛି।

ସମ୍ବଲପୁର ଭଳି ପ୍ରାଚୀନ ଓ ଐତିହ୍ୟ ସମ୍ପନ୍ନ ଅଞ୍ଚଳକୁ ଆଧୁନିକ ବ୍ୟବସ୍ଥା ସହ ଯୋଡିବା ପାଇଁ ଡବଲ ଇଞ୍ଜିନ ସରକାର କାମ କରୁଛି ବୋଲି ଶ୍ରୀ ପ୍ରଧାନ ମତପ୍ରକାଶ କରିଛନ୍ତି । ସମ୍ବଲପୁର ଗସ୍ତ କାଳରେ ଶ୍ରୀ ପ୍ରଧାନଙ୍କୁ ବିଭିନ୍ନ ସ୍ଥାନରେ ସ୍ୱାଗତ ସମ୍ବର୍ଦ୍ଧନା ଦିଆଯାଇଥିଲା ।

### ଦରମାଖିଆ...

ବୋଲି କୁହାଯାଉଛି। ବରିଷ୍ଠ ତ ଦୂରର କଥା, କେତେକ ଦ୍ୱିତୀୟ ପିଢ଼ିର ନେତା ମଧ୍ୟ ଏହାକୁ ପସନ୍ଦ ନ କରି ମେଳି ହେବାରେ ଲାଗିଛନ୍ତି।

ଗୋଟିଏ ପଟେ ବିଜେପିର ଅଭିଜ୍ଞ ଓ ବରିଷ୍ଠ ନେତାଙ୍କ ସହିତ ମୁଖମନ୍ତ୍ରୀ ଓ କ୍ୟାବିନେଟ୍ ମନ୍ତ୍ରୀମାନେ ଗଣମାଧ୍ୟମ ଆଗରେ ବିଭିନ୍ନ ପ୍ରସଙ୍ଗ ରଖୁଥିବାବେଳେ ସେମାନଙ୍କ ମୁକାବିଲା ପାଇଁ କିମ୍ବା ନିଜଆଡୁ କୌଣସି ପ୍ରସଙ୍ଗ ରଖିବା ପାଇଁ ବିଜେଡି ଯେଭଳି ଦରମାଦିଆ ମୁଖପାତ୍ରଙ୍କୁ ନିୟୋଜିତ କରୁଛନ୍ତି ତାହା ଅନେକ ପ୍ରସଙ୍ଗକୁ ହାଲୁକା କରିବା ସହିତ ସରକାରଙ୍କ ପାଇଁ ସହଜତା ସୃଷ୍ଟି କରୁଥିବା କୁହାଯାଉଛି।

ବିରୋଧୀଦଳ ନେତା ପୂର୍ବଭଳି ଗଣମାଧ୍ୟମରୁ ଦୂରେଇ ରହୁଥିବାବେଳେ ସକ୍ରିୟ ସନ୍ୟାସୀ ଏବେ ପୁଣିଥରେ ନିଜ ଟିମ୍ ତିଆରି କରି ଯେଭଳି ମଇଦାନକୁ ବାହାରିଛନ୍ତି ଓ ନିଜ ମୁଖପାତ୍ରଙ୍କ ମୁହଁରେ ନିଜ କଥା କୁହାଉଛନ୍ତି, ତାହା ଆଗାମୀ ଦିନରେ ଦଳରେ ମହାକନ୍ଦଳ ସୃଷ୍ଟି କରିବ ବୋଲି କର୍ମୀମାନେ ଆଲୋଚନା କରୁଛନ୍ତି।

# ରାଇଘର ପାଇଁ ଗୌରବ ଆଣିଲେ ଯୁବ ଉଦ୍ୟୋଗୀ ନରେନ୍ଦ୍ର

ନବରଙ୍ଗପୁର/ରାଇଘର, ୧୮।୧ (ସଂଚାର ବ୍ୟୁରୋ): ନବରଙ୍ଗପୁର ଜିଲ୍ଲାର ରାଇଘର ବ୍ଲକ ଅନ୍ତର୍ଗତ ଜରଣପେଦର ଗ୍ରାମର ଚନ୍ଦ୍ରୁ ଗଣ୍ଡଙ୍କ ସୁଯୋଗ୍ୟ ସନ୍ତାନ ନରେନ୍ଦ୍ର କୁମାର ଗଣ୍ଡ ଭୁବନେଶ୍ୱରଠାରେ ଅନୁଷ୍ଠିତ ହୋଇଯାଇଥିବା ରାଜ୍ୟସ୍ତରୀୟ ଆଦିବାସୀ ମେଳା-୨୦୨୫ ଶ୍ରେଷ୍ଠ ସଫଳ ଆଦିବାସୀ ଯୁବ ଉଦ୍ୟୋଗୀ ଭାବେ ଓଡିଶାର କ୍ୟାବିନେଟ ମନ୍ତ୍ରୀ ନିତ୍ୟାନନ୍ଦ ଗଣ୍ଡଙ୍କ ଦ୍ୱାରା ସମ୍ମାନିତ ହୋଇଛନ୍ତି।



ନରେନ୍ଦ୍ର ଗଣ୍ଡ ମୁଖ୍ୟମନ୍ତ୍ରୀ ଜନଜାତି ଜୀବିକା ମିଶନ ପ୍ରକଳ୍ପ ସହାୟତାରେ ନିଜ ଗ୍ରାମରେ ଏକ (ଦୁଇ ଚକିଆ) ଅଟୋ ଗ୍ୟାରେଜ ଓ ସର୍ଭିସ୍ ସେଣ୍ଟର ଆରମ୍ଭ କରିଥିଲେ। କିନ୍ତୁ ନିଜର ଦୃଢ଼ ଇଚ୍ଛା ଶକ୍ତି, କର୍ତ୍ତବ୍ୟ ନିଷ୍ଠ ଓ ଅକ୍ଲାନ୍ତ ଉଦ୍ୟମ ଦ୍ୱାରା ଉଦ୍ୟୋଗ ଖୁବ୍ କମ୍ ଦିନରେ ସଫଳତାର ଶୀର୍ଷରେ ପହଞ୍ଚାଇ ପାରିଥିଲେ। ସାରା ଓଡିଶାରେ ଜଣେ ସଫଳ ଆଦର୍ଶ ଉଦ୍ୟୋଗ ଭାବ ପରିଚିତ ହୋଇ ପାରିଥିଲେ। ତାଙ୍କର ଏହି ସଫଳତା ପାଇଁ ଜନଜାତି ଜୀବିକା ମିଶନ, ସମନ୍ୱିତ ଆଦିବାସୀ ଉନ୍ନୟନ ସଂସ୍ଥା, ନବରଙ୍ଗପୁର ସହି ସାଧାରଣ ଜନତାଙ୍କ ଠାରୁ ଆରମ୍ଭ କରି ବୁଦ୍ଧିଜୀବି ମହଲ ପ୍ରଶଂସା ଓ ଶୁଭେଚ୍ଛା ଜଣାଇଛନ୍ତି। ଏହି ଖବର ପାଇବା ପରେ ଜନଜାତି ଜୀବିକା ମିଶନ ପକଳ୍ପର ବ୍ଲକ ଜୀବିକା ବିଶେଷଜ୍ଞ ବସନ୍ତ କୁମାର ସ୍ୱାଇଁ ଓ ରାଇଘର ସରପଞ୍ଚ ଲମ୍ବୋଦର ମାଝୀ ପ୍ରତିକ୍ରିୟା ଦେଇ କହିଥିଲେ ସାରା ଓଡିଶାରେ ଆମ ଜିଲ୍ଲା ଓ ରାଇଘର ବ୍ଲକ ଅଞ୍ଚଳର ସମ୍ମାନ ବଢ଼ାଇଥିବାରୁ ନରେନ୍ଦ୍ର କୁମାର ଗଣ୍ଡ ଭୁବନେଶ୍ୱରରୁ ପହଞ୍ଚିଲା ପରେ ରାଇଘର ଠାରେ ତାଙ୍କୁ ଉହ୍ଲସିତ ସମ୍ବର୍ଦ୍ଧନା ସହ ସମ୍ମାନିତ କରାଯିବ।

# ବ୍ୟବସାୟୀଙ୍କ କବ୍‌ଜାରେ ରାଜରାସ୍ତା, ଲୋକେ ହନ୍ତସନ୍ତ

ବୋରିଗୁମ୍ମା, ୧୮।୧ (ସଂଚାର ବ୍ୟୁରୋ): ଦୀର୍ଘଦିନ ହେଲା ବୋରିଗୁମ୍ମା ସହର ଦେଇ ଛତିଶଗଡ ରାୟପୁରକୁ ଯାଇଥିବା ମୁଖ୍ୟ ରାଜପଥ ରାସ୍ତା ବ୍ୟବସାୟୀଙ୍କ କବଜାରେ ଥିବାବେଳେ ଏକମାତ୍ର ରାଜପଥ ରାସ୍ତା ଯେଉଁଠି ରାତିପାହିଲେ ଶହ ଶହ ଲୋକ ବିଭିନ୍ନ ପ୍ରାନ୍ତରୁ ଆସିଥାନ୍ତି। ସରକାରୀ କାର୍ଯ୍ୟାଳୟ ଠାରୁ ଆରମ୍ଭ କରି ସ୍କୁଲ କଲେଜ ଛାତ୍ରଛାତ୍ରୀ, ଖେଳ ପଡିଆ, ମନ୍ଦିର ପ୍ରମୁଖ ଏହି ରାସ୍ତାରେ ଥିବାରୁ ପ୍ରତ୍ୟେକ ଲୋକଙ୍କ ଆତଯାତ ଲାଗିଥାଏ। କିନ୍ତୁ ପରିତାପର ବିଷୟ ସହର ଭିତରେ ରାଜପଥ ରାସ୍ତାକୁ ଅବରୋଧ କରି ବ୍ୟବସାୟ କରୁଥିବା ଜବରଦଖଲକାରୀଙ୍କୁ ଉଚ୍ଛେଦ କରାଯାଉ ନାହିଁ। ପ୍ରଶାସନ ରାଜପଥରୁ ବ୍ୟବସାୟୀଙ୍କୁ ଉଚ୍ଛେଦ କରିବାରେ ସମ୍ପୂର୍ଣ୍ଣ ବିଫଳ ହୋଇଛି।



ଅସହାୟ ପ୍ରଶାସନ

ଯଦ୍ୱାରା ସାମାଜିକ ସ୍ଥିରତାକୁ ପ୍ରଭାବିତ ହେଉଛି। ମୁଖ୍ୟ ରାଜପଥକୁ ବେଆଇନ ଭାବେ ଜବରଦଖଲ ଯୋଗୁଁ ଛୋଟ ପିଲା, ଛାତ୍ରଛାତ୍ରୀ, ମହିଳା, ଶ୍ରମିକ, ବୁଦ୍ଧିଜୀବୀ ଓ ପର୍ଯ୍ୟଟକ ଏହି ରାସ୍ତରେ ଆସିଲାମାତ୍ରେ ପ୍ରତି ମୁହୂର୍ତ୍ତରେ ଛୋଟ ବଡ଼ ଦୁର୍ଘଟଣାକୁ ସାମ୍ନା କରିବାକୁ ପଡିଥାଏ। ଯଦ୍ୱାରା ନିଜକୁ ସୁରକ୍ଷିତ ମଣୁନାହାନ୍ତି ଯେଉଁଥି ପାଇଁ ସହରବାସୀ ତୀବ୍ର ଅସନ୍ତୋଷ ପ୍ରକାଶ କରିଛନ୍ତି।

ରାସ୍ତା ଜବରଦଖଲ କଲେ ଦୃଢ଼ କାର୍ଯ୍ୟାନୁଷ୍ଠାନ ଗ୍ରହଣ କରାଯିବ ବୋଲି ପୂର୍ବରୁ ବହୁଥର ବୋରିଗୁମ୍ମା ପଞ୍ଚାୟତ ପକ୍ଷରୁ ପ୍ରଚାର କରାଯାଇଥିଲା। ପ୍ରଶାସନକୁ ଚ୍ୟାଲେଞ୍ଜ କରି ଅସାଧୁ ବ୍ୟବସାୟୀମାନେ ରାସ୍ତା ମଝି ପର୍ଯ୍ୟନ୍ତ ଦୋକାନ ସାମଗ୍ରୀ ଖୋଲି ରଖୁଥିବା ହେତୁ ଦୈନିକ ଟ୍ରାଫିକ ସମସ୍ୟା ବଢ଼ିବାରେ ଲାଗିଛି। କେତେକ ଅସାଧୁ ବ୍ୟବସାୟୀ ରାସ୍ତାରେ ଖଟ ପକାଇ ଦୈନିକ ଭଡ଼ା ହିସାବରେ ଲଗାଇ ମୋଟା ଅଙ୍କର ଅର୍ଥ ଆଦାୟ କରୁଥିବା ଅଭିଯୋଗ ହୋଇଆସୁଛି।

ଆଗକୁ ସାଧାରଣତନ୍ତ୍ର ଦିବସ ଥିବା ଦୃଷ୍ଟିରୁ ଏ ସମ୍ପର୍କରେ ବୋରିଗୁମ୍ମା ପଞ୍ଚାୟତ କାର୍ଯ୍ୟନିର୍ବାହୀ ଅଧିକାରୀ, ସରପଞ୍ଚ ଓ ଦାୟିତ୍ୱରେ ଥିବା ବୋରିଗୁମ୍ମା ବିଡ଼ିଓ ସନ୍ଧ୍ୟା ସମରଥଙ୍କୁ ଯୋଗାଯୋଗ କରିବା ସମ୍ଭବ ହୋଇନଥିଲା। ତୁରନ୍ତ ଏଥିପ୍ରତି ପଦକ୍ଷେପ ନେବାକୁ ସାଧାରଣରେ ଦାବି ହେଉଛି।

## କର୍କଟ ରୋଗ ସଚେତନତା ଶିବିର




ବାଲିଅନ୍ତା, ୧୮।୧ (ସଂଚାର ବ୍ୟୁରୋ): ବାଲିଅନ୍ତା ବ୍ଲକ୍ ଅନ୍ତର୍ଗତ ଯଶୁଆପୁର ଗ୍ରାମରେ ଭୁବନେଶ୍ୱର ସ୍ଥିତ ସ୍ପର୍ଶ ହସ୍ପିଟାଲ ପକ୍ଷରୁ ମହିଳା କର୍କଟ ରୋଗ ସଚେତନତା ଶିବିର ଅନୁଷ୍ଠିତ ହୋଇଯାଇଛି। ଏହି କାର୍ଯ୍ୟକ୍ରମରେ ସ୍ପର୍ଶ ହସ୍ପିଟାଲର ବରିଷ୍ଠ ବିଶେଷଜ୍ଞ ଡାକ୍ତର ମାଧୁରୀ ପଟ୍ଟନାୟକ, ଡାକ୍ତର ମୃଣାଳି କାନ୍ତ ଦାଶ, ଜେନେରାଲ ମ୍ୟାନେଜର ସୌମେନ୍ଦ୍ର ମିଶ୍ର ପ୍ରମୁଖ ଯୋଗଦେଇ ମହିଳା ମାନଙ୍କୁ ସଚେତନ କରିଥିଲେ। ଗ୍ରାମର ଶତାଧିକ ମହିଳା ଓ ଯୁବତୀ ମାନେ ଯୋଗଦେବା ସହ ଡାକ୍ତର ମାନଙ୍କ ପାଖରୁ ପରାମର୍ଶ ଗ୍ରହଣ କରିଥିଲେ। ଏହି କାର୍ଯ୍ୟକ୍ରମରେ ଅନ୍ୟତମ ଅତିଥି ଭାବେ ଉମାଦେଇବ୍ରହ୍ମପୁର ଗ୍ରାମପଞ୍ଚାୟତ ସରପଞ୍ଚ ରମାଲତା ନାୟକ,ସମିତି ସଭ୍ୟ ରଞ୍ଜନ କୁମାର ମହାପାତ୍ର ଓ ପ୍ରକୃତି ବନ୍ଧୁ ଦୀନବନ୍ଧୁ ଭୋଇ ପ୍ରମୁଖ ଯୋଗଦେଇଥିଲେ। ଏହି ଶିବିରକୁ ମାର୍କେଟିଂ ହେଡ କାହ୍ନୁଚରଣ ପଣ୍ଡା ପରିଚାଳନା କରିଥିଲେ।

## ମିଥ୍ୟା ବିଲ : କର୍ମଚାରୀ ଓ ବିଡ଼ିଓଙ୍କ ନାମରେ ଥାନାରେ ମାମଲା

ନୟାଗଡ଼, ୧୮।୧ (ସଂଚାର ବ୍ୟୁରୋ): ନୟାଗଡ଼ ଜିଲ୍ଲା ରଣପୁର ବ୍ଲକ କୋଠା ମରାମତି ନାଁରେ ୧ ଲକ୍ଷ ୬୨ ହଜାର ଟଙ୍କାର ଫଲସ୍ ବିଲ ହୋଇଥିବା ନେଇ ଆଜି ରଣପୁର ବ୍ଲକ ଅଧ୍ୟକ୍ଷା ନିର୍ମଳା ବେହେରା ପୂର୍ବତନ ବିଡିଓ ଓ କର୍ମଚାରୀଙ୍କ ନାଁରେ ଏତଲା ଦେଇଛନ୍ତି । ରଣପୁର ବ୍ଲକରେ କୋଠା ମରାମତି ନାଁରେ ୧ ଲକ୍ଷ ୬୨ ହଜାର ଟଙ୍କାର ଏକ ଫାଇଲ ଖୋଲା ଯାଇଥିଲା । ମରାମତି କରିବା ବଦଳରେ ଉକ୍ତ ଅର୍ଥରେ ଏସି ଓ ଇନ୍‌ଭୋଟର ଲଗା ଯାଇଥିବା ନେଇ ବିଲ୍ କରାଯାଇଛି । ଏପରିକି ବିଲ୍ ଗୁଡ଼ିକ ସଂଗ୍ରହ ହୋଇଥିବା ଦୋକାନର ଜିଏସ୍‌ଟି ନମ୍ବରରେ ତାଳ ମେଳ ନଥିବା ଅଧ୍ୟକ୍ଷାଙ୍କ ନଜରକୁ ଆସିଛି । ଯେଉଁ ସଂସ୍ଥାରୁ କୋଟେସନ୍ ସଂଗ୍ରହ କରା ଯାଇଛି, ତାହା ମଧ୍ୟ ନକଲି ବୋଲି ଅଧ୍ୟକ୍ଷାଙ୍କ ନଜରକୁ ଆସିଛି । ସିଧା ସଳଖ ଭାବେ କୌଣସି କାମ ନକରି ଏହି ଅର୍ଥକୁ ଚଳୁ କରାଯାଇଥିବା ଅଧ୍ୟକ୍ଷା ଥାନାରେ ଏତଲା ଦେଇଛନ୍ତି । ବ୍ଲକ ପୂର୍ବତନ ବିଡିଓ ଜ୍ୟୋତି ପ୍ରକାଶ ସେଠୀ, ଜେଇ ଚିତ୍ତରଞ୍ଜନ ମିଶ୍ର, ଏଇଇ ଜ୍ଞାନେନ୍ଦ୍ର ପାଢ଼ୀ, କ୍ୟାସିୟର ଅର୍ଜ୍ଜୁନ ପ୍ରଧାନ, କିରାଣୀ ସତ୍ୟନାରାୟଣ ନରେନ୍ଦ୍ର ସିଂଙ୍କ ନାମରେ ଏହି ଏତଲା ଦିଆଯାଇଥିବା ସୂଚନା ମିଳିଛି ।

# ସୋଆ ସିଇସିର ନିର୍ଦ୍ଦେଶକ ଜାତୀୟ ସ୍ତରରେ ସମ୍ମାନିତ

ଭୁବନେଶ୍ୱର, ୧୮।୧ (ସଂଚାର ବ୍ୟୁରୋ): ଶିକ୍ଷା ଓ ଅନୁସନ୍ଧାନ (ସୋଆ) ପରିଚାଳିତ ପରିବେଶ ଓ ଜଳବାୟୁ କେନ୍ଦ୍ର (ସିଇସି)ର ନିର୍ଦ୍ଦେଶକ ଡକ୍ଟର ଶରତ ଚନ୍ଦ୍ର ସାହୁଙ୍କୁ ବୁଧବାର ନୂଆଦିଲ୍ଲୀ ଠାରେ ଅନୁଷ୍ଠିତ ଓ୍ୱାର୍ଲ୍ଡ କଂଗ୍ରେସ ଅନ୍ ଡିଜାଷ୍ଟର ମ୍ୟାନେଜମେଣ୍ଟ-ଡିଜାଷ୍ଟର ରିସ୍କ ରିଡକ୍ସନ୍ (ଡବ୍ଲ୍ୟୁସିଡିଏମ୍-ଡିଆରଆର) ଅବସରରେ ସମ୍ମାନିତ କରାଯାଇଛି।



ପୂର୍ବରୁ ଭୁବନେଶ୍ୱର ଭାରତୀୟ ପାଣିପାଗ ବିଭାଗରେ ନିର୍ଦ୍ଦେଶକ ଭାବେ କାର୍ଯ୍ୟ କରିଥିବା ଡକ୍ଟର ସାହୁ ଏହି ସମ୍ମାନ କେନ୍ଦ୍ର ବାଣିଜ୍ୟ ଓ ଶିଳ୍ପ ମନ୍ତ୍ରୀ ଶ୍ରୀ ପିୟୁଷ ଗୋୟଲଙ୍କ ଠାରୁ ଗ୍ରହଣ କରିଥିଲେ। ବିପର୍ଯ୍ୟୟ ପ୍ରସ୍ତୁତି ବର୍ଗରେ ଡକ୍ଟର ସାହୁଙ୍କୁ ଏହି ସମ୍ମାନ ପ୍ରଦାନ କରାଯାଇଛି।

ୱେଦର ରିସର୍ଚ୍ଚ ଫୋରକାଷ୍ଟିଂ ତଥା ପୃଥିବୀର ଅନ୍ୟାନ୍ୟ ମଡେଲର ସାହାଯ୍ୟ ନେଇ ସିଇସି ପକ୍ଷରୁ ପାଣିପାଗର ଅଗ୍ରୀମ ସୂଚନା ପ୍ରସ୍ତୁତ କରି ବ୍ୟବହାରକାରୀ ମାନଙ୍କୁ ଯୋଗାଇ ଦିଆଯାଇଥାଏ। ଏହାଛଡ଼ା ଏହି କେନ୍ଦ୍ର ପୁନେସ୍ଥିତ ଇଣ୍ଡିଆନ ଇନ୍‌ଷ୍ଟିଚ୍ୟୁଟ୍ ଅଫ୍ ଟ୍ରପିକାଲ ମେଟିଓରୋଲଜି, ଆମେରିକାର ଆର୍ଥ ନେଟୱର୍କ ଓ ହାଇଦ୍ରାବାଦ ସ୍ଥିତ ନ୍ୟାସ୍‌ନାଲ୍ ରିମୋଟ ସେନ୍‌ସିଂ ସେଂଟର ଦ୍ୱାରା ଉପଲବ୍ଧ ଝଡ଼ବାତ୍ୟା ଓ ବଜ୍ରପାତ ସଂକ୍ରାନ୍ତିୟ ପୂର୍ବ ସୂଚନା ରାଜ୍ୟର ବିଭିନ୍ନ ବ୍ଲକରେ ପ୍ରସାରିତ କରିଥାଏ।

ଏହି କାର୍ଯ୍ୟକ୍ରମରେ ଜାମ୍ମୁ କାଶ୍ମୀରର ପୂର୍ବତନ ମୁଖ୍ୟ ବିଚାରପତି ଶ୍ରୀ ଏମ୍. ଏମ୍. କୁମାର ଓ ଡିଜାଷ୍ଟର ମ୍ୟାନେଜମେଣ୍ଟ ଇନିସିଏଟିଭ୍‌ସ ଆଣ୍ଡ କନ୍‌ଭର୍ଜେନ୍ସ ସୋସାଇଟି-ଓ୍ୱାର୍ଲ୍ଡ କଂଗ୍ରେସ ଅନ୍ ଡିଜାଷ୍ଟର ମ୍ୟାନେଜମେଣ୍ଟର ସଭାପତି ତଥା ଆବାହକ ଡକ୍ଟର ଏସ୍. ଆନନ୍ଦ ବାବୁ ଉପସ୍ଥିତ ଥିଲେ।

### ମନ୍ଦିର ପରେ ଲୁଟେରାଙ୍କ ଟାର୍ଗେଟରେ ଶିକ୍ଷାୟତନ

## ବିଦ୍ୟାଳୟରୁ ଲକ୍ଷାଧିକ ଟଙ୍କାର ସାମଗ୍ରୀ ଲୁଟ୍

କାକଟପୁର/ଅସ୍ତରଙ୍ଗ, ୧୮।୧ (ସଂଚାର ବ୍ୟୁରୋ): ପୁରୀ ଜିଲ୍ଲା କାକଟପୁର ଓ ଅସ୍ତରଙ୍ଗ ଅଞ୍ଚଳରେ ମାତିଛନ୍ତି ଲୁଟେରା। ସିଧା ସଳଖ ଟାର୍ଗେଟ କରୁଛନ୍ତି ମନ୍ଦିର। ଏବେ ମନ୍ଦିର ପରେ ନଜରରେ ବିଦ୍ୟାଳୟ। ଲୁଟି ଚାଲିଛନ୍ତି ଗୋଟିଏ ପରେ ଗୋଟିଏ ସ୍ଥାନରୁ। କିଛି ଦିନ ହେବ କାକଟପୁର ଓ ଅସ୍ତରଙ୍ଗ ଅଞ୍ଚଳ ଅସୁରକ୍ଷିତ ହୋଇଥିବା ବେଳେ ଘଟି ଚାଲିଛି ବିଭିନ୍ନ ସ୍ଥାନରୁ ଚୋରି। ମାତ୍ର ଅଧିକାଂଶ ମନ୍ଦିର ପରେ ଶୁକ୍ରବାର ବିଳମ୍ବିତ ରାତ୍ରରେ ବିଦ୍ୟାଳୟରୁ ଲକ୍ଷାଧିକ ଟଙ୍କାର ସାମଗ୍ରୀକୁ କଳାକନା ବୁଲାଇଛନ୍ତି। ମାତ୍ର ଅଧିକାଂଶ ଘଟଣାରେ ଅଭିଯୁକ୍ତଙ୍କ ସମ୍ପର୍କରେ ପୁଲିସ ଟେର ପାଉନି। ସୁରକ୍ଷା ବ୍ୟବସ୍ଥା ଢିଲା ଓ ପୁଲିସ ରାତ୍ରିକାଳୀନ ପାଟ୍ରୋଲିଂ ରେ ଅବହେଳା ପାଇଁ ଏଭଳି ଘଟଣା ଦିନକୁ ଦିନ ବଢ଼ି ଚାଲିଛି।



ସୂଚନା ଅନୁଯାୟୀ ଅସ୍ତରଙ୍ଗ ମଣ୍ଡଳ ଶିକ୍ଷାଅଧିକାରୀ କାର୍ଯ୍ୟାଳୟ ଅଧୀନ ନଇଁଗୁଆଁ ପଂଚାୟତ ଓସ୍ତପୁର ପ୍ରକଳ୍ପ ଉଚ୍ଚ ପ୍ରାଥମିକ ବିଦ୍ୟାଳୟରେ ଶୁକ୍ରବାର ଅପରାହ୍ନ ୪ଘ ୩୦ମିନିଟ ସମୟରେ ପୂର୍ବ ଦିନ ମାନଙ୍କ ଭଳି ବିଦ୍ୟାଳୟ ବନ୍ଦ କରି ପ୍ରଧାନଶିକ୍ଷକ ଘରକୁ ଯାଇଥିଲେ। କିନ୍ତୁ ୧୮ତାରିଖ ଶନିବାର ସକାଳ ୬ଘ ୩୦ମିନିଟ ସମୟରେ ଆସି ଦେଖିଥିଲେ ଅଫିସ ସମେତ ଅନ୍ୟ ଗୃହ ତାଲା ଭଙ୍ଗାଯାଇ ବହୁ ଗୁରୁତ୍ୱପୂର୍ଣ୍ଣ ସାମଗ୍ରୀ ଚୋରି ହୋଇଛି। ଏନେଇ ପ୍ରଧାନଶିକ୍ଷକ ଧରଣୀଧର ବେହେରା କାକଟପୁର ଥାନାରେ ଲିଖିତ ଅଭିଯୋଗ କରିଛନ୍ତି। କାକଟପୁର ଥାନା ପୁଲିସ କେଶ ନମ୍ବର ୧୧/୨୦୨୫ରେ ମାମଲା ରୁଜୁ କରି ତଦନ୍ତ କରୁଥିବା କାକଟପୁର ଥାନା ଅଧିକାରୀ ଉମେଶ କୁମାର ସାହୁ ସୂଚନା ଦେଇଛନ୍ତି

## ଚୋରା ବାଲି ଚାଲାଣ ବନ୍ଦ ସହ ଗାଁକୁ ସୁରକ୍ଷା ଦାବିରେ ରାସ୍ତାରୋକ

ନୀଳଗିରି, ୧୮।୧ (ସଂଚାର ବ୍ୟୁରୋ): ନୀଳଗିରି ତହସିଲ ଅନ୍ତର୍ଗତ କାଠପାଳ ଗ୍ରାମ ସୋନ ନଦୀ ଅବବାହିକାରେ ଥିବା ବାଲି ସୁରତ୍ ଅଞ୍ଚଳରେ ମାଫିଆମାନେ ଦୈନନ୍ଦିନ ଶହ ଶହ ଟ୍ରିପ ବାଲି ଚୋରା ଚାଲାଣ କରୁଛନ୍ତି। ନଦୀ ପାର୍ଶ୍ୱରେ ଥିବା ବିରାଟ ଖେଳ ପଡିଆ, ଗୋଚର ଜମି ନଦୀ ଗର୍ଭକୁ ଗଲାଣି। ଗୋରୁ ଗାଈ ପଡି ମୃତ୍ୟୁବରଣ କରିଥିବା ବେଳେ ଶୌଚ ପାଇଁ ଯାଇଥିବା ଜଣେ ବୃଦ୍ଧା ମଧ୍ୟ ଗତବର୍ଷ ପଡି ଜୀବନ ହାରିଥିଲେ। ଏଭଳି ବେଆଇନ କାର୍ଯ୍ୟ ନେଇ ଖଣିଜ ବିଭାଗ, ପ୍ରଶାସନ, ପୋଲିସ ନିରବଦ୍ରଷ୍ଟା ସାଜିଥିବା ବେଳେ ନଦୀ ଉପରେ ବେଆଇନ ରାସ୍ତା ଏ ପର୍ଯ୍ୟନ୍ତ ହଟିପାରିନାହିଁ। ଶେଷରେ କାଠପାଳ ଅଞ୍ଚଳବାସୀ ଗାଁ ଓ ନଦୀ ସୁରକ୍ଷା ପାଇଁ ନିଜେ ଅଣ୍ଟା ଭିଡ଼ିଥିଲେ। ଶନିବାର ସକାଳ ଠାରୁ ବାଲେଶ୍ୱର ମିତ୍ରପୁର ଉଦଳା ମୁଖ୍ୟରାସ୍ତାକୁ ଅବରୋଧ କରି କାଠପାଳ ଛକରେ ଶତାଧିକ ଗ୍ରାମବାସୀ ରାସ୍ତାରୋକ କରି ପ୍ରତିବାଦ କରିଥିଲେ।



# ଜିଲ୍ଲା ସଂସ୍କୃତି ଭବନର ଭିତ୍ତିପ୍ରସ୍ତର ସ୍ଥାପନ

ଖୋର୍ଦ୍ଧା, ୧୮।୧ (ସଂଚାର ବ୍ୟୁରୋ): ଜିଲ୍ଲା ସଂସ୍କୃତି ଭବନର ଭିତ୍ତି ପ୍ରସ୍ତର ସ୍ଥାପନ ଅନୁଷ୍ଠିତ ହୋଇଯାଇଛି। ୮ କୋଟି ୮୧ ଲକ୍ଷ ୫୮ ହଜାର ୪୪୪ ଟଙ୍କା ବ୍ୟୟ ଅଟକଳରେ ନିର୍ମାଣ ହେବାକୁ ଥିବା ଏହି ଅଟ୍ଟାଳିକାର ଭିତ୍ତି ପ୍ରସ୍ତର ସ୍ଥାପନ ଭୁବନେଶ୍ୱର ଲୋକସଭା ସାଂସଦ, ଅପରାଜିତା ଷଡ଼ଙ୍ଗୀଙ୍କ ଦ୍ୱାରା ଅନୁଷ୍ଠିତ ହୋଇଥିଲା। ୫୦୦ ସିଟ ବିଶିଷ୍ଟ ଏହି ଅଡ଼ିଟୋରିୟମଟି ବିଭିନ୍ନ ସାଂସ୍କୃତିକ କାର୍ଯ୍ୟକ୍ରମ ଓ ବୈଠକ ପାଇଁ ବ୍ୟବହୃତ ହେବ। ଏହି ଉପଲକ୍ଷେ ଆୟୋଜିତ କାର୍ଯ୍ୟକ୍ରମରେ ଖୋର୍ଦ୍ଧା ବିଧାୟକ ପ୍ରଶାନ୍ତ କୁମାର ଜଗଦେବ, ଜିଲ୍ଲା ପରିଷଦ ଅଧକ୍ଷା,



ରୂପଶ୍ରୀ ରାଣୀ ଗୁମାନସିଂହ, ପଞ୍ଚାୟତ ସମିତି ଅଧକ୍ଷା, ଶ୍ରୀମୟୀ ପ୍ରିୟଦର୍ଶିନୀ, ଜିଲ୍ଲା ପରିଷଦ ମୁଖ୍ୟ ଉନ୍ନୟନ ତଥା ନିର୍ବାହୀ ଅଧିକାରୀ ଜ୍ୟୋତି ଶଙ୍କର ସାହୁ, ମଣ୍ଡଳ ଉନ୍ନୟନ ଅଧିକାରୀ କ୍ଷୀରାବତୀ ତନୟା ସାହୁ, ଜିଲ୍ଲା ସଂସ୍କୃତି ଅଧିକାରୀ ଚୌଧୁରୀ ଅରବିନ୍ଦ ଦାସ,ଜିଲ୍ଲା ସୂଚନା ଓ ଲୋକ ସମ୍ପର୍କ ଅଧିକାରୀ ପ୍ରମୁଖ ଉପସ୍ଥିତ ଥିଲେ।

## ଅନଲାଇନ ଇନଭେଷ୍ଟମେଣ୍ଟ ନାଁରେ ୧୭ ଲକ୍ଷ ଠକେଇ

ବ୍ରହ୍ମପୁର, ୧୮।୧ (ସଂଚାର ବ୍ୟୁରୋ): ଅନଲାଇନରେ ଇନଭେଷ୍ଟମେଣ୍ଟ ନାଁରେ ବ୍ରହ୍ମପୁର ଗୋସାଇଁନୂଆଗାଁର ଜଣେ ଯୁବକଙ୍କ ଠାରୁ ୧୭ ଲକ୍ଷ ଟଙ୍କା ଠକେଇ ହୋଇଛି। ଏ ନେଇ ସାଇବର ଓ ଅର୍ଥନୈତିକ ଅପରାଧ ଥାନାରେ ଏକ ମାମଲା(ନଂ-୫/୨୫) ରୁଜୁ ହୋଇଥିବା ବେଳେ ପୁଲିସ ତଦନ୍ତ ଆରମ୍ଭ କରିଛି । ସୂଚନାପ୍ରକାରେ, ଗତ ୧୨ ତାରିଖରେ ଯୁବକଙ୍କ ନିକଟକୁ ଏକ ମେସେଜ ଆସିଥିଲା । ଅନଲାଇନରେ ଦିଆଯାଉଥିବା କାମ ସମ୍ପୂର୍ଣ୍ଣ କରି ଏହାର ସ୍କ୍ରିନସଟ୍ ଟେଲିଗ୍ରାମରେ ପଠାଇଲେ କମିଶନ ମିଳିବ ବୋଲି ମେସେଜରେ ଉଲ୍ଲେଖ ରହିଥିଲା । ସେହିପରି ୟୁ-କଏନ ନାମକ ଏକ ଆପ ଜରିଆରେ ଅନଲାଇନରେ ଇନଭେଷ୍ଟ କରି ମୋଟା ଅଙ୍କର କମିଶନ ହାତେଇ ହେବ ବୋଲି କୁହାଯାଇଥିଲା । ଏହାପରେ ଯୁବକ ଜଣଙ୍କ କମ୍ପାନୀର ଟେଲିଗ୍ରାମ ଚ୍ୟାନେଲରେ ଯୋଡି ହେବା ପରେ ଭାରତୀ ନାମକ ଜଣେ ମହିଳା ରେସେପନିଷ୍ଟ ତାଙ୍କ ସହ ଯୋଗାଯୋଗ କରିଥିଲେ । ତାଙ୍କୁ ଅନଲାଇନରେ ୫ ଷ୍ଟାର ରେଟିଂ ଦେବାକୁ କୁହାଯାଇଥିଲା। ଏହାପରେ ତାଙ୍କ କମିଶନ ପାଇବାକୁ ହେଲେ ସେହି ଟେଲିଗ୍ରାମ ଚ୍ୟାନେଲରେ ଥିବା ରୋହାନ ନାମକ ଜଣେ ଯୁବକଙ୍କୁ ଯୋଗାଯୋଗ କରିବାକୁ କୁହାଯାଇଥିଲା । ଏହାପରେ ବ୍ରହ୍ମପୁରର ଏହି ଯୁବକ ଜଣଙ୍କ ଟଙ୍କା ଇନଭେଷ୍ଟ ଆରମ୍ଭ କରିଥିଲେ । ଯୁବକ ଜଣଙ୍କ ପ୍ରାୟ ୧୦ ଲକ୍ଷ ଟଙ୍କା ଜମା କରି ସାରିବା ପରେ କମିଶନ ସହ ସମସ୍ତ ଟଙ୍କା ଉଠାଇବାକୁ ଚାହିଁଥିଲେ । ହେଲେ ଉଠାଣ ବେଳେ ଭୂଲ କରିଥିବାରୁ ତାଙ୍କୁ ଅଧିକ ୫ ଲକ୍ଷ ଟଙ୍କା ଡିପୋଜିଟ କରିବାକୁ କୁହାଯାଇଥିଲା । ସେହିପରି ଇନକମ ଟ୍ୟାକ୍ସ ବାବଦକୁ ୨ ଲକ୍ଷରୁ ଅଧିକ ଟଙ୍କା ଡିପୋଜିଟ କରିବାକୁ କୁହାଯାଇଥିଲା । ସେହିକ୍ରମରେ ଯୁବକ ଜଣକ ମୋଟ ୧୭ ଲକ୍ଷ ଜମା କରିସାରିଥିଲେ। କମ୍ପାନୀ ପକ୍ଷରୁ ତାଙ୍କୁ କମିଶନ ମିଶାଇ ୨୨ ଲକ୍ଷ ମିଳିବାର ବୋଲି କୁହାଯାଇଥିଲା। ହେଲେ ସେ ବାରମ୍ବାର ଚେଷ୍ଟା କରିବା ପରେ ମଧ୍ୟ ଟଙ୍କା ଉଠାଇ ପାରିନଥିଲେ । ଓଲଟି ତାଙ୍କୁ ଅଧିକ ଟଙ୍କା ଜମା କରିବାକୁ କୁହାଯାଇଥିଲା। ସାଇବର ଠକେଇର ଶିକାର ହୋଇଥିବା ଜାଣିବା ପରେ ଯୁବକ ଜଣଙ୍କ ଥାନାକୁ ଯାଇ ଅଭିଯୋଗ କରିଥିଲେ।

# ଜଗନ୍ନାଥପୁରରେ ଗ୍ରାମୀଣ କୃଷିମେଳା 'ଉମଙ୍ଗ' ଉଦ୍‌ଘାଟିତ

ବାଲିଅନ୍ତା, ୧୮।୧ (ସଂଚାର ବ୍ୟୁରୋ): ବାଲିଅନ୍ତା ବ୍ଲକ କାକରୁଦ୍ରପୁର ପଞ୍ଚାୟତ ଅଧୀନ ଜଗନ୍ନାଥପୁର ଗାଦିବ୍ରହ୍ମ ହାଇସ୍କୁଲ ଖେଳପଡ଼ିଆ ପରସିରରେ ଆଜି ଗ୍ରାମୀଣ କୃଷିମେଳା ଉମଙ୍ଗ ୨୦୨୪ ଉଦଘାଟିତ ହୋଇଯାଇଛି। ଏହି ଅବସରରେ ଆଇଏମଆଇଏସର ଚେୟାରମ୍ୟାନ ଡ. କମଳାକାନ୍ତ ବେଉରିଆ, ଓମଫେଡ଼ ପ୍ରତିନିଧି ପ୍ରାଚୀ ମହାପାତ୍ର, ନାବାର୍ଡ଼ର ସିଜିଏମ ଏସକେ ତାଲୁକଦାର, କାକରୁଦ୍ରପୁର ସରପଞ୍ଚ ସସ୍ମିତା ମଲ୍ଲିକ, ବିଭୁତିଭୂଷଣ ଦାଶ ପ୍ରମୁଖ ସମ୍ମାନିତ ଅତିଥି ଭାବେ ଯୋଗ ଦେଇ ଉଦଘାଟନ କରିଥିଲେ। ସଂସ୍ଥାର ଚେୟାରମ୍ୟାନ ଶ୍ରୀ ବେଉରିଆ ଅତିଥି ପରିଚୟ ପ୍ରଦାନ କରିବା ସହ ଗ୍ରାମାଞ୍ଚଳରେ ପ୍ରତିବର୍ଷ ଏଭଳି ମେଳା ଆୟୋଜନ କରାଯିବାର ଆଭିମୁଖ୍ୟ ନେଇ ବକ୍ତବ୍ୟ ଦେଇଥିଲେ। ଗ୍ରାମାଞ୍ଚଳର କୃଷି ଓ ଭିତ୍ତିଭୂମିର ବିକାଶ ନେଇ ବିଭିନ୍ନ ବୈଷୟିକ ଅନୁଷ୍ଠାନରେ ଅଧ୍ୟୟନରତ ଛାତ୍ରଛାତ୍ରୀ ଏକତ୍ରିତ ହୋଇ କାର୍ଯ୍ୟ କରିବା ଦ୍ୱାରା ଦେଶର ବିକାଶ ସମ୍ଭବ ବୋଲି ବକ୍ତାମାନେ କହିଥିଲେ। ଆସନ୍ତାକାଲି ମେଳା ଉଦଯାପିତ ହେବ।



ଏହି ପରିପ୍ରେକ୍ଷୀରେ ମେଳାରେ ଇଣ୍ଡିଆନ ବ୍ୟାଙ୍କ, ଆପୋଲୋ ହସ୍ପିଟାଲ, ଅଗ୍ରୱାଲ, ଅକ୍ସଫୋର୍ଡ଼ ବୁକ, ଟାରୋ, ମୋଟ୍ରା ପିଆଜିଓ, ଲାଇଫ ଡ୍ରପ୍ସ, ଜ୍ୟୋତି ମୋଟର୍ସ, ରୋଡ଼େକ୍ସ ମୋଟର୍ସ, ଫୋର୍ସ- ଗୁର୍ଖା, ରାମକୋ ସିମେଣ୍ଟ, ଭିଗାର୍ଡ଼, କୋକୋକୋଲା, ସିଆରଆଇ ପମ୍ପସ,ଡାଲମିଆ ସିମେଣ୍ଟ, ସ୍ମାର୍ଟ ସୋଲାର ଭଳି ୫୦ରୁ ଅଧିକ କମ୍ପାନୀ ପକ୍ଷରୁ ଷ୍ଟଲ ଖୋଲା ଯାଇଥିଲା। ମେଳାରେ ସ୍ଥାନୀୟ ଅଞ୍ଚଳର ଶତାଧିକ କୃଷକ ଯୋଗ ଦେଇଥିଲେ। ସ୍କୁଲ ପିଲାମାନଙ୍କୁ ନେଇ ନୃତ୍ୟ, ସଙ୍ଗୀତ ଓ ଚିତ୍ରାଙ୍କନ ପ୍ରତିଯୋଗିତା ଅନୁଷ୍ଠିତ ହୋଇଥିଲା। କୃତି ପ୍ରତିଯୋଗୀମାନଙ୍କୁ ଅନୁଷ୍ଠାନ ପକ୍ଷରୁ ସମ୍ବର୍ଦ୍ଧିତ କରାଯାଇଥିଲା।

# ବେଆଇନ ଖଣି ଉତ୍ତୋଳନ ବନ୍ଦ ପାଇଁ କଂଗ୍ରେସର ଦାବି

ଖୋର୍ଦ୍ଧା, ୧୮।୧ (ସଂଚାର ବ୍ୟୁରୋ): ଖୋର୍ଦ୍ଧା ତହସିଲ ଅଧିନସ୍ଥ ତାପଙ୍ଗ, ମଳିପଡା, କାଇପଦର ଏବଂ ଛତ୍ରମା ମୌଜାରେ ଥିବା କଳା ମୁଗୁନି ପଥର ଖଣିରୁ ବେଆଇନ୍ ଭାବେ ପ୍ରତ୍ୟେକ ଦିନ ଶହ ଶହ ଟନ୍ ପଥର ଲୁଟ୍ ହେଉଛି। କିଛି ଖଣିକୁ ଲିଜ ପ୍ରଦାନ କରାଯାଇଥିଲେ ମଧ୍ୟ ଆବଶ୍ୟକତା ଠାରୁ ଅଧିକ ଖନନ କରି ବିରାଟ ବିରାଟ ଖାଲ କରି କୃତ୍ରିମ ଜଳାଶୟ ସୃଷ୍ଟି କରିଛନ୍ତି ଖଣି ମାଫିଆ। ବିନା "ୱାଇ" ଫର୍ମରେ ଅନେକ ଖଣି ମାଲିକ ପ୍ରତ୍ୟେକ ଦିନ ଶହ ଶହ ସଂଖ୍ୟାରେ ଟ୍ରକ୍, ଡମ୍ପର ଓ ହାଇୱା ମାଧ୍ୟମରେ କିଛି ଦୁର୍ନୀତିଗ୍ରସ୍ତ ଅଧିକାରୀଙ୍କୁ ହାତ କରି ପଥର ଅନ୍ୟତ୍ର ଚୋରା ଚାଲାଣ କରୁଛନ୍ତି । ଏହା ସହିତ ଲିଜଧାରୀ ଖଣି ମାଲିକ ମାନେ ଆବଶ୍ୟକତା ଠାରୁ ଅଧିକ ଖନନ କରି ବ୍ୟାପକ ପରିମାଣରେ ରାଜସ୍ୱ ହରିଲୁଟ କରୁଛନ୍ତି। ଅନ୍ୟପଟେ ଜିଲ୍ଲାର ମୁଣ୍ଡାଆମ୍ବ ମୌଜାରେ ଥିବା ଏକମାତ୍ର ଖଣି କଳାବତୀରୁ ମୋରମ୍ ଖନନ ପାଇଁ



ଅନୁମତି ଥିବା ବେଳେ ଖୋର୍ଦ୍ଧା ଉପକଣ୍ଠ ଅଞ୍ଚଳରେ ଥିବା ସରକାରୀ ଜାଗା ଏବଂ କାଜୁ ନିଗମ ଅଧୀନରେ ଥିବା ଅନେକ ସରକାରୀ ଜମିରୁ ବେଆଇନ୍ ଭାବେ ମାଙ୍କଡ଼ା ପଥର ଏବଂ ମୋରମ ଚୋରା ଚାଲାଣ ହେଉଛି।

ସରକାରୀ ନିୟମ ଅନୁଯାୟୀ ଲଘୁ ଖଣିଜ ସମ୍ପଦ ଅନ୍ତର୍ଗତ ଲିଜ ଖଣି ମାନଙ୍କରୁ ୮ ମିଟର ଖୋଳିବାକୁ ନିୟମ ଥିବାବେଳେ ଅସାଧୁ ଖଣି ମାଫିଆମାନେ ନିୟମକୁ ଉଲଂଘନ କରି ଶହ ଶହ ମିଟର ପର୍ଯ୍ୟନ୍ତ ଖଣିରୁ ବେଆଇନ ଭାବେ ପଥର ଖନନ କରି ଜନସାଧାରଣଙ୍କ ଜୀବନକୁ ମୃତ୍ୟୁ ମୁଖକୁ ଠେଲି ଦେଉଛନ୍ତି। ପରିସ୍ଥିତି ଏପରି ହୋଇଛି ଯେ ଏହି ସବୁ ବେଆଇନ୍ ଖଣି ଖନନ ପାଇଁ ପରିବେଶ ସନ୍ତୁଳନ ବିଗିଡିବାରେ ଲାଗିଛି।

ଏ ବିଷୟରେ ଅନେକଥର କଂଗ୍ରେସ ଦଳ ପକ୍ଷରୁ ଦୃଷ୍ଟି ଆକର୍ଷଣ କରାଯାଇଥିଲେ ମଧ୍ୟ ତାର କୌଣସି ସୁଫଳ ମିଳି ପାରି ନାହିଁ। ଏଣୁ ବେଆଇନ୍ ଭାବେ ଚାଲୁଥିବା ସମସ୍ତ ଖଣିକୁ ତୁରନ୍ତ ବନ୍ଦ କରାଯିବା ଏବଂ ସେମାନଙ୍କୁ ସହଯୋଗ କରୁଥିବା ଦୁର୍ନୀତିଖୋର ସରକାରୀ କର୍ମଚାରୀଙ୍କ ବିରୁଦ୍ଧରେ ଦୃଢ଼ କାର୍ଯ୍ୟାନୁଷ୍ଠାନ ଜିଲ୍ଲା ପ୍ରଶାସନ ପକ୍ଷରୁ ଗ୍ରହଣ କରିବାନେଇ ଓଡ଼ିଶା ପ୍ରଦେଶ କଂଗ୍ରେସ ମୁଖପାତ୍ର ସୋନାଲି ସାହୁ ଆଜି ଖୋର୍ଦ୍ଧା ଜିଲ୍ଲାପାଳଙ୍କୁ ଭେଟି ଏକ ଦାବିପତ୍ର ପ୍ରଦାନ କରିଛନ୍ତି।

# ଅବହେଳିତ ଅବସ୍ଥାରେ ପ୍ରାଚୀନ କୁଣ୍ଡେଶ୍ୱର ମନ୍ଦିର

ନାଉଗାଁ, ୧୮।୧ (ସଂଚାର ବ୍ୟୁରୋ) : ଜଗତ୍‌ସିଂହପୁର ଜିଲ୍ଲାର ନାଉଗାଁ ବ୍ଲକ ସଦର ମହକୁମା ଠାରୁ ଉତ୍ତର ଦିଗକୁ ୮ କିଲୋମିଟର ଏବଂ ମୁଣ୍ଡାଳ ଠାରୁ ୪ କିଲୋମିଟର ଗଲେ ଅଲଣା ପଞ୍ଚାୟତର କୁଣ୍ଡେଶ୍ୱର ଗ୍ରାମରେ ରହିଛି ପ୍ରାଚୀନ ଐତିହ୍ୟ ଶ୍ରୀ ତ୍ରିଲୋଚନେଶ୍ୱର ମନ୍ଦିର । ଉକ୍ତ ମନ୍ଦିର ୧୨ଶହ ଶତାବ୍ଦି ପୂର୍ବେ ଓଡ଼ିଶାର ଗଙ୍ଗ ବଂଶର ରାଜାଙ୍କ ଦ୍ୱାରା ନିର୍ମାଣ କରାଯାଇଥିଲା ବୋଲି ଐତିହାସିକମାନେ ମତବ୍ୟକ୍ତ କରିଥାନ୍ତି । ଏହା କଳିଙ୍ଗ ସ୍ଥାପତ୍ୟ ଓ ଭାସ୍କର୍ଯ୍ୟ ଶିଳ୍ପୀ ଶୈଳୀରେ ଅନେକ କାରୁକାର୍ଯ୍ୟଯୁକ୍ତ ଚିତ୍ର କଳା ନିଖୁଣତାର ନିର୍ଦ୍ଦେଶନାରେ ନିର୍ମାଣ ହୋଇଛି ଶୈବ୍ୟ ମନ୍ଦିର । ଏଠାରେ ଆରାଧ୍ୟ ଦେବତା ଭାବେ ଦେବ ଦେବ ମହାଦେବଙ୍କୁ ଶ୍ରୀ ତ୍ରିଲୋଚନେଶ୍ୱର ନାମରେ ପ୍ରାଚୀନ କାଳରୁ ଆରାଧନା କରାଯାଏ । ଉକ୍ତ ମନ୍ଦିର ଭୁବନେଶ୍ୱରର ପ୍ରଭୁ ଲିଙ୍ଗରାଜଙ୍କ ମନ୍ଦିର ଭଳି ନିର୍ମାଣ ହୋଇଛି । ଏହି ମନ୍ଦିର ଜଗତସିଂହପୁର ଜିଲ୍ଲାର ଉଚ୍ଚତାରେ ସବୁଠାରୁ ବଡ଼ ଓ ପ୍ରାଚୀନ ଐତିହ୍ୟ ମନ୍ଦିର ପଥର ନିର୍ମିତ ସୂକ୍ଷ୍ମ କଳାରେ ପ୍ରସିଦ୍ଧତା ରହିଛି । ଉକ୍ତ ମନ୍ଦିର ଚତୁର୍ପାଶ୍ୱରେ ଥିବା ଅନେକ ମନ୍ଦିର ଥିବା ବେଳେ ଅନେକ ଧ୍ୱଂସ ଅବଶେଷ ମଧ୍ୟ ରହିଛି । ପୌରାଣିକ ଦୃଷ୍ଟିକୋଣରୁ ଉକ୍ତ ମନ୍ଦିର ବେଶ୍ ଗୁରୁତ୍ୱ ରହିଥିବାବେଳେ ବର୍ତ୍ତମାନ ଏହା ଜନମାନସରୁ ଏହା ଲିଭିବାକୁ ବସିଲାଣି ।



୧୯୫୬ ମସିହାରୁ ଉକ୍ତ ମନ୍ଦିରର ରକ୍ଷଣାବେକ୍ଷଣ ଦାୟିତ୍ୱ ପ୍ରତ୍ନତତ୍ତ୍ୱ ବିଭାଗ ନେଇଛି। ବିଭାଗ ପକ୍ଷରୁ ମିଳିଥିବା ସୂଚନା ଅନୁଯାୟୀ, ୧୨୦୦ ଖ୍ରୀଷ୍ଟାବ୍ଦରେ ଗଙ୍ଗ ବଂଶର ରାଜାଙ୍କ ଶାସନ କାଳରେ ଏହି ମନ୍ଦିର ନିର୍ମାଣ କରାଯାଇଥିଲା । ପୂଜକ ଶୁକଦେବ ପାଢୀଙ୍କ କହିବା ଅନୁଯାୟୀ ୧୫୦୦ ବର୍ଷ ପୂର୍ବେ ରାଜା ଭୀଷ୍ମକ ଉଚ୍ଚ ମନ୍ଦିର ନିର୍ମାଣ କରିଥିଲେ। ବାଲିକୁଦା ବ୍ଲକ ପରହାଟ ଭଗବତୀଙ୍କ ନିକଟରେ ରାଜବାଟୀ ରହିଥିଲା । ସେହି ସମୟରେ ମନ୍ଦିର ନିର୍ମାଣ ପାଇଁ ରାଜାଙ୍କୁ ସ୍ୱପ୍ନାଦେଶ ହୋଇଥିଲା । ଏହି ସ୍ଥାନରେ ବହୁ ପୂର୍ବରୁ ଏକାଧିକ ଶିବଲିଙ୍ଗ ଥିବାରୁ ରାଜା ଏହି ସ୍ଥାନରେ ପଥରରେ ଏକ ସୁନ୍ଦର ମନ୍ଦିର ନିର୍ମାଣ କରାଇଥିଲେ। ବର୍ତ୍ତମାନ ମନ୍ଦିର ପରିସରରେ ଛୋଟ ବଡ଼ ୫ଟି ପଥର ମନ୍ଦିରରେ ୫ଟି ଶିବ ଲିଙ୍ଗ ପୂଜା ପାଉଥିବାବେଳେ ଅନ୍ୟ ଲିଙ୍ଗଗୁଡିକୁ ପ୍ରତ୍ନତତ୍ତ୍ୱ ବିଭାଗ ପକ୍ଷରୁ ଏକ ଗୃହ ନିର୍ମାଣ କରି ସଂରକ୍ଷଣ କରି ରଖାଯାଇଛି । ଲିଙ୍ଗ ଗୁଡିକୁ ବିଭିନ୍ନ ନାମରେ ନାମିତ କରାଯାଇଛି। ସବୁଠୁ ବଡ ମନ୍ଦିରରେ ରହିଛନ୍ତି ପ୍ରଭୁ ଶ୍ରୀ ତ୍ରିଲୋଚନେଶ୍ୱ୍ୱର ଯାହାକି ପାତାଳ ଫୁଟା ମହାଦେବ ଭାବେ ଆବିର୍ଭାବ। ମନ୍ଦିର ଚାରିପାଖରେ ରହିଛନ୍ତି ଶ୍ରୀ ବୁଦ୍ଧେଶ୍ୱର, ଶ୍ରୀ କେତେଶ୍ୱର, ଶ୍ରୀ ନେତେଶ୍ୱର, ଶ୍ରୀ ଚଅଁରେଶ୍ୱରଙ୍କ ମନ୍ଦିର । ସମ୍ମୁଖରେ ଅଛନ୍ତି ପଞ୍ଚୁ ପାଣ୍ଡବ ଓ ମୁକ୍ତିମଣ୍ଡପ। କୁହାଯାଏ ପୁରୀର ମୁକ୍ତିମଣ୍ଡପ ସହିତ ଉକ୍ତ ମଣ୍ଡପର ସାମଞ୍ଜସ୍ୟ ରହିଛି। ବର୍ତ୍ତମାନ ମନ୍ଦିର ପରିସରରେ ୩୫ରୁ ଉର୍ଦ୍ଧ ଲିଙ୍ଗ ଥିବାବେଳେ ଅନ୍ୟ ଲିଙ୍ଗଗୁଡିକ ୧୯୫୨ ବନ୍ୟାରେ ମାଟିରେ ପୋତି ହୋଇଯାଇଥିବା ସ୍ଥାନୀୟ ଲୋକେ କହିଛନ୍ତି । ପୁରାତନ ମନ୍ଦିର ହେତୁ ଏହାର ଅନେକ କାରୁକାର୍ଯ୍ୟ କ୍ଷୟ ହୋଇଗଲାଣି। ଠାକୁର ଚାପ ଖେଳୁଥିବା ଚନ୍ଦନ ପୋଖରୀ ଅବହେଳିତ ହୋଇପଡିଛି । ଜାଗର ଯାତ୍ରା ଏଠାରେ ପାଳନ ହୁଏ। ମାଘ ମାସରେ ତ୍ରିବେଣୀ ବୁଡ଼ ଯାତ୍ରା ଉକ୍ତ ପୀଠର ଏକ ବଡ଼ ପର୍ବଭାବେ ପ୍ରସିଦ୍ଧ ରହିଛି। ନିକଟରେ ପ୍ରବାହିତ ଅଳକା ନଦୀର ତ୍ରିବେଣୀ ପୀଠରେ ଠାକୁର ସ୍ନାନ କରିବା ପରେ ବୁଡ଼ ପକାଇଲେ ସମସ୍ତଙ୍କ ମନସ୍କାମନା ପୂରଣ ହୁଏ ବୋଲି ବିଶ୍ୱାସ ରହିଛି । ଏହି କ୍ଷେତ୍ରର ପ୍ରଚାର ପ୍ରସାରରେ ଅଭାବ ରହିଛି। ସରକାର ଏଥି ପ୍ରତି ଦୃଷ୍ଟି ଦେବାକୁ ସ୍ଥାନୀୟ ଅଞ୍ଚଳବାସୀମାନେ ଦାବି କରିଛନ୍ତି।

### ସର୍ବଭାରତୀୟ ନୟାଗଡ଼ କପ୍ ଫୁଟ୍‌ବଲ୍ ଟୁର୍ଣ୍ଣାମେଣ୍ଟ

## ପ୍ରଦର୍ଶନୀ ମ୍ୟାଚରେ ଭୁବନେଶ୍ୱର କିଟ୍ ବିଜୟୀ

ନୟାଗଡ଼, ୧୮।୧ (ସଂଚାର ବ୍ୟୁରୋ): ନୟାଗଡ଼ ଖେଳ ପଡିଆଠାରେ ସର୍ବ ଭାରତୀୟ ଫୁଟବଲ କପ ଟୁର୍ଣ୍ଣାମେଣ୍ଟର ଆଜି ପଞ୍ଚମ ଦିବସରେ ଦୁଇଗୋଟି ପ୍ରଦର୍ଶନୀ ମ୍ୟାଚ ଅନୁଷ୍ଠିତ ହୋଇଛି । ମୁଖ୍ୟ ଅତିଥି ଭାବେ ବିଜେଡି ନେତ୍ରୀ ଇରାନୀ ରାୟ ଯୋଗ ଦେଇଥିଲେ । ସମ୍ମାନିତ ଅତିଥି ଭାବେ ମମତାଜ ବେଗମ, ନୟାଗଡ଼ ପ୍ରଜା ମଣ୍ଡଳ ମହିଳା ମହାବିଦ୍ୟାଳୟର ଅଧ୍ୟକ୍ଷା ସକିଲା ଜମାଲ, ଜିଲ୍ଲା ଶିକ୍ଷାଧିକାରିଣୀ ରାଜଶ୍ରୀ ପଟ୍ଟନାୟକ, ନୟାଗଡ଼ ବ୍ଲକ ଉପାଧ୍ୟକ୍ଷା ଲକ୍ଷ୍ମୀପ୍ରିୟା ସାହୁ, ଜିଲ୍ଲା ପରିଷଦ ବିରଜାଲକ୍ଷ୍ମୀ ସାହୁ, ଝିଲ୍ଲୀ ପ୍ରଧାନ, କାଉନସିଲର ସ୍ୱର୍ଣ୍ଣପ୍ରଭା ମିଶ୍ର, ସମାଜସେବୀ ସାଗରିକା ସତପଥୀ, ନାଟୁଗାଁ ସରପଞ୍ଚ ସାଗରବାଳା ବରାଡ଼, ଭାଟସାହି ସରପଞ୍ଚ ସାରଦା ସାହୁ, ରଙ୍ଗଣୀପାଟଣା ସରପଞ୍ଚ ସସ୍ମିତା ପାତ୍ର ଯୋଗ ଦେଇଥିଲେ । ପ୍ରଥମେ ପ୍ରଦର୍ଶନୀ ମ୍ୟାଚରେ ନୟାଗଡ଼ ଜିଲ୍ଲା ଆଥଲେଟିକ୍ ଆସୋସିଏସନ ବନାମ ମଣିଙ୍ଗ କ୍ଲବ ମଧ୍ୟରେ ଅନୁଷ୍ଠିତ ହୋଇଥିଲା । ଏହି ଖେଳ ଅମିମାଂସିତ ରହିଥିଲା । ଉକ୍ତ ମ୍ୟାଚରେ ଶ୍ରେଷ୍ଠ ଖେଳାଳୀ ଭାବେ ଚିତ୍ରସେନ ପାତ୍ର ପୁରସ୍କୃତ ହୋଇଥିଲେ । ଏହି ଖେଳରେ ନୟାଗଡ଼ ବିଧାୟକ ଡ. ଅରୁଣ କୁମାର ସାହୁ ରେଫରୀ କାର୍ଯ୍ୟ ତୁଲାଇଥିଲେ । ଦ୍ୱିତୀୟ ପ୍ରଦର୍ଶନୀ ମ୍ୟାଚ ଭୁବନେଶ୍ୱର କିଟ ସହିତ ତାରିଣୀ କ୍ଲବ କେନ୍ଦୁଝର ମଧ୍ୟରେ ଅନୁଷ୍ଠିତ ହୋଇଥିଲା । ଭୁବନେଶ୍ୱର କିଟ ୧-୦ ଗୋଲରେ ବିଜୟ ଲାଭ କରିଥିଲା । କିଟର ସୁବାଶିନି ଦେହୁରି ଶ୍ରେଷ୍ଠ ଖେଳାଳୀ ଭାବେ ମନୋନୀତ ହୋଇଥିଲେ । ତାଙ୍କୁ ଟ୍ରଫି ପ୍ରଦାନ କରାଯାଇଥିଲା ଆସନ୍ତା କାଲି ଫାଇନାଲ ମ୍ୟାଚ ଅନୁଷ୍ଠିତ ହେବ ।



# ଆଇଓଙ୍କୁ ମିଳିବ ବାଇକ୍ ଓ ଇନ୍‌ଭେଷ୍ଟିଗେଟିଙ୍ଗ୍ କିଟ୍



**୧୫ ଦିନରେ ୬୭୯ ଥାନାକୁ ନୂଆ ସ୍କର୍ପିଓ**

**ଭୁବନେଶ୍ୱର,୧୮।୧(ସଂଚାର ବ୍ୟୁରୋ):** ଆସନ୍ତା ୧୫ ଦିନ ମଧ୍ୟରେ ରାଜ୍ୟର ୬୭୯ ଥାନାକୁ ନୂଆ ସ୍କର୍ପିଓ ଯୋଗାଇ ଦିଆଯିବ। ପୁଲିସ୍‌ର କାର୍ଯ୍ୟ ଦକ୍ଷତା ବଢ଼ାଇବା ପାଇଁ ଏହି ବ୍ୟବସ୍ଥା ହୋଇଛି। ସେହିପରି ପ୍ରଥମ ଥର ପାଇଁ ତଦନ୍ତକାରୀ ଅଧିକାରୀ (ଆଇଓ)ଙ୍କୁ ବାଇକ୍ ସହ ଇନ୍‌ଭେଷ୍ଟିଂଗେଟିଙ୍ଗ୍ କିଟ୍ ପ୍ରଦାନ କରାଯିବା ସକାଶେ ମଧ ନିଷ୍ପତ୍ତି ହୋଇଛି। ଏହି କିଟ୍‌ରେ ଲାପଟପ୍, ସ୍ମାର୍ଟ ଫୋନ୍ ଓ ପେନ୍ ଡ୍ରାଇଭ୍ ଆଦି ରହିବ। ପ୍ରଥମ ପର୍ଯ୍ୟାୟରେ ପାଖାପାଖି ଅଢ଼େଇ ହଜାର ବାଇକ୍ ପ୍ରଦାନ କରାଯିବ ବୋଲି ଆଜି ପୁଲିସ ଡିଜିଯୋଗେଶ ବାହାଦୁର ଖୁରାନିଆ କହିଛନ୍ତି। ସେ କହିଛନ୍ତି ଯେ ଆଇଓଙ୍କୁ ସେମାନଙ୍କ ଗାଡ଼ିରେ ବ୍ୟବହୃତ ହେଉଥିବା ଇନ୍ଧନ ଓ ରକ୍ଷଣାବେକ୍ଷଣ ବାବଦ ଖର୍ଚ୍ଚ ମଧ ପ୍ରଦାନ କରାଯିବ। ଆହୁରି ଏଣିକି ମାମଲାର ତଦନ୍ତ କରୁଥିବା ଅଧିକାରୀଙ୍କ ପାଇଁ ସ୍ୱତନ୍ତ୍ର ବଜେଟ୍ ମଧ ହୋଇଛି। ଏନେଇ ରାଜ୍ୟ ସରକାରଙ୍କୁ ପୁଲିସ ବିଭାଗ ପକ୍ଷରୁ ପ୍ରସ୍ତାବ ଦିଆଯାଇଛି। ଗତ ବର୍ଷ ୨ ଲକ୍ଷ ୧୧ ହଜାର ମାମଲା ରୁଜୁ ହୋଇଥିଲା। ଏହିସବୁ ମାମଲାର ତଦନ୍ତ କରୁଥିବା ଅଧିକାରୀମାନଙ୍କୁ ରାଜ୍ୟ ଭିତରେ ଓ ଆବଶ୍ୟକ ସ୍ଥଳେ ରାଜ୍ୟ ବାହାରକୁ ଯାଇ ତଦନ୍ତ କରିବାକୁ ପଡୁଛି। ସେଥିପାଇଁ ତଦନ୍ତ ସକାଶେ ସ୍ୱତନ୍ତ୍ର ବଜେଟର ଆବଶ୍ୟକତା ରହିଥିବାରୁ ଏଦିଗରେ ଅର୍ଥ ମଞ୍ଜୁରୀ ପାଇଁ ପ୍ରସ୍ତାବ ଦିଆଯାଇଛି। ରାଜ୍ୟ ସରକାର ଆସନ୍ତା ମାର୍ଚ୍ଚ ୩୧ ତାରିଖ ସୁଦ୍ଧା ଏହା ପ୍ରଦାନ କରିବେ ବୋଲି ମଧ ଘୋଷଣା କରିସାରିଛନ୍ତି। ସେହିପରି ଉପକୂଳ ସୁରକ୍ଷା ପାଇଁ ୧୧ଟି ଜନବସତି ନଥିବା ଦ୍ୱୀପରେ ଆସନ୍ତା ସାଧାରଣତନ୍ତ୍ର ଦିବସ ଅବସରରେ ପ୍ରଥମ ଥର ପାଇଁ ଜାତୀୟ ପତାକା ଉତ୍ତୋଳନ କରାଯିବ। ଏଥିପାଇଁ ପୁଲିସ ପକ୍ଷରୁ ସ୍ୱତନ୍ତ୍ର ବ୍ୟବସ୍ଥା ହୋଇଛି। ଏହାଛଡ଼ା ୧୮ଟି ସାମୁଦ୍ରିକ ଥାନା ପାଇଁ ସ୍ୱତନ୍ତ୍ର ବୋଟ୍ ଆସିବ ବୋଲି ଆଜି ଡିଜି କହିଛନ୍ତି।

# ୧୩ ଦିନରେ ଜବତ ହେଲାଣି ୨୧ କୋଟିର ମାରିଜୁଆନା




**ଏୟାରପୋର୍ଟରେ ସୁରକ୍ଷା ନେଇ ଉଠିଲା ବଡ଼ ପ୍ରଶ୍ନ**



**ଭୁବନେଶ୍ୱର, ୧୮।୧ (ସଂଚାର ବ୍ୟୁରୋ):** କଡା ଚେକିଂ। ସାଧାରଣତଃ ଫ୍ଲାଇଟରେ ଯାତ୍ରା କରୁଥିବା ବେଳେ କେଉଁଭଳି କଡା ଚେକିଂ ହୁଏ, ତାହା ହୁଏତଃ ସମସ୍ତଙ୍କୁ ଊଣା ଅଧିକେ ଜଣା। କିନ୍ତୁ ଏହି କଡ଼ା ସୁରକ୍ଷା ବଳୟ ଭେଦ କରି ଭୁବନେଶ୍ୱରକୁ ଆସୁଛି ସୋଫିଷ୍ଟିକେଟେଡ୍ ଗଞ୍ଜେଇ ବା ମାରିଜୁଆନା। ତାହା ପୁଣି ସିଧାସଳଖ ଦେଶ ବାହାରୁ। ୧୩ ଦିନ ଭିତରେ କଷ୍ଟମ ବିଭାଗ ହାତରେ ଲାଗିଛି ୨୦ କୋଟି ଟଙ୍କାର ମାରିଜୁଆନା। ଶନିବାର ବ୍ୟାଙ୍କକରୁ ଜଣେ ଯୁବକ ପାଖାପାଖି ୭ କେଜି ମାରିଜୁଆନା ବ୍ୟାଗରେ ଆଣି ଭୁବନେଶ୍ୱରରେ ପହଞ୍ଚିବା ବେଳେ ତାଙ୍କୁ ଅଟକାଇଥିଲା କଷ୍ଟମ ବିଭାଗ। ଜବତ ମାରିଜୁଆନାର ଆନୁମାନିକ ମୂଲ୍ୟ ପ୍ରାୟ ୭ କୋଟି ଟଙ୍କା। ବିଗତ ୧୦ ଦିନ ଭିତରେ ପୂର୍ବରୁ ଭୁବନେଶ୍ୱର ଏୟାରପୋର୍ଟରେ ମଧ ୨ ଥର ଧରାପଡ଼ିଛି ଏହି ଦାମୀ ନିଶାଦ୍ରବ୍ୟ। ଥରେ ପାଖାପାଖି ୧୦ କେଜି ଓ ଆଉ ଥରେ ୪ କେଜି ମାରିଜୁଆନା କଷ୍ଟମ ବିଭାଗର ଏୟାର ଇଣ୍ଟେଲିଜେନ୍ସ ହାତରେ ଧରାପଡିଛି। ଥରେ ୨ ଜଣ ପଶ୍ଚିମବଙ୍ଗ ମହିଳା କ୍ୱାଲାଲମ୍ପୁରରୁ ଏହି ଦାମୀ ନିଶା ଆଣି ଆସୁଥିବା ସମୟରେ ଆଉଥରେ ଧରିଥିଲା କଷ୍ଟମ ବିଭାଗ। ପରେ ଜଣେ କେରଳ ଯୁବକ ବ୍ୟାଙ୍କକରୁ ୪ କେଜି ମାରିଜୁଆନା ଆଣୁଥିବା ସମୟରେ ଗିରଫ ହୋଇ ଝାରପଡା ଜେଲରେ ଅଛନ୍ତି।

ଆନ୍ତର୍ଜାତୀୟ ବଜାରରୁ ଏବେ ଭାରତକୁ ମାରିଜୁଆନା ସପ୍ଲାଇ ପାଇଁ ଭୁବନେଶ୍ୱର ବିମାନବନ୍ଦର ଗେଟୱେ ପାଲଟିଥିବା ବେଳେ କଷ୍ଟମ ବିଭାଗ ପାଇଁ ଏହା ଚ୍ୟାଲେଞ୍ଜ ପାଲଟିଛି। ସେପଟେ ଜର୍ମାନୀରୁ ଭାରତ ଭାୟା ମାଲେସିଆ ଦେଇ ଚାଲାଣ ନେଇ ସୁରାକ ପାଇଛି କଷ୍ଟମ ବିଭାଗ। କେଜିଏ କାରବାର କଲେ ୧୦ ଲକ୍ଷ ଟଙ୍କାର କମିଶନ ମିଳୁଛି। ନିଶା ସିଣ୍ଡିକେଟରେ ମହିଳା ଓ ସୁନ୍ଦରୀ ଯୁବତୀଙ୍କ ସମ୍ପୃକ୍ତି ନେଇ ମଧ ପ୍ରମାଣ ମିଳିଛି। ସେପଟେ ଏ ନେଇ ଅନ୍ତର୍ଜାତୀୟ ଗ୍ୟାଙ୍ଗ କାମ କରୁଥିବା ଖବର ମଧ ପାଇଛି କଷ୍ଟମ ବିଭାଗ। ସେପଟେ କ୍ୱାଲାଲମ୍ପୁରରୁ ନିଶା ଚାଲାଣ ଘଟଣାରେ ଗିରଫ ଦୁଇ ମହିଳାଙ୍କର ଆସନ୍ତାକାଲି ହେବ ଜାମିନ ଶୁଣାଣି। ସେପଟେ ଦୁଇ ମହିଳାଙ୍କ ସ୍ୱାମୀ ଅବଦୁଲ ହଲିମ ଓ ମହମ୍ମଦ ରାମଜାନଙ୍କୁ ଖୁବଶୀଘ୍ର ଜେରା କରାଯିବ ବୋଲି କଷ୍ଟମ୍ ବିଭାଗ ପକ୍ଷରୁ ସୂଚନା ଦିଆଯାଇଛି। ସେମାନଙ୍କୁ ଜେରା ପରେ ଅନ୍ତର୍ଜାତୀୟ ଗ୍ୟାଙ୍ଗର ମାଷ୍ଟର ମାଇଣ୍ଡ ପାଖେ ପହଞ୍ଚିବା ସହଜ ହେବ ବୋଲି ସୂଚନା ଦେଇଛି ଡିଆରଆଇ। ତେବେ ସବୁଠାରୁ ବଡ଼କଥା ହେଉଛି କଡ଼ା ସୁରକ୍ଷା ବଳୟ ମଧ୍ୟରେ ଥିବା ସତ୍ତ୍ୱେ ବିଭିନ୍ନ ଏୟାରପୋର୍ଟରେ ଏହି ନିଶାଦ୍ରବ୍ୟ କିପରି ପ୍ରବେଶ କରୁଛି? ସେଠାରେ ଥିବା ଏୟାରପୋର୍ଟରେ ସୁରକ୍ଷା ବ୍ୟବସ୍ଥାରେ କୌଣସି ତ୍ରୁଟି ରହୁଛି କି? ନା ମୋଟା ଅଙ୍କର ମାଲ କାରବାର ମାଧ୍ୟମରେ ଗଳାବାଟ ଦ୍ୱାରା ଚଳାଯାଉଛି ନିଶା ସିଣ୍ଡିକେଟ? ଏସବୁ ବର୍ତ୍ତମାନ ତଦନ୍ତ ସାପେକ୍ଷ ହୋଇଛି।

**● ଅପହରଣ ମାମଲାର ପର୍ଦ୍ଦାଫାସ୍**

# ୪ ରୋଡ୍‌ରୋମିଓ ଗିରଫ



**ଭୁବନେଶ୍ୱର, ୧୮।୧(ସଂଚାର ବ୍ୟୁରୋ) :** ଗତବର୍ଷ ୨୩ ଡିସେମ୍ବରରେ ଅପହରଣ। ଆଜି ଏହି ଅପହରଣ ଘଟଣାର ପର୍ଦ୍ଦାଫାସ୍ ହେବା ସହ ୪ ଜଣ ଅପହର୍ତ୍ତାଙ୍କୁ ଗିରଫ କରାଯାଇଛି। ମୈତ୍ରୀବିହାର ଥାନା ଅନ୍ତର୍ଗତ ଲୁମ୍ବିନୀ ବିହାରରେ ଯୁବତୀଙ୍କୁ ଫିଲ୍ମ ଷ୍ଟାଇଲରେ ଅପହରଣ ଘଟଣାରେ ୪ ଅଭିଯୁକ୍ତ ପ୍ରଣବ ନାୟକ, ଚନ୍ଦନ ମଲ୍ଲିକ, ରାହୁଲ ନାୟକ ଓ ଅନ୍ୟ ଜଣେ ନାବାଳକକୁ ଗିରଫ କରିଛି ସ୍ପେଶାଲ ସ୍କ୍ୱାଡ୍। ମୁଖ୍ୟ ଅଭିଯୁକ୍ତ ପ୍ରଣବ ନାଁରେ ୫ଟି ମାମଲା ରହିଥିବା ବେଳେ ରାହୁଲ ନାଁରେ ୨ ଟି ମାମଲା ରହିଛି। ଗତ ବର୍ଷ ଡିସେମ୍ବର ୨୨ ତାରିଖ ବିଳମ୍ବିତ ରାତିରେ ପୀଡ଼ିତା ତାଙ୍କ ପୁରୁଷ ବନ୍ଧୁଙ୍କ ସହ ବାଇକରେ ଆସୁଥିବା ସମୟରେ କାରରେ ଆସୁଥିବା ୪ ଯୁବକଙ୍କ ସହ ସେମାନଙ୍କର ଗଣ୍ଡଗୋଳ ହୋଇଥିଲା। ପରେ ଯୁବକଙ୍କୁ ଦୁର୍ବୃତ୍ତମାନେ ଅତର୍କିତ ହାଣିବା ସହ ଯୁବତୀଙ୍କୁ କାରରେ ନେଇ ଚାଲିଯାଇଥିଲେ। ଘଟଣାସ୍ଥଳରେ ସ୍କୁଟି ଛାଡ଼ି ଚାଲିଯାଇଥିଲେ ଖଣ୍ଡା ଚୋଟ ଖାଇଥିବା ଯୁବକ ଜଣଙ୍କ। ଅନ୍ୟପକ୍ଷରେ ଦୁର୍ବୃତ୍ତମାନେ ଯୁବତୀଙ୍କୁ କାରରେ ନେଇ ଖଣ୍ଡଗିରି ଓଭରବ୍ରିଜରେ ଛାଡ଼ି ଚାଲିଯାଇଥିଲେ। ପରେ ପିସିଆର ସେଠାରେ ପହଞ୍ଚି ଯୁବତୀଙ୍କୁ ଉଦ୍ଧାର କରିଥିଲା। ଏକପାଖିଆ ପ୍ରେମକୁ ନେଇ ଏପରି କାଣ୍ଡ ସୃଷ୍ଟି ହୋଇଥିବା ସନ୍ଦେହ କରାଯାଇଥିଲା । ଯୁବତୀଙ୍କ ବୟାନ ରେକର୍ଡ ସମୟରେ ବହୁ ଗୁରୁତ୍ୱପୂର୍ଣ୍ଣ ତଥ୍ୟ ପାଇଥିଲା କମିଶନରେଟ ପୁଲିସ। ଡିସିପି ପିନାକ ମିଶ୍ରଙ୍କ ନିର୍ଦ୍ଦେଶ କ୍ରମେ ଦୁର୍ବୃତ୍ତମାନଙ୍କୁ ଗିରଫ କରିବା ସକାଶେ ସ୍ପେଶାଲ ଟିମ ଗଠନ କରାଯାଇଥିଲା। ଏହି ସ୍ପେଶାଲ ସ୍କ୍ୱାଡ୍ ମୈତ୍ରୀବିହାର ଥାନା ସହଯୋଗରେ ବିଭିନ୍ନ ସ୍ଥାନରେ ଚଢ଼ାଉ ଜାରି ରଖିବା ପରେ ଆଜି ଉକ୍ତ ୪ ଅସାମାଜିକଙ୍କୁ ଧରିବାରେ ସଫଳ ହୋଇଛି ।

# ଦୋଳିରୁ ଖସି ଛାତ୍ରଙ୍କ ମୃତ୍ୟୁ

**କଳିଙ୍ଗନଗର,୧୮।୧(ସଂଚାର ବ୍ୟୁରୋ):** ଯାଜପୁର ଜିଲା କଳିଙ୍ଗନଗର ଟମକା ଥାନା ନୟା ବଗପାଟିଆ ପ୍ରାଇମେରୀ ସ୍କୁଲରେ ଆଜି ଏକ ଅଘଟଣ ଘଟିଛି। ଦୋଳି ଖେଳୁଥିବା ସମୟରେ ଉକ୍ତ ୪ର୍ଥ ଶ୍ରେଣୀ ଛାତ୍ର ଖସିପଡ଼ିବା ଫଳରେ ମୃତ୍ୟୁବରଣ କରିଛନ୍ତି। ଏନେଇ ଉକ୍ତ ଛାତ୍ରର ସମ୍ପର୍କୀୟମାନେ ସ୍କୁଲ ଶିକ୍ଷକଙ୍କୁ ଅଟକ ରଖିଥିବା ଜଣାପଡ଼ିଛି। ମୃତ ଛାତ୍ର ଜଣଙ୍କ ନୟା ବଗପାଟିଆ ଗ୍ରାମର ନବଘନ ସାହୁଙ୍କ ପୁତ୍ର ସୋମ୍ୟରଞ୍ଜନ ବୋଲି ଜଣାପଡ଼ିଛି। ଶିକ୍ଷକଙ୍କ ଦାୟିତ୍ୱହୀନତା ପାଇଁ ସୌମ୍ୟରଞ୍ଜନଙ୍କର ମୃତ୍ୟୁ ହୋଇଛି ବୋଲି ନବଘନ ଅଭିଯୋଗ କରିଛନ୍ତି। ଦାନଗଦୀ ଗୋଷ୍ଠୀ ସ୍ୱାସ୍ଥ୍ୟକେନ୍ଦ୍ରରେ ଚିକିତ୍ସା ପାଇଁ ଆଣିଥିବା ବେଳେ ଡାକ୍ତର ତାଙ୍କୁ ମୃତ ଘୋଷଣା କରିଥିଲେ। ଏହାକୁ ନେଇ ଘଟଣାସ୍ଥଳରେ ଉତ୍ତେଜନା ପ୍ରକାଶ ପାଇଥିଲା। ଖବର ପାଇ ପୂର୍ବତନ ମନ୍ତ୍ରୀ ପ୍ରୀତିରଞ୍ଜନ ଘଡ଼େଇ ଘଟଣାସ୍ଥଳରେ ପହଞ୍ଚି ଉତ୍ୟକ୍ତ ଲୋକଙ୍କୁ ବୁଝାସୁଝା କରିଥିବା ଜଣାପଡ଼ିଛି।

**ଦିଲ୍ଲୀରେ ଓଡ଼ିଆ ଡାକ୍ତରଙ୍କୁ ହତ୍ୟା**

# ମହିଳା ଡାଏଟିସିଆନ୍ ଗିରଫ

**ଭୁବନେଶ୍ୱର,୧୮।୧ (ସଂଚାର ବ୍ୟୁରୋ):** ଦିଲ୍ଲୀରେ ଓଡ଼ିଆ ଡାକ୍ତରଙ୍କୁ ହତ୍ୟା । ମୃତ ଡାକ୍ତର ହେଲେ ୫୨ ବର୍ଷୀୟ ସମ୍ବିତ କୁମାର ମହାନ୍ତି । ତାଙ୍କ ଘର କଟକ ନୂଆବଜାର ହୋଇଥିବାବେଳେ ସେ ଜଣେ ପାଥୋଲୋଜିଷ୍ଟ ଥିଲେ ବୋଲି ଜଣାପଡିଛି । ଓଡ଼ିଆ ଡାକ୍ତରଙ୍କୁ ଜଣେ ମହିଳା ଡାଏଟିସିଆନ୍ ସନି ଶର୍ମା ହତ୍ୟା କରିଥିବା ଦିଲ୍ଲୀ ପୋଲିସ କହିଛି । ଏହି ଘଟଣାର ଅଭିଯୁକ୍ତ ସନି ଶର୍ମାଙ୍କୁ ଦିଲ୍ଲୀର ମୈଦାନୀଗଡ଼ ପୋଲିସ ଗିରଫ କରିଛି । ଗିରଫ ପରେ ଅଭିଯୁକ୍ତ କହିଛି ଯେ ଅଶାଳୀନ ଆଚରଣ କରିବାରୁ ସେ ଡାକ୍ତରଙ୍କୁ ହତ୍ୟା କରିଛି। ଗୁରୁବାର ଦିନ ପ୍ରାୟ ୧୨ଟା ବେଳେ ଡାକ୍ତରଙ୍କ ରୁମ୍‌ରୁ ମୃତଦେହ ମିଳିଥିଲା । ତେବେ ଡାକ୍ତରଙ୍କ ମୋବାଇଲ୍ ଯାଞ୍ଚ କରିବାରୁ ଶେଷ କଲ୍ ସନି ଶର୍ମାଙ୍କୁ ହୋଇଥିବାରୁ ପୋଲିସ ତାଙ୍କ ନମ୍ବରକୁ ଟ୍ରାକ୍ କରି ଗିରଫ କରିଛି। ମିଳିଥିବା ଖବର ଅନୁସାରେ , ଛତାପୁରର ଏକ ଫ୍ଲାଟ୍‌ରେ ଡ. ସମ୍ବିତ ମହାନ୍ତି ରହୁଥିଲେ । ଦୁଇ ସପ୍ତାହ ପୂର୍ବେ ତାଙ୍କର ମହିଳା ଡାଏଟିସିଆନ୍ ସନି ଶର୍ମାଙ୍କ ସହିତ ପରିଚୟ ହୋଇଥିଲା । ଏକାଧିକ ବାର ଫୋନ୍‌ରେ କଥା ହେବା ପରେ ଡାକ୍ତର ମହାନ୍ତି ନିଜ ପାଇଁ ଏକ 'ଡାଏଟ୍ ଚାଟ୍' ପ୍ରସ୍ତୁତ କରିବାକୁ ଚାହିଁଥିଲେ। ତେଣୁ ସେ ଗତକାଲି ଫୋନ୍ କରି ସନି ଶର୍ମାଙ୍କୁ ତାଙ୍କ ଘରକୁ ଡାକିଥିଲେ। ସେଠାରେ କିଛି ସମୟ କଥା ହେବା ପରେ ସମ୍ବିତ ମହାନ୍ତି ହଠାତ୍ ସନିଙ୍କ ସହ ଅନ୍ତରଂଗ ହେବାକୁ ଚାହିଁବାରୁ ମହିଳା ଜଣଙ୍କ ଭୟଭୀତ ହୋଇ ରୋଷେଇ ଘରୁ ଏକ ଛୁରୀ ଅଣି ତାଙ୍କ ବେକ କାଟି ଦେଇଥିଲେ। ଅନ୍ୟପଟେ କଟକ ପୋଲିସ ପାଖରେ ଏନେଇ କୌଣସି ସୂଚନା ନଥିବା କୁହାଯାଇଛି। ଶବ ବ୍ୟବଚ୍ଛେଦ ପରେ ସମ୍ବିତ ମହାନ୍ତିଙ୍କ ମୃତଦେହକୁ ବେଙ୍ଗାଲୁରୁରେ ରହୁଥିବା ତାଙ୍କ ଭଉଣୀ ଓ ଭାଣିଜୀଙ୍କୁ ହସ୍ତାନ୍ତର କରାଯାଇଥିବା ଦିଲ୍ଲୀ ପୋଲିସ ସୂତ୍ରରୁ ସୂଚନା ମିଳିଛି।

# ସମ୍ବଲପୁରକୁ ସାରସ୍ୱତ ନଗରୀର ପରିଚୟ ଦେବ ପୁସ୍ତକ ମେଳା



**ସମ୍ବଲପୁର, ୧୮।୧(ସଂଚାର ବ୍ୟୁରୋ):** 'ସମ୍ବଲପୁର ପୁସ୍ତକ ମେଳା' ସମ୍ବଲପୁରକୁ ସାରସ୍ୱତ ନଗରୀର ପରିଚିତି ଦେବା ଦିଗରେ ଏକ ପ୍ରମୁଖ ମାଧମ ହେବ ବୋଲି ଶନିବାର ଏଠାରେ 'ସମ୍ବଲପୁର ପୁସ୍ତକ ମେଳା-୨୦୨୫'କୁ ଉଦ୍‌ଘାଟନ ଅବସରରେ କେନ୍ଦ୍ର ଶିକ୍ଷା ମନ୍ତ୍ରୀ ଧର୍ମେନ୍ଦ୍ର ପ୍ରଧାନ କହିଛନ୍ତି। ନ୍ୟାସନାଲ ବୁକ ଟ୍ରଷ୍ଟ, ସେତୁ ଏବଂ ଜିଲ୍ଲା ପ୍ରଶାସନର ମିଳିତ ସହଯୋଗରେ ଆୟୋଜିତ ଏହି ପୁସ୍ତକ ମେଳାରେ ଶ୍ରୀ ପ୍ରଧାନ ନିଜର ଗୁରୁ ତଥା ପ୍ରଫେସର ସ୍ୱର୍ଗତ ସୁଦର୍ଶନ ପୂଜାରୀଙ୍କ ଲିଖିତ 'ଆମ ସଂସ୍କୃତି ଭବ ବିଭବ' ପୁସ୍ତକ ଉନ୍ମୋଚନ କରିଥିଲେ। ସେହିପରି ଦୀପକ କୁମାର ପଣ୍ଡାଙ୍କ ଲିଖିତ 'ସମ୍ବଲପୁର ଇତିହାସ' ଓ ଡଃ ଦ୍ୱାରିକାନାଥ ନାଏକ 'ଲୋକ ସଂସ୍କୃତିର ଉତ୍ସ ଓ ପ୍ରକାଶ' ପୁସ୍ତକ ଲୋକାର୍ପିତ କରି ଖୁସି ବ୍ୟକ୍ତ କରିଥିଲେ। ଏହାଛଡ଼ା ସମ୍ବଲପୁର ଜିଲ୍ଲାର ସବୁ ସ୍କୁଲରୁ ବିଶ୍ୱବିଦ୍ୟାଳୟର ଛାତ୍ରଛାତ୍ରୀମାନଙ୍କୁ ଆଜିଠାରୁ ଆସନ୍ତା ୨୬ ତାରିଖ ପର୍ଯ୍ୟନ୍ତ ହେବାକୁ ଥିବା ଏହି ପୁସ୍ତକ ମେଳା ବୁଲିବା ସହ ଆୟୋଜିତ ସାଂସ୍କୃତିକ କାର୍ଯ୍ୟକ୍ରମକୁ ଉପଭୋଗ କରିବା ପାଇଁ ପରାମର୍ଶ ଦେଇଥିଲେ। ଶ୍ରୀ ପ୍ରଧାନ ଆହୁରି କହିଛନ୍ତି ଯେ ମା'ସମଲେଶ୍ୱରୀଙ୍କ ଆଶୀର୍ବାଦରେ ଗଢ଼ିଉଠିଥିବା ସମ୍ବଲପୁର କଳା, ସଂସ୍କୃତି, ପରମ୍ପରା, ସଙ୍ଗୀତ, ସାହିତ୍ୟ, ନୃତ୍ୟ, ବାଣିଜ୍ୟ, ବ୍ୟବସାୟ ଏବଂ ପର୍ଯ୍ୟଟନର ଏକ ପ୍ରମୁଖ କେନ୍ଦ୍ରସ୍ଥଳ। ବହୁମୁଖୀ ସଂସ୍କୃତି, ଭାଷା ଓ ବିଶିଷ୍ଟ ବ୍ୟକ୍ତିବିଶେଷଙ୍କ ସହର। ପଢା ଲେଖା ଓ ଅଭିବ୍ୟକ୍ତିର ଏକ ମହାନ ପରମ୍ପରା, ଯାହାର ଜ୍ୱଳନ୍ତ ପ୍ରତିଫଳନ ଆଜିର ପୁସ୍ତକ ମେଳା। ଆଗାମୀ ଦିନରେ ଏହି ପୁସ୍ତକ ମେଳା ସମ୍ବଲପୁରକୁ ବୈଶ୍ୱିକ ସ୍ତରରେ ନୂଆ ପରିଚୟ ଦେବ । ରାଜ୍ୟର ବୌଦ୍ଧିକ ପ୍ରବାହର ମାନ ପର୍ଯ୍ୟାଦା ବଢାଇବ ବୋଲି କେନ୍ଦ୍ର ମନ୍ତ୍ରୀ କହିଛନ୍ତି। କେନ୍ଦ୍ରମନ୍ତ୍ରୀ କହିଛନ୍ତି ସମ୍ବଲପୁର ମାଟି କ୍ରାନ୍ତି ଓ ସମର୍ପଣର ମାଟି । ଆଗାମୀ ଦିନରେ ସମ୍ବଲପୁର ଇତିହାସର ଗୌରବମୟ ଗାଥାକୁ ସମସ୍ତଙ୍କ ପାଖରେ ପହଞ୍ଚାଇବା ପାଇଁ ମଧ ଏନବିଟି ପକ୍ଷରୁ ଯୋଜନା କରାଯିବ ବୋଲି କେନ୍ଦ୍ର ମନ୍ତ୍ରୀ କହିଛନ୍ତି।



ଓଡ଼ିଶାର ନୂଆ ରାଜ୍ୟପାଳ ଡ. ହରି ବାବୁ କମ୍ଭମପତିଙ୍କୁ ଭୁବନେଶ୍ୱର ସାଂସଦ ଅପରାଜିତା ଷଡ଼ଙ୍ଗୀ ରାଜଭବନରେ ସାକ୍ଷାତକରି ସ୍ୱାଗତ ଅଭିନନ୍ଦନ ଜଣାଉଛନ୍ତି

# ରଘୁରାଜପୁର ଓ କୋଣାର୍କ ବୁଲିଲେ ସିଙ୍ଗାପୁର ରାଷ୍ଟ୍ରପତି



**ଭୁବନେଶ୍ୱର/ପୁରୀ,୧୮।୧(ସଂଚାର ବ୍ୟୁରୋ):** ସମ୍ପ୍ରତି ଦୁଇଦିନିଆ ଓଡ଼ିଶା ଗସ୍ତରେ ଥିବା ସିଙ୍ଗାପୁର ରାଷ୍ଟ୍ରପତି ଥରମନ୍ ଶନ୍ମୁଗରତ୍ନମ୍ ଆଜି ପୁରୀ ଜିଲ୍ଲାର ଐତିହ୍ୟ ଗ୍ରାମ ରଘୁରାଜପୁର ଓ ବିଶ୍ୱ ପ୍ରସିଦ୍ଧ କୋଣାର୍କ ସୂର୍ଯ୍ୟ ମନ୍ଦିର ପରିଦର୍ଶନ କରି ସେଠାକାର କାରୁକାର୍ଯ୍ୟ ବୁଲି ଦେଖିବା ସହ ରାଜ୍ୟ ଐତିହ୍ୟ ସହ ପରିଚିତ ହୋଇଛନ୍ତି।

ରାଷ୍ଟ୍ରପତି ଓ ତାଙ୍କ ଧର୍ମପତ୍ନୀ ଆଜି ରଘୁରାଜପୁରଠାରେ ପହଞ୍ଚିବା ପରେ ଉପମୁଖ୍ୟମନ୍ତ୍ରୀ ପ୍ରଭାତୀ ପରିଡା, ପର୍ଯ୍ୟଟନ ବିଭାଗର ନିର୍ଦ୍ଦେଶକ ସମର୍ଥ ବର୍ମା, ପୁରୀ ଜିଲ୍ଲାପାଳ ସିଦ୍ଧାର୍ଥ ଶଙ୍କର ସ୍ୱାଇଁ, ଜିଲ୍ଲା ଆରକ୍ଷୀ ଅଧିକାରୀ ବିନୀତ ଅଗ୍ରୱାଲ ସେମାନଙ୍କୁ ସ୍ୱାଗତ କରିଥିଲେ। ପାରମ୍ପରିକ ଲୋକକଳା ଓ ଗୋଟିପୁଅ ନୃତ୍ୟ ମାଧମରେ ରାଷ୍ଟ୍ରପତିଙ୍କୁ ସ୍ୱାଗତ ସମ୍ବର୍ଦ୍ଧନା ପ୍ରଦାନ କରାଯାଇଥିଲା। ଏହାପରେ ରାଷ୍ଟ୍ରପତି ଐତିହ୍ୟ ଗ୍ରାମ ରଘୁରାଜପୁର ପରିଦର୍ଶନ କରି ପଟ୍ଟଚିତ୍ର ଶିଳ୍ପୀମାନଙ୍କ ସହ ଆଲୋଚନା କରିଥିଲେ। ପଟ୍ଟଚିତ୍ରର ସୁନ୍ଦର କାରୁକାର୍ଯ୍ୟ ଦେଖି ସେ କାରିଗରମାନଙ୍କ ନୈପୁଣ୍ୟତାକୁ ପ୍ରଶଂସା କରିବା ସହ ରଘୁରାଜପୁର ଗ୍ରାମ, ପ୍ରଦର୍ଶନୀ ସ୍ଥଳ, ଅଙ୍ଗନବାଡ଼ି କେନ୍ଦ୍ର ଓ ଆରୋଗ୍ୟ କେନ୍ଦ୍ର ଆଦି ପରିଭ୍ରମଣ କରିଥିଲେ। ଏହାପରେ ସେ କୋଣାର୍କ ମନ୍ଦିର ପରିଦର୍ଶନରେ ଯାଇଥିଲେ। କୋଣାର୍କରେ ପ୍ରଥମେ ଆଇଓସିଏଲର ଇଣ୍ଟରପ୍ରିଟେସନ କେନ୍ଦ୍ର ପରିଦର୍ଶନ କରିସାରିବା ପରେ ରାଷ୍ଟ୍ରପତି ଶ୍ରୀ ଶନ୍ମୁଗରତ୍ନମ୍ ବିଶ୍ୱ ପ୍ରସିଦ୍ଧ କୋଣାର୍କ ସୂର୍ଯ୍ୟ ମନ୍ଦିର ବୁଲି ଦେଖିଥିଲେ। ଭାରତୀୟ ପ୍ରତ୍ନତାତ୍ତ୍ୱିକ ସଂସ୍ଥାର ପ୍ରତିନିଧି ଓ ଗାଇଡମାନେ ତାଙ୍କୁ କୋଣାର୍କ ମନ୍ଦିର ସମ୍ପର୍କରେ ସବିସ୍ତୃତ ବିବରଣୀ ଦେଇଥିଲେ। ପରେ ପରେ ରାଷ୍ଟ୍ରପତିଙ୍କ ସହ ସିଙ୍ଗାପୁରରୁ ଆସିଥିବା ପ୍ରତିନିଧି ମଣ୍ଡଳୀ ମଧ କୋଣାର୍କ ମନ୍ଦିର ବୁଲି ଦେଖିଥିଲେ।

କାର୍ଯ୍ୟକ୍ରମରେ ଶକ୍ତି ବିଭାଗର ପ୍ରମୁଖ ଶାସନ ସଚିବ ବିଶାଲ ଦେବ, ପର୍ଯ୍ୟଟନ ବିଭାଗ କମିଶନର ତଥା ଶାସନ ସଚିବ ବଲୱନ୍ତ ସିଂ, ଅତିରିକ୍ତ ଡିଜି ସଞ୍ଜୟ କୁମାର, ଆଇଜି ଅନୂପ କୁମାର ସାହୁ, ଡିଆଇଜି ଅଖିଳେଶ୍ୱର ସିଂ, ପୁରୀ ଜିଲ୍ଲା ପରିଷଦର ମୁଖ୍ୟ ଉନ୍ନୟନ ଅଧିକାରୀ ପ୍ରିୟରଞ୍ଜନ ପୃଷ୍ଟି, ଉପଜିଲ୍ଲାପାଳ ରାଜ କିଶୋର ଜେନା, ଅତିରିକ୍ତ ଉପଜିଲ୍ଲାପାଳ ନୀଳମାଧବ ମାଝୀ, ପୁରୀ ସଦର ବିଡିଓ ସମ୍ବିତ ଶତପଥୀ, ସୂଚନା ଓ ଲୋକସମ୍ପର୍କ ବିଭାଗ ଉପନିର୍ଦ୍ଦେଶକ ସନ୍ତୋଷ କୁମାର ସେଠୀ, ଲୋକସମ୍ପର୍କ ଅଧିକାରୀ ଅମ୍ଳାନ ଦାସ ପୁରୀ ଗୋପ ବ୍ଲକର ବିଡିଓ ତଥା କୋଣାର୍କ ଏନଏସି ନିର୍ବାହୀ ଅଧିକାରୀ ଛବିରାଣୀ ସାହୁ, କାକଟପୁର ବିଡିଓ ବିଷ୍ଣୁ ଗୋବିନ୍ଦ, ଗୋପ ତହସିଲଦାର ଅନିଲ କୁମାର ମହାନ୍ତି ଉପସ୍ଥିତ ଥିଲେ।

**ସିମେଣ୍ଟ ପ୍ଲାଣ୍ଟରେ ୩ ଶ୍ରମିକଙ୍କ ମୃତ୍ୟୁ ଘଟଣା**

# ୩ ମାମଲା ରୁଜୁ, ପରିବାର ଲୋକଙ୍କୁ ଚାକିରି ଓ କ୍ଷତିପୂରଣ

**ରାଜଗାଙ୍ଗପୁର,୧୮।୧(ସଂଚାର ବ୍ୟୁରୋ):** ରାଜଗାଙ୍ଗପୁର ସିମେଣ୍ଟ ପ୍ଲାଣ୍ଟରେ ଘଟିଥିବା ଅଘଟଣରେ ୩ ଜଣ ଶ୍ରମିକ ମୃତ୍ୟୁବରଣ କରିଥିବା ବେଳେ ଆଜି ସେମାନଙ୍କ ସକାଶେ ଡାଲମିଆ ପକ୍ଷରୁ ସହାୟତା ଘୋଷଣା କରାଯାଇଛି। ପ୍ରତି ମୃତକଙ୍କ ପରିବାରକୁ ୨୫ ଲକ୍ଷ ଟଙ୍କା ଲେଖାଏଁ ସହାୟତା ପ୍ରଦାନ କରାଯିବ। ଏହାଛଡ଼ା ମୃତକଙ୍କ ପରିବାର ଲୋକଙ୍କ ମଧ୍ୟରୁ ଜଣଙ୍କୁ ଚାକିରି ସହ ୧୦ ଲକ୍ଷ ଟଙ୍କା ବୀମା ପ୍ରଦାନ କରାଯିବା ସକାଶେ ମଧ ଘୋଷଣା କରାଯାଇଛି। ଆହୁରି ପରିବାର ପାଇଁ ରାଜଗାଙ୍ଗପୁରେ ଘର ମଧ କମ୍ପାନୀ ଯୋଗାଇଦେବା ସକାଶେ ଘୋଷଣା କରିଛି। ଅଧିକନ୍ତୁ ପ୍ରଭାବିତ ପରିବାରର ପିଲାମାନଙ୍କ ଯୁକ୍ତ ଦୁଇ ପର୍ଯ୍ୟନ୍ତ ପାଠପଢା ଖର୍ଚ୍ଚ କମ୍ପାନୀ ବହନ କରିବ। ଅନ୍ୟପକ୍ଷରେ ଏହି ମାମଲାରେ ପ୍ଲାଣ୍ଟ ବିରୋଧରେ ରାଜଗାଙ୍ଗପୁର ଥାନାରେ ୩ଟି ମାମଲା ରୁଜୁ ହୋଇଛି। ଦଫା ୨୮୯ ଓ ୧୦୬ରେ ଡାଲମିଆ ସିମେଣ୍ଟ କାରଖାନାର ଅକ୍ୟୁପାୟର ଓ କାରଖାନା ମ୍ୟାନେଜରଙ୍କ ନାମରେ ମାମଲା ରୁଜୁ ହୋଇଛି । ଫ୍ୟାକ୍ଟ୍ରି ଆଣ୍ଡ ବ୍ୟଏଲର ବିଭାଗ ପକ୍ଷରୁ ଗୋଟିଏ ଏତଲା ହୋଇଥିବା ବେଳେ ତହସିଲଦାରଙ୍କ ପକ୍ଷରୁ ଗୋଟିଏ ଏତଲା ହୋଇଛି। ସେହିପରି ମୃତ ଶ୍ରମିକଙ୍କ ଭାଇ ତମ୍ବେଶ୍ୱର ପାତ୍ରଙ୍କ ପକ୍ଷରୁ ମଧ ଗୋଟିଏ ଏତଲା ହୋଇଥିବା ଜଣାପଡ଼ିଛି। ପ୍ଲାଣ୍ଟ୍ ସମ୍ମୁଖରେ ଉତ୍ତେଜନା ଲାଗି ରହିଥିବାରୁ ସେଠାରେ ପୁଲିସ୍ ମୁତୟନ ହୋଇଛି। ଅନ୍ୟପକ୍ଷରେ ଅଘଟଣ ପରେ ଦୀର୍ଘ ୩୬ ଘଣ୍ଟାର ଉଦ୍ଧାର ଅଭିଯାନ ପରେ କୋଇଲା ଗଦା ତଳୁ ୨ଟି ମୃତଦେହ ଉଦ୍ଧାର କରାଯାଇଛି। ଅଦ୍ୟାବଧି ତୃତୀୟ ଶ୍ରମିକଙ୍କ ମୃତଦେହ ଉଦ୍ଧାରକାରୀ ଦଳକୁ ମିଳିପାରିନାହିଁ। ତେଣୁ ଉଦ୍ଧାର କାର୍ଯ୍ୟ ଏବେ ବି ଜାରି ରହିଛି। ସେହିପରି ଉଦ୍ଧାର ହୋଇଥିବା ଦୁଇ ଶବର ଚିହ୍ନଟ ହୋଇପାରିନାହିଁ।

# ଏବର୍ଷ ଚିଲିକାକୁ କମିଛି ପକ୍ଷୀ ଆଗମନ

**ବ୍ରହ୍ମଗିରି,୧୮।୧ (ସଂଚାର ବ୍ୟୁରୋ):** ଚିଲିକାରେ ଚଳିତ ବର୍ଷର ପକ୍ଷୀ ଗଣନା ଶେଷ ହୋଇଛି। ଚଳିତ ବର୍ଷ ଚିଲିକାରେ ୧୯୬ ପ୍ରଜାତିର ୧୧ ଲକ୍ଷ ୨୭ ହଜାର ୨୨୮ ଦେଶୀ ଓ ବିଦେଶୀ ପକ୍ଷୀ ଚିଲିକାକୁ ଆସିଥିଲେ। ସେଥିରେ ୧୦୯ଟି ବିଦେଶୀ ୧୦ଲକ୍ଷ ୮୭ ହଜାର ୨୨୬ ଟି ବିଦେଶୀ ପକ୍ଷୀ ଥିବା ବେଳେ ୮୭ ଟି ସ୍ଥାନୀୟ ପ୍ରଜାତିର ୪୦ ହଜାର ୦୨ ଟି ପକ୍ଷୀ ଚିଲିକାକୁ ଆସିଥିଲେ। ଗଡ଼ୱାଲ ପ୍ରଜାତିର ୨ ଲକ୍ଷ ୧ ହଜାର ୯୨୬ଟି, ନରଦ୍ଦନ ପିଙ୍ଗଟେଲ ପ୍ରଜାତିର ୧ ଲକ୍ଷ ୯୩ ହଜାର ୩୯୪ଟି, ବ୍ଲାକଟେଲ ପ୍ରଜାତିର ୬୮ହଜାର ୭୯ ଟି, ୯୨ ପ୍ରଜାତିର ପକ୍ଷୀ ନଳବଣରେ ଦେଖାଦେଇଥିଲେ ୩ ଲକ୍ଷ ୪୩ ହଜାର ୨୨୬ ଟି ପକ୍ଷୀ। ଗତ ବର୍ଷ ତୁଳନାରେ ଚଳିତ ବର୍ଷ ୧୦ ହଜାର ୫୩୧ କମ ପକ୍ଷୀ ଆସିଛନ୍ତି। ତେବେ ଏବର୍ଷ ଅଧିକ ୯ଟି ପ୍ରଜାତିର ପକ୍ଷୀ ଆସିଛନ୍ତି। ଗତ ବର୍ଷ ୩ ଲକ୍ଷ ୪୭ ହଜାର ୨୮୦ ପକ୍ଷୀ ନଳବଣରେ ଥିବାବେଳେ ଚଳିତ ବର୍ଷ କମ ସଂଖ୍ୟକ ପକ୍ଷୀ ଦେଖାଦେଇଛନ୍ତି ।

**ମଦ୍ୟପ ଡ୍ରାଇଭର୍‌ର ଉନ୍ମତ୍ତ କାଣ୍ଡ**

# ୨ ବାଇକକୁ ଧକ୍କାଦେଲା କାର: ଜଣେ ମୃତ, ୪ ଗୁରୁତର




**ଭୁବନେଶ୍ୱର, ୧୮।୧(ସଂଚାର ବ୍ୟୁରୋ):** ଭୁବନେଶ୍ୱରର ରାଜଭବନ ଛକରେ ଶନିବାର ସନ୍ଧ୍ୟାରେ ଜନୈକ ମଦ୍ୟପ ଡ୍ରାଇଭର୍ ଉନ୍ମତ୍ତ କାଣ୍ଡ ଘଟାଇବା ଫଳରେ ଜଣେ ମୃତ୍ୟୁବରଣ କରିଥିବା ବେଳେ ଆହୁରି ୪ ଜଣ ଆହତ ହୋଇଛନ୍ତି। ଉକ୍ତ କାର୍ ଡ୍ରାଇଭର୍ ଜଣକ ଏକ ହ୍ୟୁଣ୍ଡାଇ କାର୍ ନେଇ ସର୍କିଟ୍ ହାଉସ୍‌ରୁ ଗୋପବନ୍ଧୁ ଛକ ପର୍ଯ୍ୟନ୍ତ ରଙ୍ଗ ରୁଟ୍‌ରେ ଯାଉଥିଲା। ତେବେ ଏହି ସମୟରେ ଦୁଇଟି ବାଇକ୍‌କୁ ଧକ୍କା ଦେବା ସହ ରାଜଭବନ ଗୋଲେଇ ଛକ ଡିଭାଇଡର ଉପରକୁ ଚଢ଼ିଯାଇଥିଲା। ବାଇକ୍ ଦୁଇଟିକୁ ଧକ୍କା ଦେବା ପରେ ନିଶାସକ୍ତ ଡ୍ରାଇଭର୍ ଜଣକ ଅଟକିବାକୁ ଉଚିତ ମଣିନଥିଲା। ବରଂ ଖସିଯିବାକୁ ଉଦ୍ୟମ କରି ଉକ୍ତ ଦୁଇଟି ବାଇକ୍‌କୁ କିଛି ବାଟ ଘୋଷାଡ଼ି ନେଇଥିବା ବେଳେ ଗୋଟିଏ ବାଇକ କାର ତଳେ ଚାପି ହୋଇ ରହିଯାଇଥିଲା। ଘଟଣାସ୍ଥଳରେ ପୁଲିସ୍ ପହଞ୍ଚି ଆହତମାନଙ୍କୁ ଉଦ୍ଧାର କରିବା ସହ ତଦନ୍ତ ଆରମ୍ଭ କରିଥିବା ଜଣାପଡ଼ିଛି। ଦୁର୍ଘଟଣାସ୍ଥଳରେ ଜଣେ ବାଇକ ଆରୋହୀଙ୍କ ମୃତ୍ୟୁ ହୋଇଥିବା ବେଳେ ଅନ୍ୟ ୪ ଜଣଙ୍କୁ ଗୁରୁତର ଅବସ୍ଥାରେ ସ୍ଥାନୀୟ କ୍ୟାପିଟାଲ୍ ହସ୍ପିଟାଲରେ ଭର୍ତ୍ତି କରାଯାଇଛି। ମୃତାହତ ଓ ମଦ୍ୟପ ଡ୍ରାଇଭର୍‌ର ପରିଚୟ ଜଣାପଡ଼ିନାହିଁ।

**ଅବକାରୀ ବିଭାଗ ଅଧିକାରୀଙ୍କ ଦିଗଦର୍ଶନ ଓ ସଚେତନତା କାର୍ଯ୍ୟକ୍ରମ**

# ବେଆଇନ ମାଦକଦ୍ରବ୍ୟ ବିରୋଧରେ ହେବ କାର୍ଯ୍ୟାନୁଷ୍ଠାନ



**ଭୁବନେଶ୍ୱର/ବ୍ରହ୍ମପୁର, ୧୮।୧ (ସଂଚାର ବ୍ୟୁରୋ):-** ଗଞ୍ଜାମ ଜିଲ୍ଲା ଅନ୍ତର୍ଗତ ସୋନାପୁର ଇକୋ ରିଟ୍ରିଟଠାରେ ଅବକାରୀ ବିଭାଗ ପକ୍ଷରୁ ବରିଷ୍ଠ ଅବକାରୀ ଅଧିକାରୀ ମାନଙ୍କ ଦିଗଦର୍ଶନ ଓ ସଚେତନତା କାର୍ଯ୍ୟକ୍ରମ ଅନୁଷ୍ଠିତ ହୋଇଯାଇଛି। କାର୍ଯ୍ୟକ୍ରମର ଦ୍ୱିତୀୟ ଦିନରେ ଆଇନ, ପୂର୍ତ୍ତ ଓ ଅବକାରୀ ମନ୍ତ୍ରୀ ଶ୍ରୀ ପୃଥ୍ୱୀରାଜ ହରିଚନ୍ଦନ ଯୋଗଦେଇ ଅବକାରୀ ବିଭାଗକୁ ଚଳଚଞ୍ଚଳ ଓ ସଂପୂର୍ଣ୍ଣ କ୍ରିୟାନ୍ୱୟନ କରିବା ଦିଗରେ ଅଧିକାରୀ ମାନଙ୍କୁ ଉଦ୍‌ବୋଧନ ଦେଇଥିଲେ । ରାଜ୍ୟରେ ବେଆଇନ ମଦ, ଗଞ୍ଜେଇ ଓ ବ୍ରାଉନସୁଗାର ଆଦିର ଚୋରା ଚାଲାଣକୁ ସଂପୂର୍ଣ୍ଣ ରୂପେ ରୋକିବା ଦିଗରେ ଅବକାରୀ ବିଭାଗ ଦୃଢ କାର୍ଯ୍ୟାନୁଷ୍ଠାନ ସ୍ୱରୂପ ନିୟମିତ ଭାବରେ ଚ଼ଢାଉ କରି ବେଆଇନ ସାମଗ୍ରୀ ମାନ ଜବତ କରୁଥିବାରୁ ଅଧିକାରୀ ଓ କର୍ମଚାରୀଙ୍କ କାର୍ଯ୍ୟକୁ ପ୍ରଶଂସା କରିଥିଲେ ।

ମନ୍ତ୍ରୀ ଶ୍ରୀ ହରିଚନ୍ଦନ କହିଲେଯେ ରାଜ୍ୟର ପ୍ରତି ଜିଲ୍ଲାରେ ଅବକାରୀ ବିଭାଗ ଏନଫୋର୍ସମେଣ୍ଟ ଟିମ୍ ଗଠନ କରାଯିବା ପ୍ରକ୍ରିୟା ଆରମ୍ଭ କରାଯାଉଛି। ଆଗାମୀ ଦିନରେ ରାଜ୍ୟରେ ଅବକାରୀ ଏକାଡ଼େମୀ ପ୍ରତିଷ୍ଠା କରାଯିବା ନେଇ ସରକାର ଚିନ୍ତା କରୁଛନ୍ତି । ଅବକାରୀ ବିଭାଗକୁ ସଂପୂର୍ଣ୍ଣ ରୂପେ ସଶକ୍ତିକରଣ କରାଯିବା ସହ ଅବକାରୀ ବିଭାଗର ନୂତନ ନୀତି ବିଷୟରେ ଆଲୋଚ଼ନା କରିଥିଲେ। ଏଥିସହିତ ଅବକାରୀ ଆଇନର ସଂଶୋଧନ, ପ୍ରଚଳିତ ଆଇନକୁ ସଂଶୋଧନ କରି ଦଣ୍ଡବିଧାନ ହାର ବୃଦ୍ଧି, ବେଆଇନ ମାଦକ କାରବାର ନେଟୱାର୍କକୁ ଧ୍ୱଂସ କରିବା, ନିୟମିତ ଅବକାରୀ ଅଧିକାରୀଙ୍କ ପ୍ରଶିକ୍ଷଣ ବ୍ୟବସ୍ଥା, ନୂତନ ଅବକାରୀ ଥାନା ଗଠନ ସହ ଷ୍ଟ୍ରବେରୀ, ବ୍ଲୁବେରି ଚାଷ ମାଧମରେ ବିକଳ୍ପ ଜୀବିକା ପ୍ରୋତ୍ସାହନ ବିଷୟରେ ବୈଠକରେ ଆଲୋଚନା ହୋଇଥିଲା। ପ୍ରଥମ ଥର ଲାଗି ବିଭିନ୍ନ ରାଜ୍ୟର ଅଧିକାରୀ ମାନଙ୍କୁ ନେଇ ଅନୁଷ୍ଠିତ ଏହି କାର୍ଯ୍ୟକ୍ରମରେ ଅଧିକାରୀମାନଙ୍କ କାର୍ଯ୍ୟ ଦକ୍ଷତା ବୃଦ୍ଧି ପାଇଁ ମେଡ଼ିଟେସନ, ଯୋଗ ଏବଂ ଷ୍ଟ୍ରେସ ମ୍ୟାନେଜମେଣ୍ଟ ଉପରେ ବିଶେଷ ଗୁରୁତ୍ୱ ଦିଆଯାଇଥିଲା । ଏହି କାର୍ଯ୍ୟକ୍ରମରେ ଅବକାରୀ ବିଭାଗର କମିଶନର ତଥା ଶାସନ ସଚ଼ିବ ଶ୍ରୀମତୀ ଗୁହା ପୁନମ ତାପସ କୁମାର, କମିଶନର ଶ୍ରୀ ନରସିଂହ ଭୋଳ, ଏନ୍‌ସିବି ଅଧିକ୍ଷକ ଶ୍ରୀ ସମୀରନ ପାଉଳ, ଡ଼େପୁଟି କମିଶନର ଶ୍ରୀମତୀ ପି.ଶ୍ରୀଦେବୀ, ଗଞ୍ଜାମ ଜିଲ୍ଲାପାଳ ଶ୍ରୀ ଦିବ୍ୟଜ୍ୟୋତି ପରିଡ଼ା, ଗଞ୍ଜାମ ଜିଲ୍ଲା ଆରକ୍ଷୀ ଅଧିକ୍ଷକ ଶ୍ରୀ ଶୁଭେନ୍ଦୁ କୁମାର ପାତ୍ର, ବ୍ରହ୍ମପୁର ଆରକ୍ଷୀ ଅଧିକ୍ଷକ ଡା. ସାରାଭାନା ବିବେକ ଏମ.ଙ୍କ ସମେତ ଅବକାରୀ ବିଭାଗ ବରିଷ୍ଠ ଅଧିକାରୀ ମାନେ ଉପସ୍ଥିତ ଥିଲେ।

Printed, Published and owned by Sri Saroj Kumar Nayak of Plot No.495, Nilakantha Nagar, Nayapalli, Bhubaneswar and Printed at Khetramani Printing Press, At - Darakhapatna, Po - Kalyani Nagar, Dist-Cuttack-753013 and Published at Plot No.312, Flat No.003, Greenhigh Appartment, Kharavela Nagar, Bhubaneswar-751001 (Odisha) Ph. No. 9437227777/ 8093008776
Editor: Subhransu Bhusan Kar
ସମ୍ପାଦକ: ଶୁଭ୍ରାଂଶୁ ଭୂଷଣ କର




# ଆଜିର ସୁନା ଦର



ପୁଣି ଥରେ ସୁନା ମହଙ୍ଗା ହୋଇଛି। ଆଜି ଭାରତୀୟ ବଜାରରେ ୨୨ କ୍ୟାରେଟ ସୁନା ଦର ୧୦ ଗ୍ରାମ ପ୍ରତି ୭୪ ହଜାର ୩୫୦ ଟଙ୍କା ହୋଇଥିବା ବେଳେ ୨୪ କ୍ୟାରେଟ ସୁନା ୧୦ ଗ୍ରାମ ପିଛା ୮୧ ହଜାର ୧୧୦ ଟଙ୍କା ରହିଛି। ସେହିପରି ଭୁବନେଶ୍ୱରରେ ୨୨ କ୍ୟାରେଟ ସୁନା ଦର ୭୪, ୩୫୦ ଟଙ୍କାରେ ପହଞ୍ଚିଥିବା ବେଳେ ୨୪ କ୍ୟାରେଟ୍ ସୁନା ଦର ୮୧ , ୧୧୦ ଟଙ୍କା ରହିଛି। ମୁମ୍ବାଇରେ ୨୨ କ୍ୟାରେଟ୍ ଓ ୨୪ କ୍ୟାରେଟ୍ ମୂଲ୍ୟ ୭୪,୩୫୦ ଟଙ୍କା ଓ ୮୧, ୧୧୦ ଟଙ୍କା ଥିବା ରେକର୍ଡ ହୋଇଥିବା ବେଳେ ନୂଆଦିଲ୍ଲୀରେ ୭୪,୫୦୦ ଟଙ୍କା ଓ ୮୧, ୨୬୦ ଟଙ୍କା ରହିଛି। ଦକ୍ଷିଣ ଭାରତର ପ୍ରମୁଖ ସହର ଚେନ୍ନାଇରେ ୨୨ କ୍ୟାରେଟ ମୂଲ୍ୟ ୭୪,୩୫୦ ଟଙ୍କା ଥିବା ବେଳେ ୨୪ କ୍ୟାରେଟ ମୂଲ୍ୟ ୮୧, ୧୧୦ ଟଙ୍କା ଥିବା ରେକର୍ଡ ହୋଇଛି। ପୂର୍ବ ଭାରତର ପ୍ରମୁଖ ସହର କୋଲକାତାରେ ଯଥାକ୍ରମେ ୭୪,୩୫୦ ଟଙ୍କା ଓ ୮୧, ୧୧୦ ଟଙ୍କା ରହିଛି। ଅନ୍ୟ ପଟେ ରୁପା ଦର କେଜି ପ୍ରତି ୯୬,୫୦୦ ହଜାର ଟଙ୍କା ହୋଇଛି।

# ଆଜିର ପେଟ୍ରୋଲ, ଡିଜେଲ ଦର

ସବୁଦିନ ପରି ଆଜି ବି ପେଟ୍ରୋଲ ଓ ଡିଜେଲ ଦରରେ କିଛିଟା ପରିବର୍ତ୍ତନ ହୋଇଛି। ତେବେ ଆଜିର ଦାମ ବିଷୟରେ ଜାଣିବା ପୂର୍ବରୁ ଆପଣଙ୍କୁ କହିରଖିବାକୁ ଚାହିଁବୁ ଯେ ପ୍ରତିଦିନ ଆପଣ ଆମର ଏ ପାଠ୍ୟକ୍ରମରେ ପେଟ୍ରୋଲ ଓ ଡିଜେଲ ଦରର ତାଜା ଅପଡେଟ ପ୍ରଥମେ ପାଇପାରିବେ। ଭୁବନେଶ୍ୱରରେ ଆଜି ପେଟ୍ରୋଲ ଦର ବୃଦ୍ଧି ପାଇ ୧୦୧. ୧୧ ପଇସା ରହିଥିବା ବେଳେ ଡିଜେଲ ଦାମ୍ ପ୍ରତି ଲିଟର ପିଛା ୯୨. ୬୯ ପଇସା ରହିଛି। ସେହିପରି ଦେଶର ପ୍ରମୁଖ ସହରରେ ପେଟ୍ରୋଲ ଓ ଡିଜେଲ ଦର ଅପରିବର୍ତ୍ତିତ ରହିଛି। ଦିଲ୍ଲୀରେ ପେଟ୍ରୋଲ ଲିଟର ପିଛା ୯୪ ଟଙ୍କା ୭୭ ପଇସା ଓ ଡିଜେଲ ଦର ୮୭ ଟଙ୍କା ୬୭ ପଇସା ହୋଇଛି। ମୁମ୍ବାଇରେ ପେଟ୍ରୋଲ ଲିଟର ପିଛା ୧୦୩ ଟଙ୍କା ୫୦ ପଇସା ହୋଇଥିବା ବେଳେ ଡିଜେଲ ଲିଟର ପିଛା ୯୦.୦୩ ଟଙ୍କା ରହିଛି। ସେହିପରି କୋଲକାତାରେ ପେଟ୍ରୋଲ ଦର ୧୦୫ . ୦୧ ଟଙ୍କା ଥିବାବେଳେ ଡିଜେଲ ଦର ୯୧ ଟଙ୍କା ୮୨ ପଇସା ରହିଛି। ଚେନ୍ନାଇରେ ପେଟ୍ରୋଲ ଦର ୧୦୧ ଟଙ୍କା ୨୩ ପଇସା ଥିବା ବେଳେ ଡିଜେଲ ଦାମ ୯୨ ଟଙ୍କା ୮୧ ପଇସା ରହିଛି।



## ଭାରତ ମୋବିଲିଟି ଗ୍ଲୋବାଲ୍ ଏକ୍ସପୋ ୨୦୨୫

# ହିରୋ ଲଞ୍ଚ କରିଛି ହିରୋ ଏକ୍ସଟ୍ରିମ୍ ୨୫୦ଆର୍



**ନୂଆଦିଲ୍ଲୀ, ୧୮।୧:** ନୂଆଦିଲ୍ଲୀ: ନୂଆଦିଲ୍ଲୀରେ ଆଜି ବହୁ ପ୍ରତୀକ୍ଷିତ ଭାରତ ମୋବିଲିଟି ଗ୍ଲୋବାଲ ଏକ୍ସପୋ ୨୦୨୫ ଆରମ୍ଭ ହୋଇଛି। ପ୍ରଧାନମନ୍ତ୍ରୀ ନରେନ୍ଦ୍ର ମୋଦୀ ଏହାକୁ ଉଦ୍‌ଘାଟନ କରିଛନ୍ତି। ଆସନ୍ତା ୨୨ ତାରିଖ ପର୍ଯ୍ୟନ୍ତ ଚାଲିବାକୁ ଥିବା ଦେଶର ଏହି ସର୍ବବୃହତ୍ ଅଟୋମୋବାଇଲ ଏକ୍ସପୋରେ ଶତାଧିକ ନୂଆ ଗାଡ଼ି, ଗାଡ଼ି ଯନ୍ତ୍ରାଂଶ ଏବଂ ଗାଡ଼ି ସହ ଜଡ଼ିତ ପ୍ରଯୁକ୍ତିର ଉନ୍ମୋଚନ ହେବ ବୋଲି ଆଶା ରଖାଯାଇଛି। ଚଳିତବର୍ଷ ଏକ୍ସପୋରେ ପ୍ରଥମ ଥର ପାଇଁ ୩୪ଟି ଅଟୋମୋବାଇଲ କମ୍ପାନି ସାମିଲ ହୋଇଛନ୍ତି। ୧୯୮୬ରେ ଆରମ୍ଭ ହୋଇଥିବା ପ୍ରଥମ ଅଟୋ ଏକ୍ସପୋ ପରେ ଏହି ସଂଖ୍ୟା ସର୍ବାଧିକ। ଏଥର ପ୍ରଦର୍ଶନୀରେ କମ୍ପାନିଗୁଡ଼ିକ ଇଲେକ୍ଟ୍ରିକ୍ ଯାନ ଉନ୍ମୋଚନ କରିବା ଉପରେ ଅଧିକ ଧ୍ୟାନ ଦେଇଛନ୍ତି। ଭାରତ ମଣ୍ଡପମ୍, ଯଶୋଭୂମି ଏବଂ ଇଣ୍ଡିଆ ଏକ୍ସପୋ ସେଣ୍ଟର ଆଣ୍ଡ ମାର୍ଟ ଭଳି ତିନିଟି ସ୍ଥାନରେ ଏହି ପ୍ରଦର୍ଶନୀ ଚାଲିଛି। ପ୍ରଥମ ଦିନରେ ମାରୁତି ସୁଜୁକି ଏହାର ପ୍ରଥମ ଇଲେକ୍ଟ୍ରିକ୍ କାର ଇ-ଭିଟାରାର ଉନ୍ମୋଚନ କରିଛି। ହୁଣ୍ଡାଇ ମୋଟର ଇଣ୍ଡିଆ ଏହାର ଇଲେକ୍ଟ୍ରିକ୍ ଏସ୍‌ୟୁଭି କ୍ରେଟା-ଇଭି ପ୍ରଦର୍ଶନ କରିଛି। ସୁଜୁକି ଏହାର ପ୍ରଥମ ଇଲେକ୍ଟ୍ରିକ୍ ସ୍କୁଟର 'ଇ-ଆକ୍ସେସ୍' ପ୍ରଦର୍ଶନ କରିଛି। ପୂରା ଚାର୍ଜ ହେଲେ ଏହା ୯୫ କିମି ଯିବ। ଏହାର ପ୍ରାରମ୍ଭିକ ମୂଲ୍ୟ ୮୧୬୦୦ ଟଙ୍କା ରଖାଯାଇଛି। ଜେଏସ୍‌ଡବ୍ଲୁ ଏମ୍‌ଜି ମୋଟର ଇଣ୍ଡିଆ ପକ୍ଷରୁ ଏମ୍‌ପିଭି ଏମ୍୯ ଯାନର ପ୍ରଦର୍ଶନ କରାଯାଇଛି। ଭାରତ ମୋବିଲିଟି ଗ୍ଲୋବାଲ୍ ଏକ୍ସପୋ ୨୦୨୫ରେ ଅନେକ ଦମଦାର୍ କାର୍ ଏବଂ ବାଇକ୍ ଲଞ୍ଚ କରାଯାଇଛି। ଏହି ଇଭେଣ୍ଟରେ ହିରୋ ମୋଟୋକର୍ପ ନିଜର ନୂଆ ସ୍ପୋର୍ଟ୍ସ ବାଇକ୍ ହିରୋ ଏକ୍ସଟ୍ରିମ ୨୫୦ ଆର୍ କୁ ଲଞ୍ଚ କରିଛି। ଏହି ବାଇକକୁ କମ୍ପାନୀ ଏକ୍ସ-ସୋରୁମ୍ ପ୍ରାଇସ୍ ମୂଲ୍ୟରେ ୧ ଲକ୍ଷ ୮୦ ହଜାର ଟଙ୍କାରେ ଲଞ୍ଚ କରିଛି। ହିରୋ ଏକ୍ସଟ୍ରିମ ୨୫୦ ଆର୍ ର ଡିଜାଇନ୍ ବହୁତ ଆଟ୍ରାକ୍ଟିଭ୍ ଏବଂ ସ୍ପୋର୍ଟି ହୋଇଛି, ଯେଉଁଥିରେ ଲୋ-ସ୍ଲିଙ୍ଗ ହେଡଲାଇଟ୍ସ ଏବଂ ସାର୍ପ ଫ୍ୟୁଲ୍ ଟ୍ୟାଙ୍କ୍ ଏହାକୁ ଗୁଡ୍ ଲୁକ୍ ଦେଇଥାଏ। ଏହାର ଅପ୍ସପେଟ୍ ଟେଲ୍ ସେକ୍ସନ୍ ଏବଂ ଆଥେଲିଟିକ୍ ଷ୍ଟେନ୍ସ ରାଇଡର୍ସଙ୍କୁ ଆକର୍ଷିତ କରିଥାଏ। ଏହା ବ୍ଲାକ୍ ଏବଂ ରେଡ୍ କଲରରେ ପ୍ରଦର୍ଶିତ ହୋଇଛି, କିନ୍ତୁ ଲଞ୍ଚ ସମୟରେ ଆହୁରି ଅଧିକ କଲର ଅପ୍ସନ୍ ଉପଲବ୍ଧ ହୋଇପାରେ। ଏଥିରେ ବ୍ରେକିଂର ସୁବିଧା ଉଭୟ ସାଇଡରେ ବାଏବ୍ରେ କଲିପର ସହିତ ସିଙ୍ଗଲ ପେଟଲ-ଟାଇପ୍ ଡିସ୍କ ଦ୍ୱାରା ଦିଆଯାଇଛି। ହିରୋ ଏକ୍ସଟ୍ରିମ ୨୫୦ ଆର୍ ବାଇକରେ ୨୫୦cc ର ଲିକ୍ୟୁଡ୍-କୁଲ୍ଡ, ଡିଓଏଚସି, ୪-ଭଲଭ୍ ଇଞ୍ଜିନ୍ ରହିଛି। ହିରୋ ଏକ୍ସଟ୍ରିମ ୨୫୦ ଆର୍ ଇଞ୍ଜିନ୍ ୩୦ ବିଏଚପିର ପାୱାର ଏବଂ ୨୫ ଏନଏମର ଟର୍କ ଜେନେରେଟ କରିବାରେ ସକ୍ଷମ ହୋଇଥାଏ। ଏହା ୬-ସ୍ପିଡ୍ ଗିୟରବକ୍ସ ସହିତ ଆସିଥାଏ, ଯାହାକି ଘଣ୍ଟା ପ୍ରତି ୦-୬୦ କିଲୋମିଟରରୁ ମାତ୍ର ୩.୨୫ ସେକେଣ୍ଡରେ ଧରିପାରେ। ହିରୋ ଏକ୍ସଟ୍ରିମ ୨୫୦ ଆର୍ ବାଇକରେ ୪୩ ଏମଏମ ଅପସାଇଡ୍-ଡାଉନ୍ ଫର୍କ ଏବଂ ରିୟରରେ ପ୍ରିଲୋଡେଡ୍- ଆଡଜଷ୍ଟେବଲ୍ ମନୋସକ୍ ସସ୍ପେନ୍ସନ୍ ରହିଛି। ଅଧିକ ସେଫ୍ଟି ପାଇଁ ଏଥିରେ ଡୁଆଲ୍-ଚ୍ୟାନେଲ୍ ଏବିଏସ ଏବଂ ୧୭-ଇଞ୍ଚ ଆଲଏ ହୁଇଲ୍ ଦିଆଯାଇଛି। ହିରୋ ଏକ୍ସଟ୍ରିମ ୨୫୦ ଆର୍, ବାଜାଜ ପଲ୍‌ସର ଏନ୨୫୦ ଏବଂ ସୁଜୁକି ଜିକ୍ସର ୨୫୦କୁ ସିଧାସଳଖ ଭାବରେ ଟକ୍କର ଦେବ। ଏହାର ପ୍ରାଇସ୍ ଏବଂ ଫିଚର୍ସ ଏହି ସେଗମେଣ୍ଟରେ ବାଇକକୁ ଏକ ପାୱାରଫୁଲ୍ ଟକ୍କର କରିଥାଏ। ହିରୋ ଏକ୍ସଟ୍ରିମ ୨୫୦ ଆର୍ ର ଡିଜାଇନ୍ ଏବଂ ମର୍ଡନ ଫିଚର୍ସ ବାଇକ୍ ଲଭର୍ସଙ୍କ ପାଇଁ ବେଷ୍ଟ ଅପ୍ସନ ହୋଇପାରିବ।

# ସୁଜୁକି ସାମ୍ନାକୁ ଆଣିଛି ଆସେସ୍ ଇଲେକ୍ଟ୍ରିକ୍ ସ୍କୁଟର



**ନୂଆଦିଲ୍ଲୀ, ୧୮।୧:** ସୁଜୁକି ମୋଟରସାଇକେଲ୍ ଇଣ୍ଡିଆ ଅଟୋ ଏକ୍ସପୋ ୨୦୨୫ ରେ ସୁଜୁକି ଆସେସ୍ ଇଲେକ୍ଟ୍ରିକ୍ ଉପସ୍ଥାପନ କରିଛି। ଏହା ଏକ ସ୍ପୋର୍ଟି ଏବଂ ଫ୍ୟୁଚରିଷ୍ଟିକ୍ ଡିଜାଇନ ସହିତ ସାମ୍ନାକୁ ଆସିଛି। ଏହା ପେଟ୍ରୋଲ୍-ପାବର୍ଡ ଆକ୍ସେସ୍ ୧୨୫ ଠାରୁ ଭିନ୍ନ ରଖାଯାଇଛି। ଆସନ୍ତୁ ଜାଣିବା ସୁଜୁକି ଆସେସ୍ ଇଲେକ୍ଟ୍ରିକ୍ କେଉଁ ଫିଚର୍ସ ସହିତ ଅଣାଯାଉଛି। ସୁଜୁକି ଇ-ଆସେସର ତିନୋଟି ଡୁଆଲ୍-ଟୋନ୍ କଲର ସ୍କିମ୍ ସହିତ ଆସିଛି, ଯାହା ମେଟାଲିକ୍ ମ୍ୟାଟ୍ ବ୍ଲାକ୍ ନମ୍ବର ୨/ମେଟାଲିକ୍ ମ୍ୟାଟ୍ ବୋର୍ଡିଏକ୍ସ ରେଡ୍, ପର୍ଲ ଗ୍ରେସ ହ୍ୱାଇଟ/ମେଟାଲିକ ମେଟ ଫ୍ରିବ୍ରୋନି ଗ୍ରେ ଏବଂ ପର୍ଲ ଜାଡେ ଗ୍ରୀନ/ମେଟାଲିକ ମେଟ ଫିବ୍ରୋନି ଗ୍ରେ ରହିଛି। ଏଥିରେ ଏକ ଇଲେକ୍ଟ୍ରିକ୍ ମୋଟର ଦିଆଯାଇଛି, ଯାହା ୪.୧ କେଡବ୍ଲ୍ୟୁ ରହିଛି। ଏହା ୧୫ ଏନଏମର ପିକ୍ ଟର୍କ ଦେଇଥାଏ। ଏହା ୩.୦୭ କେଡବ୍ଲ୍ୟୁଏଚ ବ୍ୟାଟେରୀ ପ୍ୟାକ୍ ସହିତ ଅଣାଯାଇଛି, ଯାହା ଫୁଲ୍ ଚାର୍ଜ ହେବା ପରେ ୯୫ କିଲୋମିଟର ପର୍ଯ୍ୟନ୍ତ ରେଞ୍ଜ ଦେଇଥାଏ। ଏହାର ଟପ୍ ସ୍ପିଡ୍ ୭୧ କେଏମପିଏଚ। ଏକ ପୋର୍ଟେବଲ୍ ଚାର୍ଜର ବ୍ୟବହାର କରି ଇ-ଆସେସକୁ ୦ରୁ ୧୦୦% ଚାର୍ଜ କରିବାକୁ ୬ ଘଣ୍ଟା ସମୟ ଲାଗେ। ଫାଷ୍ଟ ଚାର୍ଜର ସାହାଯ୍ୟରେ ଏହାକୁ ମାତ୍ର ୨ ଘଣ୍ଟା ୧୨ ମିନଟ ମଧ୍ୟରେ ଚାର୍ଜ କରାଯାଇପାରିବ। ଏଥିରେ ସ୍ମାର୍ଟଫୋନ୍ କନ୍ନେକ୍ଟିଭିଟି ସହିତ ଟିଏଫଟି ଇନଷ୍ଟ୍ରୁମେଣ୍ଟ କନସୋଲ୍ ଦିଆଯାଇଛି। ଏହି କନସୋଲ୍ ସ୍ପିଡୋମିଟର, ଓଡୋମିଟର, ରେଞ୍ଜ, ବ୍ୟାଟେରୀ, ଟ୍ରିପମିଟର ଏବଂ ଅନ୍ୟାନ୍ୟ ମୌଳିକ ରିଡ୍ ଆଉଟ୍ ପରଫର୍ମସ କରିଥାଏ। ଏହାର କନ୍ନେକ୍ଟିଭିଟି ଫିଚର୍ସରେ ଟର୍ନ-ବାୟ-ଟର୍ନ ନେଭିଗେସନ୍ ଏବଂ ଟ୍ରାଫିକ୍ ଅପଡେଟ୍ ସାମିଲ କରାଯାଇଛି। ଇ-ଆସେସର ତିନୋଟି ରାଇଡ୍ ମୋଡ୍ ଇକୋ, ରାଇଡ-ଏ ଏବଂ ରାଇଡ ବି ମଧ୍ୟ ଦିଆଯାଇଛି। ଏହାର ଏକ ଫବ୍ ମଧ୍ୟ ଅଛି, ଯାହା ସହିତ ଆପଣ ସ୍କୁଟରକୁ ଦୂରରୁ ଲକ୍ / ଅନଲକ୍ କରିପାରିବେ। ଏଥିରେ ଟେଲିସ୍କୋପିକ୍ ଫର୍କ୍ ଏବଂ ମୋନୋଶକ୍ ଅଛି। ଇଲେକ୍ଟ୍ରିକ୍ ସ୍କୁଟରରେ ୧୨-ଇଞ୍ଚର ଆଲଏ ହୁଇଲ ଦିଆଯାଇଛି। ଏଥିରେ ୯୦-ସେକ୍ସନର ଟିୟୁବଲେସ୍ ଟାୟାର ଅଛି। ଏହାର ସିଟ୍ ହାଇଟ୍ ୭୬୫ ଏମଏମ, ଗ୍ରାଉଣ୍ଡ କ୍ଲିୟରାନ୍ସ ୧୬୫ ଏମଏମ ଏବଂ କର୍ବ ୱେଟ୍ ୧୨୨କେଜି ଅଛି। ସୁଜୁକି ଇ-ଆସେସକୁ ୨୦୨୫ ଶେଷରେ ଲଞ୍ଚ କରାଯାଇପାରେ। ଏହାର ଏକ୍ସ-ସୋରୁମ୍ ପ୍ରାଇସ୍ ୧.୨୦ ଲକ୍ଷରୁ ୧.୪୦ ଲକ୍ଷ ଟଙ୍କାକୁ ଅଣାଯାଇପାରିବ। ଭାରତ ବଜାରରେ ଏହା ଟିଭିଏସ ଆଇକ୍ୟୁବ, ବାଜାଜ ଚେତକ, ଆଥର ରିଟ୍‌ଜି, ଓଲା ଏସ୧ ଏୟାର, ଅପକମିଙ୍ଗ ହୋଣ୍ଡା ଆକ୍ଟିଭା ଇ ଏବଂ ଭିଡା ଭି୨ ସହିତ ଟକ୍କର ଦେବ।

# ଫେବୃଆରୀ ୧ରେ କେନ୍ଦ୍ର ବଜେଟ୍ ୩୧ରୁ ବଜେଟ୍ ଅଧିବେଶନ

**ନୂଆଦିଲ୍ଲୀ, ୧୮।୧:** ସଂସଦର ବଜେଟ୍ ଅଧିବେଶନ ଚଳିତମାସ ୩୧ରୁ ଆରମ୍ଭ ହେବ। ପ୍ରଥମ ପର୍ଯ୍ୟାୟ ଅଧିବେଶନ ଫେବୃଆରି ୧୩ ତାରିଖ ଯାଏଁ ଚାଲିବ। ଫେବୃଆରି ୧ ତାରିଖରେ କେନ୍ଦ୍ର ଅର୍ଥମନ୍ତ୍ରୀ ନିର୍ମଳା ସୀତାରମଣ ୨୦୨୫-୨୬ ଆର୍ଥିକବର୍ଷ ପାଇଁ ବଜେଟ୍ ଆଗତ କରିବେ। ଏହା ହେବ ନିର୍ମଳା ସୀତାରମଣଙ୍କ ଲଗାତାର ଅଷ୍ଟମ ବଜେଟ୍ ଉପସ୍ଥାପନ। ପ୍ରଥମ ଦିନ ସଂସଦର ମିଳିତ ଅଧିବେଶନକୁ ରାଷ୍ଟ୍ରପତି ଦ୍ରୌପଦୀ ମୁର୍ମୁ ସମ୍ବୋଧିତ କରିବେ। ସେହିଦିନ ଅର୍ଥମନ୍ତ୍ରୀ ଅର୍ଥନୈତିକ ସର୍ଭେ ରିପୋର୍ଟ ଉପସ୍ଥାପନ କରିବେ। ପ୍ରଥମ ପର୍ଯ୍ୟାୟରେ ରାଷ୍ଟ୍ରପତିଙ୍କ ଅଭିଭାଷଣ ଉପରେ ଧନ୍ୟବାଦ ପ୍ରସ୍ତାବ ଉପରେ ଆଲୋଚନା ହେବ। ପ୍ରଧାନମନ୍ତ୍ରୀ ନରେନ୍ଦ୍ର ମୋଦୀ ଉଭୟ ଗୃହରେ ରାଷ୍ଟ୍ରପତିଙ୍କ ଧନ୍ୟବାଦ ପ୍ରସ୍ତାବ ଉପରେ ଉତ୍ତର ରଖିବେ। ଦ୍ୱିତୀୟ ପର୍ଯ୍ୟାୟ ମାର୍ଚ୍ଚ ୧୦ରୁ ଏପ୍ରିଲ ୪ ପର୍ଯ୍ୟନ୍ତ ଚାଲିବ। ଅଧିବେଶନରେ ମୋଟ ୨୭ଟି କାର୍ଯ୍ୟଦିବସ ରହିବ।

# ଶୂନ୍ୟ ନିର୍ଗମନକୁ ଆଦିତ୍ୟ ଆଲୁମିନିୟମର ଗୁରୁତ୍ୱ

**ଭୁବନେଶ୍ୱର,୧୮।୧:** ହିଣ୍ଡାଲ୍‌କୋ ଇଣ୍ଡଷ୍ଟ୍ରିଜ ଲିମିଟେଡ୍‌ର ସହଯୋଗୀ କମ୍ପାନୀ ଆଦିତ୍ୟ ଆଲୁମିନିୟମ ତାହାର ଲପଙ୍ଗାସ୍ଥିତ କାରଖାନାରୁ ନିର୍ଗତ ଫ୍ଲାଏ ଆଶ୍ ନିକଟସ୍ଥ ସିମେଣ୍ଟ ପ୍ଲାଣ୍ଟକୁ ଯୋଗାଣ କରିବ। ଏଥିପାଇଁ ଏକ ୫ବର୍ଷିଆ ଚୁକ୍ତି ସ୍ୱାକ୍ଷରିତ କରିଛି। ଏହାସହ କମ୍ପାନୀ ଫ୍ଲାଏ ଆଶ୍ ବୋଝେଇ ସ୍ଥଳ ନିକଟରେ ଦୁଇଟି ବଲକର୍ ରିଚାର୍ଜ ଷ୍ଟେଶନ ଉଦ୍‌ଘାଟନ କରିଛନ୍ତି। ବିଦ୍ୟୁତ୍‌ଚାଳିତ ଯାନ ବ୍ୟବହାରର ଫଳସ୍ୱରୂପ କମ୍ପାନୀ ୩୫୦୦ ଟନ୍ କାର୍ବନ ଡାଇଅକ୍ସାଇଡ ନିର୍ଗମନ ହ୍ରାସ କରିବା ଆଶା ରଖିଛି। ଏହାଦ୍ୱାରା ପରିବହନ ଖର୍ଚ୍ଚ ବାବଦରେ ୧.୫ କୋଟି ଟଙ୍କା ସଞ୍ଚୟ କରିବାରେ ସହାୟକ ହେବ ବୋଲି କମ୍ପାନୀ ପକ୍ଷରୁ କୁହଯାଇଛି। ଆଗାମୀ ଦିନରେ ଆଦିତ୍ୟ ଆଲୁମିନିୟମ ବ୍ୟବହାର କରୁଥିବା ଡିଜେଲ ଯାନ ପରିବର୍ତ୍ତେ ଇଭି ବ୍ୟବହାର କରିବାକୁ ଲକ୍ଷ୍ୟ ରଖିଛି। କମ୍ପାନୀ ଦ୍ୱାରା ଉପତ୍ାଦନ ହେଉଥିବା ସିମେଣ୍ଟ ପରିମାଣ ମଧ୍ୟରେ ପ୍ରାୟ ୩୨% ଫ୍ଲାଏ ଆଶ୍ ରହୁଛି ଏବଂ କମ୍ପାନୀ ପ୍ରାୟ ୧ ନିୟୁତ ଟନ୍ ଫ୍ଲାଏ ଆଶ୍ ଯୋଗାଇଦେଉଥିବାରୁ ଏହା ୩୩ ହଜାର ମେଟ୍ରିକ ଟନ୍ ସିମେଣ୍ଟ ଉପତ୍ାଦନ ନିମନ୍ତେ ବ୍ୟବହାର କରାଯିବ। ଏ ଅବସରରେ ହିଣ୍ଡାଲ୍‌କୋ ଇଣ୍ଡଷ୍ଟ୍ରିଜ ଲିମିଟେଡ୍‌ର ସମ୍ବଲପୁର କ୍ଲଷ୍ଟର ହେଡ୍ କୈଳାସ ପାଣ୍ଡେ କହିଛନ୍ତି, ଅନ୍ୟ ଏକ ଶିଳ୍ପରେ କଞ୍ଚାମାଲ ଭାବରେ ବ୍ୟବହାର ନିମନ୍ତେ ବର୍ଜ୍ୟବସ୍ତୁକୁ ଯୋଗାଇଦେବାକୁ ସବୁଜ ପରିବହନ ବିକଳ୍ପକୁ ଗ୍ରହଣକରି ଶୂନ୍ୟ ବର୍ଜ୍ୟ ଭିତ୍ତିକ ଆଲୁମିନା ଉପତ୍ାଦନ କରିବା ପାଇଁ ଆମର ଲକ୍ଷ୍ୟ ହାସଲ ଦିଗରେ ଆଉ ଏକ ପାଦ ଆଗକୁ ବଢ଼ାଉଛୁ। ହିଣ୍ଡାଲ୍‌କୋ ଇଣ୍ଡଷ୍ଟ୍ରିଜ ଲିମିଟେଡ୍‌ର ପ୍ରେସିଡେଣ୍ଟ ଓ ଚିଫ୍ ଲଜିଷ୍ଟିକ୍ସ ଅଫିସର ସୁକାନ୍ତ ଦାସ କହିଛନ୍ତି, ବିଦ୍ୟୁତ୍‌ଚାଳିତ ଯାନଗୁଡ଼ିକ ବର୍ଜ୍ୟବସ୍ତୁ ଫ୍ଲାଏ ଆଶ୍‌କୁ ସିମେଣ୍ଟ ଶିଳ୍ପକୁ ଏକ କଞ୍ଚାମାଲ ଭାବରେ ପରିବହନ କରିବା ଦ୍ୱାରା ଏହା ଏକ ସବୁଜ ପରିବହନ ବ୍ୟବସ୍ଥା ପ୍ରତି ଅବଦାନ ରଖିବ।

# ମଧ୍ୟବିତ୍ତଙ୍କୁ ନେଇ ରାଜନଙ୍କ ଚିନ୍ତା: ଚାକିରିର ଘୋର ଅଭାବ



**ନୂଆଦିଲ୍ଲୀ, ୧୮।୧:** ବଜେଟ୍ ପୂର୍ବରୁ ମଧ୍ୟବିତ୍ତଙ୍କୁ ନେଇ ଭାରତୀୟ ରିଜର୍ଭ ବ୍ୟାଙ୍କର ପୂର୍ବତନ ଗଭର୍ଣ୍ଣର ରଘୁରାମ ରାଜନ ଚିନ୍ତା ପ୍ରକଟ କରିଛନ୍ତି। ଭାରତରେ ଉପଯୋଗିତାରେ ସେଭଳି କୌଣସି ପରିବର୍ତ୍ତନ ଦେଖିବାକୁ ମିଳୁନାହିଁ। ନିଯୁକ୍ତି ଅଭାବରୁ ନିମ୍ନ ମଧ୍ୟବିତ୍ତ ବର୍ଗ ପ୍ରଭାବିତ ହୋଇଛନ୍ତି। ସେହି ସମସ୍ୟା ଦୀର୍ଘଦିନରୁ ଜାରି ରହିଛି ବୋଲି ସେ କହିଛନ୍ତି। ଏକ ସାକ୍ଷାତକାରରେ ସେ କହିଛନ୍ତି ଯେ ଭାରତରେ ଚାହିଦା ଓ ଯୋଗାଣ ଚିନ୍ତାଜନକ ରହିଛି। ଦେଶର ମୋଟ ଘରୋଇ ଉତ୍ପାଦ (ଜିଡିପି) ଅଭିବୃଦ୍ଧି ମୂଳ ସତ୍ୟକୁ ବଦଳାଇପାରିବ ନାହିଁ। ଭାରତକୁ ନେଇ ରହିଥିବା ବଡ଼ ଚିନ୍ତାଟି ହେଉଛି, ସେଠାରେ କେବଳ ସ୍ୱଚ୍ଛଳ ବର୍ଗରେ ଯୋଗାଣ ଓ ଚାହିଦା ବଢ଼ୁଛି। କିନ୍ତୁ ନିମ୍ନ ମଧ୍ୟବିତ୍ତ ବର୍ଗଙ୍କ ସ୍ଥିତି ବଦଳୁନାହିଁ। ସେମାନଙ୍କ ପାଇଁ ଆବଶ୍ୟକ ଚାକିରି ନାହିଁ। ସେହି ସମସ୍ୟା ଆଗରୁ ଥିଲା ଓ ଏବେବି ରହିଛି। ଦେଶର ସ୍ଥିତିରେ ପରିବର୍ତ୍ତନ ଆଣିବାକୁ ହେଲେ କେବଳ ସରକାରୀ ନିବେଶ ଯଥେଷ୍ଟ ନୁହେଁ। ଘରୋଇ କ୍ଷେତ୍ରକୁ ବିକାଶ ପ୍ରକ୍ରିୟାରେ ସାମିଲ କରିବାକୁ ହେବ ବୋଲି ସେ କହିଛନ୍ତି। ଦେଶର ଅଭିବୃଦ୍ଧି ଉପରେ ଜୋର ଦେଇ ରାଜନ କହିଛନ୍ତି ଯେ ଅଭିବୃଦ୍ଧି ହାର ୬ ପ୍ରତିଶତରେ ସ୍ଥିର ହୋଇଯାଇଥିବା ଭଳି ଲାଗୁଛି। କିନ୍ତୁ ଏତେ ବଡ଼ ଜନସଂଖ୍ୟାର ଦେଶ ହୋଇଥିବାରୁ ତାହା ଯଥେଷ୍ଟ ନୁହେଁ। ଏହାକୁ ଆହୁରି ବଢ଼ାଇବାକୁ ହେବ। ଜନସଂଖ୍ୟାର ଲାଭ ଉଠାଇବାକୁ ହେବ ବୋଲି ସେ କହିଛନ୍ତି। କିଛି ଦିନ ପରେ ଉପସ୍ଥାପନ ହେବାକୁ ଯାଉଥିବା ୨୦୨୫-୨୬ ବଜେଟ୍ ସାଧାରଣ ଜନତାଙ୍କ ଲାଗି ଅତ୍ୟନ୍ତ ଗୁରୁତ୍ୱପୂର୍ଣ୍ଣ କୁହାଯାଉଛି। କାରଣ ପ୍ରାୟ ସବୁ ଅର୍ଥନୀତିଜ୍ଞ ଲୋକଙ୍କ ହାତରେ ଟଙ୍କା ପହଞ୍ଚାଇବା ଉପରେ ଜୋର ଦେଇଛନ୍ତି। ବ୍ୟକ୍ତିଗତ ଆୟକର ହ୍ରାସ କରିବାକୁ ସେମାନେ ପ୍ରସ୍ତାବ ଦେଇଛନ୍ତି। ଲୋକମାନେ ଅଧିକ ଖର୍ଚ୍ଚ କଲେ ହିଁ ଅର୍ଥନୀତି ଆଗକୁ ବଢ଼ିବ ବୋଲି ସେମାନେ ଯୁକ୍ତି ବାଢ଼ିଛନ୍ତି।

# ବଢ଼ିଲା ସରକାରୀ ଗାଡ଼ି ଭଡ଼ା



**ଭୁବନେଶ୍ୱର,୧୮।୧ (ସଂଚାର ବ୍ୟୁରୋ):** ରାଜ୍ୟରେ ଆର୍ଥିକ ସଂସ୍କାର ଆଣିବା ପାଇଁ ଅର୍ଥ ବିଭାଗ ପକ୍ଷରୁ ଗାଡ଼ି ସରକାରୀ ଅଧିକାରୀଙ୍କ ପାଇଁ ଗାଡି ଭଡା ବୃଦ୍ଧି କରାଯାଇଛି। ସରକାରୀ ଅଧିକାରୀଙ୍କ ଦରମାରୁ ଗାଡ଼ି ଭଡା ବାବଦ ଅର୍ଥ କଟାଯିବ । ପୂର୍ବ ଆପେକ୍ଷା ପ୍ରାୟ ୫୦ ପ୍ରତିଶତ ଅଧିକ କଟିବ ସରକାରୀ ଗାଡି ବ୍ୟବହାର ଭଡା । ଏନେଇ ଅର୍ଥ ବିଭାଗ ନିର୍ଦ୍ଦେଶନାମା ଜାରି କରାଯାଇଛି । ଅର୍ଥ ବିଭାଗର ୨୦୧୬ ନିୟମ ଅନୁଯାୟୀ, ସରକାରଙ୍କ ସଚିବ ପାହ୍ୟା ସହିତ ଅତିରିକ୍ତ ସଚିବ ଏବଂ ଆରଡିସିସ୍ତରୀୟ ଅଧିକାରୀ କାର୍ଯ୍ୟାଳୟରୁ ନଜ ଘରକୁ ଯିବା ସମୟରେ ସରକାରୀ ଗାଡିର ବ୍ୟବହାର କଲେ ମାସିକ ୧୬୮୦ଟଙ୍କା ଲେଖାଏଁ ପ୍ରତିମାସରେ କଟାଯାଉଥିଲା। ଏବେ ଏହି ନିୟମକୁ ବିଭାଗ ପକ୍ଷରୁ ବଦଳା ଯାଇଛି । ଏଣିକି ଗାଡ଼ି ଭଡା ବାବଦକୁ ଆସନ୍ତା ଫେବୃଆରୀ ପହିଲାରୁ ୨୫୨୦ ଟଙ୍କା ଲେଖାଏଁ ଦରମାରୁ କଟାଯିବ। ସେହିପରି ପ୍ରଶାସନିକ ଅଧିକାରୀ ତଥା ମୁଖ୍ୟଦପ୍ତର ଅଧିକାରୀଙ୍କ ମାସିକ ୧୧୨୦ଟଙ୍କା ଲେଖାଏଁ କଟା ଯାଉଥିବାବେଳେ ଏଣିକି ୧୬୮୦ ଟଙ୍କା କଟାଯିବ। ଅନ୍ୟାନ୍ୟ ବର୍ଗର ଅଧିକାରୀଙ୍କ ପାଇଁ ଏହା ୧୪୦୦ ଟଙ୍କାରୁ ବଢ଼ି ୨୧୦୦ ଟଙ୍କା କରାଯାଇଛି । ସେହିପରି ଜିଲାପାଳ ଏବଂ ଅତିରିକ୍ତ ଜିଲାପାଳଙ୍କ କ୍ଷେତ୍ରରେ ଏହା ୧୧୨୦ ଟଙ୍କାରୁ ବଢ଼ାଯାଇ ୧୬୮୦ ଟଙ୍କା କରାଯାଇଛି । ଅନ୍ୟପକ୍ଷରେ ଯେଉଁ ଅଧିକାରୀମାନେ କଟକରୁ ଭୁବନେଶ୍ୱର ତଥା ଭୁବନେଶ୍ୱରରୁ କଟକ ଯାତାୟାତ କରୁଥିଲେ ସେମାନଙ୍କ ଗାଡ଼ି ଭଡାରେ କୌଣସି ପ୍ରକାର ବର୍ଦ୍ଧିତ କରାଯାଇନାହିଁ। ପୂର୍ବରୁ ସେମାନଙ୍କ ଦରମାରୁ ମାସିକ ୬ହଜାର ଟଙ୍କା କଟା ଯାଉଥିବାବେଳେ ତାହା ଅପରିବର୍ତ୍ତିତ ରହିବ । ଯଦି ଜଣେ ଅଧିକାରୀଙ୍କ ସହିତ ଅନ୍ୟ ଅଧିକାରୀଙ୍କ ସହ ମିଶିକରି ଦ୍ୱୈତନଗରୀ ସରକାରୀ କାର୍ଯ୍ୟାଳୟକୁ ଯାତାୟାତ କରିବେ ତେବେ ଉଭୟଙ୍କୁ ଗୋଟିଏ ଗାଡ଼ିର ସୁବିଧା ମିଳିବା ସହିତ ସେମାନଙ୍କ ଦରମାରୁ ୩ହଜାର ଲେଖାଏଁ ଟଙ୍କା କଟାଯିବ। ସେହିପରି ସଚିବ, ଅତିରିକ୍ତ ସଚିବ, ମୁଖ୍ୟଦପ୍ତର ଅଧିକାରୀ, ଆଇଏଏସ୍, ଆଇଏଫଏସ୍ ଅଧିକାରୀମାନେ ୩୦୦କିମି ପର୍ଯ୍ୟନ୍ତ ଯାତାୟାତ କଲେ ସେମାନଙ୍କଠାରୁ ମାସିକ ୨୫୨୦ଟଙ୍କା କଟା ଯାଉଥିବାବେଳେ ଏବେ ତାହା ୩୭୮୦ ଟଙ୍କା କଟାଯିବ। ଯଦି ସଂପୃକ୍ତ ଅଧିକାରୀମାନେ ୩୦୦ରୁ ୫୦୦ କିମି ପର୍ଯ୍ୟନ୍ତ ଯାତାୟାତ କରିବେ ତେବେ ୪୨୦୦ ବଦଳରେ ୬୩୦୦ ଟଙ୍କା କଟିବ।

# ଆକ୍ଟିଭା ଇ'ର ମୂଲ୍ୟ ଘୋଷଣା କଲା ହୋଣ୍ଡା, ଜାଣନ୍ତୁ କେତେ ରହିଛି ଏକ୍ସ ସୋରୁମ୍ ଦର



**ଭୁବନେଶ୍ୱର,୧୮।୧:** ହୋଣ୍ଡା ମୋଟର ସାଇକେଲ ଆଣ୍ଡ ସ୍କୁଟର ଇଣ୍ଡିଆ ଲିମିଟେଡ (ଏଚ୍‌ଏମ୍‌ଏସ୍‌ଆଇ) ପକ୍ଷରୁ ନୂଆଦିଲ୍ଲୀର ଭାରତ ମଣ୍ଡପମରେ ଅନୁଷ୍ଠିତ ଭାରତ ମୋବିଲିଟି ଗ୍ଲୋବାଲ ଏକ୍ସପୋରେ ଏହାର ଉତ୍ପାଦ ଗୁଡିକୁ ପ୍ରଦର୍ଶିତ କରାଇଛି । ଚଳିତ ମାସ ୧୭ରୁ ୨୨ ଯାଏ ଅନୁଷ୍ଠିତ ଏହି ଏକ୍ସପୋରେ କମ୍ପାନି ଏହାର ଅଭିନବ ଏବଂ ଅତ୍ୟାଧୁନିକ ଟେକ୍ନୋଲୋଜି ଆଧାରିତ ଉତ୍ପାଦ ଗୁଡିକୁ ପ୍ରଦର୍ଶନ କରାଯାଇଛି । ଉଦ୍ଭାବନ ଏବଂ ପରିବେଶ ଉପଯୋଗୀ ଉତ୍ପାଦ ଯୋଗାଣ ଦିଗରେ କମ୍ପାନିର ରହିଥିବା ପ୍ରତିବଦ୍ଧତାକୁ ଏହା ଦର୍ଶାଉଛି। ହୋଣ୍ଡା ପାଭିଲିୟନରେ ନୂଆ ଆକ୍ଟିଭା ଇ ଏବଂ କ୍ୟୁସି ୧ ଇଲେକ୍ଟ୍ରିକ ସ୍କୁଟରକୁ ପ୍ରଦର୍ଶନ କରାଯାଇଛି । କମ୍ପାନି ପକ୍ଷରୁ ଏହାର ବଜାର ଦର ସମ୍ପର୍କରେ ଘୋଷଣା କରିଛି । ଏହି ୨ ଉତ୍ପାଦର ଏକ୍ସ ସୋରୁମ ବାଙ୍ଗାଲୋର ମୂଲ୍ୟ ଯଥାକ୍ରମେ ୧.୧୭ ଲକ୍ଷ ଟଙ୍କା ଏବଂ ୯୦,୦୦୦ ଟଙ୍କା ରହିଛି । ସେହିଭଳି କମ୍ପାନି ଇଭି ଲାଗି କେୟାର ପ୍ୟାକେଜ ଘୋଷଣା କରିଛି । ଏହି ଅବସରରେ ହୋଣ୍ଡା ମୋଟର ସାଇକେଲ ଆଣ୍ଡ ସ୍କୁଟର ଇଣ୍ଡିଆର ଏମ୍‌ଡି ତଥା ସିଇଓ ସୁତସୁମୁ ଓଟାନି କହିଛନ୍ତି, ମୋବିଲିଟିର ଭବିଷ୍ୟତକୁ ପରିଭାଷିତ କରିବା ସହ ଗ୍ରାହକଙ୍କୁ ଅଭିନବ ଉତ୍ପାଦ ଯୋଗାଣ ଦିଗରେ ଧ୍ୟାନ ରହିଛି ।

# ଅଚଳ ଅବସ୍ଥାରେ ବିପଦପୂର୍ଣ୍ଣ ଏୟାରସେଲ ଟାୱାର



## ଜନଜୀବନ ଅସ୍ତବ୍ୟସ୍ତ

**ହିନ୍ଦୋଳ,୧୮।୧ (ସଂଚାର ବ୍ୟୁରୋ):** ହିନ୍ଦୋଳ ଏନ୍.ଏ.ସି ୱାର୍ଡ ନଂ ୮ ର ମେଡିକାଲ ଛକ ପାଖ ବିପପୂର୍ଣ୍ଣ ଅବସ୍ଥାରେ ତଳ ମେରୁଦଣ୍ଡ କଳଙ୍କିତ ଲାଗି ପଡ଼ିଥିବା ଏୟାର ସେଲ ବିଶାଳ ଟାୱାର କେଉଁ ମୁହୂର୍ତ୍ତରେ ଗଳି ପଡ଼ିବ ଆତଙ୍କିତ ଅବସ୍ଥାରେ ଚତୁର୍ପାର୍ଶ୍ୱ ର ଜନ ସାଧାରଣ। ସେପଟେ ଜନସାଧାରଣ ଙ୍କ ବାରମ୍ବାର ଅଭିଯୋଗ ପରେ ଜମି ହରା ପ୍ରଜା ଟାୱାର କମ୍ପାନୀ କୁ ବାରମ୍ବାର ଜଣାଇବା ପରେ ଟାୱାର କମ୍ପାନୀ କୁମ୍ଭକର୍ଣ୍ଣ ନିଦ୍ରାରେ। ଜମିହରା ପ୍ରଜା ଓ ଟାୱାର କମ୍ପାନୀଙ୍କ ଚୁକ୍ତିନାମା ହିସାବରେ ମାସିକ ଭଡା ୧୫ହଜାର ଦେବା କଥା।୨୦୧୮ ମସିହା ପରଠାରୁ ଜମିହରା ପ୍ରଜାଙ୍କୁ ଟଙ୍କାଟିଏ ଦେଇ ନାହିଁ କମ୍ପାନୀ।ଆଜି ସୁଦ୍ଧା ଆନୁମାନିକ ୧୨ ଲକ୍ଷ ଟଙ୍କା ଦେବା କଥା କମ୍ପାନୀ କିନ୍ତୁ ଏପଟେ କମ୍ପାନୀ ର ଦେଖା ମିଳୁ ନାହିଁ। ମୁକୁଳା ବିପପୂର୍ଣ୍ଣ ଟାୱାର କୁ ପକାଇ ଚୁପ ବସିଛି ଟାୱାର କମ୍ପାନୀ।ସେପଟେ ଜନସାଧାରଣଙ୍କ ବାରମ୍ବାର ଅଭିଯୋଗ ପରେ ବିପପୂର୍ଣ୍ଣ ଟାୱାର କୁ ଜମିହରା ପ୍ରଜା ଖୋଲିବା ସମୟରେ ନିଦ ଭାଙ୍ଗିଛି ଟାୱାର କମ୍ପାନୀ ଠୁ ମରାମତି ନାମରେ ପଇସା ଉଠାଉଥିବା ୫ଜଣ କର୍ମଚାରୀ ଙ୍କ ର ସେଥି ମଧ୍ୟରୁ ଦୁଇ ଜଣ ଅବସପ୍ରାପ୍ତ ପୋଲିସ ବିଭାଗର ଅଫିସର ବୋଲି ଜଣାପଡ଼ିଛି। ସେମାନେ ପୋଲିସ ବିଭାଗର ନାମ ନେଇ ହିନ୍ଦୋଳ ପୋଲିସ କୁ ପକାଉଛନ୍ତି ଚାପ୍। ଯାହାଦ୍ୱାରା ଅଚଳ ଟାୱାର କୁ ଖୋଲିବାକୁ ଅସମର୍ଥ ହେଉଛନ୍ତି ଜମିହରା ପ୍ରଜା। ଏପଟେ ପାଉ ନାହାଁନ୍ତି ମାସିକ ଭଡା ସେପଟେ ଜୀବନ ଯିବାକୁ ଆଖି ଆଗରେ ରଖି ମୁକୁଳା ଟାୱାର କୁ ଖୋଲି ପାରୁ ନାହାଁନ୍ତି ଜମିହରା ପ୍ରଜା। ଯଦି ସେଇ ଟାୱାର କୁ ଖୋଲା ନ ଯାଏ ଆଗାମୀ ଦିନରେ ଗଳି ପାରେ ବା ଜନସାଧାରଣଙ୍କ ବସ୍ତି ଉପରେ ମାଡି ବସିବା ଆଶଙ୍କା ବହୁତ।ଜନସାଧାରଣ ଓ ଜମିହରା ପ୍ରଜାଙ୍କ ଅନୁରୋଧ ଯଥାଶୀଘ୍ର ଅଚଳ ଟାୱାର ଖୋଲାଯାଉ ଓ ବକେୟା ପଇସା ଯଥା ଶୀଘ୍ର ଜମିହରା ପ୍ରଜାକୁ ଦିଆଯାଉ।

# ରାସ୍ତା ନିର୍ମାଣ ନାଁରେ ୨.୫ କୋଟି ଚଳୁ!

**ମାଲକାନଗିରି,୧୮।୧ (ସଂଚାର ବ୍ୟୁରୋ):** ମାଲକାନଗିରି ଜିଲ୍ଲା ସଦର ମହକୁମା ସହ ଗୌଡଗୁଡ଼ାକୁ ସଂଯୋଗ କରୁଥିବା ୩ କିମି ଦୈର୍ଘ୍ୟବିଶିଷ୍ଟ ଏକ ରାସ୍ତା ଖାଲଖମାରେ ପୂରିରହିଥିବା ବେଳେ ଏହାର ମରାମତି ବାବଦ ଅଢ଼େଇ କୋଟି ଟଙ୍କାକୁ ବିଭାଗୀୟ ଅଧିକାରୀ ଓ ଠିକାଦାର ମିଳିମିଶି ଚଳୁ କରିଦେଇଥିବା ଭଳି ସାଙ୍ଘାତିକ ଅଭିଯୋଗ ଆସିଛି। ସମ୍ପୃକ୍ତ ରାସ୍ତାଟିର ଅବସ୍ଥା ଅତି ଶୋଚନୀୟ ହୋଇପଡ଼ିଥିବାରୁ ଏହି ରାସ୍ତା ଦେଇ ଯାତାୟାତ କରୁଥିବା ଲୋକେ ବିଭିନ୍ନ ସମୟରେ ଦୁର୍ଘଟଣାର ଶିକାର ହୋଇ ମୃତାହତ ହେଉଛନ୍ତି। ବର୍ଷ ବର୍ଷ ଧରି ଏହି ରାସ୍ତା ମରାମତି ନାଁରେ କୋଟି କୋଟି ଟଙ୍କା ଖର୍ଚ୍ଚ କରାଯାଉଛି। କିନ୍ତୁ ଅଦ୍ୟାବଧି ଉକ୍ତ ରାସ୍ତାର ଅବସ୍ଥା ସୁଧୁରୁନାହିଁ ବୋଲି ସ୍ଥାନୀୟ ବାସିନ୍ଦା ଅଭିଯୋଗ କରିଆସୁଛନ୍ତି।

ଜିଲ୍ଲାର ପ୍ରଥମ ଗ୍ରାମାଞ୍ଚଳ ରାସ୍ତାର ଏପରି ଦୁରବସ୍ଥା ନେଇ କେହି ଅଭିଯୋଗ କଲେ, ସମ୍ପୃକ୍ତ ଠିକାଦାର ନାଲି ଆଖି ଦେଖାଉଥିବା ମଧ୍ୟ ସେମାନେ ଅଭିଯୋଗ କରିଛନ୍ତି। ମିଳିଥିବା ସୂଚନାନୁସାରେ, ଗତ ୨୦୨୧-୨୦୨୨ ଆର୍ଥିକ ବର୍ଷରେ ଏହି ରାସ୍ତା କାମ ପାଇଁ ୨.୫ କୋଟି ଟଙ୍କା ଖର୍ଚ୍ଚ କରାଯାଇଛି। ହେଲେ ରାସ୍ତାର ଦେଖାନାହିଁ। ଏବେ ପୁଣି ୬ କୋଟି ବ୍ୟୟରେ ଉକ୍ତ ରାସ୍ତାର ପ୍ରଶସ୍ତୀକରଣ ପାଇଁ ଡିପିଆର ପ୍ରସ୍ତୁତ ହୋଇଥିବା ଜଣାପଡ଼ିଛି। ତେବେ ଏହି ଡିପିଆର୍‌କୁ ସରକାରୀ ଅନୁମୋଦନ ମିଳିବା ପରେ ବି ସମ୍ପୃକ୍ତ ରାସ୍ତାର ମରାମତି ହେବ କି ଉକ୍ତ ଟଙ୍କା ମଧ୍ୟ ଦୁର୍ନୀତିଖୋର୍‌ଙ୍କ ପେଟକୁ ଚାଲିଯିବ, ସେନେଇ ଭରସା କରିପାରୁନାହାନ୍ତି ମାଲକାନାଗିରିବାସୀ। ଠିକାଦାର ଓ ଯନ୍ତ୍ରୀଙ୍କ ମଧୁଚନ୍ଦ୍ରିକା ଯୋଗୁ ମାଲକାନଗିରିର ଅନେକ ରାସ୍ତାର ଅବସ୍ଥା ଶୋଚନୀୟ ରହିଛି। ତେଣୁ ବିଭାଗୀୟ ବରିଷ୍ଠ ପଦାଧିକାରୀ ଏଥିପ୍ରତି ଦୃଷ୍ଟି ଦେଇ ତୁରନ୍ତ ମରାମତି ଦିଗରେ ପଦକ୍ଷେପ ନେବା ସକାଶେ ସ୍ଥାନୀୟ ଲୋକେ ଦାବି କରିଛନ୍ତି।



# ବନାଗ୍ନି ସଚେତନତା ଶିବିର : ନିଆଁ ଡାଉରୁ ଜଙ୍ଗଲ ସୁରକ୍ଷା ସଚେତନତା ସଭା



**ଖପ୍ରାଖୋଲ,୧୮।୧(ସଂଚାର ବ୍ୟୁରୋ):** ଜଙ୍ଗଲ ଜୀବଜଗତକୁ ଅମୂଲ୍ୟ ଯୋଗାଉଥିବା ପ୍ରାକୃତିକ କାରଖାନା । ଉଦ୍ଭିଦରୁ ଜାତ ପଦାର୍ଥ ସମସ୍ତ ଜୀବଜଗତ କୁ ଖାଦ୍ୟ ଯୋଗାଇଥାଏ । ଜଙ୍ଗଲ କ୍ଷୟ ଯୋଗୁ ବନ୍ୟଜନ୍ତୁ ମାନଙ୍କର ଆଶ୍ରୟସ୍ଥଳ ଲୋପ ହେବାରେ ଲାଗିଛି ଯାହାଫଳରେ ସେମାନେ ସହର ମୁହାଁ ହୋଇ ଧନ ଜୀବନ ନଷ୍ଟ କରୁଛନ୍ତି । ଜଙ୍ଗଲକ୍ଷୟ ଯୋଗୁ ବର୍ଷାର ପରିମାଣ କମିବା ମୃତ୍ତିକା କ୍ଷୟ, ଭୂପୃଷ୍ଠ ଜଳସ୍ତର କମିବା, ପଶୁ ପକ୍ଷୀ କୀଟପତଙ୍ଗ ମାନଙ୍କର ଆଶ୍ରୟସ୍ଥଳ ନଷ୍ଟ ହେଉଛି ଏସବୁ କୁ ଦୃଷ୍ଟିରେ ରଖି ସରକାର ଙ୍କ ବନ ବିଭାଗ ତରଫରୁ ପ୍ରତିବର୍ଷ ସଚେତନ ମୂଳକ କାର୍ଯ୍ୟକ୍ରମ ମାନ କରାଯାଉଥାଏ। ଏହି ପରିପ୍ରେକ୍ଷୀରେ ଖପ୍ରାଖୋଲ ବ୍ଲକ ହରିଶଙ୍କର ବନବିଭାଗ ସଭା ଗୃହ ଠାରେ ଜଙ୍ଗଲ, ପରିବେଶ ଓ ଜଳବାୟୁ ପରିବର୍ତ୍ତନ ବିଭାଗ ସହାୟତାରେ ବନାଗ୍ନି ସଚେତନତା ଶିବିର ହରିଶଙ୍କର ବନାଞ୍ଚଳ ଅଧିକାରୀ ତଥା ଏ ସି ଏଫ ଅରବିନ୍ଦ ନାୟକ ଙ୍କ ଅଧ୍ୟକ୍ଷତାରେ ଅନୁଷ୍ଠିତ ହୋଇଯାଇଛି । କାର୍ଯ୍ୟକ୍ରମ ରେ ମୁଖ୍ୟ ଅତିଥି ରୂପେ ବିଡ଼ିଓ ବିବେକାନନ୍ଦ ଷଡ଼ଙ୍ଗୀ, ସମ୍ମାନୀତ ଅତିଥି ରୂପେ ତହସିଲଦାର ଆଦିତ୍ୟ ପ୍ରସାଦ ମିଶ୍ର, ଧଣ୍ଡାମୁଣ୍ଡା ସରପଞ୍ଚ ବୈଦ୍ୟନାଥ ମିଶ୍ର ପ୍ରମୁଖ ଯୋଗଦେଇ ଥିଲେ । ଏହି ଅବସରରେ ବନାଗ୍ନି ର କାରଣ ଓ ନିରାକରଣ ଉପରେ ଆଲୋଚନା ହୋଇଥିଲା । ନିଆଁ ଡାଉରୁ ଜଙ୍ଗଲ କୁ ସୁରକ୍ଷା ଦେବାକୁ ସଙ୍ଗଠିତ ଉଦ୍ୟମ୍ କରିବାକୁ ଅତିଥି ମାନେ ଆଲୋକପାତ କରିଥିଲେ । ଯୁବକ, ମହିଳା, ବାନସୁରକ୍ଷା ସମିତି ଜଙ୍ଗଲ ସୁରକ୍ଷା ପାଇଁ ଆଗେଇ ଆସିବାକୁ ଅନୁରୋଧ କରିଥିଲେ। ଏହି ଅବସରରେ ତେଲେନପାଲି ସରପଞ୍ଚ ଶକୁନ୍ତଳା ବେହେରା, ଭାନପୁର ସରପଞ୍ଚ ଚିନା ଜାଲ, ନାନ୍ଦୁପଲା ସରପଞ୍ଚ ନିଳେନ୍ଦ୍ରି ପୁଝାରୀ, ଖପ୍ରାଖୋଲ ବନପାଳ ସୁଧୀର କୁମାର ଜେନା, ହରିଶଙ୍କର ବନପାଳ ରଞ୍ଜିତ କୁମ୍ଭାର, ଧଣ୍ଡାମୁଣ୍ଡା ବନପାଳ ଅରବିନ୍ଦ ଧରୁଆ, ରେଙ୍ଗାଲି ବନପାଳ ବିପିନ ବିହାରୀ ସାହୁ, ନୃପ ନାଗ, ସମେତ ବନ ସୁରକ୍ଷା ସମିତ ସଭ୍ୟ, ଅଗ୍ନିଶମ ବିଭାଗ କର୍ମଚାରୀ,ବନବିଭାଗ କର୍ମଚାରୀ ଉପସ୍ଥିତ ଥିଲେ । କାର୍ଯ୍ୟକ୍ରମ ଆରମ୍ଭ ରେ ଆମ ଜଙ୍ଗଲ ଯୋଜନା ର ବିଷ୍ଣୁ ଛୁରା ସ୍ୱାଗତ ଅଭିଭାଷଣ ରଖିଥିବା ବେଳେ ତହସିଲ ବାଗ ଧନ୍ୟବାଦ ଅର୍ପଣ କରିଥିଲେ ।

## ଆବାସ ଅପେକ୍ଷାରେ ଅଭାବୀ



**ପାଟଣାଗଡ଼,୧୮।୧ (ସଂଚାର ବ୍ୟୁରୋ):** ବଲାଙ୍ଗୀର ପାଟଣାଗଡ଼ ବ୍ଲକ ମରୁଆଁ ଗାଁର ଗଙ୍ଗାଧର ସାହୁ ଓ ଉଷା ସାହୁ ରହିବା ପାଇଁ ଭଲ ଘରଟିଏ ନାହିଁ । ଛୋଟିଆ କୁଡ଼ିଆ ଭିତରେ ରହୁଛନ୍ତି ସ୍ୱାମୀ ସ୍ତ୍ରୀ ଦୁହେଁ । ରନ୍ଧାବଢ଼ା, ଖିଆପିଆ ସାଙ୍ଗକୁ ଶୁଆବସା ସବୁ ସେଇଠି। ଦିନେ ଅଧେ ନୁହେଁ ୧୫ ବର୍ଷ ଏଭଳି ଏମିତି ବିତିଲାଣି। ସରକାରୀ ଯୋଜନାରେ ବାସଗୃହ ପାଇଁ ବାରମ୍ବାର ଗୁହାରି କରିକରି ଥକିଗଲେଣି । ତଥାପି ପ୍ରଶାସନ ନଜର ପଡୁନି। ଯଦି ପ୍ରଶାସନିକ ବାବୁ ଗଙ୍ଗାଧରଙ୍କ ଦୁଃଖ ବୁଝିଥାନ୍ତେ, ହୁଏତ ଏ ଅବସ୍ଥା ଦେଖିବାକୁ ମିଳିନଥାନ୍ତା । ସମାନ ଦୃଶ୍ୟ ଆସିଛି ଗଞ୍ଜାମ ଖଲ୍ଲିକୋଟ ବ୍ଲକ ମଥୁରା ପଞ୍ଚାୟତ କନ୍ଧ ସାହିରୁ। ସରକାରୀ ଜାଗାରେ ଭଙ୍ଗା ଘରେ ରହୁଛନ୍ତି ସନ୍ୟାସି ଡାକୁଆଙ୍କ ପରିବାର। ବୁଢ଼ା ବୟସରେ ବାପା ମୂଲ ଲାଗୁଥିବା ବେଳେ ପୁଅ ଦାଦନ ଶ୍ରମିକ। ଘର ତିଆରି ପାଇଁ ପାଖରେ ପଇସା ନାହିଁ ।

# ତୃତୀୟ ପକ୍ଷଙ୍କ ହସ୍ତକ୍ଷେପ ଧାନମଣ୍ଡିରେ ଚାଷୀଙ୍କ କାଳ ସାଜିଛି



**ବୈଶିଙ୍ଗା,୧୮।୧ (ସଂଚାର ବ୍ୟୁରୋ):** ସରକାରୀ ଧାନ ମଣ୍ଡିରେ ଚାଷୀ ନିଜର ବର୍ଷକର ଅମଳ ଧାନ କୁ ସମବାୟ ସମିତି ରେ ସରକାରଙ୍କ ପକ୍ଷରୁ ପାଉଥିବା ନିଜର ଟୋକନ ଅନୁଯାଇ ନିର୍ଦ୍ଧାରିତ ତାରିଖରେ ଧାନ ଦେଉଛନ୍ତି । ମାତ୍ର ବେତନମ୍ପି ବ୍ଲକ ଅଧୀନରେ ଖୋଲିଥିବା ମଣ୍ଡି ମାନଙ୍କରେ ସଠିକ ଭାବେ ଧାନ କିଣା ଚାଲିଥିବାବେଳେ କଟନୀ -ଛଟନୀକୁ ନେଇ ଅସନ୍ତୋଷ ଦେଖାଦେଉଛି । ମାତ୍ର ବୈଶିଙ୍ଗା ଲ୍ୟାମ୍ପସ ରେ ଚାଷୀ ନିଷ୍ଚିନ୍ତରେ ଧାନ ଦେଇପାରୁନଥିବାରୁ ଚାଷୀଙ୍କ ମଧ୍ୟରେ ଅଶାନ୍ତି ସୃଷ୍ଟି ହେଉଛି। ଫଳରେ ଚାଷୀ ନିଜର ଧାନ ଫେରେଇ ନେବାକୁ ବାଧ୍ୟ ହେଉଛନ୍ତି। ମିଲର ଓ ଲ୍ୟାମ୍ପ କର୍ତ୍ତୃପକ୍ଷ ସଠିକ ଭାବେ ଧାନ କିଣୁଥିବା ବେଳେ ତୃତୀୟ ପକ୍ଷଙ୍କ ହସ୍ତକ୍ଷେପ ଧାନ କିଣାରେ ବାଧା ସୃଷ୍ଟି କରୁଛି ବୋଲି ଲ୍ୟାମ୍ପ କର୍ତ୍ତୃପକ୍ଷ ଓ ମିଲ ମାଲିକ ମାନେ ପ୍ରକାଶ କରିଛନ୍ତି। ତୃତୀୟ ପକ୍ଷ ଅର୍ଥାତ ଦଲାଲଙ୍କ ହସ୍ତକ୍ଷେପ ଫଳରେ ଚାଷୀଙ୍କ ମଧ୍ୟରେ ଅଶାନ୍ତି ସୃଷ୍ଟି ହେଉଛି। ବର୍ତ୍ତମାନର ବିଜେପି ସରକାର ପୂର୍ବ ସରକାରଙ୍କ ସମୟରେ କଟନୀ - ଛଟନୀ ଅଧିକ ହେଉଥିଲା ତର୍ଜା, ଆମ ସରକାରଙ୍କ ସମୟରେ ଏଭଳି ହେବନାହିଁ, ଚାଷୀଙ୍କ ଧାନ କଟାଯିବନାହିଁ ବୋଲି ଓ ଚାଷୀ ଅଧିକ ମୂଲ୍ୟ ପାଇବ ବୋଲି ବିଭିନ୍ନ ବୈଠକରେ ପ୍ରକାଶ କରିଥିଲେ। ମାତ୍ର ଫଳ ଓଲଟା ହେଲା, ଚାଷୀଙ୍କର ଏକ ଶହ କେଜି ରେ ପ୍ରାୟ ୧୦ କେଜି ପର୍ଯ୍ୟନ୍ତ କଟାଯାଉଥିବା ଯୋଗୁଁ ଚାଷୀଙ୍କ ମନରେ ବିଦ୍ରୋହ ଭାଙ୍କ ମାରୁଛି । ଶୁକ୍ରବାର ବୈଶିଙ୍ଗା ଲ୍ୟାମ୍ପସ ରେ ଚାରି ଗୋଟି ରାଇସ ମିଲର ମାଲିକମାନେ ଉପସ୍ଥିତ ଥିବା ସହିତ ଲ୍ୟାମ୍ପସ କର୍ତ୍ତୃପକ୍ଷ ଙ୍କ ସମେତ କେତେକ ଚାଷୀ ଉପସ୍ଥିତ ରହିଥିବାବେଳେ ଦଲାଲ ମାନଙ୍କୁ ଦେଖିବାକୁ ମିଳିନଥିଲା, ଫଳରେ ଚାଷୀ ଶାନ୍ତି ସହକାରେ ଧାନ ବିକ୍ରୟ କରିବାରେ ସକ୍ଷମ ହୋଇଥିଲେ। କେତେକ ଯୁବକ ନିଜକୁ ସାଂସଦ ଓ ବିଧାୟକଙ୍କ ଲୋକ ବୋଲି ପରିଚୟ ଦେଇ ତାଙ୍କ ଇଚ୍ଛାରେ ଧାନ କିଣା ହେବ ବୋଲି କହୁଥିବାରୁ ଚାଷୀ ଅଶାନ୍ତି ସୃଷ୍ଟି ହେଉଥିଲା।

### ● ବରଗଡ଼ରେ ଯୁବତୀଙ୍କୁ ବଳାତ୍କାର ମାମଲା

# ଏସ୍‌ପିଙ୍କୁ ଭେଟିଲା ବିଜେଡି, ଆନ୍ଦୋଳନ ଚେତାବନୀ



**ବରଗଡ଼,୧୮।୧(ସଂଚାର ବ୍ୟୁରୋ):** ଗତ ସପ୍ତାହରେ ଧନୁଯାତ୍ରା ଦେଖିବାକୁ ଆସି ଜନୈକା ଯୁବତୀ ଅପହରଣ ପରେ ବଳାତ୍କାରର ଶିକାର ହେବା ଘଟଣା ସମଗ୍ର ରାଜ୍ୟରେ ହଇଚଇ ସୃଷ୍ଟି କରିଛି। ପୀଡିତା ଜଣଙ୍କ ଏବେ ଭୀମସାର ବୁର୍ଲାରେ ଚିକିତ୍ସାଧୀନ ଅଛନ୍ତି। ଅନ୍ୟପକ୍ଷରେ ଅଦ୍ୟାବଧି ପୁଲିସ ଅଭିଯୁକ୍ତଙ୍କୁ ଗିରଫ କରିବାରେ ସକ୍ଷମ ହୋଇପାରିନାହିଁ। ତେଣୁ ଏହାକୁ ନେଇ ଜନସାଧାରଣଙ୍କ ମଧ୍ୟରେ ଅସନ୍ତୋଷ ବଢ଼ିବାରେ ଲାଗିଛି। ଏହି ମାମଲାରେ ଆଜି ବିଜେଡିର ଏକ ପ୍ରତିନିଧି ଦଳ ପୀଡ଼ିତାଙ୍କ ପରିବାରକୁ ଭେଟିବା ସହ ନ୍ୟାୟ ଦାବିରେ ବରଗଡ଼ ଏସ୍‌ପିଙ୍କୁ ସାକ୍ଷାତ କରିଛି। ମାମଲାର ସମ୍ବେଦନଶୀଳତାକୁ ଦୃଷ୍ଟିରେ ରଖିବା ସହ ନିରପେକ୍ଷ ତଦନ୍ତ ଓ ଅଭିଯୁକ୍ତଙ୍କୁ ଗିରଫ କରି ପୀଡିତାଙ୍କୁ ନ୍ୟାୟ ପ୍ରଦାନ ପାଇଁ ପ୍ରତିନିଧି ଦଳର ସଦସ୍ୟସଦସ୍ୟାମାନେ ଦାବି କରିଥିବା ଜଣାପଡିଛି। ଏହି ପ୍ରତିନିଧି ଦଳରେ ରାଜ୍ୟ ମହିଳା ବିଜେଡି ସଭାନେତ୍ରୀ ତଥା ଅତାବିରାର ପୂର୍ବତନ ବିଧାୟିକା ସ୍ନେହାଙ୍ଗିନୀ ଛୁରିଆ, ବରଗଡ଼ର ପୂର୍ବତନ ବିଧାୟକ ଦେବେଶ ଆଚାର୍ଯ୍ୟ, ଜିଲା ପରିଷଦ ଅଧ୍ୟକ୍ଷା ମାନିନୀ ଭୋଇ, ବରଗଡ଼ ପୌରାଧ୍ୟକ୍ଷା କଳ୍ପନା ମାଝୀ, ଜିଲା ବିଜେଡି କାର୍ଯ୍ୟକାରୀ ସଭାପତି ଜାପାନ ମହାପାତ୍ର ସାମିଲ ଥିଲେ।

# ମାମୁ-ଭାଣିଜୀଙ୍କୁ ଧକ୍କାଦେଲା ପିକ୍‌ଅପ୍ ଭ୍ୟାନ୍




**ଆନନ୍ଦପୁର,୧୮।୧(ସଂଚାର ବ୍ୟୁରୋ):** କେନ୍ଦୁଝର ଜଲା ଆନନ୍ଦପୁର ଥାନା ବିରିଡିହା ଛକ ନିକଟରେ ପିକପଭ୍ୟାନ ଧକ୍କାରେ ମାମୁ ଭାଣିଜୀ ଗୁରୁତର ହୋଇଛନ୍ତି। ଶନିବାର ସକାଳୁ ବିରିଡିହା ରଣାସାହି ଗ୍ରାମର ରବୀନ୍ଦ୍ର ରଣା (୫୬) ତାଙ୍କ ଭାଣିଜୀକୁ ବାଇକରେ ଧରି ବିରିଡିହା ବଜାରକୁ ଯାଇଥିଲେ । ନଦାପଟୁ ଏକ ଗୋରୁ ବୁହା ପିକଅପ ଭ୍ୟାନ (ଓଡ଼ି ୨ ୨ ସି ସି ୧ ୯ ୪ ୬) ଗୋରୁ ଖାଲି କରି ଦ୍ରୁତ ବେଗରେ ଫେରୁଥିବାବେଳେ ବିରିଡିହା ଛକ ନିକଟରେ ବାଇକ ଆରୋହୀଙ୍କୁ ଧକ୍କା ଦେଇଥିଲା। ଫଳରେ ବାଇକରେ ଥିବା ମାମୁ-ଭାଣିଜୀ ବଜାର ନିକଟରେ ଥିବା ଏକ ଆଜବେଷ୍ଟ ଉପରକୁ ଛିଡ୍‌କି ପଡି ତଳକୁ ଖସି ପଡ଼ି ଗୁରୁତର ହୋଇପଡିଥିଲେ। ଗୁରୁତର ଅବସ୍ଥାରେ ସ୍ଥାନୀୟ ଲୋକଙ୍କ ସହାୟତାରେ ୧୦୮ ଆମ୍ବୁଲାନ୍ସ ଯୋଗେ ଆନନ୍ଦପୁର ମେଡିକାଲକୁ ପଠାଇଥିଲେ। ସେଠାରେ ପ୍ରାଥମିକ ଚିକିତ୍ସା କରି କଟକ ବଡ଼ ମେଡିକାଲକୁ ପଠାଯାଇଥିବା ଜଣାପଡିଛି । ସ୍ଥାନୀୟ ଲୋକେ ପିକଅପ ଭ୍ୟାନଟିକୁ ଅଟକାଇ ଆନନ୍ଦପୁର ପୋଲିସକୁ ଜିମା ଦେଇଛନ୍ତି ।

# ଯୋଡା ମହିଳା ମହାବିଦ୍ୟାଳୟରେ ଛାତ୍ରୀମାନଙ୍କ ଆତ୍ମରକ୍ଷା ପ୍ରଶିକ୍ଷଣ ଉଦ୍‌ଯାପିତ



**ଯୋଡା,୧୮।୧(ସଂଚାର ବ୍ୟୁରୋ):** ଯୋଡା ମହିଳା ମହାବିଦ୍ୟାଳୟରେ +୨ ପ୍ରଥମ ବର୍ଷର ସମସ୍ତ ଛାତ୍ରୀଙ୍କ ପାଇଁ ଆତ୍ମରକ୍ଷା ପ୍ରଶିକ୍ଷଣ କାର୍ଯ୍ୟକ୍ରମ ଉଦଯାପିତ ହୋଇ ଯାଇଛି। ଏହି କାର୍ଯ୍ୟକ୍ରମ ଜାନୁଆରୀ ୦୭ ତାରିଖରେ ଆରମ୍ଭ ହୋଇ ଜାନୁଆରୀ ୧୮ ତାରିଖରେ ଶେଷ ହେଲା। ଏହି କାର୍ଯ୍ୟକ୍ରମରେ ମାଷ୍ଟର ଟ୍ରେନର ସାଇପ୍ରିୟା ରାଉତ ଓ ମାଷ୍ଟର ଟ୍ରେନର ଭାରତୀ ଭଗବତୀ ଛାତ୍ରୀମାନଙ୍କୁ ପ୍ରଶିକ୍ଷଣ ଦେଇଥିଲେ। ଏହି ଉଦ୍‌ଯାପନ ଉତ୍ସବରେ ଛାତ୍ରୀମାନଙ୍କୁ ପ୍ରମାଣପତ୍ର ବାଣ୍ଟିବା ସହିତ ଛାତ୍ରୀମାନଙ୍କୁ ଉଦ୍‌ବୋଧନ ଦେଇଥିଲେ ଅଧ୍ୟକ୍ଷା ଜୟଶ୍ରୀ ମହାନ୍ତି ଓ ଗରିଷ୍ଠ ଅଧ୍ୟାପିକା ଗୀତା ମିଶ୍ର ଏବଂ ପ୍ରମାଣ ପତ୍ର ବଣ୍ଟନ ଶେଷରେ ଧନ୍ୟବାଦ ଦେଇଥିଲେ କାର୍ଯ୍ୟକ୍ରମ ସଂଯୋଜିକା ଅଧ୍ୟାପିକା ଶୁଚିସ୍ମିତା ସିଂ। ଛାତ୍ରୀମାନେ କାର୍ଯ୍ୟକ୍ରମ ଶେଷରେ ଶିକ୍ଷା ଗ୍ରହଣ କରିଥିବା ଆତ୍ମରକ୍ଷା କୌଶଳ ପ୍ରଦର୍ଶନ କରିଥିଲେ। ପ୍ରମାଣ ବଣ୍ଟନ କାର୍ଯ୍ୟକ୍ରମକୁ ପରିଚାଳନା କରିଥିଲେ ଅଧ୍ୟାପିକା ସୁମନପ୍ରଭା ତିର୍କୀ। ଏଠାରେ ପ୍ରକାଶ ଥାଉକି ଜାନୁଆରୀ ୧୭ ତାରିଖରେ କଲେଜର ବାର୍ଷିକ କ୍ରୀଡା ଥିବାରୁ ଏହି କାର୍ଯ୍ୟକ୍ରମ ଗୋଟିଏ ଦିନ ବିଳମ୍ବିତ ହୋଇଛି।

# ବ୍ଲକସ୍ତରୀୟ ପ୍ରଧାନଶିକ୍ଷକ ସମ୍ମିଳନୀ

**ବୈଶିଙ୍ଗା,୧୮।୧(ସଂଚାର ବ୍ୟୁରୋ):** ବୈଶିଙ୍ଗା ଥାନା ଅଧୀନ ପାଟଳିପୁରା ଗ୍ରାମ ପଞ୍ଚାୟତରେ ଥିବା କୃଷ୍ଣଚନ୍ଦ୍ର ଶିକ୍ଷା ନିକେତନ ସରକାରୀ ଉଚ୍ଚ ବିଦ୍ୟାଳୟରେ ବ୍ଲକ ସ୍ତରୀୟ ପ୍ରଧାନ ଶିକ୍ଷକ ସମ୍ମିଳନୀ ଏବିଓ ରମାକାନ୍ତ ମହାନ୍ତଙ୍କର ସଭାପତିତ୍ୱରେ ଅନୁଷ୍ଠିତ ହୋଇ ଯାଇଛି । ଏଥିରେ ମୁଖ୍ୟ ଅତିଥି ଭାବରେ ବିଇଓ ବିପ୍ଳବ କୁମାର କର,ସମ୍ମାନିତ ଅତିଥି ଭାବରେ ମୟୁରଭଞ୍ଜ ଜିଲ୍ଲା ଓଷ୍ଟା ସଂଗଠନ ର ସମ୍ପାଦକ କିଶୋର କୁମାର ଆଚାର୍ଯ୍ୟ,ପ୍ରଧାନ ଶିକ୍ଷକ ସତ୍ୟରଞ୍ଜନ ସାହୁ,ପ୍ରଧାନ ଶିକ୍ଷକ ପ୍ରତାପ କୁମାର ପାତ୍ର ଯୋଗଦାନ କରିଥିଲେ । ଏହି ଅବସରରେ କୃଷ୍ଣଚନ୍ଦ୍ର ଶିକ୍ଷା ନିକେତନର ପ୍ରଧାନ ଶିକ୍ଷକ ସତ୍ୟ ରଞ୍ଜନ ସାହୁ ଏବଂ ଏବିଓ ରମାକାନ୍ତ ମହାନ୍ତଙ୍କୁ ପ୍ରଧାନଶିକ୍ଷକ ସଂଗଠନ ପକ୍ଷରୁ ଅଜିତ କୁମାର ଜେନା ଏବଂ ଜାତୀୟ ସବୁଜ ବାହିନୀ ଇକୋ କ୍ଲବ ମୟୂରଭଞ୍ଜ ପକ୍ଷରୁ ଡ଼କ୍ଟର ରମାକାନ୍ତ ମହାନ୍ତ ବିଦାୟ ସମ୍ବର୍ଦ୍ଧନା ପ୍ରଦାନ ପୂର୍ବକ ଭୂୟସୀ ପ୍ରଶଂସା କରିଥିଲେ ।

# ଆତ୍ମସୁରକ୍ଷା କୌଶଳକୁ ଆନ୍ଦୋଳନରେ ପରିଣତ କରିବାକୁ ଆହ୍ୱାନ

**ଡୁଙ୍ଗୁରିପାଲି,୧୮।୧(ସଂଚାର ବ୍ୟୁରୋ):** ଡୁଙ୍ଗୁରିପାଲି ବ୍ଲକ ଗଜବନ୍ଧ କ୍ଲଷ୍ଟର ଅନ୍ତର୍ଗତ ବାବାଜୀ ସାହୁ ଉଚ୍ଚ ମାଧ୍ୟମିକ ବିଦ୍ୟାଳୟ ଗଜବନ୍ଧ ରେ ଆଠ ଦିନଧରି ଚାଲିଥିବା ଆତ୍ମସୁରକ୍ଷା ତାଲିମ କାର୍ଯ୍ୟକ୍ରମ ଉଦଯାପିତ ହୋଇଯାଇଛି । ବରିଷ୍ଠ ଅଧ୍ୟାପକ ତେଜେଶ୍ୱର ଦାଶ ଙ୍କ ସଭାପତିତ୍ୱ ରେ ଅନୁଷ୍ଠିତ କାର୍ଯ୍ୟକ୍ରମ ରେ ଜିଲ୍ଲା ଆତ୍ମସୁରକ୍ଷା ସଂଯୋଜକ ମଧୁସୂଦନ ପୂଜାରୀ ମୁଖ୍ୟ ଅତିଥିଭାବେ ଯୋଗଦେଇ ଛାତ୍ରୀମାନେ ଆତ୍ମସୁରକ୍ଷା କୌଶଳ ଶିଖିବାର ଆବଶ୍ୟକତା ବିଷୟରେ ଆଲୋକପାତ କରିବା ସହ ଏହାକୁ ସମସ୍ତ ମହିଳା ଙ୍କ ନିକଟରେ ପହଞ୍ଚାଇବା ର ଆନ୍ଦୋଳନ ରେ ପରିଣତ କରିବାର ଆବଶ୍ୟକତା ରହିଛି ବୋଲି ଆହ୍ୱାନ ଦେଇଥିଲେ । ଯେତେବେଳେ ଜଣେ ମହିଳା ନିର୍ଭୟ ରେ ଯାତାୟାତ କରିପାରିବ ସେତେବେଳେ ଜାତିରପିତା ମହାତ୍ମା ଗାନ୍ଧୀ ଙ୍କ ସ୍ୱପ୍ନ ସାକାର ହୋଇପାରିବ । ସମସ୍ତ ନାରୀ ଆତ୍ମସୁରକ୍ଷା କୌଶଳ ଶିଖିପାରିଲେ ସମାଜ ର ଉନ୍ନତି ରେ କେହି ବାଧା ଦେଇପାରିବେ ନାହିଁ ବୋଲି ମତବ୍ୟକ୍ତ କରିଥିଲେ। କାର୍ଯ୍ୟକାରୀ ଅଧିକାରୀ ଶ୍ରୀଯୁକ୍ତ ଦିଲୀପକୁମାର ଭୋଇ ସ୍ୱାଗତ ଭାଷଣ ଓ ଉଦ୍ଦେଶ୍ୟଜ୍ଞାପନ କରିଥିଲେ । ଅଧ୍ୟାପକ ଲୋକେଶ୍ୱର ବିଶି, ଗଙ୍ଗାଧର ପଧାନ, ସ୍ଥାନୀୟ ସିଆରସିସି ନରେନ୍ଦ୍ରକୁମାର ପୁରୋହିତ ସମ୍ମାନିତ ଅତିଥିଭାବେ ଯୋଗଦେଇ ପ୍ରମାଣପତ୍ର ବିତରଣ କରିଥିଲେ ।

# ସଂସ୍କୃତି ଭବନର ଭିତ୍ତିପ୍ରସ୍ତର ସ୍ଥାପନ



**କଳାହାଣ୍ଡି,୧୮।୧(ସଂଚାର ବ୍ୟୁରୋ):** କଳାହାଣ୍ଡି ଜିଲ୍ଲା ନୂତନ ସଂସ୍କୃତି ଭବନ ନିର୍ମାଣ ନିମନ୍ତେ ସରକାରଙ୍କ ଅନୁମୋଦନ କ୍ରମେ ୫,୪୯,୯୫,୨୦୦ ଟଙ୍କା ର ବଜେଟ ରେ ସ୍ଥାନୀୟ ଆଇନ ମହାବିଦ୍ୟାଳୟ ଭବାନୀପାଟଣା ନିକଟରେ ନିର୍ମାଣ ହେବାକୁଥିବା ନୂତନ ସଂସ୍କୃତି ଭବନ ର ଭିତ୍ତିପ୍ରସ୍ତର ସ୍ଥାପନ ଉତ୍ସବରେ ଆଜି ମୁଖ୍ୟ ଅତିଥି ଭାବେ ସୂର୍ଯ୍ୟ ବଂଶୀ ସୂରଜ, ମାନ୍ୟବର ମନ୍ତ୍ରୀ ଉଚ୍ଚ ଶିକ୍ଷା କ୍ରୀଡା ଓ ଯୁବ ସେବା ଏବଂ ଓଡିଆ ଭାଷା, ସାହିତ୍ୟ ଓ ସଂସ୍କୃତି ବିଭାଗ ଯୋଗଦେଇ ଏହାର ଭିତ୍ତିପ୍ରସ୍ତର ସ୍ଥାପନ କରିଥିଲେ। ନୂତନ ସରକାର ଆସିଲା ପରେ କଳାହାଣ୍ଡି ଜିଲ୍ଲାରେ ପ୍ରଥମ ସଂସ୍କୃତି ଭବନ ର ଶିଳାନ୍ୟାସ କାର୍ଯ୍ୟକ୍ରମ ରେ ମାନ୍ୟବର ମନ୍ତ୍ରୀ ଯୋଗଦେଇ କଳାହାଣ୍ଡି ର ଲୋପ ପାଇଯାଉଥିବା ନୃତ୍ୟ, କଳା, ସଙ୍ଗୀତ, ନାଟକ ଓ କଳାକାରଙ୍କର ବିକାଶ ଓ ଉନ୍ନତି ପାଇଁ ସରକାରଙ୍କ ପ୍ରଚେଷ୍ଟା ଜାରିରହିଛି ଏବଂ ଏଥିପାଇଁ କଲଚର୍ ପଲିସି ରେ ରଖାଯାଇଛି, ଲୋକଙ୍କର ସୁବିଧା ପାଇଁ ନୂତନ ନିର୍ମାଣ ହେବାକୁ ଥିବା ସଂସ୍କୃତି ଭବନ ରେ ଇ ଲାଇବ୍ରେରୀ ର ବ୍ୟବସ୍ଥା ରଖାଯାଇଛି ବୋଲି ମାନ୍ୟବର ମନ୍ତ୍ରୀ ସୂଚନା ଦେଇଥିଲେ। ଏବଂ ଜିଲ୍ଲା ର ଶିକ୍ଷା, ସାହିତ୍ୟ, ସଂସ୍କୃତି, କ୍ରୀଡା ଓ ଯୁବ ସେବା ର ବିକାଶ ଓ ଉନ୍ନତି ପାଇଁ ସରକାର ଗୁରୁତ୍ୱ ଦେଇ ଆବଶ୍ୟକ ସହାୟତା ଯୋଗାଇଦେବ ବୋଲି ପ୍ରକାଶ କରିଥିଲେ। ଜିଲାପାଳ ପାୱାର ସଚିନ ପ୍ରକାଶ ଙ୍କ ଅଧ୍ୟକ୍ଷତାରେ ଅନୁଷ୍ଠିତ ଏହି କାର୍ଯ୍ୟକ୍ରମରେ ସମ୍ମାନିତ ଅତିଥି ଭାବେ ମାଳବିକା ଦେବୀ ମାନ୍ୟବର ସାଂସଦ କଳାହାଣ୍ଡି, ମାନ୍ୟବର ସାଂସଦ ରାଜ୍ୟ ସଭା ସୁଜିତ କୁମାର, ମାନ୍ୟବର ବିଧାୟକ ଧର୍ମଗଡ଼ ସୁଧୀର ରଞ୍ଜନ ପାଟଯୋଷୀ, ଅତିରିକ୍ତ ଜିଲାପାଳ ତନ୍ମୟ କୁମାର ଦରୱାନ ଯୋଗଦେଇ ଥିଲେ। କଳାହାଣ୍ଡି ଉତ୍ସବ ଘୁମୁରା ର ଉଦଯାପନୀ ସାଂସ୍କୃତିକ ସନ୍ଧ୍ୟା କାର୍ଯ୍ୟକ୍ରମ ର ମୁଖ୍ୟ ଅତିଥି ଭାବେ ଯୋଗ ଦେଇ ସମସ୍ତଙ୍କୁ ଉତ୍ସାହିତ କରିବା ସହିତ ସଂସ୍କୃତି ଭବନ ର ଶିଳାନ୍ୟାସ କାର୍ଯ୍ୟକ୍ରମ ରେ ଯୋଗ ଦେଇଥିବାରୁ ମାନ୍ୟବର ମନ୍ତ୍ରୀ ଙ୍କୁ ଜିଲ୍ଲାପାଳ ଧନ୍ୟବାଦ ଅର୍ପଣ କରିଥିଲେ।

# ଚାନ୍ଦା ଆଦାୟ କରି ସାମ୍ବାଦିକ ଗିରଫ

## ଅସଲି ନକଲିର ତଦନ୍ତ କରୁଛି ପୋଲିସ

**ନୟାଗଡ଼,୧୮।୧(ସଂଚାର ବ୍ୟୁରୋ):** ନୂଆଗାଁ ବ୍ଲକ କାର୍ଯ୍ୟାଳୟ ଭିତରେ କାହିଁକି ପାନ ଖାଇଛ। କିଏ ତୁମକୁ ଅନୁମତି ଦେଇଛି । ଆମେ ତୁମ ନାଁରେ ନ୍ୟୁଜ୍ କରିବୁ । ଆମକୁ ୫ ହଜାର ଦେଲେ ନ୍ୟୁଜ୍ କରିବୁ ନାହିଁ । ଏଭଳି କହି ନୂଆଗାଁ ବ୍ଲକ ଡେଭଲମେଣ୍ଟ ସେକ୍ସନ ସିନିୟର ରେଭିନ୍ୟୁ ଆସିଷ୍ଟାଣ୍ଟ କାହ୍ନୁଚରଣ ଜେନାଙ୍କୁ ୪ ଜଣ ଅସଲି ଓ ନକଲି ସାମ୍ବାଦିକ ଧମକ ଦେଇଥିଲେ । ଶନିବାର ପୂର୍ବାହ୍ନରେ ବ୍ଲକ କାର୍ଯ୍ୟାଳୟରେ ଏଭଳି ପରିସ୍ଥିତି ସୃଷ୍ଟି ହେବା ପରେ କାହ୍ନୁ ଚରଣ ଭୟଭୀତ ହୋଇଥିଲେ । ବହୁ କାକୁତି ମିନତି ପରେ ଉକ୍ତ ବ୍ୟକ୍ତିମାନେ ତାଙ୍କୁ ଫୋନ୍ ପେ ମାଧ୍ୟମରେ ୨ ହଜାର ଟଙ୍କା ଦେବାକୁ ଦାବି କରିଥିଲେ। କାହ୍ନୁ ଚରଣ ତାଙ୍କୁ ୨ ହଜାର ଟଙ୍କା ଦେବା ପରେ ସେଠାରୁ ଚାଲି ଯାଇଥିଲେ । ଏହି ବ୍ୟକ୍ତିମାନେ ହେଲେ ଦଶପଲ୍ଲା ଥାନା ଅଧିନସ୍ଥ ପ୍ରମୋଦ କୁମାର ମହାନ୍ତି, ଦିନେଶ ସିଠ, ଜିତେନ୍ଦ୍ର ସ୍ୱାଇଁ ଏବଂ ନୂଆଗାଁ ଥାନା ଅଞ୍ଚଳର ଦିପୁ ରାଉତ ବୋଲି ଜଣାପଡ଼ିଛି । ସେମାନଙ୍କ ବେକରେ ନିତିଦିନ, ଏଏନ୍‌ଆଇ ଖବର ଓଡ଼ିଶା, ଗୁଗୁଲି ଓ ସମ୍ପର୍କ ପ୍ରେସ ପରିଚୟ ରହିଥିବା କାହ୍ନୁ ଚରଣ ନୂଆଗାଁ ଥାନାରେ ଅଭିଯୋଗ କରିଛନ୍ତି। ଅଭିଯୋଗ ପରେ ପୁଲିସ ସେମାନଙ୍କୁ ଥାନାରେ ଅଟକ ରଖିଥିବା ଜଣାପଡ଼ିଛି। ଏହି ବ୍ୟକ୍ତିମାନେ ହାତରେ ବୁମ ଓ କ୍ୟାମେରା ଧରି ଦୀର୍ଘଦିନ ଧରି ଦଶପଲ୍ଲା ଓ ନୂଆଗାଁ ଅଞ୍ଚଳରେ ସାମ୍ବାଦିକ ବୋଲି ପରିଚୟ ଦେଇ ସାଧାରଣ ଲୋକଙ୍କୁ ଭୁଆଁ ବୁଲାଇ ଆସୁଥିଲେ । ଏପରିକି ଅନେକ ସରକାରୀ କର୍ମଚାରୀଙ୍କୁ ଧମକ ଚମକ ଦେଇ ଚାନ୍ଦା ଆଦାୟ କରୁଥିଲେ । ପୁଲିସ ଘଟଣାର ଛାନଭିନ ଚଳାଇଥିବା ସୂଚନା ମିଳିଛି ।



# ସାଧାରଣତନ୍ତ୍ର ଦିବସ ପାଳନ ନିମନ୍ତେ ପ୍ରସ୍ତୁତି ବୈଠକ



**ସୁବର୍ଣ୍ଣପୁର,୧୮।୧(ସଂଚାର ବ୍ୟୁରୋ):** ସୁବର୍ଣ୍ଣପୁର ଜିଲ୍ଲା ସଦର ମହକୁମାଠାରେ ୭୬ତମ ଜିଲ୍ଲାସ୍ତରୀୟ ସାଧାରଣତନ୍ତ୍ର ଦିବସ ପାଳନ ନିମନ୍ତେ ପ୍ରସ୍ତୁତି ବୈଠକ ଜିଲ୍ଲାପାଳ ସୁବର୍ଣ୍ଣପୁର ଶ୍ରୀମତୀ ଅନ୍ୟା ଦାସଙ୍କ ଅଧ୍ୟକ୍ଷତାରେ ଜିଲ୍ଲାପାଳଙ୍କ ସମ୍ମିଳନୀ କକ୍ଷରେ ଅନୁଷ୍ଠିତ ହୋଇଯାଇଛି। ଚଳିତ ବର୍ଷ ସୁବର୍ଣ୍ଣପୁର ରାମେଶ୍ୱର ଷ୍ଟାଡିୟମ୍ ଠାରେ ନିମନ୍ତ୍ରିତ ଅତିଥିଙ୍କ ଉପସ୍ଥିତିରେ ଜିଲ୍ଲାସ୍ତରୀୟ ସାଧାରଣତନ୍ତ୍ର ଦିବସ ମହାସମାରୋହରେ ପାଳନ କରାଯିବ। ଉକ୍ତଦିନ ପ୍ରାତଃ ସମୟରେ ସହରରେ ରାମଧୁନ ପ୍ରଚାର କରାଯିବ। ସକାଳ ଘ୦୭ଣ୍ଟା ସମୟରେ ସହରର ବିଭିନ୍ନ ଛକରେ ଓ କାର୍ଯ୍ୟାଳୟରେ ଅବସ୍ଥାପିତ ମହାପୁରୁଷ ତଥା ବରପୁତ୍ରଙ୍କ ପ୍ରତିମୂର୍ତ୍ତିରେ ବରିଷ୍ଠ ଅଧିକାରୀଙ୍କ ଦ୍ୱାରା ପୁଷ୍ପମାଲ୍ୟାର୍ପଣ କରାଯିବ। ସକାଳ ଘଂ୦୭-୩୦ ମି ସମୟରେ ସମସ୍ତ ସରକାରୀ, ବେସରକାରୀ ଅନୁଷ୍ଠାନ, ଶିକ୍ଷାନୁଷ୍ଠାନ ମାନଙ୍କରେ ଜାତୀୟ ପତାକା ଉତ୍ତୋଳନ କରାଯିବ। ସାଧାରଣତନ୍ତ୍ର ଦିବସର ମୁଖ୍ୟ ଅତିଥିଙ୍କ ଦ୍ୱାରା ସକାଳ ଘଂ୦୮.୩୦ ମିନିଟ ସମୟରେ ଷ୍ଟାଡିୟମଠାରେ ଜିଲ୍ଲାସ୍ତରୀୟ କାର୍ଯ୍ୟକ୍ରମରେ ଜାତୀୟ ପତାକା ଉତ୍ତୋଳନ କରାଯିବ। ଚଳିତ ବର୍ଷ ପୋଲିସ ବ୍ୟାଣ୍ଡ ଓ ପୋଲିସ ପ୍ୟାରେଡ଼ ଦଳ ସହ ୪୩ ଗୋଟି ଦଳ ଅଂଶ ଗ୍ରହଣ କରିବେ। ପ୍ୟାରେଡ଼ ପଡ଼ିଆରେ ବିଭିନ୍ନ ବିଦ୍ୟାଳୟ ମହାବିଦ୍ୟାଳୟ ଛାତ୍ର ଛାତ୍ରୀଙ୍କ ଦ୍ୱାରା ଦେଶାତ୍ମବୋଧକ ସାଂସ୍କୃତିକ କାର୍ଯ୍ୟକ୍ରମ ପରିବେଷଣ କରାଯିବାକୁ ନିଷ୍ପତ୍ତି ଗ୍ରହଣ କରାଯାଇଛି। ବିଭିନ୍ନ ବିଭାଗ ନିଜ ବିଭାଗର ସଫଳତା ଓ ଜନ କଲ୍ୟାଣ ଯୋଜନା ଶୀର୍ଷକ ଉପରେ ସମ୍ବଳିତ ପ୍ରଜ୍ଞାପନ ମେଢ଼ ପ୍ରଦର୍ଶନ ସହ ସମ୍ମିଳିତ ପ୍ୟାରେଡ଼ରେ ଅଂଶଗ୍ରହଣ କରିବେ। ବିଭିନ୍ନ ବିଭାଗର କର୍ମଚାରୀ ତଥା ସଂସ୍ଥା ମାନଙ୍କୁ ସେମାନଙ୍କ ଉତ୍କୃଷ୍ଟ ପ୍ରଦର୍ଶନ ନିମନ୍ତେ ପୁରସ୍କୃତ କରାଯିବ। ସେମାନଂକୁ ସମ୍ପୃକ୍ତ ବିଭାଗୀୟ ଜିଲ୍ଲା ଅଧିକାରୀ ମନୋନୀତ କରିବେ। ଦିବସ ଅବସରରେ ମୁଖ୍ୟ ଅତିଥି ସ୍ଥାନୀୟ କୁଷ୍ଠା ଶ୍ରମ, ଜିଲ୍ଲା ମୁଖ୍ୟ ଡାକ୍ତରଖାନା, ଜିଲ୍ଲା ଶିଶୁ ଗୃହ, ଜିଲ୍ଲା କାରାଗାର ଓ ଭିନ୍ନକ୍ଷମ ବିଦ୍ୟାଳୟ ପାଣିସୀଆଳି ପରିଦର୍ଶନ ସହ ଅନ୍ତେବାସୀଙ୍କୁ ମିଷ୍ଟାନ ବଣ୍ଟନ କରାଯିବାକୁ ବୈଠକରେ ନିଷ୍ପତି ଗ୍ରହଣ କରାଯାଇଛି। ଉକ୍ତ ଦିନ ସନ୍ଧ୍ୟା ୦୬ ଘଣ୍ଟା ସମୟରେ ନୂତନ ଟାଉନ ହଲଠାରେ ଆୟୋଜିତ ବିଭିନ୍ନ ବିଦ୍ୟାଳୟ ଓ ମହାବିଦ୍ୟାଳୟ ସ୍ତରରେ ଅନୁଷ୍ଠିତ ପ୍ରତିଯୋଗିତାର କୃତୀ ଛାତ୍ର ଛାତ୍ରୀଙ୍କୁ ପୁରସ୍କାର ବିତରଣ ଓ ସାଂସ୍କୃତିକ ବିଚିତ୍ରା କାର୍ଯ୍ୟକ୍ରମ ଅନୁଷ୍ଠିତ ହେବ। ଜିଲ୍ଲା ସ୍ତରୀୟ ଉତ୍ସବ ପରି ଜିଲ୍ଲାର ଉପଖଣ୍ଡ ସ୍ତରରେ, ବ୍ଲକ ସ୍ତରରେ ମଧ୍ୟ ସମାରୋହ ଅନୁଷ୍ଠିତ ହେବ। ଉତ୍ସବ ପରିପ୍ରେକ୍ଷୀରେ ଜିଲ୍ଲା ଶିକ୍ଷା ଅଧିକାରୀଙ୍କ ତତ୍ୱାବଧାନରେ ଉଚ୍ଚବିଦ୍ୟାଳୟ ଓ ଉଚ୍ଚ ପ୍ରାଥମିକ ବିଦ୍ୟାଳୟ ସ୍ତରରେ, ଜାତୀୟତା ବୋଧକ ସଙ୍ଗୀତ ଆବୃତ୍ତି, ପ୍ରବନ୍ଧ, ବକ୍ତୃତା ଓ ଚିତ୍ରାଙ୍କନ ପ୍ରତିଯୋଗିତା ଅନୁଷ୍ଠିତ ହେବ। ସେହିପରି ମହାବିଦ୍ୟାଳୟ ସ୍ତରୀୟ ବିଭିନ୍ନ ପ୍ରତିଯୋଗିତା ଅଧ୍ୟକ୍ଷ ଶିକ୍ଷକ ପ୍ରଶିକ୍ଷଣ ଅନୁଷ୍ଠାନଙ୍କ ତତ୍ତ୍ୱାବଧାନରେ ଅନୁଷ୍ଠିତ କରାଯିବା ନିମନ୍ତେ ବୈଠକରେ ନିଷ୍ପତି ନିଆଯାଇଛି।